ଧରିତ୍ରୀ 52 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Friday, March 6/2026 | Page 16 | ₹ 7.00
୫୨ଶ ଭାଗ ୧୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 100 | ମୂଲ୍ୟ₹୭/-

DADLS-85







## କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ କରକମଳରେ

# ନୂତନ ନ୍ୟାୟ ସଂହିତା ପ୍ରଦର୍ଶନୀ ଉଦ୍‌ଘାଟନ ତଥା ୩,୨୭୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

## ପ୍ରକଳ୍ପ ଲୋକାର୍ପଣ

- ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି - ୨୦୨୬ କାର୍ଯ୍ୟକାରୀ
- ୧,୫୬୭ ଟି PACS ପରିଚାଳିତ ଜନ ସେବା କେନ୍ଦ୍ର (CSC)ର ଲୋକାର୍ପଣ
- ସମବାୟ ନିବନ୍ଧକ (RCS) କାର୍ଯ୍ୟାଳୟ କମ୍ପ୍ୟୁଟରୀକରଣ ପୋର୍ଟାଲ୍‌ର ଶୁଭାରମ୍ଭ
- ୧୪୧ PACS ପରିଚାଳିତ ଧାନମଣ୍ଡିର ଭିତ୍ତିଭୂମି ବିକାଶ
- ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀଠାରେ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟ
- ୨୦ଟି ସାଇବର ଥାନା (CC & EO) ଏବଂ ୨୪ଟି ପୁଲିସ ଷ୍ଟେସନ
- ୧୯ଟି ଅଟଳ ବସଷ୍ଟାଣ୍ଡ
- ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ବିବିଧ ପ୍ରକଳ୍ପ
- NFSU ଟ୍ରାଞ୍ଜିଟ୍ କ୍ୟାମ୍ପସ
- IFFCO, ପାରାଦୀପଠାରେ ସଲଫ୍ୟୁରିକ ଏସିଡ ପ୍ଲାଣ୍ଟ

## ଶିଳାନ୍ୟାସ ଓ ଶୁଭାରମ୍ଭ

- ରାଜ୍ୟର ପ୍ରଥମ କେନ୍ଦ୍ରୀୟ ଫରେନ୍‌ସିକ୍ ବିଜ୍ଞାନ ପରୀକ୍ଷାଗାର (CFSL)
- ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ଚାଷୀମାନଙ୍କୁ ଗୋ-ସମ୍ପଦ ସବସିଡି ପ୍ରଦାନ
- ନ୍ୟାସନାଲ କୋଅପରେଟିଭ୍ ଅର୍ଗାନିକ୍ସ ଲିମିଟେଡ୍(NCOL)ର ନୂତନ ୱେବସାଇଟ୍
- ନ୍ୟାସନାଲ କୋଅପରେଟିଭ୍ ଏକ୍ସପୋର୍ଟ ଲିମିଟେଡ(NCEL)ର "COOP MARQUE" ବ୍ରାଣ୍ଡ୍ ଏବଂ ଡିଜିଟାଲ୍ ଲର୍ଣ୍ଣିଂ ପ୍ଲାଟଫର୍ମ

## ବୁଝାମଣାପତ୍ର ସ୍ୱାକ୍ଷର

- ବଡ଼ମ୍ବା ସମବାୟ ଚିନି କଳର ପୁନରୁଦ୍ଧାର
- OUAT କ୍ୟାମ୍ପସରେ ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ (TSU)ର ସ୍କୁଲ୍ ପ୍ରତିଷ୍ଠା
- ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ସ୍ଥାପନ
- କଟକର କେନ୍ଦୁପାଟଣାଠାରେ ଆଇସ୍‌କ୍ରିମ ପ୍ଲାଣ୍ଟ
- ଗୃହ ବିଭାଗରେ ପ୍ରଯୁକ୍ତିବିଦ୍ୟାର ସଫଳ ଉପଯୋଗ ପାଇଁ IIT ଭୁବନେଶ୍ୱର ସହ MoU
- ପ୍ରଶିକ୍ଷଣ ଓ ପ୍ରଦର୍ଶନ କେନ୍ଦ୍ରର ଉନ୍ନତିକରଣ ପାଇଁ OMFED ଓ NDDB ମଧ୍ୟରେ MoU

## ଗରିମାମୟ ଉପସ୍ଥିତି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
ଶିକ୍ଷା ମନ୍ତ୍ରୀ, ଭାରତ ସରକାର

**ଶ୍ରୀ ଜୁଏଲ ଓରାମ**
ଆଦିବାସୀ ବ୍ୟାପାର ମନ୍ତ୍ରୀ, ଭାରତ ସରକାର

**ଶ୍ରୀ କନକ ବର୍ଦ୍ଧନ ସିଂହଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ପୂର୍ତ୍ତ, ଆଇନ ଓ ଅବକାରୀ, ଓଡ଼ିଶା

**ଶ୍ରୀ ପ୍ରଦିପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା

୬ ମାର୍ଚ୍ଚ ୨୦୨୬ | ଅପରାହ୍ନ ୪.୩୦ | IDCO ପ୍ରଦର୍ଶନୀ ପଡିଆ, ୟୁନିଟ-୩, ଭୁବନେଶ୍ୱର

OIPR-

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର



ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହେବା ପରେ ଇଟାଲୀର ରୋମ୍‌ସ୍ଥିତ ଆମେରିକୀୟ ଦୂତାବାସ ନିକଟରେ ପୂର୍ବତନ ଶାସକଙ୍କ ପୁଅ ରେଜା ପହଲଭିଙ୍କ ସମର୍ଥକମାନେ ଶୋଭାଯାତ୍ରା କରି ଉତ୍ସବ ପାଳୁଛନ୍ତି। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# ଟ୍ରମ୍ପ୍ ପ୍ରଶାସନ ଫେରାଇବ ୧୩୦ ବିଲିୟନ ଡଲାର

ୱାଶିଂଟନ୍,୫।୩

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଭିନ୍ନ ଦେଶରୁ ଆମଦାନୀ ସାମଗ୍ରୀ ଉପରେ ଲଗାଇଥିବା ଟାରିଫ୍ ବେଆଇନ ବୋଲି ଗତ ମାସରେ ସେଠାର ସୁପ୍ରିମକୋର୍ଟ ରାୟ ଦେଇଥିଲେ। ଉକ୍ତ ଟାରିଫ୍‌ରୁ ସରକାର ସଂଗ୍ରହ କରିଥିବା ୧୩୦ ବିଲିୟନ ଡଲାର ଏବେ ଆମଦାନିକାରୀମାନଙ୍କୁ ଫେରାଇବା ଆରମ୍ଭ କରନ୍ତୁ ବୋଲି ଆମେରିକା ଟ୍ରେଡ୍ କୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ବିନା ଶୁଳ୍କରେ ଅନେକ ଲକ୍ଷ୍ୟ ଶିପ୍‌ମେଣ୍ଟକୁ ଆମେରିକା ଆଣିବାରେ ହୋଇଥିବା ଖର୍ଚ୍ଚ ଚୂଡ଼ାନ୍ତ କରିବା ପାଇଁ ମାନ୍‌ହାଟନସ୍ଥିତ ଆମେରିକା କୋର୍ଟ ଅଫ୍ ଇଣ୍ଟରନ୍ୟାଶନାଲ ଟ୍ରେଡ୍‌ର ବିଚାରପତି ରିଚାର୍ଡ ଏଟନ୍ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା କୋର୍ଟ ଫାଇଲିଂରୁ ଜଣାପଡ଼ିଛି। ଟାରିଫ୍ ଅର୍ଥ ସୁଧ ସହ ଫେରାଇବାକୁ ବିଚାରପତି କହିଛନ୍ତି।

ଆମେରିକାକୁ ଯେତେବେଳେ ପଣ୍ୟ ଅଣାଯାଏ, ପ୍ରବେଶ ସମୟରେ ଆମଦାନିକାରୀ ପୈଠ କରୁଥିବା ଦେୟ ୩୧୪ ଦିନ ପରେ ଚୂଡ଼ାନ୍ତ ହୋଇଥାଏ,

## ବେଆଇନ୍ ଟାରିଫ ଫେରସ୍ତ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

ଯେଉଁ ପ୍ରକ୍ରିୟା ନଗଦୀକରଣ ଭାବେ ଜଣାଶୁଣା। ଶୁଳ୍କ ନିର୍ଦ୍ଧାରଣ ନ କରି ପଠାଯାଇଥିବା ସାମଗ୍ରୀର ପ୍ରବେଶ ମୂଲ୍ୟ ଚୂଡ଼ାନ୍ତ କରିବା ପାଇଁ ବିଚାରପତି ସୀମା ଶୁଳ୍କ ଓ ସୀମା ସୁରକ୍ଷା ବିଭାଗ (ସିବିପି)କୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଫଳରେ ତାହା ଫେରସ୍ତ ମିଳିବ। ବିଚାରପତି ମାମଲାର ପରବର୍ତ୍ତୀ ଶୁଣାଣି ଶୁକ୍ରବାରକୁ ଧାର୍ଯ୍ୟ କରିଥିବାବେଳେ ସିବିପିକୁ ଫେରସ୍ତ ଯୋଜନା ସମ୍ପର୍କରେ ଜଣାଇବା ପାଇଁ କହିଛନ୍ତି। ଅନ୍ୟପକ୍ଷରେ ସିବିପି କହିଛି, ଟାରିଫ୍ ଆକଳନ ନ କରି ପ୍ରବେଶ ମୂଲ୍ୟ ଚୂଡ଼ାନ୍ତ କରିବା କାର୍ଯ୍ୟ ଅଭୂତପୂର୍ବ। ଏଥିପାଇଁ ୭୦ ନିୟୁତରୁ ଊର୍ଦ୍ଧ୍ୱ ଏଣ୍ଟ୍ରିଗୁଡ଼ିକର ମାନୁଆଲ ରିଭ୍ୟୁ (ବିନା ଡିଜିଟାଲରେ ସମୀକ୍ଷା) କରିବାକୁ ପଡ଼ିପାରେ। ଏଥିପାଇଁ ୪ ମାସ ସମୟ ଲାଗିବ ବୋଲି ଏଜେନ୍ସି ଅନ୍ୟ ଏକ କୋର୍ଟ ଫାଇଲିଂରେ ଜଣାଇଛି।

# ବଢୁଛି ଯୁଦ୍ଧ ପରିସୀମା, ପ୍ରଭାବ

ୱାଶିଂଟନ୍,୫।୩

ଇରାନ-ଆମେରିକା ଯୁଦ୍ଧ ପରିପ୍ରେକ୍ଷୀରେ ଆମେରିକା ଅଚାନକ ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ମିନିଟ୍‌ମ୍ୟାନ୍ ୩(ଡୁମସ୍ ଡେ) ପରୀକ୍ଷଣ କରିବା ଘଟଣା ସାରା ବିଶ୍ୱକୁ ଚିନ୍ତିତ କରିଛି। ଇରାନ ବିରୋଧରେ ଆମେରିକା ଏହି ବିଧ୍ୱଂସକାରୀ କ୍ଷେପଣାସ୍ତ୍ର ପ୍ରୟୋଗ କରିବାର ଆଶଙ୍କାକୁ ନେଇ ଏବେ ସାମରିକ ବିଶେଷଜ୍ଞମାନେ ଗଭୀର ଚିନ୍ତାପ୍ରକଟ କରିଛନ୍ତି। ଆମେରିକାର ମିନିଟ୍‌ମ୍ୟାନ୍ ୩ କ୍ଷେପଣାସ୍ତ୍ର ଏକ ଆନ୍ତଃ ମହାଦେଶୀୟ ଆଣବିକ ଅସ୍ତ୍ର ସଂଯୁକ୍ତ ବାଲିଷ୍ଟିକ୍(ଆଇସିବିଏମ୍) କ୍ଷେପଣାସ୍ତ୍ର। ଏହା ୧୩,୦୦୦ କି.ମି. ଦୂରରେ ଲକ୍ଷ୍ୟଭେଦ କରିବା କ୍ଷମତା ରଖିଥିଲାବେଳେ ବିଶ୍ୱର ଯେକୌଣସି ଭାଗରେ ଲକ୍ଷ୍ୟସାଧନ କରିପାରିବ। କିନ୍ତୁ ଏହା ଆଣବିକ ଶକ୍ତି ସମ୍ପନ୍ନ ହୋଇଥିବାରୁ ଏହାପ୍ରଭାବରେ ପୃଥିବୀ ବିଧ୍ୱଂସ ଆଡକୁ ଠେଲି ହୋଇଯିବ। କାରଣ ଏହି କ୍ଷେପଣାସ୍ତ୍ର ଯେଉଁଠି ମାଡ଼ ହେବ ସେଠାରେ ଏତେ ପରିମାଣରେ ଘାତକ ରଶ୍ମି ବିକିରଣ ହେବ ଯେ, ତାହା ମାନବସମାଜର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବ। ଏପରିକି ଏହି କ୍ଷେପଣାସ୍ତ୍ର ଗୋଟିଏ ସ୍ଥାନରେ ମାଡ଼ ହେବା ପରେ ଏଥିରୁ ଅନ୍ୟ ୩ଟି କ୍ଷେପଣାସ୍ତ୍ର ବାହାରି ୩ ଦିଗରେ ଗତି କରି ରଶ୍ମି ବିକରଣ କରିବା କ୍ଷମତା ମଧ୍ୟ ରହିଛି। ଏଥିପାଇଁ ଏହି ମାରାତ୍ମକ କ୍ଷେପଣାସ୍ତ୍ର ନାମ 'ଡୁମସ୍ ଡେ' ଅର୍ଥାତ୍ ପ୍ରଳୟର ଦିନ ବୋଲି ରଖାଯାଇଛି। ଆମେରିକା ଏହି ଅସ୍ତ୍ର ଇରାନ ବିପକ୍ଷରେ ପ୍ରୟୋଗ କରିବ କି ନାହିଁ ତାହା ତ' ଭିନ୍ନ କଥା, କିନ୍ତୁ ସାମ୍ପ୍ରତିକ ସମୟରେ ଏହାର ପରୀକ୍ଷଣ ସାମରିକ ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇଛି। ଗୋଟିଏ ପଟେ ଇରାନ-ଆମେରିକା ଯୁଦ୍ଧ କାୟା ବେଳକୁ ବେଳ ବଢ଼ିବା ସହିତ ସାରା ବିଶ୍ୱ ପାଇଁ ଭୟାବହତା ମଧ୍ୟ ବଢ଼ିବାରେ ଲାଗିଛି। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କୁ ହଟାଇ ସେଠାରେ ନୂଆ ସରକାର ଗଠନ କରିବା ସହ ଇରାନର ଆଣବିକ ଓ କ୍ଷେପଣାସ୍ତ୍ର ଭିତ୍ତିଭୂମିକୁ ନଷ୍ଟ କରିବା ଲକ୍ଷ୍ୟରେ ଆମେରିକା ଯୁଦ୍ଧ ଆରମ୍ଭ କରିଥିଲା। ଆମେରିକା ସହ ଇସ୍ରାଏଲ ସାମିଲ ହୋଇ ଇରାନ ବିପକ୍ଷରେ ଆକ୍ରମଣ ଆରମ୍ଭ କରିଥିଲେ। ଅତିବେଶିରେ ସପ୍ତାହକ ମଧ୍ୟରେ ଯୁଦ୍ଧ ଶେଷକରି ଆମେରିକା ନିଜ ଲକ୍ଷ୍ୟସାଧନ କରିବ ବୋଲି ଚିନ୍ତା କରିନେଇଥିଲା। କିନ୍ତୁ ଇରାନର ଜବାବ ଏବେ ଆମେରିକାକୁ ଚିନ୍ତାରେ ପକାଇଛି। ଇରାନ ଇସ୍ରାଏଲ ସମେତ ଉପସାଗରୀୟ ଅଞ୍ଚଳର ୮ରୁ ଅଧିକ ଇସ୍‌ଲାମିକ୍ ରାଷ୍ଟ୍ରରେ ରହିଥିବା ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ ଜାରି ରଖିଛି। ଏହାଛଡ଼ା ସାଇପ୍ରସ୍, ବ୍ରିଟେନ୍ ଏବଂ ଫ୍ରାନ୍ସସ୍ଥିତ ଆମେରିକୀୟ ଘାଟି ଉପରେ ମଧ୍ୟ ଆକ୍ରମଣ କରିଛି। ଏହି କ୍ରମରେ ସାଉଦି ଆରବ,ୟୁଏଇ, କାତାର,ବାହାରିନ୍, ଓମାନ, କୁଏତ୍ ଆଦି ରାଷ୍ଟ୍ର ଉପରେ ଇରାନର ଆକ୍ରମଣ ମଧ୍ୟପ୍ରାଚ୍ୟରେ ଗମ୍ଭୀର ସ୍ଥିତି ସୃଷ୍ଟି କରିଥିଲାବେଳେ ତୈଳ ଯୋଗାଣ ସମସ୍ୟାକୁ ନେଇ ମଧ୍ୟ ବୈଶ୍ୱିକ ଅର୍ଥନୈତିକ ସ୍ଥିତି ଚିନ୍ତାର କାରଣ ହୋଇପଡ଼ିଛି। ସବୁଠାରୁ ବଡ଼ କଥା ହେଲା ଇରାନର ଡ୍ରୋନ୍ ଏବଂ ଅପେକ୍ଷାକୃତ ଶସ୍ତା କ୍ଷେପଣାସ୍ତ୍ର ଲଗାତର ଭାବେ ଆମେରିକା ଆକ୍ରମଣକୁ ପ୍ରତିହତ କରିଚାଲିଥିଲାବେଳେ ଆମେରିକା ଏବେ ଚିନ୍ତାରେ ପଡ଼ିଛି।

## ଆଣବିକ କ୍ଷେପଣାସ୍ତ୍ର 'ମିନିଟ୍‌ମ୍ୟାନ୍ ୩' ପରୀକ୍ଷା କଲା ଆମେରିକା




## ୧୬ ଲକ୍ଷର ଇରାନୀୟ ଡ୍ରୋନ୍ ବନାମ ୩୬ କୋଟିର ଆମେରିକୀୟ କ୍ଷେପଣାସ୍ତ୍ର

ୱାଶିଂଟନ୍,୫।୩

ନିମ୍ନ ପ୍ରଯୁକ୍ତିରେ ପ୍ରସ୍ତୁତ ଇରାନର ଅପେକ୍ଷାକୃତ ଶସ୍ତା ଡ୍ରୋନ୍ ଓ କ୍ଷେପଣାସ୍ତ୍ର ପାଇଁ ଆମେରିକାର ଅତ୍ୟାଧୁନିକ ଏବଂ ଉଚ୍ଚ ପ୍ରଯୁକ୍ତି ଯୁକ୍ତ କ୍ଷେପଣାସ୍ତ୍ର ମହଙ୍ଗା ପଡ଼ିଛି। ଇରାନ ବର୍ତ୍ତମାନ ସୁଦ୍ଧା ଆମେରିକାର ଯେଉଁସବୁ ଠିକଣାରେ ଡ୍ରୋନ୍ କିମ୍ବା କ୍ଷେପଣାସ୍ତ୍ର ମାଡ଼ କରିଛି ସେହି ଗୋଟିଏ ଡ୍ରୋନ୍‌ର ମୂଲ୍ୟ ୧୬ ରୁ ୩୦ ଲକ୍ଷ ଟଙ୍କା ହେବ। କିନ୍ତୁ ଇରାନର ଏହି ଡ୍ରୋନ୍ ଓ କ୍ଷେପଣାସ୍ତ୍ରକୁ ଉଡ଼ାଇବାକୁ ଆମେରିକା ଯେଉଁ କ୍ଷେପଣାସ୍ତ୍ର ପ୍ରୟୋଗ କରୁଛି ତାହାର ଗୋଟିକର ମୂଲ୍ୟ ୩୬ରୁ ୪୦କୋଟି ଟଙ୍କା। ବର୍ତ୍ତମାନ ସୁଦ୍ଧା ଇରାନ ୨୫୦ରୁ ଅଧିକ ଡ୍ରୋନ୍ ପ୍ରୟୋଗ କରିସାରିଥିଲାବେଳେ ଏହାକୁ ପ୍ରତିହତ କରିବାକୁ ଆମେରିକା ୨ରୁ ୨.୫ ବିଲିୟନ ଡଲାରର କ୍ଷେପଣାସ୍ତ୍ର ଉପଯୋଗ କରିସାରିଛି। ଏଭଳି ସ୍ଥିତିରେ ଆମେରିକାର ଯୁଦ୍ଧ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଯାହାକୁ ନେଇ ଏବେ ଆମେରିକାର ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

## ଚାଇନା ପ୍ରତିରକ୍ଷା ବଜେଟ ୭% ବଢ଼ିଲା

ବେଜିଂ,୫।୩

ଚାଇନା ଏହାର ପ୍ରତିରକ୍ଷା ବଜେଟକୁ ୧.୯୧ ଟ୍ରିଲିୟନ ୟୁଆନ୍ (୨୭୭ ବିଲିୟନ ଡଲାର)କୁ ବୃଦ୍ଧି କରିଛି, ଯାହାକି ପୂର୍ବବର୍ଷ ତୁଳନାରେ ୭ ପ୍ରତିଶତ ଅଧିକ। ଆମେରିକା ସେନା ସମକକ୍ଷ ହେବା ପାଇଁ ଚାଇନା ଏହାର ସଶସ୍ତ୍ର ବଳର ଦ୍ରୁତ ଆଧୁନିକୀକରଣ ଲାଗି ଉଦ୍ୟମ ଚଳାଇଥିବାବେଳେ ପ୍ରତିରକ୍ଷା ବଜେଟ ବୃଦ୍ଧି ତାହାର ଏକ ଅଂଶବିଶେଷ। ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ନ୍ୟାଶନାଲ ପିପୁଲ୍ସ କଂଗ୍ରସ (ଏନ୍‌ପିସି) ଅଧିବେଶନ ଆରମ୍ଭରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ବାର୍ଷିକ ବଜେଟ ଉପସ୍ଥାପନ କରିଛନ୍ତି। ୨୦୨୬ ଆର୍ଥବକ ବର୍ଷ ପାଇଁ ପ୍ରତିରକ୍ଷା ବଜେଟ ପ୍ରାୟ ୧.୯୧ ଟ୍ରିଲିୟନ ୟୁଆନ୍ ରଖାଯାଇଥିବା ସରକାରୀ ଗଣମାଧ୍ୟମ ଚାଇନା ଡେଲି ରିପୋର୍ଟ କହିଛି।୨୦୧୬ରୁ କ୍ରମାଗତ ୧୧ ବର୍ଷ ହେଲା ପ୍ରତିରକ୍ଷା ବ୍ୟୟ ଏକଅଙ୍କ ବିଶିଷ୍ଟ ହାରରେ ବୃଦ୍ଧି କରାଯାଉଥିବାବେଳେ ୨୦୨୬ ଆର୍ଥିକ ବର୍ଷର ପ୍ରତିରକ୍ଷା ବଜେଟ ୨୦୨୧ ବର୍ଷଠାରୁ ଏପର୍ଯ୍ୟନ୍ତ ସବୁଠୁ କମ୍ ହେବାକୁ ଯାଉଛି। ୨୦୨୬ରେ ଆମେରିକା ପ୍ରତିରକ୍ଷା ବଜେଟ ୧ ଟ୍ରିଲିୟନ ଡଲାରକୁ ବୃଦ୍ଧି କରାଯାଇଛି। ଏହା ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ଚାଇନା ପ୍ରତିରକ୍ଷା ବଜେଟ, ଯାହା ଭାରତ ଓ ଅନ୍ୟ ପଡୋଶୀ ଦେଶକୁ ଆର୍ଥିକ ଚ୍ୟାଲେଞ୍ଜ ସତ୍ତ୍ୱେ ସେମାନଙ୍କ ପ୍ରତିରକ୍ଷା ବ୍ୟୟ ବଢ଼ାଇବା ଲାଗି ଅତ୍ୟଧିକ ଚାପ ପକାଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାରିଫ୍ ଯୁଦ୍ଧ, ଆମେରିକା-ଇରାନ ଯୁଦ୍ଧକୁ ନେଇ ଦେଖାଦେଇଥିବା ଉତ୍କଟ ବୈଶ୍ୱିକ ସଙ୍କଟ ଏବଂ ଘରୋଇ ଅର୍ଥନୀତିରେ ପ୍ରତିକୂଳ ପ୍ରଭାବ, ବେରୋଜଗାରୀ ଆଦି ସମସ୍ୟାକୁ ଦୃଷ୍ଟିରେ ରଖି ଚାଇନା ଏହାର ଜିଡିପି ଲକ୍ଷ୍ୟକୁ ୪.୫ରୁ ୫ ପ୍ରତିଶତ ମଧ୍ୟରେ ରଖିଛି। ପୂର୍ବରୁ ଚାଇନାର ଅଭିବୃଦ୍ଧି ୨ ଅଙ୍କ ବିଶିଷ୍ଟ ଥିବାବେଳେ ଗତ ୩ ବର୍ଷ ହେଲା ୫ ପ୍ରତିଶତ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଚଳିତ ବର୍ଷ ଏହାକୁ କମାଇ ୪.୫ରୁ ୫ ପ୍ରତିଶତ ମଧ୍ୟରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

## ୬ ରାଜ୍ୟ ସଭା ପ୍ରାର୍ଥୀ ଘୋଷଣାକଲା କଂଗ୍ରେସ

ନୂଆଦିଲ୍ଲୀ,୫।୩(ପି.ଟି.)

ଆଗାମୀ ରାଜ୍ୟ ସଭା ନିର୍ବାଚନ ପାଇଁ କଂଗ୍ରେସ ୬ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ତେଲଙ୍ଗାନାରୁ ଅଭିଷେକ ସିଂଘଭିଙ୍କୁ ଏବଂ ଫୁଲୋ ଦେବୀ ନେତମ୍‌ଙ୍କୁ ଛତିଶଗଡ଼ରୁ ପୁନର୍ବାର ରାଜ୍ୟ ସଭାକୁ ପଠାଇବା ନିମନ୍ତେ ମନୋନୀତ କରାଯାଇଛି। ଆସନ୍ତା ୧୬ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ପାଇଁ କଂଗ୍ରେସ ହରିୟାଣାରୁ କରମବୀର ସିଂ ବୌଧ ଏବଂ ହିମାଚଳପ୍ରଦେଶରୁ ଅନୁରାଗ ଶର୍ମାଙ୍କୁ ପ୍ରାର୍ଥୀ କରିଛି। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କ ଘନିଷ୍ଠ କୁହାଯାଉଥିବା ଶର୍ମା ଏବେ କାଙ୍ଗ୍ରା ଜିଲା କଂଗ୍ରେସ କମିଟି ସଭାପତି ଅଛନ୍ତି। ତାମିଲନାଡୁରେ କଂଗ୍ରେସ ଏମ୍. କ୍ରିଷ୍ଟୋଫର ତିଲକଙ୍କୁ ପ୍ରାର୍ଥୀ କରିଥିବାବେଳେ ତେଲଙ୍ଗାନାର ଦ୍ୱିତୀୟ ଆସନ ପାଇଁ କଂଗ୍ରେସ ଭେମ୍ ନାରାୟଣ ରେଡ୍ଡୀଙ୍କୁ ପ୍ରାର୍ଥୀ ମନୋନୀତ କରିଛି।

# ଭାରତ ପାଇଁ ବନ୍ଦ ହେବନି ହୋର୍ମୁଜ୍ ଷ୍ଟ୍ରେଟ୍

ତେହରାନ୍,୫।୩

ଇରାନ-ଆମେରିକା ଯୁଦ୍ଧ ଗୁରୁବାରକୁ ୬ ଦିନ ପୂରିଛି। ଯୁଦ୍ଧର ପ୍ରଭାବ ବେଳକୁ ବେଳ ବିଭିନ୍ନ ଦେଶକୁ ବ୍ୟାପିବା ସହ ତୀବ୍ର ହେବାରେ ଲାଗିଛି। ଏହାମଧ୍ୟରେ ଇରାନ ବିଶ୍ୱର ସର୍ବବୃହତ୍ ଏନର୍ଜି କରିଡର ରୂପେ ପରିଚିତ ହୋର୍ମୁଜ୍ ଷ୍ଟ୍ରେଟ୍ ସାମୁଦ୍ରିକ ପଥକୁ ଆମେରିକା ,ଇସ୍ରାଏଲ,ୟୁରୋପ ଏବଂ ଆମେରିକାର ୟୁରୋପୀୟ ସମର୍ଥନକାରୀ ରାଷ୍ଟ୍ରଙ୍କ ଲାଗି ବନ୍ଦ କରିଦେଇଛି। ଏହି ବାଟ ଦେଇ ଏହିସବୁ ଦେଶକୁ ଯାଉଥିବା କୌଣସି ତୈଳ ପରିବହନକାରୀ ଜାହାଜକୁ ଯିବାକୁ ଦିଆଯିବ ନାହିଁ ବୋଲି ଇରାନର ଆଇଆର୍‌ଜିସି ଗୁରୁବାର ସ୍ପଷ୍ଟ କରିଛି। ଯଦି ଏହିସବୁ ଦେଶର କୌଣସି ଜାହାଜ ହୋର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯାତାୟାତ କରେ, ତେବେ ଇରାନ ତାହା ଉପରେ ଆକ୍ରମଣ କରିବ। ଯୁଦ୍ଧ ସମୟରେ ଅନ୍ତର୍ଜାତୀୟ ଆଇନକୁ ନେଇ ପାରିତ ପ୍ରସ୍ତାବ ଅନୁସାରେ ଇରାନ ଏଭଳି ପଦକ୍ଷେପ ନେବା ଅଧିକାର ରହିଛି ବୋଲି ଇରାନର ସରକାରୀ ଗଣମାଧ୍ୟମ ସଂସ୍ଥା ଆଇଆର୍‌ଆଇବି କହିଛି। ତେବେ ହୋର୍ମୁଜ୍ ଷ୍ଟ୍ରେଟ୍ ଦେଇ ଭାରତକୁ ତୈଳ ପରିବହନ କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ଇରାନ ସ୍ପଷ୍ଟ କରିଛି। ପୂର୍ବରୁ ଚାଇନା ପାଇଁ ଇରାନ କୌଣସି ପ୍ରତିବନ୍ଧକ ଲଗାଇ ନ ଥିଲାବେଳେ ଏବେ ଭାରତ ପାଇଁ ମଧ୍ୟ ସମାନ ନୀତି ଆପଣାଇଛି। ଫଳରେ ଉପସାଗରୀୟ ଦେଶଗୁଡ଼ିକରୁ ଭାରତକୁ ତୈଳ ଯୋଗାଣ ନେଇ ଯେଉଁ ଆଶଙ୍କା ରହିଥିଲା, ତାହା ଦୂର ହୋଇଛି।

ସେପଟେ ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ତୈଳ ଯୋଗାଣ କ୍ଷେତ୍ର ପ୍ରଭାବିତ ହେବା ଆଶଙ୍କାରେ ରୁଷ ଭାରତକୁ ପର୍ଯ୍ୟାପ୍ତ ତୈଳ ଯୋଗାଇବାକୁ କହିଛି। ଭାରତକୁ ପ୍ରାୟ ୯.୫ ନିୟୁତ ବ୍ୟାରେଲ୍ ତୈଳ ଯୋଗାଇଦେବାକୁ ରୁଷିଆ କହିଥିଲାବେଳେ ସପ୍ତାହକ ମଧ୍ୟରେ ଏହା ଭାରତରେ ପହଞ୍ଚିବା ନେଇ ସୂଚନା ଦେଇଛି।

## ୯.୫ ନିୟୁତ ବ୍ୟାରେଲ୍ ତୈଳ ଯୋଗାଇବ ରୁଷିଆ

# ଖାମେନେଇଙ୍କ ମୃତ୍ୟୁରେ ଭାରତର ଶୋକ

ନୂଆଦିଲ୍ଲୀ,୫।୩



ଇସ୍ରାଏଲ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁକୁ ନେଇ ଭାରତ କିଛି ଦିନ ନୀରବ ରହିବା ପରେ ଗୁରୁବାର ଏହି ଘଟଣା ପାଇଁ ଦୁଃଖ ପ୍ରକାଶ କରିଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ର ନୂଆଦିଲ୍ଲୀସ୍ଥିତ ଇରାନୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟକୁ ଯାଇ ଶୋକ ପୁସ୍ତିକାରେ ଦସ୍ତଖତ କରିବା ସହ ଖାମେନେଇଙ୍କ ମୃତ୍ୟୁରେ ଭାରତ ଦୁଃଖିତ ବୋଲି ଉଲ୍ଲେଖ କରିଛନ୍ତି। ଫେବୃଆରୀ ୨୮ରେ ଇସ୍ରାଏଲର ବୋମାମାଡ଼ରେ ଖାମେନେଇଙ୍କ ସମେତ ତାଙ୍କର କେତେକ ପରିବାର ସଦସ୍ୟ ଏବଂ ଇରାନର ୪୦ରୁ ଅଧିକ ବରିଷ୍ଠ ସାମରିକ ଅଧିକାରୀ ପ୍ରାଣ ହରାଇଥିଲେ। ଏହାଛଡ଼ା ଦକ୍ଷିଣ ଇରାନର ମିନାବ ସହରସ୍ଥିତ ଏକ ସ୍କୁଲରେ ଇସ୍ରାଏଲ-ଆମେରିକା ବୋମାମାଡ଼ରେ ୧୬୦ରୁ ଅଧିକ ପିଲାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ଅନେକ ରାଷ୍ଟ୍ର ସେତେବେଳେ ନିନ୍ଦା କରିଥିଲେ ହେଁ ଭାରତ ପକ୍ଷରୁ କୌଣସି ମନ୍ତବ୍ୟ ଜାରି କରାଯାଇ ନ ଥିଲା। କଂଗ୍ରେସ କେନ୍ଦ୍ରର ଆଭିମୁଖ୍ୟକୁ ତୀବ୍ର ନିନ୍ଦା କରିବା ସହ ମୋଦି ସରକାର ଭାରତର ବହିର୍ବ୍ୟାପାର ନୀତିକୁ ସମାଲୋଚନା କରିଥିଲା।

## ନୂଆ ପ୍ରଧାନମନ୍ତ୍ରୀ ବାଛିଲା ନେପାଳ

କାଠମାଣ୍ଡୁ,୫।୩(ପି.ଟି.)

ଗତବର୍ଷ ସେପ୍ଟେମ୍ବରରେ ନେପାଳରେ ଜେନ୍ ଜି ଆନ୍ଦୋଳନ ହିଂସାତ୍ମକ ରୂପ ନେବା ସହ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକରର ପତନ ଘଟିଥିଲା। ୬ ମାସ ପରେ ସେଠାରେ ନୂଆ ପ୍ରଧାନମନ୍ତ୍ରୀ ନିର୍ବାଚନ ଲାଗି ଗୁରୁବାର ମତଦାନ ହୋଇଛି। ପୂର୍ବତନ ର୍‌ୟାପର ବଲେନ୍ଦ୍ର ଶାହଙ୍କ ନେତୃତ୍ୱରେ ନବଗଠିତ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ୨ ପାରମ୍ପରିକ ଦଳ ନେପାଳୀ କଂଗ୍ରେସ ପାର୍ଟି ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ମିଳିତ ମାର୍କ୍ସବାଦ-ଲେନିନ୍‌ବାଦ) ପାଇଁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ନେପାଳୀ କଂଗ୍ରେସ ଅଧ୍ୟକ୍ଷ ଗଗନ ଥାପା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇଥିବାବେଳେ ସିପିଏନ୍(ୟୁଏମ୍‌ଏଲ୍) ଓଲିଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିଛି।

# ଖୋଲିବ ଆଉ ୫୦ ହଜାର ଏପଷ୍ଟିନ୍ ଫାଇଲ୍

ୱାଶିଂଟନ୍,୫।୩

ଆମେରିକା ନ୍ୟାୟ ବିଭାଗ ଚଳିତ ସପ୍ତାହ ଶେଷ ଭାଗରେ ଏପଷ୍ଟିନ୍ ଫାଇଲ୍‌ର ପରବର୍ତ୍ତୀ ପର୍ଯ୍ୟାୟ ଦସ୍ତାବିଜ୍ ପ୍ରକାଶ କରିବା ଆଶା ଯାଉଛି, ଯେଉଁଥିରେ ଏଫ୍‌ବିଆଇ ରେକର୍ଡ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୌନ ବ୍ୟଭିଚାରରେ ସମ୍ପୃକ୍ତ ଥିବା ଜଣେ ମହିଳା କରିଥିବା ଅଭିଯୋଗ ଉକ୍ତ ଏଫ୍‌ବିଆଇ ରେକର୍ଡରେ ରହିଥିବା ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ କୁହାଯାଇଛି। ନ୍ୟାୟ ବିଭାଗ ୱେବ୍‌ସାଇଟ୍‌ରେ ୪୦,୦୦୦ରୁ ଊର୍ଦ୍ଧ୍ୱ ଫାଇଲ୍ ନିଖୋଜ ଜଣାପଡୁଥିବା ଉକ୍ତ ଖବରକାଗଜ ରିପୋର୍ଟ କରିଛି। ଏହା ଜଣାପଡ଼ିବା ପରେ ଅଧିକ ସମୀକ୍ଷା ପାଇଁ ୪୭,୬୩୫ ଫାଇଲ୍ ୱେବ୍‌ସାଇଟ୍‌ରେ ଛଡ଼ାଯାଇ ନ ଥିବା ନ୍ୟାୟ ବିଭାଗ ମୁଖପାତ୍ର କହିବା ସହ ଏହା ପ୍ରକାଶିତ ହେବ ବୋଲି କହିଥିଲେ। ସ୍ଥଗିତ ଥିବା ଦସ୍ତାବିଜ୍‌ରେ ଏଫ୍‌ବିଆଇ ସାକ୍ଷାତ୍କାରର ସାରାଂଶ ରହିଛି, ଯେଉଁଥିରେ ୨୦୧୯ରେ ଜଣେ ମହିଳାଙ୍କୁ ଭେଟିଥିବା ଉଲ୍ଲେଖ ରହିଛି। ୮୦ ଦଶକରେ ଉକ୍ତ ମହିଳା ନାବାଳିକା ଥିବାବେଳେ ଟ୍ରମ୍ପ୍ ଏବଂ ଜେଫ୍‌ରି ଏପଷ୍ଟିନ୍ ଯୌନ ବ୍ୟଭିଚାରରେ ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଥିଲେ। ତେବେ ଦସ୍ତାବିଜ୍‌ରେ ଉକ୍ତ ଅଭିଯୋଗ ରହିଛି କି ନାହିଁ ଯାଞ୍ଚ ହୋଇନାହିଁ। ଟ୍ରମ୍ପ୍ କିଛି ଭୁଲ୍ କରି ନ ଥିବା ପୂର୍ବରୁ କହିଥିବାବେଳେ ଏପଷ୍ଟିନ୍ ସହ ସମ୍ପୃକ୍ତ ଫାଇଲ୍‌ଗୁଡ଼ିକ ତାଙ୍କୁ ସମ୍ପୂର୍ଣ୍ଣ ଦୋଷମୁକ୍ତ କରିବ ବୋଲି କହିଥିଲେ। ଗତ ଜାନୁଆରୀ ୩୦ରେ ନ୍ୟାୟ ବିଭାଗ ପ୍ରଥମ ଦଫାରେ ଅନେକ ଲକ୍ଷ ପୃଷ୍ଠାର ଫାଇଲ୍ ପ୍ରକାଶ କରିଥିଲା। ଏପଷ୍ଟିନ୍ ଏବଂ ଘିସ୍‌ଲିନ୍ ମ୍ୟାକ୍ସୱେଲ ସମ୍ପର୍କିତ ଅଧିକାଂଶ ସରକାରୀ ରେକର୍ଡ ସର୍ବସାଧାରଣରେ ପ୍ରକାଶ ପାଇବା ଆବଶ୍ୟକ ଥିଲା। ପୂର୍ବରୁ ପ୍ରକାଶିତ ଫାଇଲ୍‌ରେ ବହୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ନାମ ପଦାକୁ ଆସିବା ପରେ ଏହାକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। ବ୍ରିଟେନ୍ ପୂର୍ବତନ ଯୁବରାଜ ଆଣ୍ଡ୍ର୍ୟୁ ମାଉଣ୍ଟବ୍ୟାଟେନ୍-ୱିଣ୍ଡସର ଜଣେ ମହିଳାଙ୍କ ଉପରେ ଆଣ୍ଠେଇଥିବାର ଫଟୋ ପ୍ରକାଶ ପାଇବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଫାଇଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ବିଲ୍ ଗେଟ୍ସ ଏବଂ ଟେସ୍‌ଲା ସିଇଓ ଏଲନ୍ ମସ୍କଙ୍କ ନାମ ରହିଥିଲା।


ଜେଫ୍ରି ଏପଷ୍ଟିନ୍

## ହୃଦୟ ଜିତିଲେ ଭିରୋଶ୍

**ମୁମ୍ବାଇ:** ନବବିବାହିତ ଦମ୍ପତି ରଶ୍ମିକା ମନ୍ଦାନା ଏବଂ ବିଜୟ ଦେବରକୋଣ୍ଡା ଆଜିକାଲି ଭିରୋଶ୍ ନାମରେ ପରିଚିତ। ନିକଟରେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହ ପରେ ଏହି ଦମ୍ପତି ତେଲଙ୍ଗାନାରେ ଗୋଟିଏ ପରେ ଗୋଟିଏ ସାମାଜିକ ସେବା କାମ କରି ଲୋକଙ୍କ ହୃଦୟ ଜିତୁଛନ୍ତି। ଏବେ ଦୁହେଁ ତେଲଙ୍ଗାନାର ୪୪ଟି ସରକାରୀ ସ୍କୁଲ ପାଇଁ ଛାତ୍ରବୃତ୍ତି ଘୋଷଣା କରିଛନ୍ତି।

ଉଦୟପୁରରେ ବିବାହ ପରେ ନବଦମ୍ପତି ନାଗରକୁର୍ଣ୍ଣୁଲ ଜିଲାର ଆଚମ୍ପେଟ ଡିଭିଜନରେ ଥିବା ବିଜୟଙ୍କ ପୈତୃକ ଗ୍ରାମ ପରିଦର୍ଶନ କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସମୟରେ ଦୁହେଁ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ। ତାଙ୍କ ଏନ୍‌ଜିଓ ଦେବରକୋଣ୍ଡା ଚାରିଟେବଲ ଟ୍ରଷ୍ଟ ମାଧ୍ୟମରେ ବିଜୟ ଅଞ୍ଚଳର ୪୪ଟି ସରକାରୀ ସ୍କୁଲରେ ୯ମ ଏବଂ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତି ଘୋଷଣା କରିଥିଲେ। ଏହି ପଦକ୍ଷେପର ଲକ୍ଷ୍ୟ ଅଭାବୀ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟ କରିବା ଏବଂ ଆର୍ଥିକ ପ୍ରତିବନ୍ଧକ ବିନା ସେମାନଙ୍କର ଶିକ୍ଷା ଜାରି ରଖିବା ପାଇଁ ଉତ୍ସାହିତ କରିବା।

ବିଜୟ ତାଙ୍କ ସହରର ଛାତ୍ରମାନଙ୍କ ପ୍ରତି ତାଙ୍କର ପ୍ରତିବଦ୍ଧତା ପ୍ରକାଶକରି ତେଲୁଗୁ ଭାଷାରେ ଗାଁ ଲୋକଙ୍କ ସହ କଥା ହେଉଥିବା ଦେଖାଯାଉଛି। ଏହି ଛାତ୍ରବୃତ୍ତି ସିଧାସଳଖ ଗୁରୁତ୍ୱପୂର୍ଣ୍ଣ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା କିଶୋରମାନଙ୍କୁ ଲାଭ ଦେବ। ବିଜୟ ତାଙ୍କର ସମ୍ପର୍କକୁ ଆହୁରି ଦୃଢ଼ କରିବା ପାଇଁ ତାଙ୍କ ଗାଁକୁ ଅଧିକ ଥର ଗସ୍ତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।


ବିଜୟ ଦେବରକୋଣ୍ଡା
ରଶ୍ମିକା ମନ୍ଦାନା

ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୬ | Bhubaneswar, Friday, March 6/2026 | 

# ଭାରତ ମହାସାଗରକୁ ଛୁଇଁଲା ମଧ୍ୟପ୍ରାଚ୍ୟ ଯୁଦ୍ଧ

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏବେ ଭାରତ ମହାସାଗରକୁ ଛୁଇଁଛି। ବୁଧବାର ଭୋର ସମୟରେ ଶ୍ରୀଲଙ୍କାର ଗାଲେ ଉପକୂଳରୁ ପ୍ରାୟ ୪୦ ନଟିକାଲ ମାଇଲ ଦୂରରେ ଆମେରିକାର ଏକ ପରମାଣୁ ସବ୍‌ମେରାଇନ୍‌ରୁ ନିକ୍ଷେପ କରାଯାଇଥିବା ଟର୍ପିଡୋ ମାଡ଼ରେ ଇରାନର ଅତ୍ୟାଧୁନିକ ଯୁଦ୍ଧଜାହାଜ 'ଆଇଆର୍‌ଆଇଏସ୍ ଡେନା' ସମ୍ପୂର୍ଣ୍ଣ ଭାବେ ଜଳସମାଧି ନେଇଛି। ଏହି ଭୟଙ୍କର ଆକ୍ରମଣରେ ଏପର୍ଯ୍ୟନ୍ତ ୮୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୬୧ ଜଣ ନିଖୋଜ ଅଛନ୍ତି। ଆକ୍ରମଣକୁ ଆମେରିକା 'ନୀରବ ମୃତ୍ୟୁ' ବୋଲି ବର୍ଣ୍ଣନା କରିଥିବାବେଳେ ଇରାନ ଏହାକୁ ବଡ଼ ଅପରାଧ ଦର୍ଶାଇ ଆମେରିକା ଏଥିପାଇଁ 'କଠୋର ଅନୁତାପ କରିବ' ବୋଲି ଚେତାବନୀ ଦେଇଛି। ଏହି ଜାହାଜଟି ଫେବୃଆରୀ ୧୫ରୁ ୨୫ ମଧ୍ୟରେ ଭାରତୀୟ ନୌସେନା ପକ୍ଷରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଆୟୋଜିତ ସମରାଭ୍ୟାସରେ 'ଅତିଥି' ଭାବେ ସାମିଲ ହୋଇଥିଲା। ଏଥିରେ ଆମେରିକା, ରୁଷିଆ, ଜାପାନ, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା ଆଦି ୭୪ଟି ଦେଶ ଭାଗ ନେଇଥିବାବେଳେ ୬୦ ଯୁଦ୍ଧଜାହାଜ ସାମିଲ ହୋଇଥିଲା। ସମରାଭ୍ୟାସକୁ ଫେରୁଥିବାବେଳେ ଇରାନ୍‌ର ଯୁଦ୍ଧଜାହାଜକୁ ଆମେରିକା ଟାର୍ଗେଟ କରିଛି। ଭାରତର ରଣନୈତିକ ପରିସର ମଧ୍ୟରେ ଏଭଳି ଆକ୍ରମଣ ଏବେ ଏକ ବଡ଼ କୂଟନୈତିକ ଏବଂ ସାମରିକ ଉତ୍ତେଜନା ସୃଷ୍ଟି କରିଛି।

କଲମ୍ବୋ/ନୂଆଦିଲ୍ଲୀ/ୱାଶିଂଟନ୍,୫।୩
(ରଏଟର୍ସ/ଅଲ୍‌ଜଜିରା/ପିଟି)

ଇସ୍‌ଲାମିକ୍ ସାଧାରଣତନ୍ତ୍ର ଇରାନ୍ ବିରୋଧରେ ଆମେରିକା ଓ ଇସ୍ରାଏଲ୍‌ର ଘମାଘୋଟ ଯୁଦ୍ଧ ଜାରି ରହିଛି। ତେବେ ବର୍ତ୍ତମାନ ଏହା ମଧ୍ୟପ୍ରାଚ୍ୟରେ ସୀମିତ ନ ରହି ଅନ୍ୟ ଭୂଖଣ୍ଡକୁ ବ୍ୟାପିବା ଆରମ୍ଭ ହୋଇଛି। ବୁଧବାର ଭାରତୀୟମାନେ ହୋଲି ଖେଳିବାରେ ବ୍ୟସ୍ତ ଥିବାବେଳେ ଭାରତ ମହାସାଗରରେ ଆମେରିକା ନୌସେନା ପକ୍ଷରୁ ଇରାନ୍‌ର ଏକ ଯୁଦ୍ଧଜାହାଜକୁ ଆକ୍ରମଣ

## ଇରାନ୍ ଜାହାଜକୁ ଧ୍ୱଂସକଲା ଆମେରିକା



କରାଯାଇଛି। ଆମେରିକାର ବୁଡ଼ାଜାହାଜ ଶ୍ରୀଲଙ୍କା ଉପକୂଳରେ ଇରାନୀୟ ଯୁଦ୍ଧଜାହାଜ ଆଇଆର୍‌ଆଇଏସ୍ ଡେନାକୁ ଟାର୍ଗେଟକରି ବୁଡ଼ାଇଦେବାରେ ସକ୍ଷମ ହୋଇଛି। ଏହି ଘଟଣାକ୍ରମ ପରେ ଯୁଦ୍ଧର କ୍ରମବର୍ଦ୍ଧିଷ୍ଣୁ ପରିସୀମା ଓ ପ୍ରଭାବ ଭାରତ ପାଇଁ ଚିନ୍ତାର କାରଣ ହୋଇଛି। ଏହାକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛି। ଭାରତ ନିଜ ପଡ଼ୋଶୀ ଦେଶଗୁଡ଼ିକ ଉପରେ ନିୟନ୍ତ୍ରଣ ହରାଇଥିବା ବିରୋଧୀ ଦଳ କହିଛି। ମାର୍ଚ୍ଚ ୪ ଭୋର ସମୟ ୫ଟା ୮ ମିନିଟ୍। ଭାରତୀୟ ନୌସେନା ପକ୍ଷରୁ ଆୟୋଜିତ ୨ଟି ସମରାଭ୍ୟାସରେ ଯୋଗଦେଇ ଫେରୁଥିବାବେଳେ ଶ୍ରୀଲଙ୍କାର ଗାଲେ ଜିଲାରୁ ୭୫ କି.ମି. (୪୦ ନଟିକାଲ୍ ମାଇଲ୍) ଦୂର ଭାରତ ମହାସାଗରରେ ଇରାନ୍‌ର ଯୁଦ୍ଧଜାହାଜ ଆଇଆର୍‌ଆଇଏସ୍ ଡେନା ଉପରେ ଅତର୍କିତ ଆକ୍ରମଣ ହୋଇଥିଲା। ଶ୍ରୀଲଙ୍କାର ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍ (ଇଇଜେଡ୍) ଅଧୀନରେ ଆସୁଥିବା ଏହି ଜଳରାଶି ଉପରୁ ଚାହୁଁଚାହୁଁ ଅଦୃଶ୍ୟ ହୋଇଯାଇଥିଲା ବିଧ୍ୱଂସକ ଡେନା। ଉକ୍ତ ଯୁଦ୍ଧଜାହାଜରେ ପ୍ରାୟ ୧୮୦ ଜଣ ଥିବାବେଳେ ସମୁଦ୍ରରେ ବୁଡ଼ିଯାଇ ୮୭ ନାବିକ ପ୍ରାଣ ହରାଇଛନ୍ତି। ଅନ୍ୟ ୩୧ ଜଣ ନିଖୋଜ ହୋଇଯାଇଥିବାବେଳେ ୩୨ ଜଣଙ୍କୁ ଉଦ୍ଧାର କରାଯାଇଛି।

ଆମେରିକା ପ୍ରତିରକ୍ଷା ସଚିବ ପେଟେ ହେଗ୍‌ସେଠ ବୁଧବାର ଏନେଇ ପେଣ୍ଟାଗନ୍ ପ୍ରେସ୍ ବିବୃତିରେ ସୂଚନା ଦେଇ କହିଥିଲେ, ଏକ ଆମେରିକୀୟ ସବ୍‌ମେରାଇନ୍ ଅନ୍ତର୍ଜାତୀୟ ଜଳରାଶିକୁ ସୁରକ୍ଷିତ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦୁଇ ବିପଜ୍ଜନକ ନିଷ୍ପତ୍ତି**

# ଆର୍.ଏନ୍. ରବି ପଶ୍ଚିମବଙ୍ଗ ରାଜ୍ୟପାଳ

ନୂଆଦିଲ୍ଲୀ/କୋଲକାତା,୫।୩(ପି.ଟି.)

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ରାଜ୍ୟପାଳ ସ୍ତରରେ ବଡ଼ ଅଦଳବଦଳ କରିଛନ୍ତି। ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଗୁରୁବାର ରାତିରେ ଏକ ନାଟକୀୟ ଘଟଣାକ୍ରମେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିବା ରାଷ୍ଟ୍ରପତି ଭବନ ସୂତ୍ରରୁ ପ୍ରକାଶ। ☞ ପୃଷ୍ଠା-୨






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ବିଦ୍ୟୁତ୍ ଘରୋଇକରଣ ଓ ପିଂ. ଟାରିଫ ହାଇକ୍ ବିରୋଧରେ ଓଡ଼ିଶା ବିଦ୍ୟୁତ୍ ନିୟନ୍ତ୍ରଣ କମିଶନ୍ (ଓଇଆର୍ ସି)କାର୍ଯ୍ୟାଳୟ ଘେରାଉ, ସ୍ଥାନ: ରୁନୁକୋଳି, ଶୈଳଶ୍ରୀ ବିହାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, କେଶରୀ ସିନେମା ହଲ୍ ପଛପଟ, ସମୟ: ସନ୍ଧ୍ୟା ୬ଟା।
- କେତକୀ ଫାଉଣ୍ଡେଶନ୍ ଓ ସୂତ୍ର ଫାଉଣ୍ଡେଶନ୍ ପକ୍ଷରୁ ଡ. ଦିନନାଥ ପାଠୀଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ଲଳିତ କଳା ଏକାଡେମୀ ରିଜିଓନାଲ୍ ସେଣ୍ଟର ଗ୍ୟାଲେରି, ଖାରବେଳ ନଗର, ସମୟ: ସନ୍ଧ୍ୟା ୭ଟା ୩୦।

**କେନ୍ଦୁଝର**
- ସତ୍ୟସାଇ ମନ୍ଦିରରେ ବାର୍ଷିକ ଉତ୍ସବ, ସ୍ଥାନ: ହାଟଡ଼ିହୀ, ସମୟ : ସକାଳ ୬ ଟା।
- ହରିହର ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ବଡ଼ବିଲ, ସମୟ: ସକାଳ ୬ ଟା।

**ମୟୂରଭଞ୍ଜ**
- ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଭୂତଳ ଜଳର ବ୍ୟବହାର ଓ ପରିଚାଳନା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୩ଟା।

**ବ୍ରହ୍ମପୁର**
- ବିଶାଳ ହିନ୍ଦୁ ସମ୍ମିଳନୀ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ,ସମୟ: ପୂର୍ବାହ୍ନ ୧୦ଟା।
- ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

**ଗଞ୍ଜାମ**
- ଗଞ୍ଜାମ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବୁଗୁଡ଼ା ବ୍ଲକ୍, ଷୋହଳମାଇଲ, ସମୟ: ପୂର୍ବାହ୍ନ ୧୧ ଟା।

**କନ୍ଧମାଳ**
- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ କୁଇଜ୍, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ସକାଳ ୬ ଟା ୩୦।
- ମା' ପାଟଖଣ୍ଡା କାନ୍ଦୁଲ ଯାତ୍ରା ଭେଟଘାଟ, ସ୍ଥାନ : ମା'ପାଟଖଣ୍ଡା ମନ୍ଦିର ପରିସର, ବାଲିଗୁଡ଼ା, ସମୟ: ଅପରାହ୍ନ ୨ ଟା।

**ଢେଙ୍କାନାଳ**
- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ପୌରପାଳିକା କଲ୍ୟାଣ ମଣ୍ଡପ, ମହିଷାପାଟ, ସମୟ: ସକାଳ ୬ଟା।
- ହାତୀ-ମଣିଷ ବିବାଦ ସମ୍ପର୍କିତ କର୍ମଶାଳା, ସ୍ଥାନ: ହୋଟେଲ ନିରୁପମା, କପିଳାସ, ସମୟ: ସକାଳ ୯ଟା।
- ଭୀମଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଗଁଦିଆ, ସମୟ: ପୂର୍ବାହ୍ନ ୧୦ଟା।

**ଜଗତ୍‌ସିଂହପୁର**
- ନୂତନ ସଲ୍‌ଫୁରିକ ଏସିଡ୍ ପ୍ଲାଣ୍ଟ ୩ର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଇଫ୍‌କୋ କାରଖାନା ପରିସର, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।
- ଦୋଳ ମେଳଣ କମିଟିର ଫଗୁ ଦୋଳ ମେଳଣ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ମାଇଁ ଭାରତ ପକ୍ଷରୁ ଅସ୍ମିତା ଆନ୍ତର୍ଜତୀୟ ମହିଳା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ:ଇନ୍‌ଡୋର ଷ୍ଟାଡିୟମ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା।
- ଶ୍ରୀ ଦଧିବାମନଜୀଉ ଦେବଯଜ୍ଞ, ସ୍ଥାନ: ବସନ୍ତ ବଗିଚା, ଦେସାହି, ଆଳି, ସମୟ: ସକାଳ ୭ଟା।
- ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ପକ୍ଷରୁ ଜନ ଔଷଧି ଦିବସ ପାଇଁ ପଦଯାତ୍ରା, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡିଆ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ଛବିଶତମ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଡିରା, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମା' ବଜ୍ରକାଳି ନାଟ୍ୟ ସଂସଦ ପକ୍ଷରୁ ନାଟକ ଆଖିର ଜନମ କାନ୍ଦିବା ପାଇଁ, ସ୍ଥାନ: ଏଣ୍ଡର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୮ଟା।

**ଯାଜପୁର**
- ୮୯ତମ ଅଷ୍ଟପ୍ରହରୀ ନାମଯଜ୍ଞ ସଂକୀର୍ତ୍ତନ, ସ୍ଥାନ : ବ୍ୟାସନଗର ପୌର ପରିଷଦ ଚୋରଦା ଗ୍ରାମ, ସମୟ: ପ୍ରାତଃ ୫ଟା।
- ସୂଚନା ଅଧିକାର ଆଇନ ସଚେତନତା ଶିବିର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କ୍ରୀଡା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଭିନ୍ନ ପ୍ରକଳ୍ପର ଜମି ଅଧିଗ୍ରହଣ ସମ୍ବନ୍ଧୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା ୩୦।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ତୃତୀୟ ଦିନ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ଆନ୍ତର୍ଜାତିକ ମହିଳା ଦିବସର ଉଦ୍‌ଘାଟନ ଦିବସ, ସ୍ଥାନ: ନୟାଗଡ଼ ଇନ୍‌ଡୋର ଷ୍ଟାଡିୟମ, ସମୟ:ସକାଳ ୬ଟା ୩୦ରୁ ୯ଟା ୩୦।
- ତିନି ଦୋଳର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବସନ୍ତପୁର ଶିବ ମନ୍ଦିର , ସମୟ: ସକାଳ ୭ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

**ରାୟଗଡ଼ା**
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଜିସିଡି ହାଇସ୍କୁଲ, ରାୟଗଡା, ସମୟ: ସକାଳ ୯ଟା।
- ଜଙ୍ଗଲ ନିଆଁ ନିବାରଣ ସଚେତନତା ଶୋଭାଯାତ୍ରା, ସ୍ଥାନ: ମୁନିଗୁଡା ବନ ବିଭାଗ କାର୍ଯ୍ୟାଳୟ ପରିସରରୁ ଫରେଷ୍ଟ ବଙ୍ଗଳା,ସମୟ: ପୂର୍ବାହ୍ନ୧୦ଟା।
- ଜିଲାସ୍ତରୀୟ ଆଶା, ଜିକେଏସ୍ ଓ ଏମ୍ଏଏସ୍ ସମ୍ମିଳନୀ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁନିଗୁଡା ପ୍ରେସ କ୍ଲବର ୨୦ତମ ବାର୍ଷିକ ଉତ୍ସବ, ସ୍ଥାନ: ସୌଣ୍ଡିକ ମଙ୍ଗଳ ଭବନ ପରିସର, ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ମୁନିଗୁଡା ସରକାରୀ ଏସ୍ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ମୁନିଗୁଡା, ସମୟ: ଅପରାହ୍ନ ୨ଟା ୩୦।

**ନବରଙ୍ଗପୁର**
- ନିଶାମୁକ୍ତ ଭାରତ ଅଭିଯାନ, ସ୍ଥାନ: ପାପଡ଼ାହାଣ୍ଡି ନୀଳକଣ୍ଠେଶ୍ୱର ମନ୍ଦିରରୁ ପଞ୍ଚାୟତ ସମିତି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଆଶା, ଜିକେଏସ୍, ଜେଏଏସ୍ ଏବଂ ଏମ୍ଏଏସ ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ସାଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା ମଙ୍ଗଳା ଏସ୍ଏଚ୍‌ଜି ପକ୍ଷରୁ ଶ୍ରୀ ଅନ୍ନ ଅଭିଯାନ ଯୋଜନାରେ ମିଲେଟ୍ସ ଟିଫିନ୍ ସେଣ୍ଟର୍ ଉଦ୍‌ଘାଟନ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା, ସମୟ: ପୂର୍ବାହ୍ନ ୧୦ଟା ୩୦।

**କୋରାପୁଟ**
- ବିବେକାନନ୍ଦ ଇଂଲିଶ ମିଡିୟମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, କୁନ୍ଦୁରା, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ କ୍ରୀଡା ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ୍ କମ୍ପ୍ଲେକ୍ସ, ମାଲକାନଗିରି, ସମୟ: ପୂର୍ବାହ୍ନ୧୦ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସ୍କିଲ ଟ୍ରି ଓ ଆର୍ଟ ଅନୁରେଖା ଆୟୋଜିତ ଶ୍ରୀକଳା ମହିଳା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ସ୍ଥିତ ଲଳିତ କଳା ଏକାଡେମୀ, ସମୟ : ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ଗୀତା ଜ୍ଞାନ ଯଜ୍ଞ ଉପଲକ୍ଷେ ପ୍ରବଚନ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସନ୍ଧ୍ୟା ୬ଟା ୩୦ରୁ ୮ଟା ୩୦।

**ରାଉରକେଲା**
- ଜାତୀୟସ୍ତରୀୟ କ୍ରେ ତାଲିମ ଶିବିର, ସ୍ଥାନ: ଏନ୍ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ସରସ ସ୍ୱଦେଶୀ ମେଳାରେ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର- -୧୩ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ପୁଷ୍ପାଞ୍ଜଳି ସେବା ସମିତି ଆନୁକୂଲ୍ୟରେ ଦୋଳ ମେଳଣ, ସ୍ଥାନ: ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବାବା ଆଖଣ୍ଡଳମଣି ଟ୍ରଷ୍ଟ, କୋଏଲନଗର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁନ୍ଦରଗଡ଼**
- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସାମୂହିକ ସୁସ୍ଥ ଶରୀର ପାଇଁ ଯୋଗ ଭ୍ୟାସ ଓ ସଚେତନତା କାର୍ଯ୍ୟକ୍ରମ,ସମୟ:ସକାଳ୬ଟା୩୦, ସ୍ଥାନ:ଭବାନୀଭବନ ସ୍ପୋର୍ଟସ କମ୍ପ୍ଲେକ୍ସ।

**ବରଗଡ଼**
- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଯୋଗ ଶିବିର, ସ୍ଥାନ:ମିନି ଷ୍ଟାଡିୟମ, ବରଗଡ଼, ସମୟ:ସକାଳ ୬ଟା ୩୦।
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ବେନିଆଚାଲ, ବିଜେପୁର, ସମୟ:ସକାଳ ୮ଟା।
- ତୁଳସୀ ଦାସ, ରାମାୟଣ ପାରାୟଣ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଗାଇସୀମା, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ଡ. ରମେଶ ଚନ୍ଦ୍ର ମାଝୀଙ୍କ ସପ୍ତମ ସ୍ମୃତି ସଭା, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼,ସମୟ:ସନ୍ଧ୍ୟା ୬ଟା ୩୦।

**କଳାହାଣ୍ଡି**
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଲାଞ୍ଜିଗଡ଼ ଏସ୍ଏସ୍‌ଡ଼ି ହାଇସ୍କୁଲ, ସମୟ: ସକାଳ ୯ଟା।
- ଭିବି ଜି ରାମ ଜି ଲୋକାର୍ପଣ ଉତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ ଉତ୍ସବ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ଅପରାହ୍ନ ୫ଟା।

**ଦେବଗଡ଼**
- ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୫ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୫ଟା ୩୦।
- ମା'କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ଉଦ୍‌ଘାଟନ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୭ଟା।
- ଟାଙ୍ଗରସାହି ରାମାୟଣ ନବାହ ପାରାୟଣ ପାଇଁ କଳସ ଶୋଭା ଯାତ୍ରା, ସ୍ଥାନ: ରଜାବନ୍ଧ, ସମୟ: ସକାଳ ୯ଟା।
- ସମବାୟ ବିଭାଗର ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ବ୍ଲକ କଳାପଥର ସ୍ଥିତ ମାର୍କେଟ୍ ୟାର୍ଡ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।

**ନୂଆପଡ଼ା**
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ଲାଞ୍ଜି ଗାଁ, ସମୟ: ଅପରାହ୍ନ ୩ଟା।
- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱମୟୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ଦିଆମୁଣ୍ଡା ଗାଁ ଉପରପଡ଼ା, ସମୟ: ପ୍ରାତଃ ୫ଟା ୪୫।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କେରମେଲି ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ସିଆଳଲଟି ଗାଁ, ସମୟ: ପ୍ରାତଃ ୫ଟା।

**ଝାରସୁଗୁଡ଼ା**
- ରୁଦ୍ରାଭିଷେକ ପୂଜା, ସ୍ଥାନ: ମହାକାଳ ମନ୍ଦିର, ବାଗଡ଼ିହି, ସମୟ: ସକାଳ ୮ଟା।
- ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

# ନୀହାର ମହାନ୍ତିଙ୍କ ସମେତ ୮ ଜଣଙ୍କୁ ମିଳିଲା ଜାମିନ

**ଓଟିଇଟି ପ୍ରଶ୍ନପତ୍ର ଜାଲିଆତି ଘଟଣା**

କଟକ,୫।୩(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଜାଲିଆତି ମାମଲାରେ ଗିରଫ ୮ ଅଭିଯୁକ୍ତଙ୍କୁ ହାଇକୋର୍ଟ ଗୁରୁବାର ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଗୌରୀଶଙ୍କର ଶତପଥୀ ଅଭିଯୁକ୍ତମାନଙ୍କୁ ଜାମିନ ପ୍ରଦାନ ବେଳେ ଅଭିଯୁକ୍ତମାନେ ତଦନ୍ତକାରୀ ସଂସ୍ଥାକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ଏବଂ କୋର୍ଟଙ୍କ ବିନା ଅନୁମତିରେ ଦେଶ ଛାଡ଼ି ବାହାରକୁ ଯାଇପାରିବେ ନାହିଁ ଆଦି ସର୍ତ୍ତ ରଖିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବୋର୍ଡର ପୂର୍ବତନ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଜିତନ ମହାରଣା, ରାମଜୀ ପ୍ରସାଦ ଗୁପ୍ତା, ବିଜୟ କୁମାର ମିଶ୍ର, ଜୟନ୍ତ କୁମାର ରାଉତ, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ ଓ ସନାତନ ବିଷୋୟୀ। ହାଇକୋର୍ଟ ଅଭିଯୁକ୍ତମାନଙ୍କ ପକ୍ଷରୁ ଆଗତ ପୃଥକ ମାମଲାଗୁଡ଼ିକର ଏକତ୍ର ଶୁଣାଣି କରି ଶୁକ୍ରବାର ସୁଦ୍ଧା ଲିଖିତ ଯୁକ୍ତି ଦାଖଲ କରିବାକୁ ପୂର୍ବ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପ୍ରତ୍ୟେକ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ପୃଥକ ଭାବେ ଲିଖିତ ତଥ୍ୟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଥିଲା।

ସୂଚନାଯୋଗ୍ୟ ଯେ, ବୋର୍ଡ ପକ୍ଷରୁ ହେବାକୁ ଥିବା ସ୍ପେଶାଲ ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ଭାଇରାଲ କରିବା ଘଟଣା ସଂକ୍ରାନ୍ତରେ ୨୦୨୫ ଜୁଲାଇ ୨୦ରେ ସାରା ଓଡ଼ିଶାରେ ହଇଚଇ ସୃଷ୍ଟି ହୋଇଥିଲା। ଉକ୍ତ ପରୀକ୍ଷା ଅନୁଷ୍ଠିତ ହେବା ପୂର୍ବରୁ ପ୍ରଶ୍ନପତ୍ରର ହାତଲେଖା କପି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବୋର୍ଡ ପକ୍ଷରୁ ଘଟଣାର ତଦନ୍ତ କରିବା ପାଇଁ କ୍ରାଇମବ୍ରାଞ୍ଚରେ ଏତଲା ଦାଏର ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ବୋର୍ଡର ତତ୍କାଳୀନ ଉପସଭାପତି ନିହାର ରଞ୍ଜନ ମହାନ୍ତି ନିଜ ଲାପଟପ୍‌ରେ ଥିବା ପ୍ରଶ୍ନପତ୍ରର ପାସୱାର୍ଡ ଦେଇ ଜଣେ ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣାଙ୍କୁ ପ୍ରଶ୍ନପତ୍ର ଚୋରି କରିବାରେ ସାହାଯ୍ୟ କରିଥିବା ଜଣାପଡ଼ିଥିଲା। ଜିତନ ମହାରଣା ପ୍ରଶ୍ନପତ୍ରକୁ ପାଖାପାଖି ଅଢ଼େଇ ଲକ୍ଷ ଟଙ୍କା ବିନିମୟରେ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ କରି କ୍ରମାନ୍ୱୟରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ପଠାଇଥିଲା। ଏଭଳି ଘଟଣା ପରେ ସ୍ପେଶାଲ ଓଟିଇଟି ଦେବାକୁ ଥିବା ପ୍ରାୟ ୭୫,୦୦୦ରୁ ଅଧିକ ପରୀକ୍ଷାର୍ଥୀ ପ୍ରଭାବିତ ହୋଇଥିଲେ। ରାଜ୍ୟ ସରକାର ସଂପୃକ୍ତ ଅଧିକାରୀ ଓ ଶିକ୍ଷକମାନଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ଆର୍.ଏନ୍. ରବି...

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ନିଯୁକ୍ତ କରାଯାଇଥିବାବେଳେ ଲଦାଖ ଉପରାଜ୍ୟପାଳ (ଏଲ୍‌ଜି) କବିନ୍ଦର ଗୁପ୍ତାଙ୍କୁ ହିମାଚଳ ପ୍ରଦେଶ ରାଜ୍ୟପାଳ ଭାବେ ପଦୋନ୍ନତି ମିଳିଛି। ଭାରତୀୟ ସେନାର ପୂର୍ବତନ ଅଧିକାରୀ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସୟଦ ଆତା ହୁସେନଙ୍କୁ ବିହାରର ନୂଆ ରାଜ୍ୟପାଳ କରାଯାଇଛି। କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ତାମିଲନାଡୁର ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେହିପରି ଦିଲ୍ଲୀ ଏଲ୍‌ଜି ବିନଇ କୁମାର ସକ୍ସେନାଙ୍କୁ କବିନ୍ଦରଙ୍କ ସ୍ଥାନରେ ଲଦାଖ ଉପରାଜ୍ୟପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ତରନଜିତ୍ ସିଂ ସାନ୍ଧୁ ଦିଲ୍ଲୀର ନୂଆ ଉପରାଜ୍ୟପାଳ ହେବେ। ହିମାଚଳ ପ୍ରଦେଶ ରାଜ୍ୟପାଳ ଶିବ ପ୍ରତାପ ଶୁକ୍ଳା ତେଲଙ୍ଗାନା ରାଜ୍ୟପାଳ ରୂପେ ନିଯୁକ୍ତି ପାଇଛନ୍ତି। ସେହିପରି ତେଲଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା ମହାରାଷ୍ଟ୍ରର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି। ନନ୍ଦ କିଶୋର ଯାଦବଙ୍କୁ ନାଗାଲାଣ୍ଡ ରାଜ୍ୟପାଳ କରାଯାଇଥିବା ରାଷ୍ଟ୍ରପତି ଭବନରୁ ଜାରି ଏକ ବିଜ୍ଞପ୍ତିରେ ପ୍ରକାଶ ପାଇଛି।

## ଭାରତ ମହାସାଗରକୁ...

ମଣିଥିବା ଶତ୍ରୁପକ୍ଷର ଏକ ଯୁଦ୍ଧଜାହାଜକୁ ବୁଡ଼ାଇ ଦେଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏକ ଆମେରିକୀୟ ଟର୍ପିଡୋ ପ୍ରଥମ ଥର ପାଇଁ ଏଭଳି ସଫଳତା ହାସଲ କରିଛି। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଅରାଘଚି ନିଜ ପ୍ରତିକ୍ରିୟାରେ କହିଛନ୍ତି, ଉକ୍ତ ଫ୍ରିଗେଟ୍ ଭାରତୀୟ ନୌସେନାର ଏକ ଅତିଥି ଥିଲା। ଏହି ଘଟଣା ପାଇଁ ଆମେରିକା ପଶ୍ଚାତାପ କରିବ। ଫ୍ରିଗେଟ୍ ଡେନାରେ ୧୩୦ ନାବିକ ଥିଲେ। ପୂର୍ବରୁ ସତର୍କ ନ କରାଇ ଏଭଳି ଢଙ୍ଗରେ ଆକ୍ରମଣ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଶ୍ରୀଲଙ୍କା ବହିର୍ବ୍ୟାପାର ମନ୍ତ୍ରୀ ଭିଜିଥା ହେରାଥ୍ ସଂସଦରେ କହିଛନ୍ତି, ୧୮୦ ଜଣଙ୍କୁ ନେଇ ଯାଉଥିବା ଆଇଆର୍‌ଆଇଏସ୍ ଭାରତ ମହାସାଗରରେ ବୁଡ଼ିଯାଇଥିବା ଖବର ଶ୍ରୀଲଙ୍କା ନୌସେନାକୁ ମିଳିଛି। ଦ୍ୱୀପରାଷ୍ଟ୍ର ନିଜ ଜାହାଜ ଓ ବାୟୁସେନା ବିମାନଗୁଡ଼ିକୁ ଉଦ୍ଧାର ପାଇଁ ପଠାଇଛି। ଶ୍ରୀଲଙ୍କା ନୌସେନା ମୁଖପାତ୍ର ବୁଦ୍ଧିକା ସମ୍ପଥ କହିଛନ୍ତି, ନୌସେନା ଜାହାଜ ଉକ୍ତ ସ୍ଥାନରେ ପହଞ୍ଚିବାବେଳକୁ ଇରାନୀୟ ଜାହାଜର ଚିହ୍ନବର୍ଣ୍ଣ ନ ଥିଲା। ସମୁଦ୍ରରେ କେବଳ ତୈଳ ଆସ୍ତରଣ ଦେଖିବାକୁ ମିଳିଥିଲା। କେତେଜଣ ଲୋକ ପାଣିରେ ପହଁରୁଥିଲେ। ତେବେ ୩୨ ଜଣଙ୍କୁ ଉଦ୍ଧାର କରି ଦକ୍ଷିଣ ଉପକୂଳ ସହର ଗାଲେସ୍ଥିତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତଦେହଗୁଡ଼ିକୁ ପାଣି ଭିତରୁ କଢ଼ାଯାଇଛି। ଉଲ୍ଲେଖଯୋଗ୍ୟ, ଯୁଦ୍ଧ ଆରମ୍ଭ ହେବା ପରଠୁ ଅଦ୍ୟାବଧି ଅନ୍ୟୁନ ୧୭ ଇରାନୀୟ ଜାହାଜକୁ ଆମେରିକା ବୁଡ଼ାଇସାରିଥିବା ଆମେରିକୀୟ ସେନା ସେଣ୍ଟ୍ରାଲ କମାଣ୍ଡର ନେତୃତ୍ୱ ନେଉଥିବା ଆଡ୍‌ମିରାଲ ବ୍ରାଡ୍ କୁପର ସୂଚନା ଦେଇଛନ୍ତି। ଆମେ ସମ୍ପୂର୍ଣ୍ଣ ଇରାନୀୟ ନୌସେନାକୁ ବୁଡ଼ାଇଦେବାକୁ ଯାଉଛୁ ବୋଲି ସେ ଏକ ଭିଡିଓ ମେସେଜ୍‌ରେ କହିଛନ୍ତି। ଏହି କ୍ରମେ ଇରାନ୍‌ର ଏକ ଆଉ ଏକ ଯୁଦ୍ଧଜାହାଜ ଶତାଧିକ ନାବିକଙ୍କୁ ନେଇ ଶ୍ରୀଲଙ୍କା ଉପକୂଳ ଦେଇ ଯାଉଥିବାବେଳେ ତାକୁ ମଧ୍ୟ ଟାର୍ଗେଟ କରାଯାଇଥିବା ଜଣାପଡ଼ିଛି।

### ଭାରତରୁ ଫେରୁଥିଲା ଇରାନୀୟ ଯୁଦ୍ଧଜାହାଜ ଆଇଆର୍‌ଆଇଏସ୍ ଡେନା

ଆଇଆର୍‌ଆଇଏସ୍ ଡେନା ହେଉଛି ଇରାନୀୟ ନୌସେନା ସଦର୍ନ ଫ୍ଲିଟ୍ ଅଧୀନ ଏକ ଯୁଦ୍ଧଜାହାଜ। ବିଶାଖାପାଟଣାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିବା ଇଣ୍ଟରନ୍ୟାଶନାଲ ଫ୍ଲିଟ୍ ରିଭ୍ୟୁ (ଆଇଏଫ୍ଆର୍) ଏବଂ ବହୁପାକ୍ଷିକ ସମରାଭ୍ୟାସ ମିଲନ୍-୨୦୨୬ରେ ଫେବୃଆରୀ ୧୬ରେ ଏହା ଯୋଗଦେଇଥିଲା। ଇରାନୀୟ ଯୁଦ୍ଧଜାହାଜକୁ ଭାରତର ଇଷ୍ଟର୍ନ ନାଭାଲ କମାଣ୍ଡ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଉକ୍ତ ଯୁଦ୍ଧାଭ୍ୟାସରେ ଆମେରିକା ଯୋଗଦେଇ ନ ଥିବାବେଳେ ପ୍ରାୟ ୭୪ଟି ଦେଶର ଯୁଦ୍ଧଜାହାଜ ସାମିଲ ହୋଇଥିଲା। ଆମେରିକା ନୌସେନାର ଗାଇଡେଡ୍-ମିଶାଇଲ ଡେଷ୍ଟ୍ରୟର ୟୁଏସ୍ଏସ୍ ପିଙ୍କନେ ଏଥିରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ୱାଶିଂଟନ୍ ଶେଷ ମୁହୂର୍ତ୍ତରେ ବାତିଲ କରିଦେଇଥିଲା। ସମରାଭ୍ୟାସ ଫେବୃଆରୀ ୨୫ରେ ଶେଷ ହୋଇଥିଲା। ଏହାର ୩ ଦିନ ପରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ଆକ୍ରମଣ କରାଯାଇଥିଲା। ଏହି ଯୁଦ୍ଧ ପରବର୍ତ୍ତୀ ସମୟରେ ସମଗ୍ର ମଧ୍ୟପ୍ରାଚ୍ୟକୁ ଗ୍ରାସକରି ଅନ୍ୟ ଦେଶକୁ ବ୍ୟାପିବା ଆରମ୍ଭ କରିଛି।

### ମୋଦି ସରକାର ଦାୟିତ୍ୱହୀନ: କଂଗ୍ରେସ

ଶ୍ରୀଲଙ୍କା ଉପକୂଳରେ ଆମେରିକା ଆକ୍ରମଣରେ ଇରାନୀୟ ଯୁଦ୍ଧଜାହାଜ ଜଳସମାଧି ନେବା ପ୍ରସଙ୍ଗକୁ ନେଇ ଭାରତରେ ରାଜନୀତି ସରଗରମ ହୋଇଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଯୁଦ୍ଧ ଭାରତର ଦ୍ୱାରଦେଶକୁ ଆସିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ କମ୍ପ୍ରମାଇଜ୍‌ଡ ପିଏମ୍, ଯିଏକି ଭାରତର ରଣନୈତିକ ସ୍ୱାୟତ୍ତତାକୁ ସମର୍ପଣ କରିଦେଇଛନ୍ତି। ମୋଦିଙ୍କ ପରିକଳ୍ପିତ ମହାସାଗର ଭିଜନ୍‌ର ଏକ ଅଂଶବିଶେଷ ଅଞ୍ଚଳକୁ ଆସିଥିବା ଇରାନୀୟ ଜାହାଜକୁ ଆମେରିକା ବୁଡ଼ାଇଦେବା କେତେ ଯଥାର୍ଥ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଭାରତର ଶକ୍ତି ସୁରକ୍ଷା ବିପଦରେ ପଡ଼ିଛି। ଭାରତ ଆମଦାନୀ କରୁଥିବା ୪୦%ରୁ ଅଧିକ ତୈଳ ଏବଂ ଏଲ୍‌ପିଜି/ଏଲ୍ଏନ୍‌ଜିର ବଡ଼ଭାଗ ହୋର୍ମୁଜ ପ୍ରଣାଳୀ ଦେଇ ଆସିଥାଏ ବୋଲି ରାହୁଲ ସତର୍କ କରାଇଛନ୍ତି। ସେହିପରି ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ଜାତୀୟ ସ୍ୱାର୍ଥ କ୍ଷେତ୍ରରେ ମୋଦି ସରକାରଙ୍କ ଦାୟିତ୍ୱହୀନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ମିଲନ୍-୨୦୨୬ ସମରାଭ୍ୟାସରୁ ଫେରୁଥିବା ଏକ 'ନିରସ୍ତ୍ର ଅତିଥି' ବୁଡ଼ିଗଲା। ସେଥିରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ସରକାର ସମବେଦନା ନ ଜଣାଇବା ଦୁର୍ଭାଗ୍ୟଜନକ। ୧,୧୦୦ ଭାରତୀୟ ନାବିକ ଓ ୩୮ ଭାରତୀୟ ଜାହାଜ ଗଲ୍ଫ ରିଜିଅନ୍‌ରେ ଫସିରହିଛନ୍ତି। ସରକାର କ'ଣ କରୁଛନ୍ତି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନେଇ ଦେଲା**
**ଦନେଇ ଦିହରୁ ପୁଳାଏ ନେଲା ।**

ଏପରି କିଛି ବ୍ୟକ୍ତି ଅଛନ୍ତି ଯାହାଙ୍କ ନଜର ବା ଦୃଷ୍ଟି ପଡ଼ିଲେ ଅନ୍ୟର ସ୍ୱାସ୍ଥ୍ୟ ଖରାପ ହେବା ସହ ଦେହ ଶୁଖିଯାଉଥିବାର ଦେଖିବାକୁ ମିଳିଥାଏ। ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ୍ୟ ଲୋକଙ୍କ ମନରେ ଏଭଳି ଭ୍ରାନ୍ତ ଧାରଣା ଯୁଗ ଯୁଗରୁ ଘର କରି ରହିଆସିଛି। ଜଣଙ୍କର ନଜର ଲାଗି ଅନ୍ୟର ଦେହ ଶୁଖିଯିବା ବା ଅସୁସ୍ଥ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅନାଇ ଦେଲାରୁ ଆକୃତି ଦେଖିଲୁ**
**ପ୍ରକୃତି ଦେଖିଲୁ କେଣେ ?**
**ବାହା ହେବା ପାଇଁ ସକେଇ ସକେଇ**
**କାନ୍ଦୁଛୁ କବାଟ କଣେ।**

ଆକୃତି ଦେଖି ପ୍ରକୃତି ଚିହ୍ନିବା କଷ୍ଟକର। ବ୍ୟକ୍ତିର ବାହାର ସ୍ୱରୂପ ଦେଖି ତା'ର ଭିତରର ଗୁଣ ଓ ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା ସେତେଟା ସହଜ ହୋଇ ନ ଥାଏ। ବ୍ୟକ୍ତି ରୂପ ପାଇଁ ନୁହେଁ ଗୁଣ ପାଇଁ ହିଁ ଆଦୃତ ହୋଇଥାଏ। ରୂପ ଦେଖି ସ୍ୱଭାବ ପ୍ରକୃତି ଠଉରେଇ ନ ପାରି ଆପଣାର କରିବସିଲେ ଅବଶେଷରେ ଠକିଯିବାକୁ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାଶ୍ୟାଧିପତିଙ୍କ ସୁପ୍ରଭାବରୁ ସ୍ୱାସ୍ଥ୍ୟରେ ଉନ୍ନତି ହେବ ଏବଂ ଅଭିଳାଷ ମଧ୍ୟ ପୂର୍ଣ୍ଣ ହୋଇଯିବ। ପାରିବାରିକ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହି ନ ପାରେ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଏବଂ ବନ୍ଧୁଙ୍କ ପରାମର୍ଶ ପାଇବାରୁ ମନ ଖୁସି ରହିବ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ , ସାହିତ୍ୟ, ସଙ୍ଗୀତ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ଭୁଲ୍‌ବୁଝାମଣାରୁ ଭ୍ରାତୃ ବିବାଦଜନିତ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେବ। ପ୍ରିୟଜନଙ୍କ ସହାୟତାରେ ଆଶା କରୁଥିବା ଦିଗରୁ ଅର୍ଥ ଓ ସୁଖବର ପାଇ ଖୁସି ହେବେ। ଚେଷ୍ଟା କରୁଥିବା କାମରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିବେ। ସଭାସମିତି ଅଥବା ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ।

**ମିଥୁନ**
ପରିବାରର ସହାନୁଭୂତି ଓ ଅନୁରୋଧକ୍ରମେ କୌଣସି କାମରେ ତତ୍ପରତା ପ୍ରକାଶ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲରେ ଅସୁବିଧା ହେବ ନାହିଁ। ବନ୍ଧୁଙ୍କ ସହ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବ। ପୂର୍ବ ରାଗକୁ ଶୁଝାଇବାକୁ ଯାଇ ନିଜଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିବେ।

**କର୍କଟ**
ବହୁତ ଝିନ୍‌ଝଟ୍ ମଧ୍ୟରେ କର୍ମକ୍ଷେତ୍ରରେ ମାନସିକ ଉଦାସୀନତା କାମରେ ନିରୁତ୍ସାହିତ ଭାବ ସୃଷ୍ଟିକରିବ। ଅବଶ୍ୟ ଆର୍ଥିକ ସ୍ଥିତି ବହୁତ ଭଲ ରହିବା ସହ ଅର୍ଥ ସମ୍ପର୍କିତ ସମସ୍ୟା ସୁଧୁରି ଯାଇପାରେ। କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି କୌଣସି ଠିକ୍ ନିଷ୍ପତ୍ତି ନେଇ ନ ପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟକୁ ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରେ ସାଧନ କରିପାରିବେ। ମନ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବାରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ବହୁତ ଅନୁସନ୍ଧାନ ପରେ ଅପରାହ୍ନରେ ପାଉ ନ ଥିବା ଜିନିଷଟି ହଠାତ୍ ପାଇଯିବେ। ବ୍ୟବସାୟ ଓ ପରିବହନରେ ହଠାତ୍ କ୍ଷତି ସହିବାକୁ ପଡ଼ିପାରେ।

**କନ୍ୟା**
ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ପ୍ରଫୁଲ୍ଲତା ଦିନଚର୍ଯ୍ୟାକୁ ସନ୍ତୋଷ ପ୍ରଦାନ କରିବ। ଚେଷ୍ଟାକରୁଥିବା କାମରେ ସଫଳତା ପାଇବାରେ ବନ୍ଧୁଙ୍କ ସହଯୋଗ ସ୍ମରଣୀୟ ରହିବ। ପାରିବାରିକ କିମ୍ବା ସାମାଜିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ବ୍ୟୟାଧିକ୍ୟଜନିତ ଅର୍ଥାଭାବରୁ କାମ କରିବାରେ ପଛେଇ ଯାଇ ପାରନ୍ତି।

**ତୁଳା**
ଆଶା କରୁଥିବା ଦିଗରୁ ଅର୍ଥପ୍ରାପ୍ତି, ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ଅଥବା ଶୁଭକାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଆବଶ୍ୟକ ସହଯୋଗ ଲାଭକରି ପ୍ରତ୍ୟେକ କାମରେ ସଫଳତା ପ୍ରଦାନ କରିବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ଉପରିସ୍ଥ କର୍ମଚାରୀଙ୍କ ସମ୍ମୁଖରେ ମନକଥା କହିବାକୁ ପଛେଇ ଯାଇ ମନସ୍ତାପ କରିପାରନ୍ତି।

**ବିଛା**
ସ୍ୱାସ୍ଥ୍ୟ ପ୍ରାୟତଃ ଠିକ୍ ରହିବା ସାଙ୍ଗକୁ କୌଣସି ଆଗାମୀ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଏହା ସାଙ୍ଗକୁ ପରିବାରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିପାରେ। ବଳହୀନ ବୁଧ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିବା ସହ ବୃହସ୍ପତିଙ୍କ ପ୍ରଭାବରେ ପରିସ୍ଥିତି ସହ ନିଜକୁ ଆଡଜଷ୍ଟ କରାଇନେବାରେ ସାହାଯ୍ୟ କରିବ।

**ଧନୁ**
ଆପଣଙ୍କ ମାନସିକ ସ୍ଥିତି ସୁସ୍ଥ ରହିବା ସହ କୌଣସି ନୂତନ କର୍ମାରମ୍ଭ ପାଇଁ ନିୟୋଜିତ ହୋଇପାରନ୍ତି। ଆଜିର କର୍ମକ୍ଷେତ୍ରରେ, ପ୍ରଶାସନିକ ଅବା ରାଜନୈତିକ କ୍ଷେତ୍ରରେ ଫଳପ୍ରଦ ଆଲୋଚନା କରିବେ। ପାରିବାରିକ, ପ୍ରକାଶନ, ଯାନବାହନ, ନିର୍ମାଣ, ନୂତନ ସ୍ଥାନ ପରିଦର୍ଶନରୁ ସୁଫଳ ମିଳିବ।

**ମକର**
ଆଜି ବନ୍ଧୁସମ୍ପର୍କ, ନୂତନ କାର୍ଯ୍ୟାରମ୍ଭ, ବାଣିଜ୍ୟ, ବ୍ୟବସାୟ, ମନୋରଞ୍ଜନାଦି କାର୍ଯ୍ୟ ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ଅଥବା ଆନୁଷ୍ଠାନିକ କାମ, କଳା, କାରିଗରିରେ ପ୍ରଶଂସିତ ହେବେ। ପରିବାରର ଆବଶ୍ୟକତାକୁ ନେଇ ବିଳାସ ଉପକରଣ ଏବଂ ଯାନ୍ତ୍ରିକ ଜିନିଷ କ୍ରୟ କରିବେ।

**କୁମ୍ଭ**
ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ କୌଣସି ସମ୍ପର୍କୀୟ ଆପଣଙ୍କ ପାଇଁ ବିରୋଧୀ ଭୂମିକା ଗ୍ରହଣ କରିପାରନ୍ତି। ଶତ୍ରୁତା ଓ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ତାହା ଆପଣଙ୍କ କାର୍ଯ୍ୟ ହାସଲ ସକାଶେ ଅନ୍ତରାୟ ନ ହୋଇପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବେ।

**ମୀନ**
ବନ୍ଧୁଙ୍କ ସହ ଆଲୋଚନାନ୍ତେ ପୂର୍ବ ସ୍ଥିରୀକୃତ ଯୋଜନାରେ ପରିବର୍ତ୍ତନ ଅଥବା ଗସ୍ତକାର୍ଯ୍ୟକ୍ରମ ବାତିଲ ହୋଇଯାଇପାରେ। ପୂର୍ବଶତ୍ରୁତା କାରଣରୁ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ଏପରି କି ଭଲ ସମ୍ପର୍କ ରହିଥିବା ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିପାରନ୍ତି।

ଆଜି ମାର୍ଚ୍ଚ ୬ ତାରିଖ, ଚୈତ୍ର କୃଷ୍ଣ ତୃତୀୟା ଶୁକ୍ରବାର। ରାଶିନକ୍ଷତ୍ର- ଦିବା ଘ.୦୯।୩୦ମି. ଗତେ ଚିତ୍ରା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬।୦୬ମି. ଗତେ ଘ.୦୬।୫୩ ମି. ମଧ୍ୟେ, ଘ. ୦୭।୪୦ମି. ଗତେ ଘ.୦୯।୦୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୩୦ମି. ଗତେ ଘ.୧୧।୫୮ମି. ମଧ୍ୟେ ରାହୁ କାଳ।

**୨୦୨୪-୨୫: ଏଡିଆର୍ ରିପୋର୍ଟ**

# ଭାଜପାର ଆୟ ୬୭୬୯.୧୪ କୋଟି

## ଜାତୀୟ ଦଳଗୁଡ଼ିକର ମୋଟ ଆୟର ୮୫% ଏକାକୀ ଭାଜପା ପାଖରେ

କେନ୍ଦ୍ରର ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୬୭୬୯.୧୪ କୋଟି ଟଙ୍କାର ଆୟ ଘୋଷଣା କରିଛି, ଯାହା ସମସ୍ତ ଜାତୀୟ ଦଳ ମଧ୍ୟରେ ସର୍ବାଧିକ। ଏହି ସମୟରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଥିଲେ ମଧ୍ୟ ଏହା ଭାଜପା ତୁଳନାରେ ବହୁ ପଛରେ ରହିଛି। ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍)ର ସଦ୍ୟତମ ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି।

ନୂଆଦିଲ୍ଲୀ, ୫।୩ (ପି.ଟି.)

ଦେଶର ୬ ଜାତୀୟ ଦଳ ଭାଜପା, କଂଗ୍ରେସ, ସିପିଆଇ-ଏମ୍, ଆମ୍ ଆଦ୍ମୀ ପାର୍ଟି (ଆପ୍), ବିଏସ୍‌ପି ଏବଂ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ମୋଟ ୭୯୬୦.୦୯ କୋଟି ଟଙ୍କାର ଆୟ ଘୋଷଣା କରିଛନ୍ତି। ଏଥିମଧ୍ୟରୁ କେବଳ ଭାଜପାର ଅଂଶ ୮୫.୦୩ ପ୍ରତିଶତ ରହିଛି। ଭାଜପା ନିଜ ଆୟର ୫୫.୭୬% (୩୭୭୪.୫୮ କୋଟି ଟଙ୍କା) ଖର୍ଚ୍ଚ କରିଛି। କଂଗ୍ରେସର ମୋଟ ଆୟ ୯୧୮.୨୮ କୋଟି ଟଙ୍କା ଥିବାବେଳେ ଦଳ ୧୧୧୧.୯୪ କୋଟି ଟଙ୍କା ଖର୍ଚ୍ଚ କରିଛି, ଯାହା ମୋଟ ଆୟଠାରୁ ୨୧.୦୯% (୧୯୩.୬୬ କୋଟି ଟଙ୍କା)। ମାୟାବତୀଙ୍କ ନେତୃତ୍ୱାଧୀନ ବିଏସ୍‌ପି ନିଜ ଆୟ (୫୮.୫୮ କୋଟି)ଠାରୁ ୮୧.୪୫% ଅଧିକ (୧୦୬.୩୦ କୋଟି ଟଙ୍କା) ଖର୍ଚ୍ଚ କରିଥିବା ଜଣାପଡ଼ିଛି।

୨୦୨୩-୨୪ ତୁଳନାରେ ଭାଜପାର ଆୟରେ ୫୫.୯୫% ବୃଦ୍ଧି ଘଟିଛି। ଅପରପକ୍ଷରେ, କଂଗ୍ରେସର ଆୟ ପ୍ରାୟ ୨୫% ହ୍ରାସ ପାଇଛି। ଆପ୍‌ର ଆୟରେ ଉଲ୍ଲେଖନୀୟ ୭୩.୨୦% ବୃଦ୍ଧି ଦେଖିବାକୁ ମିଳିଛି। ଆୟର ଉତ୍ସକୁ ନେଇ ଏଡିଆର୍ ରିପୋର୍ଟରେ କୁହାଯାଇଛି, ଜାତୀୟ ଦଳଗୁଡ଼ିକର ମୋଟ ଆୟର ପ୍ରାୟ ୮୫.୦୮% ଅଂଶ ଦାନ ବା ଅନୁଦାନରୁ ଆସିଛି। ଭାଜପା ନିଜ ଆୟର ୯୦.୪୮% ଭାଗ ଅନୁଦାନରୁ ପାଇଛି। କଂଗ୍ରେସ ନିଜ ଆୟର ୩୮.୧୨% ଭାଗ (୩୫୦.୧୨ କୋଟି ଟଙ୍କା) 'କୁପନ' ବିକ୍ରି ମାଧ୍ୟମରେ ସଂଗ୍ରହ କରିଛି। ବିଏସ୍‌ପି ଦର୍ଶାଇଛି ଯେ ଦଳ କୌଣସି ଅନୁଦାନ ପାଇନାହିଁ ଏବଂ ଏହାର ୧୦୦% ଆୟ ଅନ୍ୟାନ୍ୟ ଉତ୍ସରୁ ଆସିଛି। ଜାତୀୟ ଦଳଗୁଡ଼ିକର ଖର୍ଚ୍ଚର ସବୁଠାରୁ ବଡ଼ ମାଧ୍ୟମ ହେଉଛି ନିର୍ବାଚନ ପ୍ରଚାର। ଭାଜପା ନିର୍ବାଚନ ପ୍ରଚାର ପାଇଁ ସର୍ବାଧିକ ୩୩୩୫.୩୬ କୋଟି ଟଙ୍କା ଖର୍ଚ୍ଚ କରିଛି। କଂଗ୍ରେସ ଏ ବାବଦରେ ୮୯୬.୨୨ କୋଟି ଟଙ୍କା ବ୍ୟୟ କରିଛି। ସିପିଆଇ(ଏମ୍) ପ୍ରଶାସନିକ ଏବଂ କର୍ମଚାରୀଙ୍କ ଦରମା ବାବଦରେ ଅଧିକ ଖର୍ଚ୍ଚ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।






ରାଜ୍ୟ ସଭାର ୪ ଆସନ ନିମନ୍ତେ ଗୁରୁବାର ଭାଜପା ପକ୍ଷରୁ ମନମୋହନ ସାମଲ, ସୁଜିତ କୁମାର ଏବଂ ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟ ନାମାଙ୍କନପତ୍ର ଦାଖଲ କରିବା ଅବସରରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ପ୍ରଭାରୀ ବିଜୟ ପାଲ ସିଂ ତୋମାର, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ।



ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର, ବିଜେଡି-କଂଗ୍ରେସ-ସିପିଆଇ(ଏମ୍)ର କମନ୍ ପ୍ରାର୍ଥୀ ଭାବେ ସ୍ୱାଧୀନରେ ଡାକ୍ତର ଦତ୍ତେଶ୍ୱର ହୋତା ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ୪ ଆସନ, ୫ ପୁରୁଷ

- ବିଜେଡିରୁ ସଂତୃପ୍ତ, ଦତ୍ତେଶ୍ୱର ସ୍ୱାଧୀନ ଭାବେ ୩ ଦଳର ସମର୍ଥିତ ପ୍ରାର୍ଥୀ
- ଭାଜପାରୁ ମନମୋହନ, ସୁଜିତ, ଦିଲୀପ ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ
- କଂଗ୍ରେସ ସହ ମେଣ୍ଟ ନେଇ ନବୀନ କହିଲେ 'ସମୟ କହିବ ଭବିଷ୍ୟତ'
- ୨୦୦୨ ଭଳି ଜିତିବେ କହିଲେ ଦିଲୀପ ରାୟ

ଭୁବନେଶ୍ୱର,୫।୩(ସୁନିତ୍ ମିଶ୍ର)

ଓଡ଼ିଶାର ୪ ରାଜ୍ୟ ସଭା ଆସନ ଲାଗି ଗୁରୁବାର ଶେଷଦିନରେ ୫ଜଣ ପୁରୁଷ ନାମାଙ୍କନ କରିଛନ୍ତି। ଗତ ୨୬ ତାରିଖରେ ହାଇଦ୍ରାବାଦର କାନ୍ତେ ସାୟନା ନାମାଙ୍କନପତ୍ର ଭରିଥିଲେ। କିନ୍ତୁ କେହି ପ୍ରସ୍ତାବକ ନ ଥିବାରୁ ତାଙ୍କ ନାମାଙ୍କନପତ୍ର ଖାରଜ ହେବା ପ୍ରାୟ ନିଶ୍ଚିତ। ଫଳରେ ୪ ରାଜ୍ୟ ସଭା ଆସନ ପାଇଁ ୫ ପୁରୁଷ ପ୍ରାର୍ଥୀ ରହିବେ। ଗୁରୁବାର ନାମାଙ୍କନପତ୍ର ଦାଖଲ ଆରମ୍ଭର କିଛି ସମୟ ମଧ୍ୟରେ ବିଜେଡି ଓ କଂଗ୍ରେସ ନେତାମାନେ ବିଧାନସଭା କନ୍‌ଭେନସନ ସେଣ୍ଟରଠାରେ ପହଞ୍ଚିଥିଲେ। ଏହାପରେ ବିଜେଡି ପକ୍ଷରୁ ଘୋଷଣା କରାଯାଇଥିବା କମନ୍ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ଏବଂ ବିରୋଧୀ ଦଳ ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ର ନାମାଙ୍କନପତ୍ର ଦାଖଲ ପାଇଁ ପହଞ୍ଚିଥିଲେ। ଏହି ୨ ଜଣଙ୍କ ସାଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତଚରଣ ଦାସ, ପୂର୍ବତନ ବିରୋଧୀ ଦଳ ନେତା ନରସିଂହ ମିଶ୍ର, କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଜେଡି ଏବଂ କଂଗ୍ରେସର ବହୁ ବିଧାୟକ ଉପସ୍ଥିତ ଥିଲେ। ମାତ୍ର କଂଗ୍ରେସର ଅନୁପସ୍ଥିତ ବିଧାୟକମାନଙ୍କୁ ନେଇ ସେଠାରେ ଚର୍ଚ୍ଚା ଚାଲିଥିଲା। ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ଦାଶରଥୀ ଗମାଙ୍ଗ, ସୋଫିଆ ଫିର୍‌ଦୋସ୍, ରମେଶ ଜେନା, ସତ୍ୟଜିତ ଗମାଙ୍ଗ, ମଙ୍ଗୁ ଖିଲ, ଆପାଲସ୍ୱାମୀ କାଡ୍ରାକା ଏବଂ ନୀଳମାଧବ ହିକ୍କା ଆସି ନ ଥିଲେ। କୋରାପୁଟ ଅଞ୍ଚଳରେ ହୋଲି ପାଳନ ଲାଗି ଯାଇଥିବା ବିଧାୟକମାନେ ଦୂରତା କାରଣରୁ ପହଞ୍ଚିପାରି ନ ଥିବା ଦଳର ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର କହିଛନ୍ତି। ତେବେ ତାରା, ସୋଫିଆ, ରମେଶ, ଦାଶରଥୀଙ୍କ କଥାକୁ ନେଇ ଚର୍ଚ୍ଚା ଅଧିକ ଥିଲା। ସେହିପରି ସିପିଆଇ(ଏମ୍)ର ଜଣେ ବିଧାୟକ ଭାବେ ଲକ୍ଷ୍ମଣ ମୁଣ୍ଡା ରହିଛନ୍ତି। ସେ ମଧ୍ୟ ନାମାଙ୍କନ ସମୟରେ ଉପସ୍ଥିତ ନ ଥିଲେ। ତେବେ ଦତ୍ତେଶ୍ୱରଙ୍କୁ ସମର୍ଥନ ସମ୍ପର୍କରେ ଲକ୍ଷ୍ମଣଙ୍କ ମୁହଁରୁ ଏଯାଏ କିଛି ଶୁଣିବାକୁ ମିଳିନାହିଁ। ଅନ୍ୟପଟେ ରାଜ୍ୟ ସଭା ନିର୍ବାଚନର ୩ୟ ଆସନ ଲାଗି ସଂତୃପ୍ତ ମିଶ୍ର ୨ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ଉଭୟ ସେଟ୍‌ରେ ବିଜେଡିର ୧୦ ଜଣ ଲେଖା ବିଧାୟକ ପ୍ରସ୍ତାବକ ରହିଥିଲେ। ସେହିପରି ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ପକ୍ଷରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଦତ୍ତେଶ୍ୱର ହୋତା ୩ ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ୨ଟିସେଟ୍‌ରେ ୧୦ ଜଣ ଲେଖା ବିଜେଡି ଏବଂ ଗୋଟିଏ ସେଟ୍‌ରେ ୧୦ ଜଣ କଂଗ୍ରେସ ବିଧାୟକ ପ୍ରସ୍ତାବକ ଭାବେ ଦସ୍ତଖତ କରିଥିଲେ। ନାମାଙ୍କନପତ୍ର ଦାଖଲ ପରେ ଗଣମାଧ୍ୟମକୁ ନବୀନ କହିଥିଲେ, ୨ ପ୍ରାର୍ଥୀଙ୍କୁ ସ୍ୱାଗତ ଜଣାଉଛି। କଂଗ୍ରେସ ସହ ବିଜେଡିର ମେଣ୍ଟ ନେଇ ନବୀନ କହିଥିଲେ, ସମୟ ଭବିଷ୍ୟତ କହିବ।

ଅପରାହ୍ନ ୨ଟା ସମୟରେ ଭାଜପା ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର ଏବଂ ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଲୀପ ରାୟ ନାମାଙ୍କନ କରିବାକୁ ପହଞ୍ଚିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ପ୍ରଭାରୀ ବିଜୟପାଲ ସିଂ ତୋମାର, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଏବଂ ଦଳର ବହୁ ବିଧାୟକ ସେଠାରେ ଉପସ୍ଥିତ ଥିଲେ। ଭାଜପାର ବହୁ ନେତା ମଧ୍ୟ ସେଠାରେ ପହଞ୍ଚିଥିଲେ। ମନମୋହନ, ସୁଜିତ ଏବଂ ଦିଲୀପ ନିଜର ୨ ସେଟ୍ ଲେଖା ନାମାଙ୍କନପତ୍ର ଦାଖଲ କରିଥିଲେ। ୪ ରାଜ୍ୟ ସଭା ଆସନ ମଧ୍ୟରୁ ୩ଟି ପାଇଁ ଜଣେ ଲେଖାଏ ପ୍ରାର୍ଥୀ ହୋଇଥିଲେ। ପ୍ରଥମ ଆସନ ଲାଗି ମନମୋହନ ସାମଲ, ଦ୍ୱିତୀୟ ଆସନ ପାଇଁ ସୁଜିତ କୁମାର ଏବଂ ତୃତୀୟ ଆସନ ଲାଗି ସଂତୃପ୍ତ ମିଶ୍ର ନାମାଙ୍କନ ଦାଖଲକଲେ। ତେଣୁ ଏହି ୩ ଆସନରେ ସବୁ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ। ୪ର୍ଥଆସନ ଲାଗି ୨ ଜଣ ପ୍ରାର୍ଥୀ ସ୍ୱାଧୀନଭାବେ ଦତ୍ତେଶ୍ୱର ଏବଂ ଦିଲୀପ ନାମାଙ୍କନ କଲେ। ଏହି ଆସନରେ ଉଭୟଙ୍କ ମଧ୍ୟରେ ଭୋଟ୍‌ରେ ଲଢ଼େଇ ହେବ। ନାମାଙ୍କନ କରିସାରିବା ପରେ ଦିଲୀପ ଗଣମାଧ୍ୟମକୁ କହିଛନ୍ତି, ୨୦୦୨ ରାଜ୍ୟ ସଭା ନିର୍ବାଚନ ଭଳି ସେ ବିଜୟୀ ହେବେ। ଅର୍ଥାତ୍ ସେ କଂଗ୍ରେସ ଏବଂ ବିଜେଡିର କେତେଜଣ ସଦସ୍ୟଙ୍କ ସମର୍ଥନ ପାଇବେ ବୋଲି ଆଶା ରଖିଛନ୍ତି। ବିଜେଡି ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ସମୟରେ ଏକ ଦୃଶ୍ୟ ନଜରକୁ ଆସିଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ନାମାଙ୍କନପତ୍ର ଯାଞ୍ଚ ହେବ। ୯ ତାରିଖରେ ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ ଓ ଚୂଡ଼ାନ୍ତ ତାଲିକା ପ୍ରକାଶ। ମାର୍ଚ୍ଚ ୧୬ରେ ରାଜ୍ୟ ସଭା ନିର୍ବାଚନ ଅନୁଷ୍ଠିତ ହେବ।

# ରାଜ୍ୟ ସଭା ଯିବେ ନୀତୀଶ

## ବିହାର: ଭାଜପାରୁ ହୋଇପାରନ୍ତି ନୂଆ ମୁଖ୍ୟମନ୍ତ୍ରୀ



ପାଟନାସ୍ଥିତ ବିଧାନସଭା ପରିସରରେ ରାଜ୍ୟ ସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ନିକଟରେ ଉପସ୍ଥିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା।

ପାଟନା,୫।୩(ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ମୁଖ୍ୟ ନୀତୀଶ କୁମାର ଗୁରୁବାର ରାଜ୍ୟ ସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ୧୦ ଥର ଶପଥ ନେଇଥିବା ସୁଶାସନ ବାବୁ ଏହି ପଦ ଛାଡ଼ିବାକୁ Xରେ ଇଚ୍ଛା ପ୍ରକାଶ କରିବା ସହ ସଂସଦୀୟ ରାଜନୀତିକୁ ଫେରିବାକୁ ଚାହୁଁଥିବା କହିଛନ୍ତି। ଭାଜପାର ଜଣେ ନେତାଙ୍କୁ ରାଜ୍ୟରେ ନୂଆ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏଥିସହ ହିନ୍ଦୀଭାଷୀ ବିହାର ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଆସିବାକୁ ଯାଉଛି।

ଗତ ସପ୍ତାହରେ ୭୫ ବର୍ଷରେ ପଦାର୍ପଣ କରିଥିବା ନୀତୀଶ କୁମାର ୨୦୦୫ରୁ ଅଦ୍ୟାବଧି ୧୦ ଥର ବିହାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିସାରିଲେଣି। ଜେଡିୟୁ କୌଣସି ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରି ନ ଥିଲେ ମଧ୍ୟ ସର୍ବାଧିକ ସମୟ ଶାସନ କରି ରେକର୍ଡ କରିଥିବା ନୀତୀଶଙ୍କୁ ଇତିହାସ ଜଣେ ଚତୁର ରାଜନେତା ଭାବେ ମନେରଖିବ। ଗତ ବିଧାନସଭା ନିର୍ବାଚନରେ ଭାଜପା ସର୍ବାଧିକ ଆସନ ଲାଭ କରିବା ପରେ ଗୃହ ବିଭାଗ ନୀତୀଶଙ୍କ ହାତରୁ ଛଡ଼ାଇ ନେଇ ଭାଜପାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀଙ୍କୁ ଦିଆଯାଇଥିଲା। ସେବେଠୁ ରାଜ୍ୟ ରାଜନୀତିରେ ନୀତୀଶଙ୍କ ପକ୍ଷ ଛେଦନ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ଗୁରୁବାର ନୀତୀଶ ନିଜେ ସୋସିଆଲ ମିଡିଆରେ ଏନେଇ ପୋଷ୍ଟ କରିବା ପରେ ଜେଡିୟୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନୀତୀଶଙ୍କୁ ହଟାଇବା ପାଇଁ ଭାଜପା ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ ଆଣି ଜେଡିୟୁ ନେତା ଓ କର୍ମୀମାନେ ଦଳୀୟ ଅଫିସରେ ଭଙ୍ଗାରୁଜା କରିଛନ୍ତି।

ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇ ନୀତୀଶ କହିଛନ୍ତି, ବିହାରବାସୀଙ୍କ ଆସ୍ଥା ଓ ସମର୍ଥନ ଯୋଗୁ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେବା କରିବା ସୁଯୋଗ ମିଳିଛି। ସେହି ବିଶ୍ୱାସ ଓ ସମର୍ଥନକୁ ନେଇ ରାଜ୍ୟ ବିକାଶର ନୂଆ ଦିଗରେ ଅଗ୍ରସର ହେଉଛି। ପୂର୍ବରୁ କେନ୍ଦ୍ରରେ ରେଳମନ୍ତ୍ରୀ ଥିବା ନୀତୀଶ ନିଜ ପୋଷ୍ଟରେ ଆହୁରି ଲେଖିଛନ୍ତି, ସେ ରାଜନୈତିକ କ୍ୟାରିୟର ସଂସଦୀୟ ଯାତ୍ରାରୁ ଆରମ୍ଭ କରିଥିଲେ। ସେ ବିହାରର ଉଭୟ ସଦନର ସଦସ୍ୟ ହେବାକୁ ଚାହିଁଥିଲେ। ସେହିପରି ସେ ସଂସଦର ଉଭୟ ସଦନର ସଦସ୍ୟ ହେବାକୁ ମଧ୍ୟ ଚାହିଁଥିଲେ। ଏଥିପାଇଁ ସେ ରାଜ୍ୟ ସଭା ନିମନ୍ତେ ନାମାଙ୍କନ କରୁଛନ୍ତି। ନାମାଙ୍କନ ବେଳେ ନୀତୀଶଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ଥିଲେ। ଇତିମଧ୍ୟରେ ଏନ୍‌ଡିଏ ସୂତ୍ରରୁ ଜଣାପଡ଼ିଛି ଯେ, ନୀତୀଶଙ୍କ ପୁଅ ନିଶାନ୍ତ କୁମାରଙ୍କୁ ବିହାର ମନ୍ତ୍ରିମଣ୍ଡଳରେ ଉପମୁଖ୍ୟମନ୍ତ୍ରୀ କରାଯାଇପାରେ। ନୂଆ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ସମ୍ରାଟ ଚୌଧରୀଙ୍କ ନାମ ଚର୍ଚ୍ଚାର ସର୍ବାଗ୍ରେ ରହିଛି।

# ୩୯ ଡିଗ୍ରୀ ଟପିଲା ପାରଦ

**ଘୂର୍ଣ୍ଣିବଳୟ ପ୍ରଭାବରେ ୮ରୁ ବର୍ଷା ସମ୍ଭାବନା**

ଭୁବନେଶ୍ୱର,୫।୩(ବନ୍ଦନା ସେଠୀ)

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ତାପମାତ୍ରା ବୃଦ୍ଧି ପାଇବା ସହିତ ସକାଳେ କୁହୁଡ଼ି ଓ ଦିନରେ ଝାଞ୍ଜି ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଗୁରୁବାର ପାରଦ ୩୯ ଡିଗ୍ରୀ ଟପିଥିଲା। ଝାରସୁଗୁଡାଠାରେ ରାଜ୍ୟର ସର୍ବାଧିକ ତାପମାତ୍ରା ୩୯.୬ ଡିଗ୍ରୀ ରେକର୍ଡ ହୋଇଥିଲା। ଏହାତଳକୁ ଟିଟିଲାଗଡ଼ରେ ୩୭.୫ ଡିଗ୍ରୀ, ପାରଳାଖେମୁଣ୍ଡି ୩୭.୨ ଡିଗ୍ରୀ, ଗୋପାଳପୁର ୩୭.୧ ଡିଗ୍ରୀ, ଢେଙ୍କାନାଳ ୩୭ ଡିଗ୍ରୀ, ଅନୁଗୋଳ ୩୬.୯ ଡିଗ୍ରୀ, ହୀରାକୁଦ ୩୬.୮ ଡିଗ୍ରୀ, ବଲାଙ୍ଗୀର ୩୬.୭ ଡିଗ୍ରୀ, ସମ୍ବଲପୁର ୩୬.୬ ଡିଗ୍ରୀ, ଭବାନୀପାଟଣା ୩୬.୫ ଡିଗ୍ରୀ, ଭୁବନେଶ୍ୱର ୩୬.୪ ଡିଗ୍ରୀ, ତାଳଚେର ୩୬.୪ ଡିଗ୍ରୀ, ବରଗଡ଼ ୩୬.୨ ଡିଗ୍ରୀ, ନୂଆପଡା ୩୬ ଡିଗ୍ରୀ, ସୁନ୍ଦରଗଡ ୩୬ ଡିଗ୍ରୀ, ନବରଙ୍ଗପୁର ୩୬ ଡିଗ୍ରୀ ଏବଂ ବାରିପଦାରେ ତାପମାତ୍ରା ୩୬ ଡିଗ୍ରୀ ରହିଥିଲା।

ଅନ୍ୟପକ୍ଷରେ ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସମୁଦ୍ର ପତ୍ତନଠାରୁ ୦.୯ କି.ମି. ଉଚ୍ଚରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ୮ ତାରିଖ ବେଳକୁ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁରରେ ଘଡ଼ଘଡ଼ି ସହ ବର୍ଷା ହେବ। ଏଥିସହ ୩୦ରୁ ୪୦ କି.ମି. ପର୍ଯ୍ୟନ୍ତ ଝଡ଼୍‌କା ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି।



ଅନ୍ୟମାନଙ୍କଠାରୁ ଯାହା ଆସେ -ତାହାଦ୍ୱାରା ବିକ୍ଷୁବ୍ଧ ନ ହୋଇ- ଯେତେବେଳେ ଆମ୍ଭେମାନେ କେବଳ ଭଗବାନଙ୍କ କୋଳରେ ସ୍ଥିର ହୋଇ ରହୁ- ସେତେବେଳେ ଆଗେ ତାଙ୍କର ଅଦ୍ଭୁତ କ୍ଷମତାକୁ ଦେଖିପାରୁ। ଅନୁଭବ ମଧ୍ୟ କରିପାରୁ। ତାଙ୍କ ପ୍ରତି ଆମର ପ୍ରେମରେ ହିଁ ରହିଛି ଆମର ନିରାପତ୍ତା। -ଶ୍ରୀମା



# ଦୁଇ ବିପଜ୍ଜନକ ନିଷ୍ପତ୍ତି



ଡାରୋନ ଆକେମୋଗ୍ଲୁ

୨୦୦୦ ମସିହାରେ ଜିମ୍ବାୱେର ପୂର୍ବତନ ଏକଚ୍ଛତ୍ରବାଦୀ ଶାସକ ରବର୍ଟ ମୁଗାବେ ଦେଶର ଜାତୀୟ ଲଟେରିରେ ସବୁଠୁ ବଡ଼ ପୁରସ୍କାର ଜିତିଥିଲେ। ସେ ଏକ ସାଧାରଣ କାରଣ ପାଇଁ ବିଜୟୀ ହୋଇଥିଲେ। ଥରେ କ୍ଷମତାର ଶକ୍ତି ପ୍ରୟୋଗ କରି ସଂସ୍ଥାଗୁଡ଼ିକୁ ନଷ୍ଟ କରିଦେଲେ ତୁମେ ବ୍ୟକ୍ତିଗତ ସମୃଦ୍ଧି, ବ୍ୟକ୍ତିଗତ ଖ୍ୟାତି କିମ୍ବା ବ୍ୟକ୍ତିଗତ ମନୋରଞ୍ଜନ ପାଇଁ ଶାସନ କରିପାରିବ। ମୁଗାବେ ତାଙ୍କ ୩୭ ବର୍ଷ ଶାସନରେ ଏହା କରିଥିଲେ। ତେବେ ଏବେ ନୀତିନିୟମ ଓ ସଂସ୍ଥାଗୁଡ଼ିକର କ୍ଷତି କରିପାରୁଥିବା ଏଭଳି ପ୍ରବୃତ୍ତି ବ୍ୟବସ୍ଥାର ଏକ ଅଂଶ ହୋଇଗଲାଣି।

ନିକଟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ନେଇଥିବା ଦୁଇଟି ନିଷ୍ପତ୍ତି ମାଧ୍ୟମରେ ମୁଗାବେଙ୍କ ଲଟେରି ପ୍ରତଫଳିତ ହୋଇଛି। ପ୍ରଥମ ନିଷ୍ପତ୍ତି ହେଉଛି ଇରାନ ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଆକ୍ରମଣ କରି ସେହି ଦେଶର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲୀ ଖାମେନେଇଙ୍କୁ ହତ୍ୟା କରିବା। ଜୀବନ ହାନି ଓ ଅରାଜକତା ବିଷୟକୁ ବିଚାରକୁ ନେଇନାହାନ୍ତି। ଏହା ସ୍ପଷ୍ଟ ଯେ, ଏହି ଆକ୍ରମଣ ମଧ୍ୟପ୍ରାଚ୍ୟରେ ଏକ ଦୀର୍ଘମିଆଦୀ ଅସ୍ଥିରତା ସୃଷ୍ଟି କରିବ। ଏହା ନିଶ୍ଚିତ ଯେ, ଇରାନର ଶାସନ ଦମନକାରୀ ଏବଂ ହତ୍ୟାକାରୀ ଥିଲା, ଯାହା ଇରାନୀୟଙ୍କ ଆର୍ଥିକ ଓ ସାମାଜିକ କଲ୍ୟାଣ ପାଇଁ ଖରାପ। ଖାମେନେଇ ପ୍ରତିଷ୍ଠିତ ବର୍ଗଙ୍କ ନେତା ଥିଲେ ଏବଂ ଇସ୍‌ଲାମିକ ରିଭୋଲ୍ୟୁଶନାରୀ ଗାର୍ଡ କ୍ରପ୍ସ ସିଧାସଳଖ ଲୋକଙ୍କୁ ହତ୍ୟା କରିଥିଲା। ଏପରିକି ଚଳିତ ବର୍ଷ ପ୍ରାରମ୍ଭରୁ ଅନେକ ହଜାର ଆନ୍ଦୋଳନକାରୀଙ୍କୁ ଗିରଫ କରାଯିବା ସହ ହତ୍ୟା କରାଯାଇଛି। କିନ୍ତୁ ଏସବୁ ଯୁକ୍ତି ମଧ୍ୟରୁ କୌଣସିଟି ମଧ୍ୟପ୍ରାଚ୍ୟରେ ଏକ ନୂଆ ଯୁଦ୍ଧ ଆରମ୍ଭକୁ ନ୍ୟାୟସଙ୍ଗତ ବୋଲି ସାବ୍ୟସ୍ତ କରେ ନାହିଁ। ଲୋକଙ୍କ ମତକୁ ଗୁରୁତ୍ୱ ଦେଉଥିବା ଏକ ଗଣତନ୍ତ୍ର କଥା ଆମେରିକା କହୁଛି, କିନ୍ତୁ ତାହାକୁ ଟ୍ରମ୍ପ ବ୍ୟାପକ କ୍ଷତି ଘଟାଇବା ଯୋଗୁ ଗଣତାନ୍ତ୍ରିକ ସୁରକ୍ଷା କବଚ ଦିନକୁ ଦିନ ଦୁର୍ବଳ ହୋଇଚାଲିଛି।

ଖାମେନେଇଙ୍କ ଶାସନର ରେକର୍ଡ ଯାହା ଥାଉ ନା କାହିଁକି, ସେ ନିକୋଲାସ ମାଦୁରୋଙ୍କ ଭଳି ନ ଥିଲେ। ଜାନୁଆରୀରେ ଭେନେଜୁଏଲା ଶାସନରେ ହସ୍ତକ୍ଷେପ କରି ମାଦୁରୋଙ୍କୁ ଆୟତ୍ତ କରିବା ସମୟରେ ଭେନେଜୁଏଲାର ସେନାରେ ତାଙ୍କର ଖୁବ୍‌କମ୍ ବିଶ୍ୱସ୍ତ ସମର୍ଥକ ଥିବା ଦେଖାଯାଇଥିଲା। କିନ୍ତୁ ବ୍ୟବସ୍ଥାଗତ ସଂସ୍ଥା ଓ ଦୃଢ଼ ଜାତୀୟତାବାଦୀ ଭାବନା ଥିବା ଦେଶ ଇରାନରେ କର୍ଣ୍ଣେଇର ଶାସନ ହେବ ନାହିଁ। ୧୯୭୯ରେ ଯେତେବେଳେ ଇରାନୀୟଙ୍କ ବିଦ୍ରୋହ ଯୋଗୁ ଶାହାଙ୍କ ଶାସନ ପତନ ଘଟିଥିଲା, ସେତେବେଳେ ସରକାରୀ ବ୍ୟବସ୍ଥା ଖୁବ୍





ମଜଭୁତ ଥିଲା ଏବଂ ନୂଆ ଇସ୍‌ଲାମିକ ରିପବ୍ଲିକକୁ ତାହାର ରାଷ୍ଟ୍ରଭକ୍ତି ଭାବନା ଯାଇଥିଲା। ଦେଶର ଶାସନଗତ ବ୍ୟବସ୍ଥା ଇରାନର ସ୍ୱାର୍ଥ ରକ୍ଷା କରିବ ଏବଂ ଅନ୍ୟ ଦେଶଗୁଡ଼ିକୁ ଅସ୍ଥିର କରିବା ପାଇଁ ଦେଶର ଏଜେଣ୍ଟଗୁଡ଼ିକୁ ବ୍ୟବହାର କରିବ। ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରିବା ପରଠାରୁ ଦୁର୍ବଳ ହୋଇଯାଇଥିବା ଉଭୟ ହେଜବୁଲ୍ଲା ଓ ହମାସ ଭଳି ଉଗ୍ରବାଦୀ ଗୋଷ୍ଠୀକୁ ନୂଆ ଜୀବନ ଦେବ। ତେବେ ଖାମେନେଇ ତାଙ୍କ ଧର୍ମୀୟ ଭୂମିକାକୁ ନେଇ ସମ୍ମାନ ପାଉଥିଲେ ଏବଂ ଦେଶ ତଥା ବାହାରେ ବ୍ୟାପକ ସଂଖ୍ୟାରେ ଥିବା ଶିୟା ମୁସଲମାନଙ୍କ ମଧ୍ୟରେ ସେ କ୍ଷମତା ଉପଭୋଗ କରୁଥିଲେ। ଅନେକଙ୍କ ମତରେ ତାଙ୍କର ମୃତ୍ୟୁ ତାଙ୍କୁ ଶହୀଦ କରିଦେଇଛି।

ଟ୍ରମ୍ପଙ୍କ ଅନ୍ୟ ବିପଜ୍ଜନକ ତଥା ଅସ୍ଥିରତା ସୃଷ୍ଟିକାରୀ ନିଷ୍ପତ୍ତି ପ୍ରଥମ ନିଷ୍ପତ୍ତିର ଠିକ୍ ପୂର୍ବରୁ ନେଇଥିଲେ। ଯୋଗାଣ ଶୃଙ୍ଖଳ ବିପଦ ଭାବେ ଏଆଇ କମ୍ପାନୀ ଆନ୍ଥ୍ରୋପିକ୍‌କୁ ନାମିତ କରିଥିଲେ। ଏଭଳି ନାମକରଣ ଚାଇନାର ହୁଆୱାଇ ଭଳି ଶତ୍ରୁ ଦେଶର କମ୍ପାନୀଗୁଡ଼ିକ ପାଇଁ ରହିଛି। ଏଥିରେ ଆମେରିକାର କଣ୍ଟ୍ରାକ୍ଟରମାନେ ଆନ୍ଥ୍ରୋପିକର ମଡେଲ ବ୍ୟବହାର କରିବା ମନା , ଯାହା କମ୍ପାନୀର ଭବିଷ୍ୟତ କାର୍ଯ୍ୟ ଉପରେ ବଡ଼ ପ୍ରତିବନ୍ଧକର ସଙ୍କେତ ଦିଏ। ଏଭଳି କଟକଣା ଲାଗୁ କରି ପ୍ରତିରକ୍ଷା ସଚିବ ପିଟେ ହେଗସେଥ ଘୋଷଣା କରିଥିଲେ ଯେ, ଆମେରିକା ସେନା ସହ ଯେଉଁ କଣ୍ଟ୍ରାକ୍ଟର, ଯୋଗାଣକାରୀ କିମ୍ବା ଅଂଶୀଦାର କାରବାର କରୁଛନ୍ତି ସେମାନେ ଆନ୍ଥ୍ରୋପିକ ସହ କୌଣସି ବାଣିଜ୍ୟିକ କାର୍ଯ୍ୟକଳାପରେ ଜଡ଼ିତ ହୋଇପାରିବେ ନାହିଁ। ତେବେ ଏହାର କାରଣ କ'ଣ? ଆନ୍ଥ୍ରୋପିକ ଆମେରିକୀୟଙ୍କ ମାସ୍ ସର୍ଭିଲାନ୍ସ ଓ ଅଟୋନୋମସ ୱିପନ ସିଷ୍ଟମ ( ଏଡବ୍ଲ୍ୟୁଏସ)ବା ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ବ୍ୟବହାର ବ୍ୟବସ୍ଥାରେ ବ୍ୟବହାର ହେଉଥିବା ଏହାର ମଡେଲର ସୁରକ୍ଷା ଚାହୁଁଥିଲା। ଦୁଇଟି ମଧ୍ୟରୁ କୌଣସିଟି ପ୍ରତିରକ୍ଷା ବିଭାଗ ଉପରେ ବଡ଼ ବାଧା ଆଣି ନାହିଁ। କିନ୍ତୁ ଟ୍ରମ୍ପ ଓ ହେଗସେଥ୍‌ଙ୍କ ମତରେ, ଏହା ହେଉଛି ଆନ୍ଥ୍ରୋପିକର ମୁକାବିଲା ମନୋଭାବ ଓ ଧମକ। ତେବେ ମୁଗାବେଙ୍କ ଭଳି ସେମାନେ ଯେଉଁଥିରେ ଖୁସି ହୋଇପାରିବେ ସେହିଭଳି ପ୍ରଦର୍ଶନ କରିବା ଉଚିତ। ଜିମ୍ବାୱେର ଲଟେରି ତୁଳନାରେ ଆନ୍ଥ୍ରୋପିକ ନିଷ୍ପତ୍ତିର ବଡ଼ ପରିଣାମ ରହିଛି। ଇରାନ ଉପରେ ଆକ୍ରମଣଠାରୁ ଏହା ଏକ ପ୍ରଭାବୀ ଆକ୍ରମଣ। ଏବକାର ଏଆଇ କ୍ଷମତାକୁ ନେଇ ଯିଏ ଯାହା ଭାବନ୍ତୁ ନା କାହିଁକି, ଭିବଷ୍ୟତରେ ଗଣତନ୍ତ୍ର, ବିଜନେସ, ଯୋଗାଯୋଗ ଏବଂ ବ୍ୟକ୍ତିଗତ ଗୋପନୀୟତା ଉପରେ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିବ। ଶିଳ୍ପ କ୍ଷେତ୍ରରେ ଜଡ଼ିତ ଅନେକ ବ୍ୟକ୍ତି ଆନ୍ଥ୍ରୋପିକ ଉପରେ ଲଗାଯାଇଥିବା କଟକଣା ସମ୍ପର୍କରେ ମତ ରଖନ୍ତି ଯେ, ଘରୋଇ କ୍ଷେତ୍ର ନୁହେଁ, ଆମେରିକା ସରକାର ଏଆଇକୁ ନିୟନ୍ତ୍ରଣ କରିବେ।

ଓପନ ଏଆଇ, ଆନ୍ଥ୍ରୋପିକ ଓ ଗୁଗଲ ମଧ୍ୟରେ ଦେଖାଦେଇଥିବା ପ୍ରତିଦ୍ୱନ୍ଦ୍ୱିତା ଭିତରେ ଯିଏ ଆଗରେ ରହିବ ସିଏ ଜିତିବ। ଏହି କ୍ରମରେ ଆନ୍ଥ୍ରୋପିକ ଘୋଷଣାର କିଛି ଘଣ୍ଟା ପରେ ଓପନ ଏଆଇର ମୁଖ୍ୟ ପ୍ରତିରକ୍ଷା ବିଭାଗ ସହ ଚୁକ୍ତି କରିବା ଲାଗି ସାମ୍ନାକୁ ଆସିଗଲେ। ଏହି ଚୁକ୍ତି ସଙ୍କେତ ଦେଉଛି ଯେ, ଏହି ପ୍ରତିଦ୍ୱନ୍ଦ୍ୱିତା ଏକ ନୂତନ ବିପଜ୍ଜନକ ସ୍ତରରେ ପହଞ୍ଚିବାକୁ ଯାଉଛି। ଆନ୍ଥ୍ରୋପିକ ଯାହା ମନା କରିଦେଇଥିଲା ତାହା ହେଗସେଥଙ୍କୁ ସବୁ ଦେବାକୁ ଏପରିକି ଅଟୋନୋମସ ୱିପନ ସିଷ୍ଟମ ଉପରେ କାମ କରିବାକୁ ଅଲ୍ଟମ୍ୟାନ ରାଜି ହେଉଛନ୍ତି।

ଆନ୍ଥ୍ରୋପିକ ଉପରେ ନିଆଯାଇଥିବା ପଦକ୍ଷେପର ପରିଣାମ ବ୍ୟାପକ ହୋଇପାରେ। ଯେଉଁ କଣ୍ଟ୍ରାକ୍ଟର ଏହାକୁ ଅବମାନନା କରିବେ ତାଙ୍କ ଉପରେ ଏବକାର ପ୍ରଶାସନ ଏବଂ ସମ୍ଭବତଃ ଭବିଷ୍ୟତର ପ୍ରଶାସନ ଅତ୍ୟଧିକ ଜରିମାନା ଲାଗୁ କରିପାରନ୍ତି। ଘରୋଇ ସମ୍ପତ୍ତି ଅଧିକାରର ସୁରକ୍ଷା ଏବେ ଦୁର୍ବଳ ହୋଇଯିବା ଭଳି ମନେହେଉଛି। ଏହି ସମୟରେ ପେଣ୍ଟାଗନ ବିଶ୍ୱକୁ ସଙ୍କେତ ଦେଇଛି ଯେ, ଏହା ମାସ୍ ସର୍ଭିଲାନ୍ସ ଏବଂ ଏଡବ୍ଲ୍ୟୁଏସର ବିକାଶ ପାଇଁ ଦୃଢ଼ ସଙ୍କଳ୍ପବଦ୍ଧ। ଇରାନ ଉପରେ ସେନା ଆକ୍ରମଣ ଏବଂ ଆନ୍ଥ୍ରୋପିକ ଉପରେ ଆଇନଗତ ଆକ୍ରମଣ କରି ଟ୍ରମ୍ପ ସମ୍ଭବତଃ ମୁଗାବେ ସ୍ତରର ମୂର୍ଖତା ଦେଖାଇଛନ୍ତି। କୌଣସି ବୈଦେଶିକ ବିଶେଷକରି ମଧ୍ୟପ୍ରାଚ୍ୟରେ ଜଟିଳତାରେ ଜଡ଼ିତ ନ ହେବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଟ୍ରମ୍ପ ଦୁଇ ଦଶନ୍ଧି ପୂର୍ବର ଇରାକ ଯୁଦ୍ଧ ବେଳେ ଯେଉଁଭଳି ବିପଦ ଦେଖାଯାଇଥିଲା ତାହାଠାରୁ ଅଧିକ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛନ୍ତି। ସମାଜବାଦ ତଥା ବାମପନ୍ଥୀ ଡେମୋକ୍ରାଟଙ୍କ ବିରୋଧରେ ରହିଆସିଥିବା ଟ୍ରମ୍ପ ଘରୋଇ କମ୍ପାନୀଗୁଡ଼ିକୁ ଧ୍ୱଂସ କରିଦେବା ପାଇଁ ପ୍ରଶାସନକୁ ବ୍ୟବହାର କରୁଛନ୍ତି। କିନ୍ତୁ ଉଭୟ ବିଷୟର ମୁଖ୍ୟ ବିନ୍ଦୁ ହେଉଛି ମୂର୍ଖତା, ଯାହା ମୁଗାବେଙ୍କ କ୍ଷେତ୍ରରେ ଦେଖାଯାଇଥିଲା। ତେବେ ନୀତିନିୟମ ଉଲ୍ଲଂଘନ ପ୍ରଚ୍ଛଦରେ ରହିଛି ଟ୍ରମ୍ପଙ୍କ ବ୍ୟକ୍ତିଗତ ଓ ରାଜନୈତିକ ସିଦ୍ଧାନ୍ତ ଏବଂ ତାହା ହେଉଛି- 'ନିୟମ ବୋକାଙ୍କ ପାଇଁ ହୁଏ'

**ପ୍ରାଧ୍ୟାପକ (ଅର୍ଥନୀତି), ମାସାଚୁ୍ୟସେଟସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି**

# ଘଣ୍ଟା ଅଛି, ସମୟ କାହିଁ



ଡ. ସାରଦା ପ୍ରସାଦ କର

ଆଜିକୁ ପ୍ରାୟ ପଚାଶ ବର୍ଷତଳେ ବାହାଘରରେ ବ୍ରାଙ୍କୁ ଉପହାର ଦିଆଯାଉଥିଲା ଘଣ୍ଟା, ସାଇକେଲ ଓ ରେଡିଓ। ସମୟର ଦୌଡ଼ରେ ଧୀରେ ଧୀରେ ସାଇକେଲ୍‌ର ଚାହିଦା କମି କମି ଆସିଲା ; ରେଡିଓର ସ୍ୱର ନରମି ଗଲା କିନ୍ତୁ ଆଶ୍ଚର୍ଯ୍ୟର କଥା ଘଣ୍ଟା ତା'ର ଅସ୍ତିତ୍ୱ ବଜାୟ ରଖିଲା । ଏବେ ପ୍ରାୟ ଭଳିକି ଭଳି ଘଣ୍ଟା ସବୁଠାରେ ଦେଖିବାକୁ ମିଳୁଛି। ହାତରେ ଘଣ୍ଟା, କାନ୍ଥରେ ଘଣ୍ଟା, ବାଇକ୍‌ରେ ଘଣ୍ଟା, ମୋବାଇଲ୍‌ରେ ଘଣ୍ଟା ଏମିତି କି ବଡ଼ ବଡ଼ ଛକଜାଗାରେ ବି ଘଣ୍ଟା । ହେଲେ ଲାଜର କଥା ଘଣ୍ଟା ସିନା ସମସ୍ତଙ୍କ ହାତରେ କିନ୍ତୁ ସମୟ ବାବଦରେ ପ୍ରାୟ କେହି ସଚେତନ ନୁହନ୍ତି। ଯାହାକୁ ପଚାରିବେ ଉତ୍ତର ମିଳୁଛି ଭାଇ ଟାଇମ୍ କାହିଁ? ଏପରି ଶସ୍ତା ଓ ଦାୟିତ୍ୱହୀନ ଉତ୍ତର ଏବେ ପ୍ରାୟ ସମସ୍ତଙ୍କର ମଜ୍ଜାଗତ ହୋଇଗଲାଣି। କିନ୍ତୁ ଏହାଦ୍ୱାରା ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ସମାଜର ଚିତ୍ର ବିକୃତ ହେଉନି କି? ପାଖରେ ପ୍ରଚୁର ଧନ ଥାଇ ଦାନ ନ ଦେଲେ ଯେପରି ଧନର ଗୁରୁତ୍ୱ କମିଯାଏ, ବୁଦ୍ଧି ଥାଇ ତାକୁ ଉଚିତ ସ୍ଥାନରେ ପ୍ରୟୋଗ ନ କଲେ ଯେପରି ତାହା ମୂଲ୍ୟହୀନ ହୋଇଯାଏ, ଠିକ୍ ସେହିପରି ହାତରେ ଘଣ୍ଟା ବାନ୍ଧି ସମୟର ମୂଲ୍ୟକୁ ନ ବୁଝିଲେ ଏହା କେବଳ ଫ୍ୟାଶନ ଓ ପ୍ରହସନ ନୁହେଁ କି? ସୁବର୍ଣ୍ଣପୁରୀ ମାଲିକ ରାବଣ ପାଖରେ ସୁନାର ଅଭାବ ନ ଥିଲା କିନ୍ତୁ କାହାକୁ ହାତଟେକି ତୋଳାଏ ସୁନା ଦେବା କଥା ରାମାୟଣରେ ଉଲ୍ଲେଖ ନାହିଁ। ଧୃତରାଷ୍ଟ୍ରଙ୍କ ପାଖରେ ଶାସ୍ତ୍ର ଜ୍ଞାନ ଓ ବୁଦ୍ଧି କିଛି କମ୍ ନ ଥିଲା କିନ୍ତୁ ବୁଦ୍ଧିକୁ ଉଚିତ ସ୍ଥାନରେ ପ୍ରୟୋଗ କରିବା କଥା ମହାଭାରତରେ ଦେଖିବାକୁ ମିଳେ ନାହିଁ। ଅନୁରୂପ ଭାବରେ ମଣିଷ ପାଖରେ ଘଣ୍ଟା ଥିଲେ ବି ସମୟର ସଦୁପଯୋଗ କରିବାରେ ସେ ବିଫଳ। କହିବା କାହାକୁ? ଅତୀତରେ ଘଣ୍ଟାର ଏତେ ପ୍ରଚଳନ ନ ଥିଲା କିନ୍ତୁ ମଣିଷ ସମୟ ବିଷୟରେ ବେଶ୍ ସଜାଗ ଥିଲା। କୁଆ, କୁକୁଡ଼ାଙ୍କ ଡାକରେ ସେ ନିଦରୁ ଉଠିଯାଉଥିଲା। ମୁଣ୍ଡ ଉପରକୁ ଖରା ଆସିଲେ ହଳ ଫିଟାଇ ଘରମୁହାଁ ହେଉଥିଲା, ପଶ୍ଚିମ ଆକାଶରେ ସୂର୍ଯ୍ୟ ଲୁଚିଲେ ଗାଁ ଦାଣ୍ଡରେ ସଞ୍ଜବତି ଜଳୁଥିଲା। ଦେଉଳରେ ଘଣ୍ଟ ବାଜିଲେ ଲୋକେ ଭାଗବତ ଟୁଙ୍ଗିରେ ରୁଣ୍ଡ ହେଉଥିଲେ। କେବଳ ସେତିକି ନୁହେଁ; ରାମାୟଣରେ ପ୍ରଭୁ ରାମଚନ୍ଦ୍ର ମଧ୍ୟ ସମୟକୁ ସମ୍ମାନ ଦେବାରେ ଥିଲେ ସଚେଷ୍ଟ। ରାଣୀ କୈକେୟୀ ବର ମାଗିବାର ଠିକ୍ ପରଦିନ ତତ୍ପରତା ପୂର୍ବକ ବନବାସକୁ ବାହାରିବା, ଚଉଦବର୍ଷକୁ ସତ୍‌ସଙ୍ଗରେ ଲଗାଇବା ଓ ଭରତଙ୍କ ଅନୁରୋଧ ରକ୍ଷାକରି ଠିକ୍ ସମୟରେ ଘରବାହୁଡ଼ିବା ଆଦି ପ୍ରଭୁଙ୍କର ସମୟ ସଚେତନତାକୁ ପ୍ରମାଣ କରେ। ସେହିପରି ଗୀତାରେ ଶ୍ରୀକୃଷ୍ଣ କହିଲେ ଯେ ସମୟ ବା କାଳ ହିଁ ଭଗବାନ ଯାହାକୁ ଧରି ରଖିବା ଅସାଧ। ତେଣୁ ସମୟକୁ ସମ୍ମାନ ଦେଇ ତା'ର ସଦୁପଯୋଗ କଲେ ସଫଳତା ନିଶ୍ଚିତ। ପ୍ରଭୁଙ୍କର ଏହି ଦିବ୍ୟ ଚେତନା ଅର୍ଜୁନଙ୍କୁ କଲା ବିଶ୍ୱବିଜୟୀ। କିନ୍ତୁ ସମ୍ପ୍ରତି ସମୟାନୁବର୍ତ୍ତିତା ଠପ୍ ହୋଇଗଲା ପରି ମନେହେଉଛି। ସଭାକୁ ମନ୍ତ୍ରୀ, ନେତା, ଅତିଥି ଆସୁନାହାନ୍ତି ଠିକ୍ ସମୟରେ। ପରୀକ୍ଷାକୁ ଛାତ୍ର ମଧ୍ୟ ଆସୁନାହାନ୍ତି ନିର୍ଦ୍ଧାରିତ ସମୟରେ। ବର ବାହାରିବା ବେଳ ଠିକ୍ ରହୁନି କି ହାତଗଣ୍ଠି ଆଉ ନିର୍ଦ୍ଧାରିତ ଅମୃତ ବେଳାରେ ପଡୁନି ଫଳତଃ ବିଶୃଙ୍ଖଳା ଚାରିଆଡ଼େ। ପିଲାଦିନେ ପଢିଥିବା ଗୀତ 'ଘଣ୍ଟା ଚାଲେ ଟିକ୍ ଟିକ୍, କଣ୍ଟା ତା'ର କହୁଛି/କାମ କର ଠିକ୍ ଠିକ୍ ବେଳ ଗଡ଼ି ଯାଉଛି' ଆଜି ସାତସପନ ହୋଇଯାଇଛି। ଉଦ୍‌ଯୋଗୀ ହେବାର ଆଶା ଆଉ କାହାର ନାହିଁ କେବଳ ଭୋଗୀ ହେବାର ଲାଳସା ସମସ୍ତଙ୍କୁ ଘାରିଛି।

ପାଠକେ! ପ୍ରତ୍ୟେକ ଗ୍ରହ, ଉପଗ୍ରହ ଯଦି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସେମାନଙ୍କର ନିର୍ଦ୍ଧାରିତ କକ୍ଷକୁ ପରିକ୍ରମା କରିପାରୁଛନ୍ତି, କୁଆ, କୁକୁଡ଼ା, କୋଇଲି, ପିମ୍ପୁଡ଼ି ଆଦି ଯଦି ସମୟର ମହତ୍ତ୍ୱକୁ ବୁଝିପାରୁଛନ୍ତି, ତେବେ ଆଜିର ଯନ୍ତ୍ର ମଣିଷ ସମୟର ମନ୍ତ୍ରକୁ ମାନିବାକୁ ବୀତସ୍ପୃହ କାହିଁକି? ସେ ସୂର୍ଯ୍ୟୋଦୟ ଦେଖିପାରୁନି କି ସନ୍ଧ୍ୟାରେ ପ୍ରାର୍ଥନା କରିପାରୁନି। କେବଳ ପର ଆଲୋଚନାରେ ନ ହେଲେ ମୋବାଇଲରେ ରିଲ୍ସ ଦେଖିବାରେ ସମୟ ଯାଉଛି। ସଫଳତା ଆସିବ କୁଆଡ଼ୁ? ରାବଣ ଆଉ କ'ଣ କଲାକି? ସ୍ୱର୍ଗକୁ ନିଶୁଣି ବାନ୍ଧିବାର କଳା ତାକୁ ଜଣାଥିଲେ ମଧ୍ୟ କାଳକ୍ଷେପଣ ନୀତି ଯୋଗୁ କାର୍ଯ୍ୟ ହାସଲ କରିବା ବଦଳରେ କାଳ ହାତରେ ଧରାପଡ଼ିଲା। କିନ୍ତୁ ଅନ୍ୟପଟେ ସମୟାନୁବର୍ତ୍ତିତାର ଜାଗ୍ରତ ପ୍ରହରୀ ଗାନ୍ଧିଜୀଙ୍କର ନାମ କାଳକାଳକୁ ରହିଗଲା। ଏହା ସତ୍ୟ ଯେ, ସମୟକୁ ସତ୍ ବିନିଯୋଗ କରୁଥିବା ମଣିଷ କେବେହେଲେ ଶ୍ରୀହୀନ ହୁଏନା।

ମନେପଡ଼େ କାହାଣୀଟିଏ - ଗୋଟିଏ ପୋଖରୀରେ ତିନୋଟି ବଡ଼ ମାଛ ଥିଲେ। ଗୋଟିଏ ଅନାଗତବିଧାତା ଅର୍ଥାତ୍ ଆଗୁଆ ହୁସିଆର, ଦ୍ୱିତୀୟଟି ପ୍ରତ୍ୟୁତ୍ପନ୍ନମତି ଅର୍ଥାତ୍ ଉପସ୍ଥିତ ବୁଦ୍ଧିସମ୍ପନ୍ନ ଓ ତୃତୀୟଟି ଦୀର୍ଘସୂତ୍ରୀ ଅର୍ଥାତ୍ ଅଳସୁଆ। ଲୋକମାନେ ପୋଖରୀରୁ ମାଛଧରିବେ ବୋଲି ଜାଣି ଅନାଗତବିଧାତା ଗଳାବାଟ ଦେଇ ଖସିଗଲା, ପ୍ରତ୍ୟୁତ୍ପନ୍ନମତି ମଧ୍ୟ ବୁଦ୍ଧିବଳରେ ଖସିଗଲା କିନ୍ତୁ ବିଚରା ଦୀର୍ଘସୂତ୍ରୀ ସମୟର ଅପବ୍ୟବହାର ଯୋଗୁ ଜାଲରେ ପଡ଼ିଲା। ଏହି କାହାଣୀ ଆମ ଜୀବନକୁ ଟିକେ ବଦଳାଇ ପାରନ୍ତାନି?

**ଅଧ୍ୟାପକ
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ମୋ: ୯୪୩୭୧୧୩୧୬୨**

## ଏଇ ଭାରତରେ

ଜୀବନର ପଥ ପରିବର୍ତ୍ତନଶୀଳ। ଏହା ମହାରାଷ୍ଟ୍ରର ବୈଶାଳୀ ପାଟିଲଙ୍କ ଜୀବନରେ ଘଟିଛି। ଗୃହିଣୀରୁ ଜଣେ ସଫଳ କୃଷକ ହୋଇପାରିଛନ୍ତି। ଜଲଗାଁଓ ଜିଲାର ରଭେର ତହସିଲରେ ସେ ଏବେ ଜଣେ ସଫଳ ମହିଳା ଚାଷୀ ଭାବେ ପରିଚିତ। ସବୁଠୁ ବଡ଼କଥା ହେଉଛି, ବୈଶାଳୀ ପୁରାତନ କିସମର ଖପ୍‌ଲି ଗହମ ଚାଷକରି ରୋଜଗାରକ୍ଷମ ହେବା ସହ ଏହି ଚାଷକୁ ବ୍ୟାପକ କରି ଅନେକ କୃଷକଙ୍କୁ ସଶକ୍ତ କରିଛନ୍ତି। ସେ ଖପ୍‌ଲି ଗହମ ବିହନ ପାଇଁ ପ୍ରଥମ ସିଡ୍ ଡିଲର ଲାଇସେନ୍ସଧାରୀ ହୋଇପାରିଛନ୍ତି। ଖପ୍‌ଲି ଗହମ ବିଶେଷକରି ଫାଇବର(ତନ୍ତୁ) ଓ ଆଣ୍ଟି ଅକ୍ସିଡାଣ୍ଟରେ ଭରପୂର। ବୈଶାଳୀଙ୍କ ପରିବାର କଦଳୀ, ବାଦାମ, ନଡ଼ିଆ ଓ ଡାଲିଜାତୀୟ ଚାଷ କରୁଥିଲେ ମଧ୍ୟ ସେ ୨୦୧୮ରେ ୨ ଏକରରେ ଏହି ଖପ୍‌ଲି ଗହମ ଚାଷ ଆରମ୍ଭ କରି ଅଧିକ ଅମଳ କରିପାରିଥିଲେ। ଅଧିକ ଅମଳ ଓ ଏହାର ପୌଷ୍ଟିକ ଗୁଣ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କୃଷକମାନେ ଜାଣିବା ପରେ ସେମାନେ ଏହି ଚାଷ ପ୍ରତି ଆଗ୍ରହୀ ହୋଇଥିଲେ। ବୈଶାଳୀ ସେମାନଙ୍କୁ ବିହନ ଯୋଗାଇଦେବା ଯୋଗୁ ଏବେ ୧,୫୦୦ ଏକରରେ ଏହି ଗହମ ଚାଷ ହୋଇପାରିଛି।

## ଚିରନ୍ତନୀ

ଉଚ୍ଛୁଳିଲା ଗୀତ ବରଷା ବାଆର ପୁଲକେ
ଥରି ଥରି
ବଜ୍ର ବିଜୁଳି ଦୂର ଗଗନର ମୁଲକେ
ଗଲା ମରି ।

-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | | 9 | |
| 4 | 9 | | | | | 7 | 3 | |
| | | | 6 | | 4 | | | |
| | | | | 1 | 2 | 5 | | |
| | 5 | 6 | | | | | 1 | |
| | 7 | | | | | | | |
| | | | 8 | | | | | |
| 3 | | 2 | | | 6 | | | |
| | | 8 | | 2 | 7 | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 1 | 2 | 4 | 6 | 9 | 8 | 3 |
| 3 | 4 | 9 | 1 | 8 | 5 | 2 | 7 | 6 |
| 8 | 6 | 2 | 9 | 7 | 3 | 1 | 5 | 4 |
| 4 | 8 | 5 | 6 | 2 | 1 | 7 | 3 | 9 |
| 2 | 7 | 3 | 4 | 5 | 9 | 6 | 1 | 8 |
| 9 | 1 | 6 | 7 | 3 | 8 | 4 | 2 | 5 |
| 5 | 9 | 4 | 8 | 1 | 7 | 3 | 6 | 2 |
| 6 | 3 | 7 | 5 | 9 | 2 | 8 | 4 | 1 |
| 1 | 2 | 8 | 3 | 6 | 4 | 5 | 9 | 7 |

ଗତ ସଂସ୍କରଣର ଉତ୍ତର

# ଧାନ ଭଗ୍ନକାରୀ ନୀତି ବନାମ ଉତ୍ତରଦାୟିତ୍ୱ



ଡ.ବିମଳ ଷଡ଼ଙ୍ଗୀ

ନିଜର ଦୋଷଦୁର୍ବଳତା ତଥା ଅପାରଗତା ଲୁଚାଇବାକୁ ଚେଷ୍ଟା କରି ଅନେକ ବ୍ୟକ୍ତି ଅନ୍ୟ ଉପରେ ଦୋଷ ଲଦିଦେଇ ଅନ୍ୟର ଉପକାର ନିମିତ୍ତ କୃତଜ୍ଞତା ବଦଳରେ କୃତଘ୍ନ ରୂପେ କୁତ୍ସାରଟନା କରି କେବଳ ନିଜର ଶ୍ରେଷ୍ଠ ଜାହିରକରି ଆତ୍ମସନ୍ତୋଷ ଲାଭ କରନ୍ତି। ଏହିପରି ଅବସ୍ଥା ଆଜି ଅନେକ ବ୍ୟକ୍ତିଙ୍କ ଚରିତ୍ରରେ ପ୍ରସ୍ଫୁଟିତ ହେଉଛି। ଠିକ ସେହିପରି ଅବସ୍ଥା ଆମ ଦେଶର ଶାସନତନ୍ତ୍ରରେ ଦେଖିବାକୁ ମିଳୁଛି। ଦୀର୍ଘ ଏକହଜାର ବର୍ଷଧରି ଭାରତ ମୋଗଲ ଓ ଇଂରେଜ ଆଦି ବିଦେଶୀଙ୍କ ଦାରା ଶାସିତ ଓ ଶୋଷିତ ହେବାପରେ ସାଧୀନତା ଲାଭ କରିଥିଲା। ସେହି ସମୟରେ ଦେଶର ସାମାଜିକ, ଆର୍ଥିକ ଓ ରାଜନୈତିକ ସ୍ଥିତି ନୈରାଶ୍ୟଜନକ ଥିଲା। ଗୋଟେ ପଟେ ପାକିସ୍ତାନ,ଚାଇନା ମିଳିମିଶି ବିଭିନ୍ନ ରୂପରେ ଭାରତ ସହ ଶତ୍ରୁତା ଆଚରଣ କରୁଥିଲେ, ଅନ୍ୟପଟେ ଭାରତ ନିଜର ଅବିକଶିତ ପ୍ରାଥମିକ ସଂରଚନା ଓ ସାମାଜିକ ବିଭେଦ ସହିତ, ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଭିତ୍ତିଭୂମି ନିର୍ମାଣ ଆଦିର ଆବଶ୍ୟକତାକୁ ନେଇ ବିଭିନ୍ନ ଦେଶୀୟ ରାଜନୈତିକ ସଙ୍କଟ ଓ ସମସ୍ୟା ଭିତରେ ସଂଘର୍ଷ କରୁଥିଲା।

ସେହି ସମୟରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଜାତିକୁ ନୂଆ ପଥରେ ଆଗେଇ ନେଇଥିଲେ ; ଯେଉଁଥିପାଇଁ ତାଙ୍କୁ ଆଧୁନିକ ଭାରତର ନିର୍ମାତା ଭାବେ ଚିହ୍ନିତ କରାଯାଏ। ତାଙ୍କର ଅନେକ ନୀତି, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଓ ପ୍ରତିଷ୍ଠାନ ଗୁଡ଼ିକ ଆଜି ମଧ୍ୟ ଭାରତୀୟ ରାଜନୀତି ଓ ବିକାଶର ମୂଳଦୁଆ ଭାବେ ରହିଛି। ଜାତୀୟ ଉନ୍ନତି କ୍ଷେତ୍ରରେ ନେହେରୁଙ୍କ ସର୍ବୋତ୍ତମ ଅବଦାନ ହେଉଛି, ଭାରତର ଯୋଜନାମୂଳକ ଅର୍ଥନୀତିର ଶୁଭାରମ୍ଭ 'ପଞ୍ଚବାର୍ଷିକ ଯୋଜନା'। ବିଶେଷତଃ ଭାରି ଶିଳ୍ପ, ଇସ୍ପାତ କାରଖାନା, ଡ୍ୟାମ୍, କୃଷି ଗବେଷଣାକୁ ନେଇ ନେହେରୁଙ୍କ ଦୃଷ୍ଟିକୋଣ ଭାରତକୁ ବିଶ୍ୱର 'ଟେମ୍ପଲ୍ସ ଅଫ ମଡର୍ନ ଇଣ୍ଡିଆ' ଭାବେ ପରିଚିତ କରିଥିଲା। ଭିଲାଇ, ରାଉରକେଲା, ଦୁର୍ଗାପୁର ଇସ୍ପାତ କାରଖାନା, ପରମାଣୁ ଉର୍ଜା ଆୟୋଗ, ଡିଆରଡିଓ , ଆଇଆଇଟି ଆଦି ପ୍ରତିଷ୍ଠାନ ସ୍ଥାପନ ଓ କୃଷି କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିର ଆବଶ୍ୟକତାକୁ ଉପଲବ୍ଧି ଆଧୁନିକ ଭାରତୀୟ କୃଷିର ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ। ଶିକ୍ଷାରେ ବିଶେଷ ଗୁରୁତ୍ୱ ଦେଇ ନୂତନ ବୈଜ୍ଞାନିକ ଚିନ୍ତାଧାରାମୂଳକ ଦୃଷ୍ଟିକୋଣ, ରାଜନୀତିରେ ଧର୍ମନିରପେକ୍ଷତା, ସାମ୍ବିଧାନିକ ସଂସ୍ଥାଗୁଡ଼ିକର ସ୍ୱାଧୀନତା ଓ ଲୋକତାନ୍ତ୍ରିକ ଆଦର୍ଶକୁ ଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଅନ୍ତର୍ଜାତୀୟ ମଞ୍ଚରେ ନେହେରୁଙ୍କ ଭୂମିକା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଶୀତଳଯୁଦ୍ଧର ଦୁଇ ପ୍ରମୁଖ ଗୋଷ୍ଠୀ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏଟ୍ ୟୁନିୟନ ମଧ୍ୟରେ ଥିବା ତିକ୍ତତା ଭିତରେ ଭାରତକୁ ସ୍ୱାଧୀନ ଓ ନିରପେକ୍ଷ ରଖି ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନକୁ ରୂପ ଦେଇଥିଲେ। ମିଶର (ଇଜିପ୍ଟ)ର ପ୍ରସିଦ୍ଧ ନେତା ଗାମାଲ ଅବଦେଲ ନାସେର, ଯୁଗୋସ୍ଲାଭିଆର ତତ୍କାଳୀନ ରାଷ୍ଟ୍ରପତି ଜୋସିପ ବ୍ରଜ ଟିଟୋଓ, ଜବାହରଲାଲ ନେହେରୁ ଏହି ତିନିଜଣଙ୍କର ଐତିହାସିକ ଯୋଗସୂତ୍ରର ସମନ୍ୱୟରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଗଢ଼ି ଉଠିଥିଲା। ବିନା ଭୟରେ ବା ଚାପରେ ଏହା ତାଙ୍କର ଉପନିବେଶବାଦ ବିରୋଧରେ ଦୃଢ଼ ମତ ଏବଂ ଏସିଆ ଓ ଆଫ୍ରିକା ଏକତାର ପ୍ରଚେଷ୍ଟା ତଥା ବିଶ୍ୱଶାନ୍ତି ପାଇଁ ଦୃଢ ସଂକଳ୍ପ ଭାରତକୁ ବିଶ୍ୱ ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚାଇଥିଲା। ନେହେରୁଙ୍କ ରାଷ୍ଟ୍ର ପ୍ରଗତିଭିତ୍ତିକ ଦୃଷ୍ଟିକୋଣ ଓ ଅବଦାନ ଭାରତୀୟ ରାଷ୍ଟ୍ର ଗଠନରେ ଅସାଧାରଣ। ତାଙ୍କ ସ୍ୱପ୍ନର 'ବୈଜ୍ଞାନିକ ମନୋଭାବ' ଆଜି ମଧ୍ୟ ଭାରତର ବୈଜ୍ଞାନିକ, ଅର୍ଥନୈତିକ ଓ ରାଜନୈତିକ ଅଗ୍ରଗତିର ମୂଳ ସ୍ତମ୍ଭ ଭାବରେ ରହି ଆସିଛି।

ପ୍ରତ୍ୟେକ ମଣିଷର କିଛି ଭଲ ଓ କିଛି ମନ୍ଦ ଗୁଣ ରହିବା ସ୍ୱାଭାବିକ। ନେହେରୁଙ୍କର ବି ଥାଇପାରେ, ମାତ୍ର ସେ ତ ଅତୀତ। କୌଣସି ବ୍ୟକ୍ତିଙ୍କ ଅତୀତର ଭୁଲ୍ କାର୍ଯ୍ୟରୁ ଭବିଷ୍ୟତ ପିଢ଼ି ସୁଧାରକରି ସ୍ୱୟଂ ନୂଆ ଏବଂ ଦେଶହିତକର କାର୍ଯ୍ୟ କରିବାର ପ୍ରେରଣା ପାଏ, ମାତ୍ର ଅତୀତର ଭୁଲ୍ କାର୍ଯ୍ୟକୁ ସମାଲୋଚନା କରି ବର୍ତ୍ତମାନର କର୍ମରୁ ନିବୃତ୍ତ ରହିବା ଅତ୍ୟନ୍ତ ନିନ୍ଦନୀୟ। ପ୍ରାୟ ପଚାଶ ବର୍ଷ ତଳର ପ୍ରଧାନମନ୍ତ୍ରୀ ନେହେରୁଙ୍କ କାର୍ଯ୍ୟନେଇ ଦେଶରେ ଏବେ ଅନେକ ବିବାଦ ଦେଖିବାକୁ ମିଳୁଛି। ଆଜିର ଦେଶର ପରିସ୍ଥିତି ପାଇଁ ତାଙ୍କର କାର୍ଯ୍ୟକୁ ଦାୟୀ କରାଯାଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା କରାଯାଉଛି। ଯଦି ବର୍ତ୍ତମାନର ଦୃଷ୍ଟିକୋଣରୁ ବିଚାର କରିବା ତେବେ ଦେଖିବା ଯେ, ନେହେରୁ କାର୍ଯ୍ୟ ଭାର ନେବାପରେ ଯଦି ତାଙ୍କ ପୂର୍ବପୁରୁଷଙ୍କ ଦସ୍ତାବିଜ ଉନ୍ମୋଚନକରି, ସେତେବେଳର ରାଜା ମହାରାଜାଙ୍କ ଅତ୍ୟାଚାର, ମୋଗଲଙ୍କ କ୍ରୁରଶାସନ ହେଉ ବା ଇଂରେଜଙ୍କ ଅପକର୍ମକୁ ତର୍ଜମା କରିଥାଆନ୍ତେ,ତେବେ ନିଜର ଦେଶ ପାଇଁ କରିଥିବା କୌଣସି କାର୍ଯ୍ୟ ଆଜି ହୁଏତ ଦୃଶ୍ୟମାନ ହୋଇ ନ ଥାନ୍ତା। ତେଣୁ ଆଜିର ସମୟ ଦେଶର ସଦ୍ୟତମ ସମସ୍ୟାକୁ ଚିହ୍ନଟ କରି ତା'ର ସମାଧାନ ବାଟ ପ୍ରସ୍ତୁତ କରିବା ସର୍ବାଦୌ ଗ୍ରହଣୀୟ ହେବା ଉଚିତ। ବର୍ତ୍ତମାନ ଦେଶର ସମ୍ବେଦନଶୀଳ ସମସ୍ୟାଗୁଡ଼ିକ ମଧ୍ୟରେ



ବେକାରି ସମସ୍ୟା, ମୂଲ୍ୟବୃଦ୍ଧି, କୃଷି ଓ କୃଷକ ସମସ୍ୟା, ପୋଷଣଯୁକ୍ତ ଖାଦ୍ୟର ସୁଲଭତା, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ରାଷ୍ଟ୍ରୀୟକରଣ, ପରିବେଶ ଆଦି ସମସ୍ୟା ଅତ୍ୟନ୍ତ ଗମ୍ଭୀର ରହିଥିଲେ ମଧ୍ୟ ନେହେରୁ ଓ ରାଜନୈତିକ ଧ୍ରୁବୀକରଣ ବା ବିଭେଦକରଣ ରାଜନୀତି ଆଦି ଉପରେ ଅଧିକ ଆଲୋଚନା ଅତ୍ୟନ୍ତ ପରିତାପର ବିଷୟ। ଆଜିର ଅନେକ ସମସ୍ୟାକୁ ନେହେରୁଙ୍କ 'ନୀତିଗତ ଭୁଲ୍'ବୋଲି ଦେଖାଇ ତାଙ୍କ ଉପରେ ଆଲୋଚନା କରି ଲୋକମାନଙ୍କ ବର୍ତ୍ତମାନର ସମସ୍ୟା ଲାଘବର ଦାୟିତ୍ୱକୁ ଅତୀତ ଉପରେ ଚାପିଦେବା ସହଜ ହୁଏ। ନେହେରୁ, ମନ୍ଦିର ଓ ଧର୍ମ ସମ୍ବନ୍ଧୀୟ ଚର୍ଚ୍ଚା ଲୋକଙ୍କ ଭାବପ୍ରବଣତା ସହିତ ଜଡ଼ିତ ହୋଇଥିବାରୁ ସେମାନଙ୍କୁ ଆକର୍ଷଣ କରିବା ସହଜହେବା ସହିତ ଭୋଟ ଧ୍ରୁବୀକରଣ ରାଜନୀତିକୁ ସହଜ କରିଥାଏ। ଏପରି ଭାବନାତ୍ମକ ବିଷୟକୁ ଗୁରୁତ୍ୱ ଦେଇ ଜନତାଙ୍କୁ ସେମାନଙ୍କ ଦୈନନ୍ଦିନ ଜଟିଳ ସମସ୍ୟା କିମ୍ବା ସ୍ୱାସ୍ଥ୍ୟ, ଶିକ୍ଷା ସମସ୍ୟା ପରି ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ଏଡାଇବାର ପ୍ରୟାସ ସହଜ ହୋଇଥାଏ ; ଯାହା ଅତ୍ୟନ୍ତ ମନ୍ଦ ପ୍ରୟାସ। ସମସ୍ୟାଗୁଡ଼ିକ ସମାଧାନ ପାଇଁ ସ୍ଥିରନୀତି, ତଥ୍ୟଭିତ୍ତିକ ଯୋଜନା ଓ ଦୀର୍ଘମିଆଦୀ ପ୍ରୟାସ ଆବଶ୍ୟକ। ନେହେରୁ କିମ୍ବା ସାମ୍ପ୍ରଦାୟିକ ଅପ୍ରାସଙ୍ଗିକ ଚର୍ଚ୍ଚାର ଭାଷଣ ଦ୍ୱାରା ଲୋକଙ୍କୁ ଭ୍ରମିତ କରିବା ଅତି ସହଜ ; ଯାହାକୁ କୁହାଯାଏ ଧାନ ଭଗ୍ନକାରୀ ନୀତି ଏବଂ ଯାହା ମାଧ୍ୟମରେ ବର୍ତ୍ତମାନର ସମସ୍ୟା ସମ୍ପର୍କିତ ପ୍ରଶ୍ନଗୁଡ଼ିକୁ ଏଡ଼ାଇ ଲୋକଙ୍କ ବିଦ୍ରୋହର ଧ୍ୟାନକୁ ଏଡ଼ାଇଦେବା ସହଜ ହୋଇଥାଏ। ତେବେ ଏକ ସୁସ୍ଥ ଲୋକତନ୍ତ୍ରରେ ଅତୀତର ଆଲୋଚନା ସହିତ ବର୍ତ୍ତମାନର ଉତ୍ତରଦାୟିତ୍ୱ ଓ ଭବିଷ୍ୟତର ଦୃଷ୍ଟିସମାନ ଗୁରୁତ୍ୱ ପାଇବା ଆବଶ୍ୟକ।

**ମୋ:୯୪୩୭୧୨୩୮୯୨**

## ପାଠକ ଶ୍ରେଷ୍ଠ ବିଚାରକ

### ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ହେଉ

ମହାଶୟ,

ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ରାଜ୍ୟରେ ବୃଦ୍ଧାବୃଦ୍ଧ ଏବଂ ବିଧବା ଏବଂ ଦିବ୍ୟାଙ୍ଗଙ୍କୁ ମାସିକ ଭତ୍ତା ଯୋଗାଇ ଦେଉଛନ୍ତି। ଏବେ ଅଶୀବର୍ଷ ପରେ ସାଢେ ତିନି ହଜାର ଟଙ୍କା ପାଉଛନ୍ତି। ଅତ୍ୟାବଶକୀୟ ସାମଗ୍ରୀ ଓ ଔଷଧର ମୂଲ୍ୟ ଯାହା ହେଲାଣି ସେଥିରେ ଜଣେ ବୃଦ୍ଧା କିମ୍ବା ବୃଦ୍ଧ ଚଳିବା କଷ୍ଟକର। ଏବେ ଅଶୀବର୍ଷ ବୟସ ସୀମା ତଳେ ଲୋକେ କମ୍ ଭତ୍ତା ପାଉଛନ୍ତି। ଏହା ସମୁଦ୍ରକୁ ଶଙ୍ଖେ ପରି। ଏହି ଭତ୍ତାରେ ଜଣେ ଚଳିବା କଷ୍ଟକର । ମହଙ୍ଗା ଦୃଷ୍ଟିରୁ ଭତ୍ତା ମଧ୍ୟ ବୃଦ୍ଧି ହେବାର ଆବଶ୍ୟକତା ରହିଛି। ସମସ୍ତଙ୍କୁ ସମାନ ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉ। ଏହା ହେଲେ କାହା ପ୍ରତି ପାତରଅନ୍ତର ହେବ ନାହିଁ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୬ Bhubaneswar, Friday, March 6/ 2026




ମୁମ୍ବାଇସ୍ଥିତ ୱାଙ୍ଖେଡେ ଷ୍ଟାଡିୟମରେ ଗୁରୁବାର ଇଂଲଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ସେମିଫାଇନାଲରେ ୯୭ରନ ପାର୍ଟନରଶିପ୍ ଅବସରରେ ଭାରତୀୟ ବ୍ୟାଟର ସଞ୍ଜୁ ସାମସନ ଓ ଇଶାନ କିଶନ। ଖେଳାଳିମାନଙ୍କୁ ଉତ୍ସାହିତ କରୁଛନ୍ତି ବଲିଉଡ ଅଭିନେତା ଅନିଲ କାପୁର, ବରୁଣ ଧାୱନ (ବାମ) ଏବଂ ରିଲାଏନ୍ସ ଫାଉଣ୍ଡେଶନ ଚେୟାରପର୍ସନ ନୀତା ଅମ୍ବାନୀ (ଡାହାଣ)

# ନ୍ୟୁଜିଲାଣ୍ଡକୁ ଜିତାଇଲେ ଆଲେନ

**କୋଲକାତା,୫।୩**

ବଲରେ ନ୍ୟୁଜିଲାଣ୍ଡ ଏଠାରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଏକତରଫା ଭାବେ ୯ ଉଇକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୧୭୦ ରନର ଟାର୍ଗେଟକୁ ନ୍ୟୁଜିଲାଣ୍ଡ ମାତ୍ର ୧୨.୫ ଓଭରରେ ୧ ଉଇକେଟରେ ହାସଲ କରି ନେଇଥିଲା। ଟି୨୦ ବିଶ୍ୱକପ୍ ଇତିହାସରେ ଏହା ନ୍ୟୁଜିଲାଣ୍ଡ ପାଇଁ ଦ. ଆଫ୍ରିକା ବିପକ୍ଷରେ ପ୍ରଥମ ବିଜୟ। ଏହି ମ୍ୟାଚ୍ ଜରିଆରେ ଆଲେନ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଆରମ୍ଭରୁ କ୍ୱିଣ୍ଟନ ଡି କକ୍ (୧୦) ଓ ରିୟାନ ରିକଲଟନ (୦)ଙ୍କ ଉଇକେଟ ହରାଇଥିଲା। ଦୁହିଁଙ୍କୁ କୋଲ ମ୍ୟାକୋଞ୍ଚି ଲଗାତର ବଲରେ ଆଉଟ୍ କରିଥିଲେ। ଡେୱାଲ୍ଡ ବ୍ରେଭିସଙ୍କ ସହ ଅଧିନାୟକ ଏଡେନ ମାରକ୍ରମ ମିଶି ଦଳୀୟ ସ୍କୋରକୁ ୫୦ ଅତିକ୍ରମ କରାଇବା ପରେ ଦଳ କ୍ରମାଗତ ବ୍ୟବଧାନରେ ୩ ଉଇକେଟ ହରାଇଥିଲା। ମାରକ୍ରମ (୧୮), ବ୍ରେଭିସ (୩୪ ରନ, ୩ ଚୌକା ଓ ୨ ଛକା) ଓ ଡେଭିଡ୍ ମିଲର (୬) ପାଭିଲିଅନ ଫେରିଥିଲେ। ଦଳ ମାତ୍ର ୧୦.୨ ଓଭରରେ ୭୭ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଟ୍ରିଷ୍ଟାନ ଷ୍ଟବ୍ସ (୨୯ ରନ, ୨ ଚୌକା ଓ ୧ ଛକା) ଓ ମାର୍କୋ ଜାନସେନ ଷଷ୍ଠ ଉଇକେଟରେ ୭୩ ରନ ଯୋଡ଼ିଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଫିନ୍ ଆଲେନ।

ଷ୍ଟବ୍ସ ଆଉଟ୍ ହେବା ପରେ ଜାନସେନ ଏକାକୀ ଦଳୀୟ ସ୍କୋରକୁ ୧୬୯/୮ରେ ପହଞ୍ଚାଇଥିଲେ। ଜାନସେନ ୩୦ ବଲରେ ୫୫ (୨ ଚୌକା ଓ ୫ ଛକା) ରନ କରି ଅପରାଜିତ ଥିଲେ। ନ୍ୟୁଜିଲାଣ୍ଡ ପାଇଁ ମ୍ୟାଟ୍ ହେନରୀ, ମ୍ୟାକୋଞ୍ଚି ଓ ରାଚିନ ରବୀନ୍ଦ୍ର ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଟିମ ସିଫର୍ଟ ଓ ଆଲେନ ନ୍ୟୁଜିଲାଣ୍ଡକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ଦକ୍ଷିଣ ଆଫ୍ରିକାର କୌଣସି ବୋଲରଙ୍କୁ ଛାଡ଼ି ନ ଥିଲେ। ପାୱରପ୍ଲେରେ ୮୪ ରନ କରି ନେଇଥିଲେ। ଉଭୟ ବ୍ୟାଟର ୯.୧ ଓଭରରେ ପ୍ରଥମ ଉଇକେଟରେ ୧୧୭ ରନର ଭାଗୀଦାରି କରି ଦଳର ବିଜୟ ନିଶ୍ଚିତ କରିଥିଲେ। ସିଫର୍ଟ ୩୩ ବଲରେ ୭ ଚୌକା ଓ ୨ ଛକା ବଳରେ ୫୮ ରନ କରିବା ପରେ କାଗିସୋ ରାବାଡାଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଏହାପରେ ରାଚିନ (୧୩ ରନ, ୨ ଚୌକା)ଙ୍କ ସହ ମିଶି ଆଲେନ ଦଳକୁ ଜିତାଇଥିଲେ। ଆଲେନ ୩୩ ବଲରେ ୧୦ ଚୌକା ଓ ୮ ଛକା ବଳରେ ୧୦୦ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୧୬୯/୮(ମାର୍କୋ ଜାନସେନ-୫୫*, ଡେୱାଲ୍ଡ ବ୍ରେଭିସ-୩୪, ଟ୍ରିଷ୍ଟାନ ଷ୍ଟବ୍ସ-୨୯ ; କୋଲ ମ୍ୟାକୋଞ୍ଚି-୨/୯, ରାଚିନ ରବୀନ୍ଦ୍ର-୨/୨୯)। ନ୍ୟୁଜିଲାଣ୍ଡ: ୧୨.୫ ଓଭରରେ ୧୭୩/୧(ଫିଲ ଆଲେନ-୧୦୦*, ଟିମ ସିଫର୍ଟ-୫୮ ; କାଗିସୋ ରାବାଡା-୨୮/୧)।

## ଭାରତ-ଇଂଲଣ୍ଡ ସେମିଫାଇନାଲ ସ୍କୋର ବୋର୍ଡ

**ଭାରତ ଇନିଂସ**

ସଞ୍ଜୁ ସାମ୍ସନ-କ-ଫିଲ୍ ସଲ୍ଟ-ବୋ-ୱିଲ ଜ୍ୟାକ୍ସ-୮୯
ଅଭିଷେକ ଶର୍ମା-କ-ଫିଲ୍ ସଲ୍ଟ-ବୋ-ୱିଲ୍ ଜ୍ୟାକ୍ସ-୯
ଇଶାନ କିଶନ-କ- ୱିଲ୍ ଜ୍ୟାକ୍ସ-ବୋ-ଆଦିଲ ରଶିଦ-୩୯
ଶିବମ ଦୁବେ-ରନ ଆଉଟ-୨୩
ସୂର୍ଯ୍ୟକୁମାର ଯାଦବ-ଷ୍ଟମ୍ପ-ବଟଲର-ବୋ-ଆଦିଲ ରଶିଦ-୧୧
ହାର୍ଦ୍ଦିକ ପାଣ୍ଡ୍ୟା-ରନଆଉଟ-୨୭
ତିଳକ ବର୍ମା-ବୋ-ଜୋଫ୍ରା ଆର୍ଚର-୨୧
ଅକ୍ଷର ପଟେଲ-ନଟ ଆଉଟ-୨
ବରୁଣ ଚକ୍ରବର୍ତ୍ତୀ-ନଟ ଆଉଟ-୦
**ଅତିରିକ୍ତ:**-୧୨
**ମୋଟ :** (୨୦ ଓଭର/୭ଉଇକେଟ) ୨୫୩।
**ଉଇକେଟ ପତନ:** ୧/୨୦, ୨/୧୧୭, ୩/୧୬୦, ୪/୧୯୦, ୫/୨୧୨, ୬/୨୩୬, ୭/୨୫୧।

**ବୋଲିଂ (ଇଂଲଣ୍ଡ)**

ଜୋଫ୍ରା ଆର୍ଚର ୪-୦-୬୧-୧
ୱିଲ୍ ଜ୍ୟାକ୍ସ ୪-୦-୪୦-୨
ଜେମି ଓଭରଟନ ୩-୦-୩୬-୦
ସାମ କୁରାନ ୪-୦-୫୩-୦
ଆଦିଲ ରଶିଦ ୪-୦-୪୧-୨
ଲିଆମ ଡସନ ୧-୦-୧୯-୦।

**ଇଂଲଣ୍ଡ ଇନିଂସ**

ଫିଲିପ୍ ସଲ୍ଟ-କ-ଅକ୍ଷର ପଟେଲ-ବୋ-ହାର୍ଦ୍ଦିକ-୫
ଜୋସ ବଟଲର-ବୋ-ବରୁଣ ଚକ୍ରବର୍ତ୍ତୀ-୨୫
ହ୍ୟାରୀ ବ୍ରୁକ୍-କ-ଅକ୍ଷର-ବୋ-ବୁମ୍ରା-୭
ଜାକବ ବେଥେଲ-ରନ ଆଉଟ-୧୦୫
ଟମ୍ ବାଣ୍ଟନ-ବୋ-ଅକ୍ଷର-୧୭
ୱିଲ୍ ଜ୍ୟାକ୍ସ-କ-ଦୁବେ-ବୋ-ଅର୍ଶଦୀପ-୩୫
ସାମ୍ କୁରାନ-କ-ତିଲକ ବର୍ମା-ବୋ-ପାଣ୍ଡ୍ୟା-୧୮
ଜେମି ଓଭରଟନ-ନଟ ଆଉଟ-୨
ଜୋଫ୍ରା ଆର୍ଚର-ନଟଆଉଟ-୧୯
ଅତିରିକ୍ତ:୧୩
ମୋଟ : (୨୦ ଓଭର/୭ଉଇକେଟ) ୨୪୬।
ଉଇକେଟ ପତନ: ୧/୧୩, ୨/୩୮, ୩/୬୪, ୪/୯୫, ୫/୧୭୨, ୬/୨୨୨, ୭/୨୨୫।

**ବୋଲିଂ (ଭାରତ)**

ଅର୍ଶଦୀପ ସିଂ ୪-୦-୫୧-୧
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୩୮-୨
ଯଶପ୍ରୀତ ବୁମ୍ରା ୪-୦-୩୩-୧
ବରୁଣ ଚକ୍ରବର୍ତ୍ତୀ ୪-୦-୬୪-୧
ଅକ୍ଷର ପଟେଲ ୩-୦-୩୫-୧
ଶିବମ ଦୁବେ ୧-୦-୨୨-୦।

## ଓଡ଼ିଶାର ଦ୍ୱିତୀୟ ପରାଜୟ

**କଟକ,୫।୩(କୁମାରଶ୍ରୀ)**

**୨୩ବର୍ଷରୁ କମ୍ ମହିଳା ଏକଦିବସୀୟ**

୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି। ପ୍ରଥମ ଲିଗ୍‌ରେ ଉତରପ୍ରଦେଶ ଠାରୁ ପରାଜୟ ପରେ ଗୁରୁବାର ମ୍ୟାଚ୍‌ରେ ଦଳ ୫ ଉଇକେଟରେ ଉତରାଖଣ୍ଡ ଠାରୁ ହାରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫ ଉଇକେଟ ବିନିମୟରେ ୨୪୬ରନ ସଂଗ୍ରହ କରିଥିଲା। ଅଧିନାୟିକା ଅଲିପ୍ସା ବିଶ୍ୱାଳ ସର୍ବାଧିକ ୭୫ରନ କରିଥିଲେ। ଜିଏମ ଅଲକାନନ୍ଦ ୪୪ରନର ଅପରାଜିତ ପାଳି ଖେଳିଥିଲେ। ଉଇକେଟ କିପର ନନ୍ଦିନୀ କଶ୍ୟପଙ୍କ ଅପରାଜିତ ୧୨୦ରନର ଶତକୀୟ ପାଳି ସହାୟତାରେ ଉତରାଖଣ୍ଡ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ୭ ତାରିଖରେ ଗୁଜରାଟ ବିପକ୍ଷରେ ଓଡ଼ିଶା ୩ୟ ଲିଗ୍ ମ୍ୟାଚ୍ ଖେଳିବ।

## ମହିଳା ହୋଟେଲ ଷ୍ଟାଫ୍‌ଙ୍କ ସହ ପାକିସ୍ତାନୀ ଖେଳାଳିଙ୍କ ଦୁର୍ବ୍ୟବହାର

**କଲମ୍ବୋ,୫।୩**

ଚଳିତ ଟି୨୦ ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ପାକିସ୍ତାନ ଦଳ ସହ ଜଡ଼ିତ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଶ୍ରୀଲଙ୍କାର କାଣ୍ଡିଠାରେ ପାକିସ୍ତାନ ଦଳ ରହୁଥିବା ବେଳେ ଜଣେ ଖେଳାଳି ହୋଟେଲର ଜଣେ ମହିଳା ଷ୍ଟାଫଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣା ଲାଗି ଉକ୍ତ ଖେଳାଳିଙ୍କୁ ଟିମ୍ ମ୍ୟାନେଜରଙ୍କ ଦ୍ୱାରା ଜରିମାନା ମଧ୍ୟ କରାଯାଇଥିଲା। ଏହି ଘଟଣା ପାକିସ୍ତାନର ଅନ୍ତିମ ସୁପର-୮ ମ୍ୟାଚ୍ ପୂର୍ବରୁ ଘଟିଥିଲା। ଏକ ରିପୋର୍ଟ ମୁତାବକ, ଶ୍ରୀଲଙ୍କା ବିପକ୍ଷରେ ପାକିସ୍ତାନର ଅନ୍ତିମ ସୁପର-୮ ମ୍ୟାଚ୍ ପୂର୍ବରୁ ଦଳର ଜଣେ ଖେଳାଳି ମହିଳା ହାଉସ କିପିଂ ଷ୍ଟାଫ୍‌ଙ୍କ ସହ ଅଭଦ୍ରାମି କରିଥିଲେ। ଉକ୍ତ ମହିଳା ଷ୍ଟାଫ ଚିତ୍କାର କରି ସାହାଯ୍ୟ ମାଗିଥିଲେ। ତାଙ୍କ ଚିତ୍କାର ଶୁଣିବା ପରେ ଅନ୍ୟ ହୋଟେଲ ଷ୍ଟାଫ ତାଙ୍କୁ ଉଦ୍ଧାର କରିବା ପରେ ଏ ସମ୍ପର୍କରେ ପାକିସ୍ତାନ ଦଳର ମ୍ୟାନେଜର ନାଭେଦ ଚିମାଙ୍କୁ ରିପୋର୍ଟ କରିଥିଲେ।

## ବିବାହ ବନ୍ଧନରେ ଅର୍ଜୁନ-ସାନିୟା



ଅର୍ଜୁନ ତେନ୍ଦୁଲକର ଓ ସାନିୟା ଚାନ୍ଧୋକ।

**ମୁମ୍ବାଇ,୫।୩(ପି.ଟି.)**

କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ତଥା କ୍ରିକେଟର ଅର୍ଜୁନ ତେନ୍ଦୁଲକର ଗୁରୁବାର ଉଦ୍ୟୋଗୀ ସାନିୟା ଚାନ୍ଧୋକଙ୍କୁ ବିବାହ କରିଛନ୍ତି। ୧୯ ବର୍ଷରୁ କମ୍ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିଥିବା ଅର୍ଜୁନ ଏବେ ଗୋଆ ପାଇଁ ଘରୋଇ କ୍ରିକେଟ ଖେଳୁଛନ୍ତି। ସାନିୟା ହେଉଛନ୍ତି ଉଦ୍ୟୋଗପତି ରବି ଘାଇଙ୍କ ନାତୁଣୀ। ଦି ସେଣ୍ଟ ରେଜିସରେ ଆୟୋଜିତ ଭବ୍ୟ ବିବାହ କାର୍ଯ୍ୟକ୍ରମରେ ଦେଶର କ୍ରୀଡ଼ା, ବଲିଉଡ୍ ଓ ରାଜନୀତି ଜଗତ ସହ ଜଡ଼ିତ ଅନେକ ହାଇପ୍ରୋଫାଇଲ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏହି ତାଲିକାରେ ଆଇସିସି ମୁଖ୍ୟ ଜୟ ଶାହା, ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର, ଭାରତର ପୂର୍ବତନ ଅଧିନାୟକ ତଥା କୋଚ୍ ରାହୁଲ ଦ୍ରାବିଡ୍, ରବି ଶାସ୍ତ୍ରୀ, ବ୍ୟାଟିଂ ଆଇକନ ସୁନୀଲ ଗାଭାସ୍କର, ପୂର୍ବତନ କ୍ରିକେଟର ହରଭଜନ ସିଂ, ଭେଙ୍କଟେଶ ପ୍ରସାଦ, ଯୁବରାଜ ସିଂ, ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ଭାଷ୍ୟକାର ହର୍ଷା ଭୋଗଲେ, ଭାରତୀୟ ଦଳର ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର, ଚୟନକର୍ତ୍ତା ପ୍ରଜ୍ଞାନ ଓଝା, ସୁରେଶ ରାଇନା, ଜାହିର ଖାନ୍, ଆଶିଷ ନେହେରା, ମହମ୍ମଦ କୈଫ, ପୀୟୂଷ ଚାୱଲା, ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା, ପୂର୍ବତନ କ୍ରିକେଟର ତଥା ଟିଏମ୍‌ସି ଏମ୍‌ପି ୟୁସୁଫ ପଠାନ ଯୋଗ ଦେଇଥିଲେ। ସେହିଭଳି ବଲିଉଡ୍ ଲିଜେଣ୍ଡ ଅମିତାଭ ବଚ୍ଚନ, ତାଙ୍କ ପତ୍ନୀ ଜୟା, ପୁଅ ଅଭିଷେକ ଓ ପତ୍ନୀ ଐଶ୍ୱର୍ଯ୍ୟା, ଶାହାରୁଖ ଖାନ୍ ଓ ତାଙ୍କ ପରିବାର, ଆମିର ଖାନ୍, ଆଶା ଭୋଁସଲେ, ସୋନୁ ନିଗମ ପ୍ରମୁଖ ଉପସ୍ଥିତ ଥିଲେ। ମୁକେଶ ଅମ୍ବାନୀ ଓ ତାଙ୍କ ସ୍ତ୍ରୀ ନୀତା, ପୁଅ ଆକାଶ ଓ ତାଙ୍କ ସ୍ତ୍ରୀ ଶ୍ଳୋକା ଅମ୍ବାନୀ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ, ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକରେଙ୍କ ଭଳି ରାଜ୍ୟ ଓ ଜାତୀୟ ସ୍ତରର ପ୍ରମୁଖ ରାଜନେତା ଯୋଗ ଦେଇଥିଲେ।

## ଭାରତୀୟ ଦଳରେ ପାୟଲ ନାଗ୍



ପାୟଲ ନାଗ୍

**କଟକ,୫।୩(କୁମାରଶ୍ରୀ)**

ମାର୍ଚ୍ଚ ୨୯ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଥାଇଲ୍ୟାଣ୍ଡର ବ୍ୟାଙ୍କକ୍‌ଠାରେ ବିଶ୍ୱ ତୀରନ୍ଦାଜୀ ପାରା ସିରିଜ୍ ଖେଳାଯିବ। ଏଥି ନିମନ୍ତେ ଭାରତୀୟ ତୀରନ୍ଦାଜୀ ମହାସଂଘ ପକ୍ଷରୁ ଘୋଷିତ ଜାତୀୟ ଦଳରେ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ପାୟଲ ନାଗ୍ ସ୍ଥାନ ପାଇଛନ୍ତି। କମ୍ପାଉଣ୍ଡ ମହିଳା ଓପନ୍ ବର୍ଗରେ ପାୟଲ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଦିଲ୍ଲୀର ଯମୁନା ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଟ୍ରାଏଲ୍ସରେ ପାୟଲ ଉତ୍କୃଷ୍ଟ ପ୍ରଦର୍ଶନ କରି ଜାତୀୟ ଚୟନକର୍ତାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଡ଼ିଶା ତୀରନ୍ଦାଜୀ ସଂଘ ପକ୍ଷରୁ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ପାୟଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years

ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୬/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Friday, March 6/2026 Page 16 ₹ 7.00

୫୨ଶ ଭାଗ ୧୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 100 ମୂଲ୍ୟ₹୭/-

# ଭାରତ–ନ୍ୟୁଜିଲାଣ୍ଡ ଫାଇନାଲ

## ଟି୨୦ ବିଶ୍ୱକପ୍

- ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ
- ବେଥେଲଙ୍କ ଶତକ ସତ୍ତ୍ୱେ ଇଂଲଣ୍ଡ ପରାସ୍ତ

ମୁମ୍ବାଇ, ୫ା୩

ସଞ୍ଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ ଏବଂ ବୋଲରଙ୍କ ଉପଯୋଗୀ ଅବଦାନ ବଳରେ ଭାରତ ଗୁରୁବାର ଅନୁଷ୍ଠିତ ଟି୨୦ ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲରେ ଇଂଲଣ୍ଡକୁ ୭ ରନରେ ହରାଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ହାଇସ୍କୋରିଂ ବିଶିଷ୍ଟ ହୋଇଥିଲେ ହେଁ ଶେଷ ପର୍ଯ୍ୟନ୍ତ ରୋମାଞ୍ଚକ ରହିଥିଲା। ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୨୫୩ ରନ କରିଥିଲା। ଜବାବରେ ଜ୍ୟାକବ ବେଥେଲଙ୍କ ଧୂଆଁଧାର ଶତକ ସହାୟତାରେ ଇଂଲଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୨୪୬ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଭାରତ ଆସନ୍ତା ରବିବାର ଫାଇନାଲରେ ନ୍ୟୁଜିଲାଣ୍ଡକୁ ଭେଟିବ। ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ୯ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ୨୦୦୭ ଓ ୨୦୨୪ରେ ଚାମ୍ପିୟନ ଭାରତ ତୃତୀୟ ଟାଇଟଲ ଆଶାରେ ରହିବ। ଅନ୍ୟପକ୍ଷରେ ୨୦୨୧ରେ ରନରଅପ୍ ନ୍ୟୁଜିଲାଣ୍ଡ ଏଥର ପ୍ରଥମଥର ଟାଇଟଲ ଜିତିବାକୁ ଉଦ୍ୟମ କରିବ। ୨୦୧୦ ଓ ୨୦୨୨ ଚାମ୍ପିୟନ ଇଂଲଣ୍ଡର ଅଭିଯାନ ଏଥର ସେମିଫାଇନାଲରୁ ଶେଷ ହୋଇଛି।

ନକ୍‌ଆଉଟରେ ରେକର୍ଡ ରନ୍‌ଚେଜ୍‌ର ସମ୍ମୁଖୀନ ହୋଇଥିବା ଇଂଲଣ୍ଡ ମାତ୍ର ୩୮ ରନ ମଧ୍ୟରେ ଫିଲ୍ ସଲ୍ଟ (୫) ଓ ଅଧିନାୟକ ହ୍ୟାରି ବ୍ରୁକ୍ସ (୭)ଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଆବଶ୍ୟକ ରନହାର ବଢ଼ି ଚାଲିଥିବାବେଳେ ପୂରା ଟୁର୍ନାମେଣ୍ଟରେ ☞ପୃଷ୍ଠା–୩



ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଗୁରୁବାର ସର୍ଟ ଖେଳିବା ଅବସରରେ ସଞ୍ଜୁ ସାମ୍‌ସନ୍।

# କୋର୍ଟ ସମ୍ମୁଖରେ ଯୁବକଙ୍କୁ ହତ୍ୟା

**କୋର୍ଟରେ ମାମଲାର ତାରିଖ ଥିଲା। ହାଜର ହେବା ପାଇଁ ଯାଇଥିଲେ। ହେଲେ ଅଦାଲତ ସମ୍ମୁଖରେ ତାଙ୍କୁ ଗୋଡ଼େଇ ଟାଙ୍ଗିଆରେ ହାଣି ହତ୍ୟା କରାଗଲା। ଘଟଣାଟି ଗଞ୍ଜାମ ଜିଲା ଭଞ୍ଜନଗର ଜେଏମ୍‌ଏଫ୍‌ସି କୋର୍ଟ ସମ୍ମୁଖରେ ଗୁରୁବାର ଘଟିଛି। ମୃତକ ହେଲେ ବୁଡୁଲି ଗ୍ରାମର ଅଶୋକ ସ୍ୱାଇଁ(୪୫)। ଅଭିଯୁକ୍ତ ଡିହପଡ଼ାଲ ଗ୍ରମର ଦିଲୀପ ଜେନା(୫୦)ଙ୍କୁ ସ୍ଥାନୀୟ ଲୋକମାନେ କାବୁ କରି ପୋଲିସ ଜିମା ଦେଇଥିଲେ। ପୂର୍ବ ଶତ୍ରୁତାକୁ ନେଇ ଅଶୋକଙ୍କୁ ହତ୍ୟା କରାଯାଇଥିବା କୁହାଯାଉଥିବାବେଳେ ଭଞ୍ଜନଗର ପୋଲିସ ଏକ ହତ୍ୟା ମାମଲା (ନଂ.୧୮୫/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।**

ଭଞ୍ଜନଗର,୫ା୩(ବାବୁଲା ପ୍ରଧାନ)

କିଛିବର୍ଷ ତଳେ ଅଶୋକ ଅଭିଯୁକ୍ତ ଦିଲୀପଙ୍କ ସ୍ତ୍ରୀ ଗାୟତ୍ରୀ ଜେନାଙ୍କ ଠାରୁ କିଛି ଅଳଙ୍କାର ଓ ଟଙ୍କା ଧାର ନେଇଥିଲେ। ଏବେ ଦିଲୀପଙ୍କ ଝିଅ ବାହାଘର। ତେଣୁ ଦିଲ୍ଲୀପ ଉକ୍ତ ଅଳଙ୍କାର ଓ ଟଙ୍କା ଫେରାଇବାକୁ ଅଶୋକଙ୍କୁ କହିଥିଲେ। କିନ୍ତୁ ଅଶୋକ ଫେରାଇ ନ ଥିଲେ, ଯାହାକୁ ନେଇ ଅଶୋକ ଓ ଦିଲୀପଙ୍କ ମଧ୍ୟରେ ବିଭିନ୍ନ ସମୟରେ ବିବାଦ ଦେଖା ଦେଇଥିଲା। ଆହୁରି ମଧ୍ୟ ୨୦୨୪ ଅଗଷ୍ଟରେ ଗାୟତ୍ରୀ ଭଞ୍ଜନଗର ଥାନାରେ ହାଜର ହୋଇ ଅଶୋକ ତାଙ୍କୁ ଅସଦ୍‌ବ୍ୟବହାର କରିଥିବା ନେଇ ଅଭିଯୋଗ କରିଥିଲେ। ପୋଲିସ ଉକ୍ତ ଅଭିଯୋଗ ଆଧାରରେ ଏକ ମାମଲା(ନଂ.୭୭୦/୨୦୨୪) ରୁଜୁ କରି ଅଶୋକଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଥିଲା। ଅଶୋକ ପ୍ରାୟ ୬ ମାସ ଜେଲରେ ବନ୍ଦୀ ରହିବା ପରେ ଜାମିନରେ ଆସିଥିଲେ। ଗୁରୁବାର ଉକ୍ତ ମମାଲାର ତାରିଖ ଥିଲା। ତେଣୁ ଅଶୋକ କୋର୍ଟରେ ହାଜର ହେବାପାଇଁ ତାଙ୍କର ଜଣେ ସାଙ୍ଗର ବାଇକ୍ ଯୋଗେ ଆସିଥିଲେ। ଏହି ସମୟରେ ପୂର୍ବରୁ କୋର୍ଟ ସମ୍ମୁଖରେ ଛପି ରହିଥିବା ଦିଲୀପ ଏକ ଟାଙ୍ଗିଆରେ ଅଶୋକଙ୍କୁ ପଛ ଆଡୁ ଦୌଡ଼ି ଆସି ଗୋଟେ ଚୋଟ ପକାଇଥିଲେ। ଏହାପରେ ଅଶୋକ ବାଇକ୍‌ରୁ ଓହ୍ଲାଇ ଦୌଡ଼ି ପଳାଇବାକୁ ଚେଷ୍ଟା କରିବା ସମୟରେ ତାଙ୍କୁ ଦିଲୀପ ଗୋଡ଼େଇ ହାଣିଥିଲେ। ଏହାପରେ ସେଠାରେ ଉପସ୍ଥିତ ଲୋକେ ଦିଲୀପଙ୍କୁ କାବୁ କରି ପୋଲିସକୁ ଜିମା ଦେଇଥିଲେ। ଏଥିସହ ଲୋକେ ଅଶୋକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଶୋକ ମୃତ୍ୟୁବରଣ କରିଥିଲେ। ରାତି ପ୍ରାୟ ୭ଟା ୩୦ ମିନିଟରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଅଶୋକ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ଅଶୋକଙ୍କ ସ୍ତ୍ରୀ ଜ୍ୟୋତି ସ୍ୱାଇଁଙ୍କ ଏତଲାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତ ଦିଲୀପଙ୍କୁ ପୋଲିସ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷେ ଅଶୋକଙ୍କ ମା' ଗଣମାଧ୍ୟମ ଆଗରେ କହିଛନ୍ତି, ତାଙ୍କ ☞ପୃଷ୍ଠା–୩




## ମଦ ପିଇବାକୁ ଟଙ୍କା ନ ଦେବାରୁ...

# ରାସ୍ତାରେ ସ୍ତ୍ରୀଙ୍କୁ ଛୁରି ଭୁସି ହତ୍ୟା

■ ରୋଷେଇ ସମୟରେ ଯୁକ୍ତିତର୍କରୁ ହୋଇଥିଲା ଝଗଡ଼ା

■ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର,୫।୩(ତ୍ରିନାଥ ମହାନ୍ତି)

ରସୁଲଗଡ଼ ଜିଜିପି ହାଇସ୍କୁଲ ପଡ଼ିଆରେ ମଦ୍ୟପାନ ବେଳେ ଗଣ୍ଡଗୋଳରୁ ଜଣେ ଯୁବ୍ୟୁବରଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ଏବେ ଭରତପୁର ଥାନା ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିରେ ମଦ ପାଇଁ ପୁଣି ଆଉ ଏକ ହତ୍ୟାକାଣ୍ଡ ଘଟିଛି। ମଦ ପିଇବାକୁ ଟଙ୍କା ନ ଦେବାରୁ ସ୍ତ୍ରୀ ପେଟରେ ଛୁରି ଭୁସି ହତ୍ୟା କରିଛନ୍ତି ସ୍ୱାମୀ। ମଙ୍ଗଳବାର ରାତିରେ ଏହି ଘଟଣା ଘଟିଛି। ମୃତା ମହିଳା ହେଲେ ନୟାଗଡ଼ ଜିଲାର ସାବିତ୍ରୀ ମଲ୍ଲିକ। ପୋଲିସ ମୃତଦେହ ଜବତ କରିବା ପରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଭରତପୁର ଥାନା ପୋଲିସ ନଂ.୧୬୨/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ଗିରଫ କରିଛି।

ପୂର୍ଣ୍ଣଚନ୍ଦ୍ରଙ୍କ ଘର ନୟାଗଡ଼ ଜିଲା ଫତେଗଡ଼ ଅଞ୍ଚଳରେ ହୋଇଥିବାବେଳେ ସେ କିଛିବର୍ଷ ତଳେ ସ୍ତ୍ରୀ ସାବିତ୍ରୀଙ୍କ ସହ ଭୁବନେଶ୍ୱର ଆସି ଫୁଲେଶ୍ୱରୀ ବସ୍ତିରେ ରହୁଥିଲେ। ସାବିତ୍ରୀ ପର ଘରେ ବାସନ ମାଜିବା ସହ ରେଷ୍ଟୁରାଣ୍ଟରେ କାମ କରି ପରିବାର ଚଳାଉଥିଲେ। ପୂର୍ଣ୍ଣଚନ୍ଦ୍ର କୌଣସି କାମ କରୁ ନ ଥିବା ବେଳେ ସାବିତ୍ରୀଙ୍କଠାରୁ ଟଙ୍କା ନେଇ ମଦ ପିଉଥିଲେ। ମଙ୍ଗଳବାର ଚନ୍ଦ୍ରଗ୍ରହଣ ପାଇଁ ଦିନରେ ରୋଷେଇ ବନ୍ଦ ଥିଲା। ରାତି ପ୍ରାୟ ୯ଟା ୩୦ରେ ସାବିତ୍ରୀ ଗାଧୋଇ ସାରି ରୋଷେଇ କରୁଥିଲେ। ସେଠାରେ ପୂର୍ଣ୍ଣଚନ୍ଦ୍ର ପିଆଜ କାଟୁଥିଲେ। ଏହି ସମୟରେ ସେ ମଦ ପିଇବା ପାଇଁ ଟଙ୍କା ମାଗିବାରୁ ସାବିତ୍ରୀ ମନା କରି ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କରୁ ଝଗଡ଼ା ଭୀଷଣ ରୂପ ଧାରଣ କରିଥିଲା। ଏପରିକି ଉଭୟ ଘରୁ ବାହାରି ରାସ୍ତାକୁ ଚାଲି ଆସି ପରସ୍ପରକୁ ଗାଳିଗୁଲଜ କରିବା ସହ ହାତାହାତି ହୋଇଥିଲେ। ଉତ୍ତେଜିତ ଅବସ୍ଥାରେ ପୂର୍ଣ୍ଣଚନ୍ଦ୍ର ଘରୁ ଏକ ଛୁରି ଆଣି ରାସ୍ତା ମଝିରେ ସାବିତ୍ରୀଙ୍କ ପେଟକୁ ଭୁସି ଦେଇଥିଲେ। ସାବିତ୍ରୀ ଚିତ୍କାର କରୁଥିଲେ ମଧ୍ୟ ସେ ତାଙ୍କ ପେଟ ଓ ଛାତିକୁ ବାରମ୍ବାର ଭୁସି ଚାଲିଥିଲେ। ଘଟଣା ସ୍ଥଳରେ ସାବିତ୍ରୀ ତଳେ ପଡିଯିବା ସହ ତାଙ୍କର ମୃତ୍ୟୁ ଘଟିଥିଲେ ବି ପୂର୍ଣ୍ଣଚନ୍ଦ୍ର ସେମିତି ଛୁରି ଭୁସି ଚାଲିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ କାବୁ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରିବା ସହ ଛୁରି ଜବତ କରିଥିଲା। ଏଥିସହ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

ଭରତପୁର ଥାନା ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି, ଦମ୍ପତିଙ୍କ ମଧ୍ୟରେ ଟଙ୍କା ମାଗିବାକୁ କେନ୍ଦ୍ରକରି ଝଗଡ଼ ହେବା ପରେ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ସ୍ୱାମୀ ପୂର୍ଣ୍ଣଚନ୍ଦ୍ରଙ୍କୁ ଗିରଫ କରାଯିବା ସହ ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରାଯାଇଛି। ଏ ଘଟଣାକୁ ନେଇ ସାବିତ୍ରୀଙ୍କ ଗାଁଙ୍କୁ ଖବର ଦିଆଯିବା ପରେ ନୟାଗଡ଼ରୁ ପରିବାର ଲୋକେ ଆସି ମୃତଦେହ ନେଇଛନ୍ତି। ହତ୍ୟା ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଛେଳି ଚୋରିକୁ ନେଇ କଙ୍ଗାରୁ କୋର୍ଟ

# ନାବାଳକଙ୍କୁ ପିଟି ମାରିଦେଲେ

ବାରିପଦା/ରାଇରଙ୍ଗପୁର,୫।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ମାନସ ମହାନ୍ତି)


ଲୋକଙ୍କ ଆକ୍ରମଣର ଶିକାର ହୋଇଥିବା ୨ ନାବଳକ।

ମୟୂରଭଞ୍ଜ ଜିଲା ବହଳଦା ବ୍ଲକ୍ ତଥା ତିରିଂ ଥାନା ଅଧୀନ ଇନ୍ଦଖୋଲି ହେରୋଗୋଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଛେଳି ଚୋରିକୁ ନେଇ କଙ୍ଗାରୁକୋର୍ଟରେ ୨ଜଣଙ୍କୁ ଲୋକେ ନିସ୍ତୁକ ମାଡ଼ ମାରିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୋଲିସ ୧୧ ଜଣଙ୍କୁ ଗିରଫ କରିଛି। ମୃତକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଭୁଟକାବାଦି ଗ୍ରାମର ରାଜ କୁମାର ବିନ୍ଧାଣିଙ୍କ ୯ମ ଶ୍ରେଣୀରେ ପଢୁଥିବା ପୁଅ ସମ୍ବିତ ବିନ୍ଧାଣି (୧୫)।

ସୂଚନା ଅନୁଯାୟୀ, ସମ୍ବିତ ତିରିଂ ଥାନା ଅଧୀନ ବାସିଙ୍ଗି ଗ୍ରାମରେ ନିଜ ମାମୁଘରେ ରହି ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୯ମ ଶ୍ରେଣୀରେ ପଢୁଥିଲେ। ସୋମବାର ଅପରାହ୍ନରେ

### ୧୧ ଜଣଙ୍କୁ ଗିରଫକଲା ପୋଲିସ

ହେରୋଗୋଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଛେଳି ଚୋରି ହୋଇଥିଲା। ସ୍ଥାନୀୟ ଲୋକେ ୨ ଜଣ ନାବାଳକଙ୍କୁ ଧରି କଙ୍ଗାରୁ କୋର୍ଟ ବସାଇଥିଲେ। ଉଭୟଙ୍କୁ ନିସ୍ତୁକ ମାଡ଼ ମାରିବା ପରେ ପୋଲିସ ଜିମା ଦେଇଥିଲେ। ଏହା ସହ ସେମାନଙ୍କ ବାଇକ୍‌କୁ ନିଆଁ ଲଗାଇ ଜାଳି ଦେଇଥିଲେ। ଦୁହିଁଙ୍କ ଅବସ୍ଥା ଗୁରୁତର ହେବାରୁ ପୋଲିସ ସେମାନଙ୍କୁ ଝରାଡିହି ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରୁ ରାଇରଙ୍ଗପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ବେଳେ ଚିକିତ୍ସାଧୀନ ଅବସ୍ଥାରେ ସମ୍ବିତଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସମ୍ବିତଙ୍କ ବାପା ତିରିଂ ଥାନାରେ ଅଭିଯୋଗ କରିବା ପରେ ପୋଲିସ ହତ୍ୟା ମାମଲା (ନଂ.୩୧/୨୬) ରୁଜୁକରି ୧୧ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ସଂଖ୍ୟା ବଢ଼ିପାରେ ବୋଲି ପୋଲିସ କହିଛି।

# ଡିଜେ ବଜାଇବାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ, ୧୨ ଆହତ

### ମାନିଲେନି ପୋଲିସ କଟକଣା

ତିହିଡ଼ି,୫।୩(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଦୋଳ ଓ କୁମ୍ଭ ମେଳଣ ସହ ବିଭିନ୍ନ ଉତ୍ସବରେ ଡିଜେ ବଜାଇବା ଉପରେ ପୋଲିସ ପକ୍ଷରୁ କଟକଣା ଜାରି ହୋଇଥିଲା। ଏପରିକି ମେଳଣ ପୂର୍ବରୁ ପୋଲିସ ପକ୍ଷରୁ ଏନେଇ ମାଇକ୍ ଦ୍ୱାରା ପ୍ରଚାର ମଧ୍ୟ କରାଯାଇଥିଲା। ମାତ୍ର ପୋଲିସ କଟକଣାକୁ ମାନିଲେ ନାହିଁ। କାଳୀମେଘା ଓ ଝାଡ଼ପଟା ମେଳଣକୁ ବାଦ୍ ଦେଲେ ଅନ୍ୟ ସବୁଠି ଡିଜେ ବାଜିଥିବା ଜଣାପଡ଼ିଛି। ଏପରିକି ଡିଜେ ବଜାଇବାକୁ କେନ୍ଦ୍ରକରି ତିହିଡ଼ି ଥାନା ଅଧୀନ ବୋଡ଼କ ପଞ୍ଚାୟତର ଖରଦାପାଟଣା ଗ୍ରାମରେ ବୁଧବାର ପୂର୍ବାହ୍ନରେ ଗୋଷ୍ଠୀସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷର ୧୨ଜଣ ଆହତ ହୋଇଛନ୍ତି। ଏହି ଘଟଣା ପରେ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିବାରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏନେଇ ଉଭୟ ପକ୍ଷରୁ ଅଭିଯୋଗକ୍ରମେ ପୋଲିସ ୨ଟି ମାମଲା (ନଂ.୬୯/୨୬ ଓ ୭୦/୨୬) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଦୋଳ ପୂର୍ଣ୍ଣିମାରେ ବାରୋଠାରେ କୁମ୍ଭ ମେଳଣ ଅନୁଷ୍ଠିତ ହୋଇଥିଲା। ଏହି ମେଳଣରେ ଯୋଗଦେବା ପାଇଁ ଖରଦାପାଟଣା ଗ୍ରାମର ଗୋପାଳମାନେ ଶୋଭାଯାତ୍ରାରେ ୨ଟି ଡିଜେ ନେଇ ବାହାରିଥିଲେ। କିଏ ଆଗ ଡିଜେ ନେଇଯିବେ, ତାହା ସ୍ଥିର ହୋଇ ନ ପାରିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଟି ଡିଜେକୁ ବନ୍ଦ କରିଥିଲା। ବୁଧବାର ପୂର୍ବାହ୍ନରେ ଗ୍ରାମରେ ରଙ୍ଗଖେଳ ଚାଲିଥିବା ବେଳେ ଡିଜେ ବଜାଯିବାରୁ କେତେଜଣ ଏହାକୁ ବିରୋଧ କରିଥିଲେ। ଫଳରେ ଉତ୍ତେଜନା ଦେଖାଦେଇଥିଲା ଓ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଉପୁଜିଥିଲା। ଆହତମାନଙ୍କୁ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୋଟିଏ ଗୋଷ୍ଠୀ ପକ୍ଷରୁ ବିଷ୍ଣୁ ମୋହନ ପଲାଇ ଏବଂ ଅପରପକ୍ଷରୁ ସତ୍ୟଜିତ ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି।

# ଷଡ଼ଯନ୍ତ୍ର କରିଥିଲେ ଅଭିଯୋଗକାରୀ


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ, ଆଇଆଇସି ଓ ଗିରଫ ରାହୁଲ ପ୍ରଧାନ।

### ଯୁବକଙ୍କୁ ଗୁଳିମାଡ଼ ଘଟଣା

■ ନାବାଳକଙ୍କ ସହ ଧରାହେଲେ ଦୁଇ, ବାଇକ୍ ଜବତ

ପୁରୁଷୋତ୍ତମପୁର,୫।୩(ସବିତା ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଅରଖପୁର ଗ୍ରାମରେ ସାଗର ବେହେରାଙ୍କୁ ସୋମବାର ଗୁଳିମାଡ ହୋଇଥିଲା। ଏନେଇ ସେ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଆଇଆଇସି କୁଳମଣି ସେଠୀ ନଂ. ୧୪୨/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଏଥିରେ ସମ୍ପୃକ୍ତ ୩ଜଣ ଧରାପଡିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି। ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ନିକଟରେ ହାଜର କରାଯିବ। ଏଥିରେ ସମ୍ପୃକ୍ତ ଅନ୍ୟ ଜଣଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଅରଖପୁର ଗ୍ରାମର ରାହୁଲ ପ୍ରଧାନ (୨୩)। ତେବେ ଅଭିଯୋଗକାରୀ ସାଗର ବେହେରା ନିଜେ ଏନେଇ ଷଡଯନ୍ତ୍ର ରଚିଥିବା ଏକ ଖବରଦାତା ସମ୍ମିଳନୀରେ ଗୁରୁବାର ଏସ୍‌ଡିପିଓ ସୁଜିତ ନାୟକ କହିଛନ୍ତି।

ନାୟକ କହିଛନ୍ତି ଯେ, ଏହି ଘଟଣାରେ ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ଓ ଆଇଆଇସିଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଅଭିଯୋଗକାରୀ ନିଜେ ଏକ ଅପରାଧ ଗ୍ୟାଙ୍ଗର ସଦସ୍ୟ ଅଟନ୍ତି। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ବହୁ ମାମଲା ରହିଛି। ଏହି ଗ୍ୟାଙ୍ଗ କୌଣସି ଏକ ଆପରାଧିକ ଘଟଣା ଘଟାଇବା ଲାଗି ଯୋଜନା କରି ବନ୍ଧୁକକୁ ଅଭିଯୋଗକାରୀ ସାଗର ସଜାଡୁ ଥିବାବେଳେ ତାହା ଫୁଟି ତାଙ୍କ ଗୋଡରେ ଗୁଳି ବାଜିଛି। ଏହି ଘଟଣାକୁ ସେ ଅନ୍ୟ ଉପରେ ଦୋଷ ଲଦିବାକୁ ଯୋଜନା କରି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ରାସ୍ତାର ଶୁଣ୍ଡିବାଙ୍କଠାରେ ଦୁଇଜଣ ମୁଖାଧାରୀ ଯୁବକ ତାଙ୍କୁ ଗୁଳିମାଡ କରିଥିବା ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ତଦନ୍ତ ପରେ ଉପରୋକ୍ତ ୨ଜଣଙ୍କୁ ଧରାଯାଇଛି। ସେମାନଙ୍କଠାରୁ ଏକ ବାଇକ୍ ଜବତ ହୋଇଛି। ସାଗର ଚିକିତ୍ସାଧୀନ ଥିବାରୁ ତାଙ୍କୁ ଗିରଫ କରାଯାଇନାହିଁ। ଚିକିତ୍ସା ପରେ ତାଙ୍କୁ ଏବଂ ତାଙ୍କ ଗ୍ୟାଙ୍ଗର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ନାୟକ କହିଛନ୍ତି।

# ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର, ଶିକ୍ଷକ ଗିରଫ

ଫୁଲବାଣୀ, ୫।୩(ରାକେଶ କୁମାର ରାଉତ)


ଅଭିଯୁକ୍ତ ଶିକ୍ଷକ କୁନୁ ଭୋଇ

ଶିକ୍ଷକଙ୍କ ନାଁରେ କଳଙ୍କ । କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଗୋଛାପଡା ଥାନା ଅଞ୍ଚଳରେ ଜଣେ ଶିକ୍ଷକ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଘଟଣା ସାମ୍ନାକୁ ଆସିଛି । କଟ୍ରିଙ୍ଗିଆରେ ଥିବା ଏକ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଶିକ୍ଷକ ଜଣଙ୍କ ଏକାଧିକ ଥର ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ପୋଲିସ ସମ୍ପୃକ୍ତ ଶିକ୍ଷକ କୁନୁ ଭୋଇଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ଉକ୍ତ ବିଦ୍ୟାଳୟରେ ପାଠ ପଢ଼ାଇବା ସହ ଛାତ୍ରାବାସ ଦାୟିତ୍ୱରେ ଥିଲେ। ଶିକ୍ଷକଙ୍କ ଏଭଳି ଘୃଣ୍ୟ କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ଫୁଲବାଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗତ ନଭେମ୍ବର ୨୧ ତାରିଖରେ ହୋଇଥିବା ବିଜ୍ଞାନ ମେଳାକୁ ଅଭିଯୁକ୍ତ ଶିକ୍ଷକ ଜଣଙ୍କ ଛାତ୍ରୀଙ୍କୁ ପ୍ରକଳ୍ପ ସହ ନେଇ ସେଠାକୁ ଯାଇଥିଲେ । ଫେରିବା ବେଳେ ରାତି ହୋଇ ଯାଇଥିବାରୁ ଅନ୍ଧାରର ସୁଯୋଗ ନେଇ ସେ ଛାତ୍ରୀଙ୍କୁ ଭୟ ଦେଖାଇ ବଳାତ୍କାର କରିଥିଲେ । ପରେ ତାଙ୍କୁ ନେଇ ଘର ପାଖରେ ଛାଡ଼ିବା ସହ ଏ ବିଷୟରେ କାହାକୁ କିଛି ନ କହିବାକୁ ଧମକ ଦେଇଥିଲେ। ଅଭିଯୁକ୍ତ ଶିକ୍ଷକ ଛାତ୍ରାବାସ ଦାୟିତ୍ୱରେ ଥିବାରୁ ସେ ବିଦ୍ୟାଳୟରେ ରହୁଥିଲେ । ଗତ ୧୮ ତାରିଖରେ ପୀଡ଼ିତା ଛାତ୍ରୀଙ୍କୁ ଡାକି ଏକାଧିକ ଥର ବଳାତ୍କାର କରିଥିଲେ । ଘଟଣା ସମ୍ପର୍କରେ ଛାତ୍ରୀଙ୍କ ସାଙ୍ଗମାନେ ଜାଣିବା ପରେ ପ୍ରଧାନଶିକ୍ଷକଙ୍କୁ ଅବଗତ କରିଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇ ନ ଥିଲେ । ଛାତ୍ରୀଙ୍କ ଅବସ୍ଥା ବିଗିଡିବାରୁ ଅନ୍ୟ ଜଣେ ଶିକ୍ଷକ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୀଡ଼ିତା ଘର ଲୋକଙ୍କ ଆଗରେ ସବୁ କଥା କହିବା ପରେ ତାଙ୍କ ମା' ଗୋଛାପଡା ଥାନାରେ ଏତଲା ଦେଇଥିଲେ ।

ଏ ନେଇ ପ୍ରଧାନଶିକ୍ଷକ ରାଜା କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, କୁନୁ ସାର୍ ଅସଦାଚରଣ କରୁଥିବା ନେଇ ବୁଧବାର ଛାତ୍ରୀମାନେ ଅଭିଯୋଗ କରିଥିଲେ। ଏ ବିଷୟରେ ବିଦ୍ୟାଳୟ କମିଟି ମେମ୍ବରଙ୍କୁ ଡାକି କଥା ହେବାକୁ କହିଥିଲି । ତେବେ ସମ୍ପୃକ୍ତ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ପୋଲିସ ଘଟଣାର ତଦନ୍ତ କରୁଛି, ଅଧିକ କିଛି କହିବି ନାହିଁ ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି । ଅନ୍ୟପକ୍ଷରେ ଥାନାଧିକାରୀ ସଞ୍ଜିତ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ପୀଡ଼ିତା ଛାତ୍ରୀଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର ପରେ ଘରେ ଛଡାଯାଇଥିବା ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ନଂ.୩୫/୨୬ରେ ମାମଲା ରୁଜୁ ହୋଇଛି। ସ୍ଥାନୀୟ ସରପଞ୍ଚ ପ୍ରତିଭା କହଁରଙ୍କ ସମେତ ଅନ୍ୟମାନେ ଅଭିଯୁକ୍ତ ଶିକ୍ଷକଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିବାକୁ ଦାବି କରିଛନ୍ତି।

# ଲିଫ୍ଟ ବାହାନାରେ ମହିଳାଙ୍କୁ ଗଣବଳାତ୍କାର: ୨ ଅଭିଯୁକ୍ତ ଗିରଫ

ଯୋଡ଼ା,୫।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦା ଅଞ୍ଚଳରେ ମାଘେ ପର୍ବ ସମୟରେ ଜଣେ ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ ହୋଇଛି। ଏଘଟଣାରେ ମଙ୍ଗଳବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବିଲେଇପଦା ଅଞ୍ଚଳର ସୁକଲାଲ ମୁଣ୍ଡା, ଶିଆଳ ଯୋଡ଼ାର ବାସୁଦେବ ଗାଗରାଇ ବୋଲି ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଫେବୃଆରୀ ୨୦ ରେ ପୀଡ଼ିତା ତାଙ୍କ ପିଲାଙ୍କ ସହ ବିଲେଇପଦା ଭାଗଲପୁର ଗ୍ରାମରେ ଚାଲିଥିବା ମାଘେ ପର୍ବ ଦେଖିବା ପାଇଁ ଯାଇଥିଲେ। ରାତି ପ୍ରାୟ ୯ଟା ସମୟରେ ଅଭିଯୁକ୍ତ ବାସୁଦେବ ଘରେ ଛାଡ଼ିଦେବେ କହି ପୀଡ଼ିତା ଏବଂ ତାଙ୍କ ଝିଅଙ୍କୁ ବାଇକ୍‌ରେ ବସାଇଥିଲେ। ବାଟରେ ଗୋବର୍ଦ୍ଧନପୁର ଗ୍ରାମ ରାସ୍ତା ପାର୍ଶ୍ୱରେ ଥିବା ଏକ ମହୁଲ ଗଛ ନିକଟରେ ବାସୁଦେବ ମହିଳାଙ୍କୁ ବଳାତ୍କାର କରିଥିଲେ। ଶୁକଲାଲ ମୁଣ୍ଡା ମଧ୍ୟ ପହଞ୍ଚି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଅଭିଯୁକ୍ତ ଧମକ ଦେଇଥିଲେ। ଫଳରେ ମହିଳା ଜଣକ ଭୟଭୀତ ହୋଇ ଘରକୁ ଫେରି ଏ ସମ୍ପର୍କରେ କାହାକୁ କିଛି କହି ନ ଥିଲେ। ଘଟଣାର କିଛିଦିନ ପରେ ପୀଡ଼ିତାଙ୍କ ସ୍ୱାମୀ ଗାଲରେ ଚିହ୍ନ ଦେଖି ଆଘାତର କାରଣ ବାରମ୍ବାର ପଚାରିବାରୁ ସେ ସବୁ କଥା କହିଥିଲେ। ପରେ ପୀଡ଼ିତା ଏବଂ ତାଙ୍କ ସ୍ୱାମୀ ଯୋଡ଼ା ଥାନାରେ ମାର୍ଚ୍ଚ ୩ରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ମାମଲା(ନଂ. ୭୮/୨୬) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ଡକାୟତି ଯୋଜନା କରିଥିଲେ ସମ୍ପର୍କୀୟ

■ ହାତଗୋଡ଼ ବାନ୍ଧି ୭୦ ଲକ୍ଷ ଟଙ୍କା ଡକାୟତି ଘଟଣା

■ ୨ ସମ୍ପର୍କୀୟଙ୍କ ସମେତ ୭ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ


ଖବରଦାତା ସମ୍ମିଳନୀରେ ପୋଲିସ ଡକାୟତି ସମ୍ପର୍କରେ ସୂଚନା ଦେଉଛି।

ଉମରକୋଟ, ୫।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ କୋଟନିଆମ୍ବା ଗ୍ରାମରେ ଫେବୃଆରୀ ୨୨ରେ ଅମୂଲ୍ୟ ଜେନାଙ୍କ ହାତ ଗୋଡ଼ବାନ୍ଧି ଘରୁ ୭୦ ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରାଯାଇଥିବା ମଙ୍ଗଳବାର ଖବରଦାତା ସମ୍ମିଳନୀ କରି ଏଏସ୍‌ପି ଆଦିତ୍ୟ ସେନ ସୂଚନା ଦେଇଛନ୍ତି। ଅମୂଲ୍ୟଙ୍କ ୨ ସମ୍ପର୍କୀୟ ନବରଙ୍ଗପୁର ଜିଲା ମାଝୀଗୁଡ଼ାର ବାବୁଲା ରଣା, ଗଣେଶ ରଣା ମୁଖ୍ୟ ସୂତ୍ରଧର ଥିଲେ। ପୋଲିସ ସେମାନଙ୍କ ସହ ମାଝୀଗୁଡ଼ାର ଧୀରଜ ଲାଇଚନ, ପାପଡ଼ାହାଣ୍ଡି ଥାନା ଧର୍ଣାବେଡ଼ାର ଚିତ୍ରସେନ ଗଣ୍ଡା, କୋରାପୁଟ ଜିଲା ଜୟପୁର ସଦର ଥାନା ଅଞ୍ଚଳର ସିସିଏଲ୍ କୁନାଲ, ଘାସୀ ହରିଜନ ଓ କୋଟପାଡ଼ ଥାନା ଅଞ୍ଚଳର ସୁକଦେବ ମୁଦୁଲିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ୨୧ ଲକ୍ଷ ୩୩ ହଜାର ଟଙ୍କା, ଡକାୟତିରେ ବ୍ୟବହୃତ ଏକ କାର (ଓଡି-୨୪ଏଚ୍-୪୨୯୪), ଗୋଟିଏ ସ୍କୁଟି ସହ ୧୫ ସୁନା ମୁଦି, ସୁନା ଝୁଲଣି ମାଳି, ୧୩ ସୁନା ଲକେଟ୍, ୨ ଯୋଡ଼ା ରୁପା ଆଙ୍କଲେଟ୍, ରୁପା ମୁଦି ଜବତ କରାଯାଇଛି। ଡକାୟତିରେ ବ୍ୟବହୃତ ଭୁଜାଲି, ଲୁହା ରଡ୍ ମଧ୍ୟ ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି।

ପୋଲିସ ସୂଚନାନୁଯାୟୀ, ଅମୂଲ୍ୟ ଜମି ବିକ୍ରୀ କରି ଟଙ୍କା ସବୁ ଘରେ ରଖିଥିବା ବାବୁଲା ଓ ଗଣେଶ ଜାଣି ତାହାକୁ ହାତେଇବା ପାଇଁ ଡକାୟତି ଯୋଜନା କରିଥିଲେ। ଯୋଜନା ମୁତାବକ ଅନ୍ୟ ଅଭିଯୁକ୍ତମାନେ ଘରେ ଅମୂଲ୍ୟ ଏକା ଥିବାବେଳେ ପଶି ତାଙ୍କ ବେକରେ ଭୁଜାଲି ଲଗାଇ ହାତଗୋଡ଼ ବାନ୍ଧିଦେଇଥିଲେ। ଘରୁ ନଗଦ ୭୦ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଲୁଟି ଅମୂଲ୍ୟଙ୍କ ହାତ, ଗୋଡ ଏବଂ ମୁହଁ ବାନ୍ଧି ତାଙ୍କୁ ଏକ କୋଠରୀ ଭିତରେ ବନ୍ଦ କରି ସେଠାରୁ ଚାଲି ଯାଇଥିଲେ। ଅମୂଲ୍ୟ ଏନେଇ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ନବରଙ୍ଗପୁର ଏସ୍‌ପି ଏମ୍. ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ପାଇଁ ଏଏସ୍‌ପି ସେନ, ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଉମରକୋଟ ଥାନାଧିକାରୀ ବିପିନ ବାଘ, ଝରିଗାଁ ଥାନାଧିକାରୀ ରଚିତା ମାଡକାମୀ, ଡାବୁଗାଁ ଥାନାଧିକାରୀ ରଘୁନାଥ ମାଝୀ, କନଷ୍ଟେବଲ ମହେଶ ପଟନାୟକ, ନରେନ୍ଦ୍ର ନାୟକ, ନରେନ୍ଦ୍ର ଗୋଲାପୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିଲା। ଉକ୍ତ ଟିମ୍ ଘଟଣାର ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରିଥିଲେ। ଏଥିରେ ଅମୂଲ୍ୟଙ୍କ ସମ୍ପର୍କୀୟଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ବାବୁଲାଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲେ। ସେ ଦୋଷ ମାନିବା ସହ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଦେଇଥିଲେ। ସ୍ୱତନ୍ତ୍ର ଟିମ୍ ବାହାର ଜିଲା ଏବଂ ରାଜ୍ୟକୁ ଯାଇ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ପୋଲିସ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି।

# ଧରାପଡ଼ିଲେ ୬ ଆନ୍ତଃ ରାଜ୍ୟ ମହିଳା ସୁନାଚେନ୍ ଲୁଟେରା

■ ଧାର୍ମିକ ଉତ୍ସବଗୁଡ଼ିକୁ ଟାର୍ଗେଟ୍ କରୁଥିଲେ

■ ଲୁଟ୍ ସୁନାଗହଣା ଓ ନଗଦ ରାଶି ଜବତ


ଗିରଫ ମହିଳା ଲୁଟେରା ଗ୍ୟାଙ୍ଗ ସଦସ୍ୟ।


ଜବତ ଲୁଟ୍ ସାମଗ୍ରୀ।

ସମ୍ବଲପୁର,୫।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ପୋଲିସ ଏକ ଆନ୍ତଃ ରାଜ୍ୟ ମହିଳା ସୁନାଚେନ୍ ଲୁଟେରା ଦଳର ୬ଜଣଙ୍କୁ ଗିରଫ କରିଛି। ସମ୍ବଲପୁର ସହରର ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ଜନଗହଳିପୂର୍ଣ୍ଣ ସ୍ଥାନରୁ ମହିଳାମାନଙ୍କ ବେକରୁ ସେମାନେ ସୁନାଚେନ୍ ଲୁଟ୍ କରୁଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗର ମୂଳ ବାସିନ୍ଦା ତଥା ନକଲି ଠିକଣା ବାଲେଶ୍ୱର ସଦର ପାଟଣାପଡ଼ାର ଜି. ଭାନୁମତୀ ନକଲି ନାମ ଗାୟତ୍ରୀ ନାଏକ ଓରଫ କବିତା(୫୨), ନକଲି ଠିକଣା ଭଦ୍ରକ ଜିଲା ଚରମ୍ପାର ପ୍ରିୟା ଦାସ ଓରଫ ସଙ୍ଗୀତା(୪୫), ଏସ୍. ଥରା(୪୦) ଓ ପୂଜା ସିଂହ(୩୮), ଖୋର୍ଦ୍ଧା ଜିଲା ଜଟଣୀ ରେଳ ଷ୍ଟେଶନ ଅଞ୍ଚଳର ମୂଳ ବାସିନ୍ଦା ତଥା ନକଲି ଠିକଣା ଭୁବନେଶ୍ୱର ପଟିଆସାହିର ଦୀପା ଦାସ(୫୭), କଟକ ରେଳଷ୍ଟେଶନ ଝୁପୁଡ଼ିବସ୍ତିର ମୂଳ ବାସିନ୍ଦା ତଥା ନକଲି ଠିକଣା ଯାଜପୁରରୋଡ଼ର କଲ୍ୟାଣୀ ଦାସ(୩୯)। ସେମାନଙ୍କ ନିକଟରୁ ୫୨ ଗ୍ରାମ୍‌ର ତରଳାଯାଇଥିବା ସୁନା ପ୍ଲେଟ୍, ୬୨ ହଜାର ୪୦୦ ଟଙ୍କା, ୩ଟି ମୋବାଇଲ ଫୋନ୍, ସୁନାଚେନ୍ କାଟିବା ପାଇଁ ବ୍ୟବହୃତ କଟର ଏବଂ ଏକାଧିକ ନକଲି ଭୋଟର ପରିଚୟ ପତ୍ର, ପଥର ଆଦି ଜବତ କରାଯାଇଛି। ଏ ନେଇ କ୍ଷେତରାଜପୁର ଥାନାରେ ଏକ ମାମଲା(ନଂ.୧୬/୨୬) ରୁଜୁକରାଯାଇଛି। ୬ ଅଭିଯୁକ୍ତ ମହିଳାଙ୍କୁ ସମ୍ବଲପୁର ପୋଲିସ ମଙ୍ଗଳବାର ଭୁବନେଶ୍ୱରରୁ ଧରିଥିଲା। ଅଧିକ ତଦନ୍ତ ପାଇଁ ସମସ୍ତ ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି।

ଜିଲା ପୋଲିସ ମୁଖ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଭାମୁ ସୂଚନା ଦେଇ କହିଛନ୍ତି, ଉକ୍ତ ମହିଳା ଗ୍ୟାଙ୍ଗ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା, ଧନୁଯାତ୍ରା, ଶୀତଳଷଷ୍ଠୀ, ମନ୍ଦିର ପ୍ରତିଷ୍ଠା ଉତ୍ସବ ଆଦି ଧାର୍ମିକ ଉତ୍ସବଗୁଡ଼ିକୁ ଟାର୍ଗେଟ୍ କରୁଥିଲେ। ସେମାନେ ଉକ୍ତ ଉତ୍ସବରେ ନକଲି ପଥର ଓ ଅଳଙ୍କାର ବିକ୍ରେତା ଭାବେ ଭିଡ଼ ମଧ୍ୟରେ ମହିଳାମାନଙ୍କ ବେକରୁ ଚେନ୍ ଲୁଟ୍ କରୁଥିଲେ। ନିଜର ପରିଚୟ ଲୁଚାଇବା ପାଇଁ ନକଲି ନାମ ଓ ଠିକଣା ବ୍ୟବହାର କରୁଥିଲେ। ଗତ ଜାନୁଆରୀ ୨୨ରେ କ୍ଷେତରାଜପୁର ଥାନା ଅନ୍ତର୍ଗତ ସମଲେଶ୍ୱରୀ ମନ୍ଦିରରେ ଏକ ଧାର୍ମିକ ଉତ୍ସବ ଚାଲିଥିବା ସମୟରେ ଏହି ମହିଳା ଗ୍ୟାଙ୍ଗ୍ ପ୍ରାୟ ୮୦ ଗ୍ରାମ୍‌ର ୫ଟି ସୁନାଚେନ୍ ଲୁଟ୍ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ ପୂର୍ବକ ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ ଓ ବିଭିନ୍ନ ବୈଷୟିକ ପଦ୍ଧତି ଅବଲମ୍ବନକରି ଗ୍ୟାଙ୍ଗ୍‌ର ୬ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଲୁଟ ସାମଗ୍ରୀ ଉଦ୍ଧାର କରାଯାଇଛି। ଏହି ଗ୍ୟାଙ୍ଗ୍ ଦୀର୍ଘ ୧୨ବର୍ଷ ହେବ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଭଳି ବିଭିନ୍ନ ରାଜ୍ୟରେ ସକ୍ରିୟ ରହିଥିଲେ। ସେମାନେ ସ୍ଥାନୀୟ ବେଶଭୂଷାରେ ସଜ୍ଜିତ ହୋଇ ଭକ୍ତଙ୍କ ଗହଳିରେ ପଶୁଥିଲେ। ଫଳରେ ସେମାନଙ୍କୁ ଚିହ୍ନଟକରିବା କଷ୍ଟକର ହେଉଥିଲା। ଏପରିକି ସେମାନେ ପୋଲିସକୁ ଭ୍ରମିତ କରିବା ପାଇଁ ନକଲି ପରିଚୟପତ୍ର(ଆଇଡି) ବ୍ୟବହାର କରୁଥିଲେ। ସେମାନଙ୍କ ନିକଟରୁ ଜବତ ଏକ ଡାଏରୀରେ ଆଗାମୀ ଦିନରେ କେଉଁ ସ୍ଥାନରେ ମହିଳା ସମାଗମ ବା ଯାତ୍ରା ହେବାର ଅଛି ସେ ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଲିପିବଦ୍ଧ ରହିଥିଲା। ଜେରା ବେଳେ ପୂର୍ବରୁ ଏହି ଗ୍ୟାଙ୍ଗ୍ କଟକ ବାଲିଯାତ୍ରା, ବରଗଡ଼ ଧନୁଯାତ୍ରା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ହେଉଥିବା ମାଘପଞ୍ଚମୀ, ଦୋଳ ପୂର୍ଣ୍ଣିମା, ଶୀତଳଷଷ୍ଠୀ ଆଦି ଧାର୍ମିକ ଉତ୍ସବରେ ଲୁଟ୍ କରିଥିବା ସ୍ୱୀକାର କରିଛନ୍ତି।

# ବିକଶିତ ଓଡ଼ିଶାର ବିକାଶ ଇଞ୍ଜିନ ହେବ ସ୍ୱାସ୍ଥ୍ୟ ବଜେଟ


ଡ. ମୁକେଶ ମହାଲିଙ୍ଗ

ରାଜ୍ୟର ସମଗ୍ର ଉନ୍ନତିର ମୂଳ ଆଧାର ହେଉଛି ଜନସାଧାରଣଙ୍କ ସୁସ୍ଥମୟ ଜୀବନ। ସୁସ୍ଥ ନାଗରିକ ହେଉଛନ୍ତି ଉତ୍ପାଦନଶୀଳ ସମାଜର ମୂଳ ଶକ୍ତି ଓ ଏହି ଶକ୍ତିକୁ ସୁନିଶ୍ଚିତ କରିବାର ପ୍ରମୁଖ ମାଧ୍ୟମ ହେଉଛି ସୁଦୃଢ଼ ସ୍ୱାସ୍ଥ୍ୟ ବ୍ୟବସ୍ଥା। ଆଜିର ଦିନରେ କେବଳ ସାମାଜିକ ସୁରକ୍ଷା, ଶିଳ୍ପ କିମ୍ବା ପୁଞ୍ଜିନିବେଶ ମାତ୍ର ଉନ୍ନତିର ମାପଦଣ୍ଡ ନୁହେଁ; ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏକ ରାଜ୍ୟକୁ ଦୀର୍ଘକାଳୀନ ଉନ୍ନତି ଦିଗରେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ଏହି ପରିପ୍ରେକ୍ଷୀରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ସହ ସମନ୍ୱୟ ରଖି ପ୍ରସ୍ତୁତ ଚଳିତ ବର୍ଷର ବଜେଟ କେବଳ ଆୟ-ବ୍ୟୟର ହିସାବ ନୁହେଁ, ବରଂ ଏହା ରାଜ୍ୟର ଲୋକଙ୍କ ଆଶା, ଆକାଂକ୍ଷା ଓ ଭବିଷ୍ୟତ ଉନ୍ନତିର ଏକ ସ୍ପଷ୍ଟ ରୋଡ୍‌ମ୍ୟାପ। ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ର ସ୍ୱପ୍ନକୁ ସାକାର କରିବା ତଥା ରାଜ୍ୟର ସାମଗ୍ରିକ ବିକାଶ ଓ ଲୋକ କଲ୍ୟାଣକୁ କେନ୍ଦ୍ରବିନ୍ଦୁ କରି ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିବା ସହ ସ୍ୱାସ୍ଥ୍ୟ ବିଭାଗ ପାଇଁ ଏହାର ୭.୫%ରୁ ଅଧିକ ଅର୍ଥାତ୍ ୨୩ ହଜାର ୧୮୨ କୋଟିର ବିପୁଳ ବ୍ୟୟବରାଦ କରାଯିବା ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ଆମ ସରକାରର ସମ୍ବେଦନଶୀଳତାକୁ ଦର୍ଶାଉଛି।

ସମାଜର ସର୍ବନିମ୍ନ ସ୍ତରରେ ଥିବା ବ୍ୟକ୍ତି ପାଖରେ ଗୁଣାତ୍ମକ ଚିକିତ୍ସା ସୁବିଧା ପହଞ୍ଚାଇବା ଏବଂ ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ଅଧୀନରେ ଭିତ୍ତିଭୂମିର ବିକାଶ ପାଇଁ ୫,୦୦୮ କୋଟି ଟଙ୍କାର ବ୍ୟବସ୍ଥା କରାଯିବ। ବଢୁଥିବା ରୋଗୀଙ୍କ ସଂଖ୍ୟା ଓ ଜରୁରିକାଳୀନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମ ସ୍ୱାସ୍ଥ୍ୟ ସେବା କ୍ଷମତାର ବଡ଼ ସମ୍ପ୍ରସାରଣ ଆରମ୍ଭ ହେବାକୁ ଯାଉଛି। ଏହି କ୍ରମରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ (ଏସ୍‌ସିବି)ର ପୁନର୍ବିକାଶ ପାଇଁ ୧,୦୦୦ କୋଟି, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁର (ଏମ୍‌କେସିଜି) ଏବଂ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା (ଭିମସାର)ର ପୁନର୍ବିକାଶ ପାଇଁ ୬୦୦ କୋଟି ଟଙ୍କା କରାଯାଇଥିବା ବେଳେ ରାଜ୍ୟର ବିଭିନ୍ନ ଭେଷଜ ମହାବିଦ୍ୟାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆହୁରି ୫ ହଜାର ଆଇପିଡି ଶଯ୍ୟା ବୃଦ୍ଧି କରାଯିବ। ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଭେଣ୍ଟିଲେଟର ଓ କେନ୍ଦ୍ରୀୟ ତଦାରଖ ସୁବିଧା ସହ ୧ ହଜାର ଉନ୍ନତ ଗୁରୁତର ଚିକିତ୍ସା ବିଭାଗ (ଆଇସିୟୁ) ଏବଂ ୫୦୦ ଉଚ୍ଚ ନିର୍ଭରଶୀଳ ଚିକିତ୍ସା ବିଭାଗ (ହାଇ ଡିପେଣ୍ଡେନ୍ସି ୟୁନିଟ୍/ଏଚ୍‌ଡିୟୁ) ସ୍ଥାପନ କରିବା ସହ ଏସ୍‌ସିବି, କଟକରେ ୧୮୦୦ ଆଇପିଡି ଶଯ୍ୟାବିଶିଷ୍ଟ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା କରାଯିବ। ଏଥିପାଇଁ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ମଧ୍ୟ ଆମ ସରକାର ପଦକ୍ଷେପ ଗ୍ରହଣ କରିବେ। ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଚିକିତ୍ସା ସେବାର ବିସ୍ତାର କରିବା ନିମନ୍ତେ ପଞ୍ଚାୟତ ସ୍ତରରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ୧୭୬ କୋଟି ଟଙ୍କା ବ୍ୟୟରେ ୧,୮୦୭ଟି ନୂତନ ସ୍ୱାସ୍ଥ୍ୟ ଉପ କେନ୍ଦ୍ର ନିର୍ମାଣ କରାଯିବ। ଫଳରେ ରାଜ୍ୟରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକର ସୁଦୃଢ଼ ନେଟୱର୍କ ସ୍ଥାପନ ହେବ।

ଗରିବ ଓ ମଧ୍ୟବିତ୍ତ ପରିବାରବର୍ଗଙ୍କୁ ଚିକିତ୍ସା ଭାରଜନିତ ଆର୍ଥିକ ସଙ୍କଟରୁ ମୁକ୍ତ କରି ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ସମନ୍ୱିତ କାର୍ଯ୍ୟାନ୍ୱୟନ ପାଇଁ ୪,୨୭୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରେ ୩୨ ହଜାରରୁ ଅଧିକ ତାଲିକାଭୁକ୍ତ ସରକାରୀ ଓ ବେସରକାରୀ ଚିକିତ୍ସାଳୟରେ ଏହି ସୁବିଧା ଉପଲବ୍ଧ ରହିଥିବା ବେଳେ ୧.୦୩ କୋଟି ପରିବାରର ପ୍ରାୟ ୩.୪ କୋଟି ବ୍ୟକ୍ତି ବିଶେଷଙ୍କୁ ନଗଦବିହୀନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଔଷଧ, ଟିକା ତଥା ଚିକିତ୍ସା ସମ୍ବନ୍ଧୀୟ ମାଗଣା ବିତରଣ ପାଇଁ ନିରାମୟ ଯୋଜନାକୁ ସମ୍ପ୍ରସାରିତ କରିବାକୁ ୭୮୬ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ନିଃଶୁଳ୍କ ରୋଗ ନିରୂପଣ, ସିଟି ସ୍କାନ, ଏକ୍ସ-ରେ, ଅଲ୍ଟ୍ରାସାଉଣ୍ଡ, ଏମ୍‌ଆର୍‌ଆଇ ତଥା ଉଚ୍ଚମାନର ଡାଏଲିସିସ୍ ପାଇଁ ନିଦାନ ଯୋଜନାରେ ୩୭୧ କୋଟି ବ୍ୟୟ କରାଯିବ। ଲୋକଙ୍କୁ ସ୍ୱାସ୍ଥ୍ୟ ସୁବିଧା ଓ ସଚେତନତା ପହଞ୍ଚାଇବା ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଆଶା କର୍ମୀମାନଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ସ୍ୱାସ୍ଥ୍ୟ ସହାୟ ଯୋଜନାରେ ୧୮୩ କୋଟି ଘୋଷଣା ହୋଇଛି। ଜରୁରିକାଳୀନ ସେବାକୁ ମଜଭୁତ କରିବା ପାଇଁ ୪୨୮ଟି ଆମ୍ବୁଲାନ୍ସ ରାଜ୍ୟବାସୀଙ୍କ ସେବାରେ ଲୋକାର୍ପଣ ହୋଇଥିଲା ବେଳେ ଏହି ସେବା ପାଇଁ ଆହୁରି ୧୯୮ କୋଟି ଟଙ୍କା ବଜେଟରେ ରହିଛି। ମାତୃ ଓ ଶିଶୁର ସ୍ୱାସ୍ଥ୍ୟରେ ସୁଧାର, ଟିକାକରଣ କାର୍ଯ୍ୟକ୍ରମ, ସଂକ୍ରାମକ ରୋଗ ନିୟନ୍ତ୍ରଣ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ୧,୯୫୮ କୋଟି ଟଙ୍କା ବ୍ୟବସ୍ଥା ହୋଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ଗୁରୁତ୍ୱ ଦେଇଆସିଛନ୍ତି। ତେଣୁ ୧୪୦ କୋଟି ଟଙ୍କା ବ୍ୟୟରେ ଗଜପତି, ରାୟଗଡ଼ା ଓ ମାଲକାନଗିରିରେ ତିନୋଟି ନୂତନ ଆୟୁର୍ବେଦିକ ଭେଷଜ ମହାବିଦ୍ୟାଳୟ ଏବଂ ନୟାଗଡ଼ ଓ ନୂଆପଡ଼ାରେ ଦୁଇଟି ନୂତନ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ୫ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଶିକ୍ଷାର ସମ୍ପ୍ରସାରଣ, ଗୁଣାତ୍ମକ ଚିକିତ୍ସା ଏବଂ ଆୟୁଷ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହା ବ୍ୟତୀତ ଆୟୁଷ ଚିକିତ୍ସା କ୍ଷେତ୍ରରେ ଗବେଷଣା, ଶିକ୍ଷା ଓ ମାନବ ସମ୍ବଳର ଚାହିଦା ପୂରଣ କରିବାକୁ ୨୦୨୭ ସୁଦ୍ଧା ସ୍ନାତକ ଓ ସ୍ନାତକୋତ୍ତର ସିଟ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ୧୨୪ କୋଟି ବ୍ୟୟ ଅଟକଳ କରାଯାଇଛି। ରାଜ୍ୟରେ ଆୟୁଷ ଔଷଧର ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ବଜେଟର ବ୍ୟବସ୍ଥା ହୋଇଛି। ମାସକୁ ୮ଟି ଯୋଗ ଅଧିବେଶନକୁ ବୃଦ୍ଧି କରି ୨୦ଟି ଶିକ୍ଷାମୂଳକ ଯୋଗ ଅଧିବେଶନ କରାଯିବ। ଲୁପ୍ତପ୍ରାୟ ଚେରମୂଳି ଔଷଧର ରକ୍ଷଣାବେକ୍ଷଣ ଓ ମାନକୀକରଣ, କର୍କଟ ଚିକିତ୍ସା ଉପରେ ଗବେଷଣା, ବାୟୋଲୋଜିର ବିକାଶ, ଉନ୍ନତ ଥେରାପି ଉତ୍ପାଦ, ଚିକିତ୍ସା ଉପକରଣ କ୍ଷେତ୍ରରେ ନୂତନ ଉଦ୍ଭାବନ ସହ ଶିକ୍ଷା ଓ ଶିଳ୍ପାନୁଷ୍ଠାନର ସହଭାଗିତାକୁ ସହାୟତା ତଥା ଉନ୍ନତ ଗବେଷଣା ଏବଂ ଶିକ୍ଷା ଅଭିବୃଦ୍ଧିକୁ ପ୍ରୋତ୍ସାହନ ପାଇଁ ଏକ ଫାର୍ମା ବାୟୋଟେକ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର ସ୍ଥାପନ କରାଯିବ।

ସତନ୍ତ୍ର ଜରୁରିକାଳୀନ ଚିକିତ୍ସା ଏବଂ ପୁନଃ ଥଇଥାନ ସେବା ପାଇଁ ପୁରୀ, ବୁର୍ଲା, ବ୍ରହ୍ମପୁର ଓ କ୍ୟାପିଟାଲ ହସ୍ପିଟାଲରେ ୪ଟି ନୂତନ ବର୍ନ ୟୁନିଟ୍ ପାଇଁ ୨୦୦ କୋଟି ବ୍ୟତୀତ ଅଗ୍ନି ନିରାପତ୍ତା ପାଇଁ ୪୭୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସରକାର ବିତରଣ କରୁଥିବା ଔଷଧର ଗୁଣବତ୍ତା ସହ ଔଷଧ ଯୋଗାଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ନିମନ୍ତେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେଶନ ଲିମିଟେଡ୍‌ର ଏକ କେନ୍ଦ୍ରୀୟ ଔଷଧ ଓ ଚିକିତ୍ସା ଉପକରଣ ପଣ୍ୟାଗାର ସ୍ଥାପିତ ହେବ। ଏହା ଔଷଧ ବିତରଣ ବ୍ୟବସ୍ଥାରେ ପାରଦର୍ଶିତା ବଢ଼ାଇବ। ରାଜ୍ୟରେ ବିଶେଷଜ୍ଞ ଡାକ୍ତରଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଗାମୀ ଦୁଇ ବର୍ଷ ମଧ୍ୟରେ ୫୦୦ ସ୍ନାତକୋତ୍ତର ସିଟ୍ ବୃଦ୍ଧି କରିବାକୁ ଆମ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ଏବଂ ଯେଉଁ ଜିଲାଗୁଡ଼ିକରେ ଏଭଳି ସୁବିଧା ଉପଲବ୍ଧ ନାହିଁ ସେଠାରେ ନର୍ସିଂ, ପାରାମେଡିକାଲ ଓ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପାଠ୍ୟକ୍ରମ ଆରମ୍ଭ କରାଯିବ। ନୟାଗଡ଼ରେ ୫ ଶହ ଏକର ବିଶିଷ୍ଟ ଓଡ଼ିଶା ଫାର୍ମା ପାର୍କ ଏବଂ ଖୋର୍ଦ୍ଧାଠାରେ ୨୦୦ ଏକରବିଶିଷ୍ଟ ଓଡ଼ିଶା ମେଡ୍‌ଟେକ୍ ପାର୍କ ପ୍ରତିଷ୍ଠା ଫଳରେ ଯୁବବର୍ଗଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଓଡ଼ିଶା କର୍କଟ ଚିକିତ୍ସା ଯୋଜନାକୁ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ଭାବେ ରୂପାନ୍ତରିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହାର ଆଗୁଆ ଚିକିତ୍ସା ପାଇଁ ଡିଜିଟାଲ ହବ୍ ଆଣ୍ଡ ସ୍ପୋକ୍ ମଡେଲ ମାଧ୍ୟମରେ ବ୍ୟାପକ ଗୋଷ୍ଠୀ ସଚେତନତା, ଗ୍ରାମାଞ୍ଚଳ ସ୍ତରରେ ପୂର୍ବ ନିର୍ଣ୍ଣୟ ପରୀକ୍ଷା (ସ୍କ୍ରିନିଂ), କର୍କଟ ପରୀକ୍ଷା ଶିବିର କରାଯିବ। ଏହି ଅଭିଯାନ ମାଧ୍ୟମରେ ଉନ୍ନତ ମାନର କର୍କଟ ଚିକିତ୍ସା ପାଇଁ ବଜେଟରେ ୩୧୧ କୋଟି ଟଙ୍କା ରଖାଯାଇଛି। ଏହି ଅଭିଯାନ ଅଧୀନରେ କିଶୋରୀମାନଙ୍କୁ ସର୍ଭାଇକାଲ କର୍କଟରୁ ରକ୍ଷା କରିବା ପାଇଁ ମାଗଣା ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ ମଧ୍ୟ ସାମିଲ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶବ୍ୟାପୀ ଜାତୀୟ ଏଚ୍‌ପିଭି ଟିକାକରଣ ଅଭିଯାନର ଶୁଭାରମ୍ଭ ଗତ ଫେବୃଆରୀ ୨୮ର ହୋଇଯାଇଛି। ଓଡ଼ିଶାରେ ୧୪ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୩ ଲକ୍ଷ ୩୬ ହଜାର କିଶୋରୀଙ୍କୁ ଏହି ଟିକା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ରକ୍ତଜନିତ, ବଂଶଗତ ହିମୋଫିଲିଆ ରୋଗର ନିରାକରଣ ଓ ଏଥିରେ ଆକ୍ରାନ୍ତ ଥିବା ବ୍ୟକ୍ତିର ରକ୍ତସ୍ରାବକୁ ବନ୍ଦ ରହିବା ପାଇଁ ଫ୍ୟାକ୍ଟର-୮ ଟିକାର ସବୁବେଳେ ଅଭାବ ପରିଲକ୍ଷିତ ହେଉଥିଲା। କିନ୍ତୁ ଆମ ସରକାର ଏହି ରୋଗର ସମୂଳ ବିନାଶ ପାଇଁ ଫ୍ୟାକ୍ଟର-୮ ଟିକାର ନିଃଶୁଳ୍କ ବ୍ୟବସ୍ଥା କରିବାକୁ ଯାଉଛନ୍ତି। ରାଜ୍ୟରେ ରକ୍ତର ଅଭାବକୁ ଦୂର କରିବା ପାଇଁ ଆରମ୍ଭ ହେବ ଅଟଳ ରକ୍ତଦାନ ଅଭିଯାନ। ଏହା ସେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବ ଏବଂ ରକ୍ତଦାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ ହେବ। ଏହି ଯୋଜନା ଅନ୍ତର୍ଗତ ସମସ୍ତ ଭେଷଜ ମହାବିଦ୍ୟାଳୟରେ ରକ୍ତଭଣ୍ଡାର ପ୍ରତିଷ୍ଠା ସହ ସମସ୍ତ ରକ୍ତଭଣ୍ଡାରର ଉନ୍ନତି ତଥା ଆଧୁନିକୀକରଣ କରାଯିବା ସହିତ ରକ୍ତ ସଂଗ୍ରହ ପାଇଁ ୫୦ଟି ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ କ୍ରୟ କରାଯିବ।

ଚଳିତ ବର୍ଷର ସ୍ୱାସ୍ଥ୍ୟ ବଜେଟ କେବଳ ଖର୍ଚ୍ଚ ନୁହେଁ, ଏହା ହେଉଛି ଓଡ଼ିଶାର ଭବିଷ୍ୟତ ପାଇଁ ଏକ ଦୀର୍ଘକାଳୀନ ନିବେଶ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷାରେ 'ଆରୋଗ୍ୟଂ ପରମଂ ଧନମ୍' ଦର୍ଶନରେ ଅନୁପ୍ରାଣିତ ଆମ ସରକାରର ନୀତି ହେଉଛି ସୁସ୍ଥ ଓଡ଼ିଶା ବିକଶିତ ଓଡ଼ିଶା।

(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ, ଓଡ଼ିଶା ସରକାର)

# ବିଜେଡି, କଂଗ୍ରେସ, ସିପିଆଇ(ଏମ୍) ଏକ


ଗୁରୁବାର ବିଧାନସଭାର ୫୫ ନଂ. ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତଚରଣ ଦାସ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସହିତ ବିଜେଡି ରାଜ୍ୟସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ କମନ ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତା।

**ରାଜ୍ୟ ସଭା ନିର୍ବାଚନ**
- ଭାଜପାକୁ ଲାଭ ହେବ: ଜୟନାରାୟଣ
- ଐତିହାସିକ ନିଷ୍ପତ୍ତି: କଂଗ୍ରେସ
- ବିଚାରଧାରା ଉପରେ ବିଶ୍ୱାସ ରଖେ: ବିଜେଡି

ଭୁବନେଶ୍ୱର,୫।୩ (ରବିନାରାୟଣ ଜେନା)

ରାଜ୍ୟ ସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜ୍ୟ ରାଜନୀତିରେ ଏକ ନୂଆ ସମୀକରଣ ଦେଖିବାକୁ ମିଳିଛି। ଗୁରୁବାର ରାଜ୍ୟ ସଭା ଲାଗି ବିଜେଡି ଓ କଂଗ୍ରେସର 'କମନ' ପ୍ରାର୍ଥୀ ଡା. ଦତ୍ତେଶ୍ୱର ହୋତାଙ୍କ ନାମାଙ୍କନପତ୍ର ଦାଖଲ ବେଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ସିପିଏମ୍ ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଦଳର ନେତୃବୃନ୍ଦଙ୍କୁ ଗୋଟିଏ ପ୍ରକୋଷ୍ଠରେ ଦେଖିବାକୁ ମିଳିଛି। ବିଧାନସଭାର ୫୫ନମ୍ବର ରୁମ୍‌ରେ ବିଜେଡି, କଂଗ୍ରେସ ଓ ବାମପନ୍ଥୀ ନେତୃବୃନ୍ଦ ଏକ ହେବା ପରେ ସେଠାରୁ ରାଜ୍ୟ ସଭା ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଇଥିଲେ। ତେବେ ବିଜେଡି ଓ କଂଗ୍ରେସ ଏକାଠି ହେବାକୁ ନେଇ ଭାଜପା କଟାକ୍ଷ କରିଛି। ଏହା ଫାଇଦା ହେବ ଭାଜପା କହିଥିବାବେଳେ ବିଜେଡି ଓ କଂଗ୍ରେସ ନିଜର ବିଚାରଧାରର ଏକ ସମନ୍ୱୟ ବୋଲି କହିଛି।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ବିଜେଡି ହେଉଛି ସୁବିଧାବାଦୀ ଦଳ। ରାଜ୍ୟରେ କଂଗ୍ରେସର ମୂଳୋତ୍ପାଟନ କରିବା ତଥା ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ କରିବା ଲାଗି ୧୯୯୭ରେ ବିଜେଡିର ଜନ୍ମ ହୋଇଥିଲା। ଏହା ପରେ ସେ ତା'ର ଫାଇଦା ଲାଗି ଭାଜପା ସହିତ ମେଣ୍ଟ କଲା। ସେହିପରି କେନ୍ଦ୍ରରେ ୟୁପିଏ ସରକାର ଥିବାବେଳେ ବିଜେଡି ତାଙ୍କ ସହ ରହିଲା। ଏନ୍‌ଡିଏ ଆସିବା ପରେ ତା'ସହ ରହିଲା। ରାଜ୍ୟରେ ୨୪ବର୍ଷ ଶାସନ ଗାଦିରେ ରହିବା ପରେ ମଧ୍ୟ ଲୋକଙ୍କ ପାଇଁ କିଛି କଲାନାହିଁ। ତେଣୁ ଲୋକେ ବିଜେଡିକୁ ପ୍ରତ୍ୟାଖ୍ୟାନ କରି ଭାଜପାକୁ କ୍ଷମତାସୀନ କରିଛନ୍ତି। ସଂସଦରେ ଏବେ ଭାଜପାର ୨୦ ଏମ୍‌ପି ରହିଛନ୍ତି। ଭାଜପାକୁ ଆଉ ବିଜେଡିର ଆବଶ୍ୟକତା ନାହିଁ। ବିଜେଡି ଓ କଂଗ୍ରେସ ଆରମ୍ଭରୁ ମିଶିକି ଥିଲେ। କଂଗ୍ରେସକୁ ଲୋକେ ଏବେ ଗ୍ରହଣ କରିବା ସ୍ଥିତିରେ ନାହାନ୍ତି। ଆମେ ୩ଟି ଆସନ ଜିତିବୁ, ୪ର୍ଥ ଆସନ ଦେଇଥିଲେ ବି ଜିତିଥାନ୍ତୁ ବୋଲି ଜୟନାରାୟଣ କହିଛନ୍ତି।

ପିସିସି ସଭାପତି ଭକ୍ତ କହିଛନ୍ତି ଯେ, ନବୀନ ବାବୁଙ୍କ ପ୍ରସ୍ତାବକୁ ଏଆଇସିସି ଗ୍ରହଣ କରିଥିଲା। ରାଜ୍ୟର ହିତ ପାଇଁ ଆମେ କମନ ପ୍ରାର୍ଥୀ ଦେଇଛୁ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡାକ୍ତର ହୋତାଙ୍କ ଅନେକ ଅବଦାନ ରହିଛି।ସମୟର ଆହ୍ୱାନ କ୍ରମରେ ଆମେ ସମସ୍ତେ ମିଶି ଏଭଳି ନିଷ୍ପତ୍ତି ନେଇଛୁ। ଓଡ଼ିଶା ଇତିହାସରେ ଏହା ଏକ ଐତିହାସିକ ନିଷ୍ପତ୍ତି। ଆମେ ଶତପ୍ରତିଶତ ନିଶ୍ଚିତ ଅଛୁ, ଆମ ପ୍ରାର୍ଥୀ ନିଶ୍ଚିତ ବିଜୟ ଲାଭ କରିବେ। କୌଣସି କ୍ରସ୍ ଭୋଟିଂ ହେବନାହିଁ। ସେ କହିଥିଲେ ଯେ, ନବୀନ ବାବୁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାଙ୍କ ବାପା ବିଜୁ ପଟ୍ଟନାୟକଙ୍କ ଭଳି ସାହସିକତାର ନିଷ୍ପତ୍ତି। ସେହିପରି ସିପିଏମ୍ ନେତା ପାଣିଗ୍ରାହୀ କହିଛନ୍ତି ଯେ, ଓଡ଼ିଶା ରାଜନୀତିରେ ଆଜିର ଦିନ ଏକ ଐତିହାସିକ ଦିନ। ଓଡ଼ିଶା ରାଜନୀତି ଏବେ ଭିନ୍ନ ଆଡ଼କୁ ଯାଉଛି। ୨୦୦୨ ମସିହାର କଥା ୨୦୨୬ରେ ପୁନରାବୃତ୍ତି ହେବନାହିଁ ବୋଲି ସେ କହିଥିଲେ।

ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି ଯେ, ବିଜେଡି ହେଉଛି ଏକ ବିଚାରଧାରାର ଦଳ। ଦଳ ସବୁବେଳେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସବୁ ନିଷ୍ପତ୍ତି ନେଇଛି। ଏଥର ରାଜ୍ୟ ସଭା ନିର୍ବାଚନରେ ମଧ୍ୟ ଡା. ହୋତାଙ୍କ ଭଳି ଜଣେ ସ୍ୱନାମଧନ୍ୟ 'ୟୁରୋଲୋଜି' ଚିକିତ୍ସକଙ୍କୁ ପ୍ରାର୍ଥୀ କରିଛି, ଯାହାଙ୍କୁ କି କଂଗ୍ରେସ ସମେତ ବାମପନ୍ଥୀ ଦଳର ସମର୍ଥନ ରହିଛି।

## ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ କେନ୍ଦ୍ରାପଡ଼ା ଗସ୍ତ ତାରିଖ ବଦଳିଲା

ଭୁବନେଶ୍ୱର,୬।୩(ସୁଚିସ୍ମିତା ସାହୁ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟାଙ୍କ କେନ୍ଦ୍ରାପଡା ଗସ୍ତ ତାରିଖରେ ପରିବର୍ତ୍ତନ କରାଯାଇଛି। ଶୁକ୍ରବାର ଗସ୍ତ କାର୍ଯ୍ୟକ୍ରମ ରହିଥିବାବେଳେ ଅନିବାର୍ଯ୍ୟ କାରଣ ବଶତଃ ସ୍ଥଗିତ ରଖାଯାଇ ଆସନ୍ତା ୧୦ ତାରିଖ ମଙ୍ଗଳବାରକୁ ପୁନଃନିର୍ଦ୍ଧାରଣ କରାଯାଇଛି। ତେବେ ଅନ୍ୟ କାର୍ଯ୍ୟସୂଚୀ ଅନୁସାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଆୟୋଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାପାଳ ଓ ଜିଲା ମ୍ୟାଜିଷ୍ଟ୍ରେଟଙ୍କୁ ଅବଗତ କରାଯାଇଛି। ସମସ୍ତ ଅଧିକାରୀ ଓ ହିତାଧିକାରୀଙ୍କୁ ନୂତନ ତାରିଖ ସମ୍ବନ୍ଧରେ ଅବଗତ କରାଇବାକୁ କୁହାଯାଇଛି।

# ଆଜି ଆସିବେ ଶାହା

ଭୁବନେଶ୍ୱର,୫।୩ (ରବିନାରାୟଣ ଜେନା)


ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ୨୫ ମିନିଟ୍‌ରେ ଭୁବନେଶ୍ୱରରେ ପହଞ୍ଚିବେ ବୋଲି ରାଜ୍ୟ ସରକାରଙ୍କ ଗୃହବିଭାଗ ପକ୍ଷରୁ ଜାରି ସଂଶୋଧିତ ସୂଚୀରେ ଦର୍ଶାଯାଇଛି। ଗୁରୁବାର ଗୃହ ବିଭାଗ ଅତିରିକ୍ତ ସଚିବ ଭବେଶ କୁମାର ନାୟକ ଏ ସଂକ୍ରାନ୍ତରେ ରାଜ୍ୟ ଉନ୍ନୟନ ଆୟୁକ୍ତ, ପୋଲିସ ମହାନିର୍ଦ୍ଦେଶକଙ୍କ ସମେତ ସଂପୃକ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି। ବିଭାଗ ପକ୍ଷରୁ ଜାରି ସଂଶୋଧିତ ସୂଚୀ ଅନୁଯାୟୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ବିଏସ୍‌ଏଫ୍ ହେଲିକାପ୍ଟରରେ ଭୁବନେଶ୍ୱର ବିମାନବନ୍ଦରଠାରୁ କଟକ ମୁଣ୍ଡୁଳି ଅଭିମୁଖେ ଯିବେ। ସେଠାରେ ୧୦ଟା ୫୫ ମିନିଟରେ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟ୍ ଫୋର୍ସର ରାଇଜିଂ ଡେ' ତଥା ସ୍ଥାପନ ଦିବସରେ ଯୋଗଦେବେ। ଏହାପରେ ଅପରାହ୍ନ ୧ଟା ୩୫ମିନିଟରେ ମୁଣ୍ଡୁଳିରୁ ପ୍ରତ୍ୟାବର୍ତ୍ତନ କରି ପାରାଦ୍ୱୀପ ଇଫ୍‌କୋ ୟୁନିଟ୍‌କୁ ଗସ୍ତ କରିବେ। ସେଠାରେ ସଲ୍‌ଫ୍ୟୁରିକ୍ ଏସିଡ ପ୍ଲାଣ୍ଟର ଲୋକାର୍ପଣ କରିବେ। ଏହାପରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଅପରାହ୍ନ ୩ଟା ୫୫ମିନିଟରେ ଏନ୍‌ଏଫ୍‌ଏସ୍‌ୟୁର ସ୍ଥାୟୀ ଏବଂ ପରେ ସିଏଫ୍‌ଏସଏଲ ଭବନର ଶିଳାନ୍ୟାସ କରିବେ। ଏହି ଅବସରରେ ଇଡ଼କୋ ପ୍ରଦର୍ଶନୀ ପଡ଼ିଆରେ ୩ଟି ନୂତନ ଆଇନ ଉପରେ ରାଜ୍ୟସ୍ତରୀୟ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ସନ୍ଧ୍ୟା ୭ଟା ୩୦ମିନିଟରେ ଦିଲ୍ଲୀ ଅଭିମୁଖେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ପ୍ରତ୍ୟାବର୍ତ୍ତନ କରିବେ ବୋଲି ଗୃହ ବିଭାଗ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ

### କୋର୍ଟ ସମ୍ମୁଖରେ...

ପୁଅକୁ ପ୍ରଥମେ ମିଥ୍ୟା ମାମଲାରେ ଫସାଇଥିଲେ। ଏବେ ତା'ର ଜୀବନ ନେଇଗଲେ। ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳୁ ବୋଲି କୋହଭରା କଣ୍ଠରେ ମା' କହିଛନ୍ତି।

### ଭାରତ-ନ୍ୟୁଜିଲାଣ୍ଡ...

ଖରାପ ଖେଳିଥିବା ଜୋଶ ବଟଲର ୨୫ ଓ ଟମ୍ ବାଣ୍ଟନ ମାତ୍ର ୧୭ ରନ କରିବାକୁ ସକ୍ଷମ ହୋଇଥିଲେ। ଜ୍ୟାକବ ବେଥେଲ ଓ ୱିଲ ଜ୍ୟାକ୍ସ ୫ମ ଉଇକେଟରେ ଦ୍ରୁତ ୭୭ ରନର ଭାଗୀଦାରି ଗଢ଼ି ଭାରତ ପାଇଁ ବିପଦ ସୃଷ୍ଟି କରିଥିଲେ। ଜ୍ୟାକ୍ସ (୩୫)ଙ୍କୁ ଆଉଟ କରି ଭାରତକୁ ପ୍ରତୀକ୍ଷିତ ବ୍ରେକ୍‌ଥ୍ରୁ ଦେଇଥିଲେ ଅର୍ଶଦୀପ ସିଂ। ବେଥେଲ କିନ୍ତୁ ଶେଷ ପର୍ଯ୍ୟନ୍ତ ଲଢ଼ିଥିଲେ। ସେ ୧୦୫ ରନକରି ଶେଷ ଓଭରରେ ରନ୍‌ଆଉଟ ହେବାସହ ଇଂଲଣ୍ଡ ଆଶା ଶେଷ ହୋଇ ଯାଇଥିଲା। ୪୮ଟି ବଲ୍‌ର ସମ୍ମୁଖୀନ ହୋଇଥିବା ବେଥେଲ ୮ ଚୌକା ଓ ୭ ଛକା ମାରିଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଏବଂ ଯଶପ୍ରୀତ୍ ବୁମ୍ରା, ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟି୨୦ କ୍ରିକେଟ ବିଶ୍ୱକପର ଗୋଟିଏ ଇନିଂସରେ ସର୍ବାଧିକ ଛକା ହେଉ କିମ୍ବା ନକ୍‌ଆଉଟରେ ସର୍ବାଧିକ ସ୍କୋର ଏହି ମ୍ୟାଚରେ ଏକାଧିକ ରେକର୍ଡ ସୃଷ୍ଟି ହୋଇଥିଲା। ପୂର୍ବରୁ ବିଶ୍ୱକପ୍‌ର ନକ୍‌ଆଉଟରେ ସର୍ବାଧିକ ସ୍କୋର ଥିଲା ୨୦୫/୪। ୨୦୧୨ ସେମିଫାଇନାଲରେ କଲମ୍ବୋଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜ ଏହି ସ୍କୋର କରିଥିଲା। ସେହିପରି ଗୋଟିଏ ଇନିଂସରେ ସର୍ବାଧିକ ୧୬ ଛକା ମାରି ଭାରତ ଅନ୍ୟ ଦୁଇ ଦଳ ନେଦରଲାଣ୍ଡ୍ସ ଓ ୱେଷ୍ଟଇଣ୍ଡିଜ ସହ ମିଳିତଭାବେ ଶୀର୍ଷରେ ରହିଛି। ଗୋଟିଏ ବିଶ୍ୱକପରେ ସର୍ବାଧିକ ଛକା ମାରିବାରେ ସଞ୍ଜୁ ସାମସନ (୧୬) ଅନ୍ୟତମ ଭାରତୀୟ ଖେଳାଳି ରୋହିତ ଶର୍ମା (୧୫)ଙ୍କୁ ପଛରେ ପକାଇ ଦେଇଛନ୍ତି। ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୬୪ ରନ ବ୍ୟୟ କରି ଏକ ଅଲୋଡା ରେକର୍ଡର ଅଧିକାରୀ ହୋଇଥିଲେ। ଏହି ମ୍ୟାଚରେ ଇଂଲଣ୍ଡର ଜୋଫ୍ରା ଆର୍ଚ୍ଚର ୬୧ ରନ ବ୍ୟୟ କରିଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ଭାରତ। ବିସ୍ଫୋରକ ଓପନର ଅଭିଷେକ ଶର୍ମା ପୁଣିଥରେ ବିଫଳ ହୋଇଥିଲେ। ଦ୍ୱିତୀୟ ଓଭରର ଶେଷ ବଲ୍‌ରେ ଅଭିଷେକ (୯)ଙ୍କୁ ଆଉଟ କରି ଭାରତକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ ୱିଲ୍ ଜ୍ୟାକ୍ସ। ମାତ୍ର ପୂର୍ବ ମ୍ୟାଚରେ ଫର୍ମକୁ ଫେରିଥିବା ସଞ୍ଜୁ ସାମସନ ଓ ଇଶାନ କିଶନ ଦ୍ୱିତୀୟ ଉଇକେଟରେ ୪୫ ବଲ୍‌ରୁ ୯୭ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ଟି୨୦ ବିଶ୍ୱକପର ନକ୍‌ଆଉଟରେ ଏହାଥିଲା ଭାରତର ସର୍ବାଧିକ ପାର୍ଟନରଶିପ୍। ୨୦୦୭ରେ ଡର୍ବାନଠାରେ ଅନୁଷ୍ଠିତ ସେମିଫାଇନାଲରେ ଯୁବରାଜ ସିଂ ଓ ରବିନ ଉଥପ୍ପା ୮୪ ରନର ଭାଗୀଦାରି ଗଢ଼ି ରେକର୍ଡର ଅଧିକାରୀ ଥିଲେ। ଏଠାରେ କିଶନ ୧୮ ବଲ୍‌ରୁ ୩୯ (୪ ଚୌକା, ୨ ଛକା) ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସାମସନ ଖେଳିଥିଲେ ନିର୍ଭିକ ଇନିଂସ। ଧୂଆଁଧାର ବ୍ୟାଟିଂକରି ଭାରତକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଉଥିବା ସାମସନ କିନ୍ତୁ ଶତକଠାରୁ ୧୧ ରନ ଦୂରରେ ଥିବାବେଳେ ଆଉଟ ହୋଇଯିବାରୁ ପୂରା ଷ୍ଟାଡିୟମରେ ନିରବତା ଛାଇ ଯାଇଥିଲା। ପୂର୍ବ ମ୍ୟାଚର ହିରୋ ସାମସନ ଏଠାରେ ୪୨ ବଲ୍‌ରୁ ୮ ଚୌକା ଓ ୭ ଛକା ସହାୟତାରେ ୮୯ ରନ କରିଥିବାବେଳେ ୱିଲ ଜ୍ୟାକ୍ସଙ୍କ ଏକ ୱାଇଡ୍ ଲେନ୍ଥ ବଲ୍‌କୁ ବଡ଼ ଶଟ୍ ଖେଳିବାକୁ ଯାଇ ସୁଇପର କଭରରେ ଫିଲ୍ ସଲ୍ଟଙ୍କୁ କ୍ୟାଚ ଦେଇଥିଲେ। ସାମସନ ୧୫ ରନ କରିଥିବାବେଳେ ତାଙ୍କର ଏକ କ୍ୟାଚ ଇଂଲଣ୍ଡ ଅଧିନାୟକ ହ୍ୟାରି ବ୍ରୁକ୍ସ ଖସାଇଥିଲେ। ଏହାର ଭରପୂର ଫାଇଦା ଉଠାଇଥିଲେ ସଞ୍ଜୁ। ଏହାପରେ ସେ ୩୫ ବଲ୍‌ର ୭୪ ରନ ଯୋଗ କରିଥିଲେ। ସ୍ପିନ୍ ପ୍ଲେଇଂ ସ୍ପେଶାଲିଷ୍ଟଭାବେ ପରିଚିତ ଶିବମ୍ ଦୁବେ ବ୍ୟାଟିଂକ୍ରମରେ ଉପରେ ୪ ନମ୍ବରରେ ଆସିଥିଲେ। ଦୁବେ ତାହାର ସଦୁପଯୋଗ ମଧ୍ୟ କରିଥିଲେ। ତେବେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମାତ୍ର ୧୧ ରନ କରିଥିବାବେଳେ ଆଡିଲ ରଶିଦଙ୍କ ବଲ୍‌ରେ ଉଇକେଟ କିପରଙ୍କଦ୍ୱାରା ଷ୍ଟମ୍ପିଂ ହେବା ଭାରତକୁ ଶକ୍ତ ଝଟ୍‌କା ସଦୃଶ ହୋଇଥିଲା। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ତ୍ରୁଟି ଯୋଗୁ ଦୁବେ ବ୍ୟକ୍ତିଗତ ୪୩ ରନ କରିଥିବାବେଳେ ରନ୍‌ଆଉଟ ହୋଇ ଯାଇଥିଲେ। ସେ ୨୫ଟି ବଲ୍‌ର ସମ୍ମୁଖୀନ ହୋଇଥିବାବେଳେ ନିଜ ଇନିଂସ ମଧ୍ୟରେ ୧ ଚୌକା ଓ ୪ ଛକା ମାରିଥିଲେ। ଶେଷଭାଗରେ ହାର୍ଦ୍ଦିକଙ୍କ ୧୨ ବଲ୍‌ରୁ ୨୭ (୩ ଚୌକା, ୨ ଛକା) ଓ ୭ ନମ୍ବରରେ ଆସିଥିବା ତିଲକ ବର୍ମା ୭ ବଲ୍‌ରୁ ୨୧ (୩ ଛକା) ରନ କରିବାରୁ ଭାରତ ସ୍କୋର ୨୫୦ ଅତିକ୍ରମ କରି ଯାଇଥିଲା। ଇଂଲଣ୍ଡ ପକ୍ଷରୁ ୱିଲ୍ ଜ୍ୟାକ୍ସ ଓ ଆଡିଲ ରଶିଦ ୨ଟି ଲେଖାଏ ଏବଂ ଜୋଫ୍ରା ଆର୍ଚ୍ଚର ଗୋଟିଏ ଉଇକେଟ ନେଇଥିଲେ।




## ଦିଲ୍ଲୀ ଏମ୍ସରେ ସୁରେଶ ପୂଜାରୀ



ଭୁବନେଶ୍ୱର,୫।୩(ରବିନାରାୟଣ ଜେନା)

ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭୁବନେଶ୍ୱରସ୍ଥ ଏମ୍ସରୁ ଦିଲ୍ଲୀ ଏମ୍ସକୁ ଗୁରୁବାର ସ୍ଥାନାନ୍ତର କରାଯାଇଛି। ଡାକ୍ତରଙ୍କ ପରାମର୍ଶକ୍ରମେ ଅଧିକ ଚିକିତ୍ସା ଲାଗି ଦିଲ୍ଲୀ ଏମ୍ସ ସ୍ଥାନାନ୍ତର ହୋଇଥିବା ନିକଟତମ ସୂତ୍ରରୁ ଜଣାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୩ ତାରିଖ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ମନ୍ତ୍ରୀ ପୂଜାରୀଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର ଘୋଷଣା କରିଥିଲେ।

## ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣକଲେ ୧୫ ମାଓବାଦୀ

ମାଲକାନଗିରି, ୫।୩ (ଗୌରି ଶଙ୍କର ପଣ୍ଡା)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ମହାସମୁନ୍ଦ ଜିଲାରେ ଓଡ଼ିଶା ରାଜ୍ୟ ମାଓବାଦୀ କମିଟିର ସଚିବ ବିକାଶଙ୍କ ସମେତ ୧୫ ଜଣ ମାଓବାଦୀ ଗୁରୁବାର ଅସ୍ତ୍ରଶସ୍ତ୍ର ସହ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀମାନେ ବର୍ଷ ବର୍ଷ ଧରି ସଙ୍ଗଠନରେ ରହି ଅନେକ ବଡ଼ ବଡ଼ ହିଂସାକାଣ୍ଡରେ ସାମିଲଥିଲେ। ବର୍ତ୍ତମାନ ମାଓବାଦୀ ସଙ୍ଗଠନ ନିଜର ଅସ୍ତିତ୍ୱ ହରାଇ ପଥଭ୍ରଷ୍ଟ ହୋଇଥିବାବେଳେ ଏମାନେ ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସମସ୍ତ ଆତ୍ମସମର୍ପଣକାରୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ମାଓବାଦୀମାନେ ୩ଟି ଏକେ-୪୭ ବନ୍ଧୁକ, ଏସ୍‌ଏଲ୍‌ଆର, ଇନ୍‌ସାସ୍, ୩୦୩ ବନ୍ଧୁକ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏହି ଅସ୍ତ୍ରଶସ୍ତ୍ରଗୁଡ଼ିକ ବାବଦକୁ ସମସ୍ତ ଆତ୍ମସମର୍ପଣକାରୀଙ୍କୁ ସରକାରୀ ନିୟମ ଅନୁଯାୟୀ ଆର୍ଥିକ ରାଶି ପ୍ରଦାନ କରାଯିବ ବୋଲି ମହାସମୁନ୍ଦ ଜିଲା ପୋଲିସ ପକ୍ଷରୁ କୁହାଯାଇଛି।


ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

# ଦାନ୍ତ ସୁରକ୍ଷା ପ୍ରତି ଯତ୍ନବାନ୍ ହେବା ଜରୁରୀ

**ଆଜି ଜାତୀୟ ଦନ୍ତ ଚିକିତ୍ସକ ଦିବସ**



ଦାନ୍ତ ଆମକୁ ଖାଦ୍ୟ ଚୋବାଇବାରେ ସାହାଯ୍ୟ କରିଥାଏ। ଏହା ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ। ଏହାର ଯଦି ଆମେ ଠିକ୍ ଭାବରେ ଯତ୍ନ ନ ନେବା ତେବେ ପରବର୍ତ୍ତୀ ସମୟରେ ତାହା ସମସ୍ୟା ସୃଷ୍ଟି କରିବ। ଆଉ ଠିକ୍ ସମୟରେ ତାହାର ଉପଚାର କରା ନ ଗଲେ,ଏହି ସମସ୍ୟା ଗମ୍ଭୀର ଆକାର ଧାରଣ କରିଥାଏ। ତେବେ ଦାନ୍ତକୁ ସୁସ୍ଥ ରଖିବା କ୍ଷେତ୍ରରେ ଦନ୍ତ ଚିକିତ୍ସକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରତିବର୍ଷ ମାର୍ଚ୍ଚ ୬ ତାରିଖକୁ 'ଜାତୀୟ ଦନ୍ତ ଚିକିତ୍ସକ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି 'ସୁସ୍ଥ ପାଟି ଆତ୍ମବିଶ୍ୱାସ ଆଣିଥାଏ ଏବଂ ଉତ୍ତମ ଜୀବନଯାପନରେ ସହାୟକ ହୋଇଥାଏ।' ଯଦି ଆପଣଙ୍କର ଦାନ୍ତଜନିତ ସମସ୍ୟା ରହିଛି, ତେବେ ବିଳମ୍ବ ନ କରି ଅଭିଜ୍ଞ ଦନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ଯେହେତୁ ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବାରେ ଦାନ୍ତ ସାହାଯ୍ୟ କରିଥାଏ, ତେଣୁ ଦାନ୍ତ କିପରି ସୁସ୍ଥ ତଥା ଦୃଢ଼ ରହିବ ସେନେଇ ଯତ୍ନବାନ ହେବା ନିହାତି ଆବଶ୍ୟକ। କେବଳ ସକାଳେ ବିଛଣାରୁ ଉଠିବା ପରେ ନୁହେଁ, ରାତ୍ର ଭୋଜନ ପରେ ଭଲ ଭାବରେ ଦାନ୍ତ ଘଷିବା ଦରକାର। କାରଣ ଦାନ୍ତ ସନ୍ଧିରେ ଯଦି ଖାଦ୍ୟପଦାର୍ଥର ଅବଶିଷ୍ଟାଂଶ ରହିଗଲା, ତେବେ ତାହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଭଲ ଭାବରେ ଦାନ୍ତ ଘଷିବା ସହ ଏଭଳି ସମସ୍ୟାର କୌଣସି ଲକ୍ଷଣ ଜାଣିବାକୁ ପାଇଲେ ବିଳମ୍ବ ନ କରି ତାହାର ଚିକିତ୍ସା କରାନ୍ତୁ। ଦାନ୍ତ ରୋଗ ନିରୂପଣ ସମୟରେ ଦନ୍ତ ଚିକିତ୍ସକ ପ୍ରେସ୍‌କ୍ରିପ୍‌ସନରେ ଉଲ୍ଲେଖ କରିଥିବା ପାଥୋଲୋଜିକାଲ ଟେଷ୍ଟ କରାଇ ନିଅନ୍ତୁ। ନିଜେ ସତର୍କ ରହିଲେ ଆମେ ଦାନ୍ତଜନିତ ସମସ୍ୟାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବା।

## ହୋଲିରେ ଅଘଟଣ, ଜଳିଗଲା ଦୋକାନ

ପାଣିକୋଇଲି, (ବିକାଶ ଚନ୍ଦ୍ର ମଲ୍ଲିକ): ପାଣିକୋଇଲି ଥାନା ଶର୍ମା ହୋଟେଲ ନିକଟରେ ଜଣେ ବ୍ୟବସାୟୀଙ୍କ ଦୋକାନ ବୁଧବାର ରାତିରେ ଜଳି ଭସ୍ମୀଭୂତ ହୋଇଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ କାରଣରୁ ଉକ୍ତ ଅଗ୍ନିକାଣ୍ଡ ହୋଇଥିବା ଅନୁମାନ କରାଯାଉଛି। ଥାନା ଅନ୍ତର୍ଗତ କାଙ୍କଲାପାଟଣା ଗ୍ରାମର ଅନନ୍ତ ସାହୁ ଶର୍ମା ହୋଟେଲ ନିକଟରେ ଏକ ଦୋକାନ କରିଥିଲେ। ତେବେ ହୋଲି ପାଇଁ ସେ ଦିନ ସାରା ନିଜ ଦୋକାନ ଖୋଲି ନ ଥିବା ବେଳେ ରାତିରେ ଅଗ୍ନିକାଣ୍ଡ ଘଟି ସମସ୍ତ ଜିନିଷ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ବୈତରଣୀ ରୋଡ଼ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ସିଂହପୁର, ୫।୩ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ବଜାର ନିକଟରେ ବୁଧବାର ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ସିଂହପୁର ଗ୍ରାମର ଅଲେଖ ଦାସଙ୍କ ପୁଅ ସୁରେଶ ଦାସ (୩୦) ବୋଲି ଜଣାପଡିଛି। ଏକ ଅଜଣା ଗାଡି ସୁରେଶଙ୍କୁ ଧକ୍କା ଦେବା ପରେ ସେ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ରେ ବାଡେଇ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁରେଶଙ୍କ ଭାଇ ଅନିରୁଦ୍ଧ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ନଂ. ୧୨୦/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୁରେଶଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଭାରସାମ୍ୟ ହରାଇ ଘରେ ପଶିଲା ହାଇୱା, ବୃଦ୍ଧା ମୃତ

**ପାଣିକୋଇଲି, ୫।୩ (ବିକାଶ ଚନ୍ଦ୍ର ମଲ୍ଲିକ)** :ପାଣିକୋଇଲି ଥାନା କରଦା ପଞ୍ଚାୟତର ପଳସା ଆଦିବାସୀ ବସ୍ତିରେ ବୁଧବାର ରାତିରେ ହାଇୱା ଘରେ ପଶିଯିବାରୁ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ବିଳମ୍ବିତ ରାତିରେ ଷଠିପୁର ବରୁଣ୍ଡାଇ ରାସ୍ତାରେ କଣ୍ଟାବଣିଆ ବାଲିଘାଟକୁ ବାଲି ପାଇଁ ଯାଉଥିବା ଏକ ହାଇୱା ନଂ. ଓଡି ୨୨ ଜି ୪୨୧୨ ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ରାସ୍ତା ଡିଭାଇଡର ପାର ହୋଇ ପଳସା ଅଦିବାସୀ ବସ୍ତିରେ ଜଗା ମୁଣ୍ଡା ଘରେ ପିଟି ହୋଇଥିଲା। ରାସ୍ତାଠାରୁ ପ୍ରାୟ ଶହେ ମିଟର ଦୂରରେ ଥିବା ଉକ୍ତ ଘର ସମ୍ମୁଖ ବାରଣ୍ଡାରେ ତାଙ୍କ ସ୍ତ୍ରୀ ଦୁତୀ ମୁଣ୍ଡା (୭୩) ବସିଥିବା ବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ହାଇୱାଟି ଘର ଛାତରେ ଲାଗି ରହିଯାଇଥିଲା। ଖବରପାଇ ସାହି ଲୋକ ଓ ପଳସା ଗ୍ରାମବାସୀଙ୍କ ଭିଡ ଜମିଥିଲା। ଦୁତୀଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାର ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ଦୁତୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଥାନାଧିକାରୀ ରଞ୍ଜିତ ମହାନ୍ତି, ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶ ଘଟଣାସ୍ଥଳେ ପହଞ୍ଚି ଥିଲେ। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ହାଇୱାକୁ ସେଠାରୁ ଛାଡି ନ ଥିଲେ। ଘଟଣାସ୍ଥଳରେ ହାଇୱା ମାଲିକ ବାଲେଶ୍ୱର ସିମୁଳିଆ ଗୋବିନ୍ଦ ସାହୁ ପହଞ୍ଚି ଘର ମରାମତି ଓ ଚିକିତ୍ସା ଖର୍ଚ୍ଚ ଦେବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ହାଇୱାକୁ ବାହାର କରାଯାଇଥିଲା। ପୋଲିସ ହାଇୱାକୁ ଜବତ କରିବା ସହ ଚାଳକଙ୍କ ଅଟକ ରଖିଛି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରି ପୁଅ ଜଳଧରଙ୍କୁ ହସ୍ତାନ୍ତର କରିବା ପରେ ସେ ଗାଁକୁ ଆଣି ସଂସ୍କାର କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଜମି ଅଧିଗ୍ରହଣ, ପୁଞ୍ଜିପତିଙ୍କୁ ସହାନୁଭୂତି



କ୍ଷତିଗ୍ରସ୍ତ ୨୯ ମୌଜା ଭୂମି କୃଷକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ବୈଠକ।

- ଇଡ଼୍କୋ ହଟାଅ ଦାବିରେ ଆନ୍ଦୋଳନ ପାଇଁ କ୍ଷତିଗ୍ରସ୍ତ ପ୍ରଜାଙ୍କ ସଜବାଜ
- ଡୁବୁରୀଠାରୁ ଟାଟା ଷ୍ଟିଲ ୟାର୍ଡକୁ ରେଳପଥ ନିର୍ମାଣ

**ଯାଜପୁର/କଳିଙ୍ଗନଗର, ୫।୩ (ହର୍ଷବର୍ଦ୍ଧନ ବେହେରା/ସୁବାଶିଷ ରାଉତ):** ରାଜ୍ୟର ଆର୍ଥିକ ଅଭିବୃଦ୍ଧି ପାଇଁ ଶିଳ୍ପାୟନ ଏବଂ ପରିବହନ ବ୍ୟବସ୍ଥାରେ ଶିଳ୍ପ କାରଖାନାକୁ ନୂତନ ରେଳପଥ ନିର୍ମାଣ ଚାଲିଛି। ଏଥିପାଇଁ ଲୋକଙ୍କ ବହୁ ହଜାର ଏକର ଜମି ଓ ଘରଡିହ ରାଜ୍ୟ ସରକାରଙ୍କ ସଂସ୍ଥା ଇଡ୍‌କୋ ଜରିଆରେ ଅଧିଗ୍ରହଣ କରାଯାଉଛି। ଏହି ପ୍ରକ୍ରିୟାରେ ଭିଟାମାଟି ଜମି ହରାଉଥିବା ଲୋକଙ୍କୁ ନ୍ୟାୟ ଦିଆଯାଉ ନ ଥିବା କାରଣରୁ ଶିଳ୍ପକୁ ନେଇ ଅସନ୍ତୋଷ ସୃଷ୍ଟି ହେଉଛି। ରାଜ୍ୟରେ ଦ୍ରୁତ ଶିଳ୍ପାୟନ କ୍ଷେତ୍ରରେ ଏହି ଅସନ୍ତୋଷ ଏକ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ଏହାସତ୍ତ୍ୱେ ବିସ୍ଥାପିତ ଓ ଜମିହରାଙ୍କ ପ୍ରତି ନ୍ୟାୟ ଦେବା ପରିବର୍ତ୍ତେ କେତେଜଣ ସରକାରୀ ପଦାଧିକାରୀ ପୁଞ୍ଜିପତିଙ୍କ ପ୍ରତି ଅଧିକ ସହାନୁଭୂତି ରଖୁଥିବା କ୍ଷତିଗ୍ରସ୍ତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଯାଜପୁର ଜିଲାର ସୁକିନ୍ଦା ତହସିଲ ଅନ୍ତର୍ଗତ ଡୁବୁରୀ ଷ୍ଟେଶନଠାରୁ ଟାଟା ଷ୍ଟିଲ ୟାର୍ଡ ପର୍ଯ୍ୟନ୍ତ ରେଳ ସଂଯୋଗ ପ୍ରକଳ୍ପ ପାଇଁ ୧୩୫ ଏକର ଜମି ଅଧିଗ୍ରହଣ ସକାଶେ ଜିଲା ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରିଛି। ଏହାକୁ ୨୯ ମୌଜା ଭୂମି କୃଷକ ମଞ୍ଚ ପକ୍ଷରୁ ବିରୋଧ କରି ଇଡକୋ ହଟାଅ ଦାବିରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ଗୁରୁବାର ଡୁବୁରି କପିଳେଶ୍ୱର ମନ୍ଦିର ପରିସରରେ ବିଭିନ୍ନ ସାମାଜିକ ସଙ୍ଗଠନର ମୁଖ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୃତ୍ୟୁଞ୍ଜୟ ଦେଓଙ୍କୁ ଆବାହକ, ଜନ୍ମେଞ୍ଜୟ ବଳସାମନ୍ତଙ୍କୁ ଉପଆବାହକ ଭାବେ ଚୟନ କରାଯାଇଛି। ଏଥିସହ ଶରତ ବଳ, ମଟାଇ ଜାମୁଦା, ରବୀନ୍ଦ୍ର ଧୀର ସାମନ୍ତ, ପୀତବାସ ମହାନ୍ତ, ପ୍ରତୀପ ଜେନା, ବିଶ୍ୱରଞ୍ଜନ ସ୍ୱାଇଁ , କ୍ଷୀରୋଦ ଜେବନା, ଗୋକୁଳି ନାୟକ, ଗିରିଶ ମହାନ୍ତ, ପରମେଶ୍ୱର ମହାନ୍ତ, ବିଜୟ ମହାନ୍ତ ପ୍ରମୁଖ କାର୍ଯ୍ୟକାରୀ କମିଟିରେ ରହିଛନ୍ତି।

ସବୁଜ କୃଷି କ୍ଷେତ୍ର ବଞ୍ଚାଅ କୃଷକ କମିଟି ପକ୍ଷରୁ ଏହି ରେଳ ପ୍ରକଳ୍ପରେ ଜମି ଅଧିଗ୍ରହଣକୁ ବିରୋଧ କରାଯାଇ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ଏ ନେଇ ଜିଲାପାଳଙ୍କ ନିକଟରେ ବହୁବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ହେଁ କୌଣସି ସଫଳତା ମିଳିପାରିନାହିଁ। କ୍ଷତିଗ୍ରସ୍ତ ପ୍ରଜାଙ୍କ ବିଭିନ୍ନ ଦାବିକୁ ପୂରଣ କରିବା ପରିବର୍ତ୍ତେ ଜିଲା ପ୍ରଶାସନ ପକ୍ଷରୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏହାସହ ଆଇନ ଅନୁଯାୟୀ ଉପଯୁକ୍ତ ପରିମାଣରେ କ୍ଷତିପୂରଣ ପ୍ରଦାନ ନ କଲେ ଜମି ଅଧିଗ୍ରହଣକୁ ସମ୍ପୂର୍ଣ୍ଣ ଭାବେ ବିରୋଧ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, କଳିଙ୍ଗନଗରରେ ଗଢ଼ି ଉଠିଥିବା ବିଭିନ୍ନ କାରଖାନାରୁ ଉତ୍ପାଦିତ ଦ୍ରବ୍ୟକୁ ପରିବହନ ସକାଶେ ରେଳପଥକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ଟ୍ରାଫିକ୍ ସମସ୍ୟା ସହ ପ୍ରଦୂଷଣ ନିୟନ୍ତ୍ରଣ ହୋଇପାରିବ ବୋଲି ପ୍ରଶାସନ ପକ୍ଷରୁ ଦାବି କରାଯାଉଛି। ତେବେ ଇତିମଧ୍ୟରେ ସୁକିନ୍ଦା-ଅନୁଗୋଳ ନୂତନ ରେଳ ଲିଙ୍କ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାକୁ ବସିଛି। ଏହିକ୍ରମରେ ଟାଟା ଷ୍ଟିଲ କାରଖାନାର ନିକଟସ୍ଥ ନୂତନ ରେଳ ଷ୍ଟେଶନ ଡୁବୁରୀଠାରୁ ଟାଟା ଷ୍ଟିଲ ୟାର୍ଡ ପର୍ଯ୍ୟନ୍ତ ରେଳ ସଂଯୋଗ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ସରକାରୀ ଭାବେ ଆରମ୍ଭ ହୋଇ ସାରିଛି। ଜିଲାର ସୁକିନ୍ଦା ତହସିଲ ଅନ୍ତର୍ଗତ ସଂସାଇଲୋ ଗ୍ରାମର ୫୯.୫୯୦ ଏକର, ଓଳିଆ ଗ୍ରାମର ୮.୨୦୦ ଏକର, ଅଭୟପୁର ଗ୍ରାମର ୧୩.୮୯୦ ଏକର, ହାତିମୁଣ୍ଡା ଗ୍ରାମର ୩୬.୮୩୦ ଏକର, ଗୋବରଘାଟି ଗ୍ରାମର ୧୧.୪୦୦ ଏକର, ବାରଗାଡିଆ ଗ୍ରାମର ୧.୩୬୦ ଏକର ଏବଂ ଡୁବୁରୀ ଗ୍ରାମର ୪.୦୩୦ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ ପ୍ରସ୍ତାବ ରହିଛି। କିନ୍ତୁ ଜମି ଅଧିଗ୍ରହଣ ନିୟମକୁ ସ୍ୱଚ୍ଛତା ଓ ପାରଦର୍ଶିତାର ସହିତ ଗ୍ରହଣ କରାଯିବାର ସଂକଳ୍ପ କେବଳ କାଗଜରେ ସୀମିତ ରହିଛି ବୋଲି ଅଭିଯୋଗ ହେଉଛି। ଜମି ବଦଳରେ ଗୋଚର ଓ ଶ୍ମଶାନ ଜମି ଚିହ୍ନଟ କରାଯାଇ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ହସ୍ତାନ୍ତର କରିବା, ରେଳପଥର ଉଭୟପାର୍ଶ୍ୱରେ ସ୍ଥାୟୀ ସୁରକ୍ଷା ବାଡ, ଚାଷୀଙ୍କ ଯାତାୟାତ ପାଇଁ ଉଭୟପାର୍ଶ୍ୱରେ ରାସ୍ତା ନିର୍ମାଣ ଇତ୍ୟାଦି ଦାବି ହେଉଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ପଚାରିବାରେ ପ୍ରସ୍ତାବିତ ରେଳପଥ କେବଳ ଟାଟା ଷ୍ଟିଲ ନୁହେଁ, କଳିଙ୍ଗନଗର ଶିଳ୍ପାଞ୍ଚଳର ସମସ୍ତ ଶିଳ୍ପ କମ୍ପାନୀ ଉପକୃତ ହେବେ। ପ୍ରଦୂଷଣ ନିୟନ୍ତ୍ରଣ ହେବା ସହ ଟ୍ରାଫିକ ସମସ୍ୟା ଦୂରିଭୂତ ହୋଇପାରିବ। ଏହି ପ୍ରକଳ୍ପକୁ ଏବେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନାରେ ସାମିଲ କରାଯାଇଛି ବୋଲି ସେ କହିଛନ୍ତି।


@ ହୃଷୀକେଶ


@ ଲକ୍ଷ୍ମୀଧର


@ ନିଗମ


@ ସୁରେନ୍ଦ୍ର


@ ପ୍ରଦୀପ୍ତ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୮ ଜୋନ୍‌ରେ ବରିଷ୍ଠ ସଙ୍ଗଠକ ହେଲେ ନିୟୋଜିତ

### ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ




**ଯାଜପୁର ସଦର, ୫।୩ (ସମର ବିଜୟ ଶରଣ)** ଯାଜପୁର ସହରର କୁଆଁସରପୁରସ୍ଥିତ ଉତ୍କଳ ମଣ୍ଡପରେ ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନର ଯାଜପୁର ଜିଲା କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବା ସହ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ବୈଠକରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଡାକରା ଅନୁଯାୟୀ, ଆସନ୍ତା ୨୨ ତାରିଖରୁ କେନ୍ଦୁଝରଠାରୁ ଆରମ୍ଭ ହେବାକୁ ଥିବା ବିଶାଳ ଚାଷୀ ପଦଯାତ୍ରାରେ ଯାଜପୁର ଜିଲା ସଙ୍ଗଠନର ସମ୍ପୃକ୍ତି ବ୍ୟାପକ କରାଯିବା ନେଇ ସ୍ଥିର କରାଯାଇଛି। କିଛିଦିନ ତଳେ କଂଗ୍ରେସ ଦଳର କେତେଜଣ ପଦାଧିକାରୀ ଓ କର୍ମୀ ମିଶି ନବନିର୍ମାଣ କୃଷକ ସଙ୍ଗଠନର ବ୍ୟାନର ଲଗାଇ ନିଜକୁ ସଙ୍ଗଠନର କର୍ମକର୍ତ୍ତା ବୋଲି ପରିଚୟ ଦେବାକୁ ଦୃଢ଼ ନିନ୍ଦା କରାଯାଇଛି। ଏହି ପ୍ରସଙ୍ଗରେ ସଙ୍ଗଠନ, କଂଗ୍ରେସ ଦଳର ରାଜ୍ୟ ସଭାପତି ଭକ୍ତ ଦାସଙ୍କୁ ଭେଟିବା ସହ ଲିଖିତ ଭାବେ ଅବଗତ କରାଯିବ ବୋଲି ସ୍ଥିର କରାଯାଇଛି। ଅନ୍ୟପକ୍ଷେ ଜିଲାରେ ସାଙ୍ଗଠନିକ କାର୍ଯ୍ୟକ୍ରମ ଆଗେଇ ନିଆଯିବାକୁ ସ୍ଥିର କରାଯାଇଛି। ଜିଲାର ମୋଟ ୩୧୧ ପଞ୍ଚାୟତକୁ ୩୦ ଜୋନରେ ବିଭକ୍ତ କରାଯାଇ, ପ୍ରତି ଜୋନରେ ଜଣେ ବରିଷ୍ଠ ସଙ୍ଗଠକଙ୍କୁ ନିୟୋଜିତ କରିବାକୁ ସ୍ଥିର ହୋଇଥିବାବେଳେ ପ୍ରାରମ୍ଭିକ ସ୍ତରରେ ପ୍ରାୟ ୧୮ ଟି ଜୋନ ପାଇଁ ଦାୟିତ୍ୱ ଭାର ଅର୍ପଣ କରାଯାଇଛି। ପୂର୍ଣ୍ଣାଙ୍ଗ ଜୋନ କମିଟି ଗଠନ ପର୍ଯ୍ୟନ୍ତ ପୂର୍ବତନ ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସଙ୍କୁ ନୂତନ ଭାବେ ଜିଲା ସଂଯୋଜକ ଭାବେ ସ୍ଥିରୀକୃତ କରାଯାଇଛି। ରାଷ୍ଟ୍ରୀୟ ସଂଯୋଜକଙ୍କ ସ୍ୱୀକୃତି ନିମନ୍ତେ ଦାଶଙ୍କ ନାମ ସୁପାରିଶ କରାଯାଇଛି। ବୈଠକରେ ପ୍ରତାପ ଦାସ, ମାଧବାନନ୍ଦ ଶାନ୍ତି, ଚୌଧୁରୀ ଜେନା, ପ୍ରଦୀପ୍ତ ମହାପାତ୍ର, ଧନଞ୍ଜୟ ବିଶ୍ୱାଳ, ରାଜକିଶୋର ଘଡାଇ, ବଲ୍ଲଭ ଜେନା ପ୍ରମୁଖ ଯୋଗଦେଇଥିଲେ।

### ନଦୀରେ ବୁଡ଼ି ଛାତ୍ରୀଙ୍କ ମୃତ୍ୟୁ

**ଚଣ୍ଡିଖୋଲ, ୫।୩ (ପ୍ରଦୀପ୍ତ କୁମାର ପୃଷ୍ଟି)** ନଦୀ ପାଣିରେ ବୁଡି ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଚଣା ବ୍ଲକ କୁନ୍ଦଳ ପଞ୍ଚାୟତ ଅନ୍ତର୍ଗତ ଦାଣ୍ଡହରିପୁର ଗ୍ରାମର ସୁଶାନ୍ତ ସାମଲଙ୍କ ସାନ ଝିଅ ମହାଲକ୍ଷ୍ମୀ (୧୨)। ମହାଲକ୍ଷ୍ମୀ ବୁଧବାର ଭଉଣୀଙ୍କ ସହ ଘର ପାଖ ଗେଙ୍ଗୁଟି ନଦୀକୁ ସ୍ନାନ କରିବାକୁ ଯାଇଥିଲେ। ମହାଲକ୍ଷ୍ମୀ ଗାଧୋଉଥିବା ବେଳେ ଗଭୀର ପାଣି ଭିତରକୁ ଚାଲି ଯାଇଥିଲେ। ଏହା ଦେଖି ଭଉଣୀ ଡକା ପକାଇବାରୁ ସ୍ଥାନୀୟ ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ଖବରପାଇ ସରପଞ୍ଚ ପ୍ରମିତା ରାଉତ ଓ ସାଂସଦଙ୍କ ବ୍ଲକ ପ୍ରତିନିଧି ରବୀନ୍ଦ୍ର ରାଉତ ପହଞ୍ଚି ସହାୟତା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ମହାଲକ୍ଷ୍ମୀଙ୍କ ଅକାଳ ବିୟୋଗରେ ବିଧାୟକ ଅମର କୁମାର ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ପୀତାମ୍ବରୀ ଶାକ୍ତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି


ବିଧାୟକ ହିମାଂଶୁ ଶେଖର ସାହୁ ଯଜ୍ଞରେ ଆଳତି କରୁଛନ୍ତି।

**କାଏମା ୫।୩(ଶିବ ପ୍ରସାଦ ମହାନ୍ତି)** ଧର୍ମଶାଳା ନିର୍ବାଚନମଣ୍ଡଳୀ ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡିଆରେ ବିଶ୍ୱ କଲ୍ୟାଣ ଓ ବିଶ୍ୱଶାନ୍ତି କାମନାରେ ତ୍ରିଦିବସୀୟ ପଞ୍ଚକୁଣ୍ଡୀୟ ମା' ପୀତାମ୍ବରୀ ଶାକ୍ତ ମହାଯଜ୍ଞ ବୁଧବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଯାଇଛି। ପ୍ରଥମ ଦିନ ଅଙ୍କୁରାରୋପଣ, ଯଜ୍ଞଶାଳା ଶୋଧନ ଓ ମହାପୂଜା କାର୍ଯ୍ୟ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ପ୍ରାତଃରୁ ବ୍ରାହ୍ମଣୀ ନଦୀ ତଟରେ ସପ୍ତତୀର୍ଥ ଆବାହନ କରାଯାଇ କଳସ ଶୋଭାଯାତ୍ରାରେ ଜଳ ଅଣାଯାଇ ଯଜ୍ଞାଗ୍ନି ସ୍ଥାପନ କରାଯାଇଥିଲା। ଶତାଧିକ ମହିଳାପୁରୁଷମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଯଜ୍ଞସ୍ଥଳରେ କଳସ ସ୍ଥାପନ ପରେ ବୈଦିକ ପଣ୍ଡିତମାନଙ୍କ ଦ୍ୱାରା ମଣ୍ଡପ ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା କରାଯାଇ ଯଜ୍ଞ ମଣ୍ଡପରେ ଅଗ୍ନିସ୍ଥାପନ କରାଯାଇଥିଲା। ପୀତାମ୍ବରୀଙ୍କ ମୂଳମନ୍ତ୍ର ଯଜ୍ଞ କରାଯାଇଥିଲା। ୩ୟ ଦିନରେ ମହାସ୍ନାନ, ମହାପୂଜା ଓ ଚଣ୍ଡୀପାଠ କରାଯାଇଥିଲା। ଏହି ଯଜ୍ଞରେ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିବାବେଳେ ପୂର୍ଣ୍ଣାହୁତିରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ମା' ପୀତାମ୍ବରୀଙ୍କ ଆର୍ଶିବାଦ ପ୍ରାପ୍ତ କରିଥିଲେ। ୩ଦିନ ବ୍ୟାପି ଅନୁଷ୍ଠିତ ଏହି ଯଜ୍ଞରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ସମେତ ପଡୋଶୀ ଅଞ୍ଚଳରୁ ବହୁସଂଖ୍ୟାରେ ଭକ୍ତମାନେ ଯୋଗଦେଇଥିଲେ। ଏହି ଯଜ୍ଞରେ କର୍ତ୍ତା ଓ କର୍ତ୍ତୀ ଭାବେ ଦେବରାଜ ମିଶ୍ର, ଆରତି ମିଶ୍ର , ହେମନ୍ତ ଆଚାର୍ଯ୍ୟ, ପ୍ରଭାତି ରଥ, ବୀର କିଶୋର ପାଢୀ, ସବିତା ପାଢୀ, ତୀର୍ଥରାଜ ପଣ୍ଡା, ଦୁଷ୍ମନ୍ତ ରାୟ, ତୁଳସୀରାଣୀ ରାୟ ପ୍ରମୁଖ ସଂକଳ୍ପ କରିଥିଲେ। ଏଥିରେ ପଣ୍ଡିତମାନେ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ମହୋତ୍ସବ ପଡିଆରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲ। ରାଜେଶ ପାଳ, ଜିତେନ୍ଦ୍ର ରାଉତ, ଦେବଦତ୍ତ ପଣ୍ଡା, ପ୍ରଦୀପ ପରିଡା, ସବ୍ୟସାଚୀ ସୁନ୍ଦରାୟ, ସାଗର ରାୟ, ଆଲୋକ ମହାନ୍ତି ପ୍ରମୁଖ ଯଜ୍ଞ ପରିଚଳନାରେ ସହାୟତା କରିଥିଲେ।

### କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ, ସ୍ୱାମୀ ଗିରଫ

**ବଡ଼ଚଣା, ୫।୩ (ଦିଲୀପ କୁମାର ମହାନ୍ତି)**

ପାରିବାରିକ କଳହକୁ ନେଇ ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ନବବିବାହିତା ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଯାଜପୁର ଜିଲା ବଡ଼ଚଣା ବ୍ଲକ ବୈରି ଥାନା ଅନ୍ତର୍ଗତ ସମିଆଁ ପଞ୍ଚାୟତ ଚାଶୁଣିମାଳିଆ ଗାଁର ଆଦିବାସୀ ପରିବାରରେ ଏହି ହତ୍ୟା ଘଟିଛି। ମଙ୍ଗଳବାର ସକାଳ ୯ଟାରେ ଗୁରୁ ବିରୁଆ ସହିତ ସ୍ତ୍ରୀ ପାର୍ବତୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ଲାଗିଥିଲା। ନିଶାସକ୍ତ ଅବସ୍ଥାରେ ଥିବା ଗୁରୁ ସ୍ତ୍ରୀଙ୍କୁ ଏକ କାଠଫାଳିଆରେ ପିଟିପିଟି ମାରିଦେଇଥିଲେ। ଏନେଇ ମୃତ ପାର୍ବତୀଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଥାନାଧିକାରୀ ଅଂଶୁମାଳା ଦାସ ସଦଳ ବଳେ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଅଭିଯୁକ୍ତ ସ୍ୱାମୀ ଗୁରୁଙ୍କୁ ଥାନାକୁ ନେଇଥିଲେ। ପରେ ଯାଜପୁର ଜିଲାରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ କଲା ପରେ ମୃତଦେହକୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ କରାଯାଇଥିଲା। ଘଟଣା ବିଷୟରେ ଖବରପାଇ ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ପହଞ୍ଚି ଥିଲେ। ଏ ନେଇ ପୋଲିସ ନଂ. ୫୬/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଗୁରୁଙ୍କୁ କୋର୍ଟ ଚାଲାଣ କରି ତଦନ୍ତ ଚଳାଇଛି।

# ଐତିହାସିକ କାଏମା ପାହାଡ଼ରେ ଜଳୁଛି ଜଙ୍ଗଲ

### ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ

**ଧର୍ମଶାଳା/କାଏମା, ୫।୩(ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି )**

ଯାଜପୁର ଜିଲା ଧର୍ମଶାଳା ବ୍ଲକର ଐତିହାସିକ କାଏମା ପାହାଡ଼ରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବା ଫଳରେ ବୁଧବାର ମଧ୍ୟାହ୍ନରେ ଦୀର୍ଘ ସମୟ ଧରି ପାହାଡରେ ଥିବା ଜଙ୍ଗଲ ଜଳିବାକୁ ଲାଗିଥିଲା। ପାହାଡରେ ଥିବା ଗଛରୁ ଶୁଖିଲା ପତ୍ର ପଡ଼ି ରହିଥିବା କାରଣରୁ ଅଳ୍ପ ସମୟ ମଧ୍ୟରେ ନିଆଁ ଚାରି ଆଡେ ମାଡ଼ିଯିବା ସହ ପାହାଡ଼ ଉପରକୁ ବ୍ୟାପୀ ଯାଇଥିଲା। ସ୍ଥାନୀୟ ଲୋକେ ପାଣି ପାଇପ ସାହାଯ୍ୟରେ ନିଆଁକୁ ଲିଭାଇବା ପାଇଁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଚଢ଼େଇଧରା, କୁଆଖିଆର ୨ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ଚେଷ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଘଟଣାକୁ ନେଇ ପାହାଡ ନିକଟ ବର୍ତ୍ତୀ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପାହାଡ ପାର୍ଶ୍ୱରେ ଅନେକ ଚାଳ ଛପର ଘର ରହିଥିବା ବେଳେ କେତେଜଣ ଦୁର୍ବୃତ୍ତ ଏଭଳି କାର୍ଯ୍ୟ କରିଥିବା ଲୋକେ କହିଛନ୍ତି।


ଗାଁର ଲୋକମାନେ ପାଣି ପକାଇ ଜଙ୍ଗଲରୁ ନିଆଁ ଲିଭାଉଛନ୍ତି।

ବନ ବିଭାଗ ଏହି ଦୁର୍ବୃତ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ଫଟୋ ଉଠାଇ ଚାଲିଯାଇଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବନ ବିଭାଗର ଖାମଖିଆଲ ମନୋଭାବ ପାଇଁ ଏହି ଐତିହାସିକ ପାହାଡ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛି। ଏହି ପାହାଡରେ ପାଦ ଦେଶରେ ବୌଦ୍ଧ କୀର୍ତ୍ତିରାଜି ହାତିଆଶୁଣି ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ପାହାଡକୁ ଖନନ କରି ଅନେକ ବୌଦ୍ଧ କୀର୍ତ୍ତିରାଜି ସଂଗ୍ରହ କରାଯାଇଛି। ସେହିପରି ପାହାଡର ସୋନ୍ଦର୍ଯ୍ୟକରଣ ନିମନ୍ତେ ଗଛ ଲଗାଯିବା ସହ କମଲେଇ ବନ ନାମରେ ନାମିତ କରାଯାଇଥିଲା। ବନ ବିଭାଗ ସୁରକ୍ଷା ଦାୟିତ୍ୱରେ ବିଭିନ୍ନ ଗଛ ଲଗାଯାଇଥିଲା। ଏହି ଗଛଗୁଡ଼ିକୁ ଦୃର୍ବୃତ୍ତମାନେ କାଟି ନେଇ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ବନ ବିଭାଗ କର୍ମଚାରୀଙ୍କୁ ବାରମ୍ବାର ଜଣାଇବା ପରେ ସେମାନେ ପହଞ୍ଚି ପାହାଡ ବୁଲି ଦେଖିଥିଲେ। ଅନେକ ଗଛ କଟା ହୋଇ ଯାଇଥିବା ସହ କେତେ ଗଛ କିଛି ଲୋକଙ୍କ ଘର ବାଡ଼ିରେ ପଡ଼ି ରହିଥିବା ଦେଖି ମଧ୍ୟ ସେମାନଙ୍କ ଉପରେ କୌଣସି ଆଇନ ଗତ କାର୍ଯାନୁଷ୍ଠାନ ନେଉ ନ ଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏଭଳି ଗଛ କାଟିବା କାର୍ଯ୍ୟ ଜାରି ରହିଲେ କିଛିଦିନ ପରେ ପାହାଡରୁ ଗୋଟିଏ ହେଲେ ବି ଗଛ ରହିବା ନାହିଁ ବୋଲି ଲୋକେ କହିଛନ୍ତି।

### ମଦ ଜବତ, ଜଣେ ଗିରଫ

**ଚଣ୍ଡିଖୋଲ, ୫।୩ (ପ୍ରଦୀପ୍ତ କୁମାର ପୃଷ୍ଟି)** ବାଲିଚନ୍ଦ୍ରପୁର ଥାନା ପୋଲିସ ଚୋରା ମଦ ବିକ୍ରି ଅଭିଯୋଗରେ ଜଣକୁ ଗିରଫ କରିଛି। ଗିରଫ ମଦ ବ୍ୟବସାୟୀ ଜଣକ ହେଉଛି ଥାନା ଅନ୍ତର୍ଗତ ପଲେଇ ଗ୍ରାମର ପ୍ରସନ୍ନ ପଲେଇ (୫୨)। ପ୍ରସନ୍ନ ଘର ପାଖରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବୁଧବାର ରାତିରେ ଥାନାଧିକାରୀ ଦିଲୀପ କୁମାର ମହାନ୍ତି ସଦଳବଳେ ଚଢାଉ କରି ୯୦ ଲିଟର ବିଦେଶୀ ମଦ ଜବତ କରିଥିଲେ। ପରେ ତାଙ୍କୁ ଗିରଫ କରି ନଂ. ୮୪/୨୬ରେ ମାମଲା ରୁଜୁ କରିଥିଲେ। ଗିରଫ ପ୍ରସନ୍ନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

### ଦୁର୍ଘଟଣାରେ ସ୍କୁଟି ଆରୋହୀ ଗୁରୁତର

**ପାଣିକୋଇଲି, ୫।୩ (ବିକାଶ ଚନ୍ଦ୍ର ମଲ୍ଲିକ):** ପାଣିକୋଇଲି ଥାନା ଷଠିପୁର ଯାଜପୁର ରାସ୍ତାର ମାଧପୁର ନିକଟରେ ଗୁରୁବାର ଜଣେ ସ୍କୁଟି ଆରୋହୀ ରାସ୍ତା ଡିଭାଇଡରେ ପିଟି ହୋଇ ଗୁରୁତର ଆହତ ହୋଇଛନ୍ତି। କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳର ନିରଞ୍ଜନ ରାଉତଙ୍କ ପୁଅ ପ୍ରଭାକର(୨୯) ସ୍କୁଟି ନଂ. ଓଡି୩୪ ଏସ୬୮୮୨ ଯୋଗେ ଯାଜପୁର ଯାଉଥିଲେ। ମାଧପୁର ବ୍ରିଜ ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରେ ପିଟି ହୋଇ ହୋଇ ପଡିଥିଲେ। ଖବରପାଇ ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ସଦଳବଳେ ପହଞ୍ଚି ଆହତ ପ୍ରଭାକରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

**ପୋଖରୀରେ ବୁଡ଼ି ଦେଢ଼ବର୍ଷର ଶିଶୁପୁତ୍ର ମୃତ**

**ରାଜନଗର,(ଭାସ୍କର ରାଉତରାୟ):** ରାଜନଗର ବ୍ଲକ ଖମାରଶାହୀ ପଞ୍ଚାୟତ ନଳିତାପାଟିଆ ଗାଁର ରଘୁନାଥ ମଣ୍ଡଳଙ୍କ ଦେଢ ବର୍ଷର ଶିଶୁ ପୁତ୍ର ରଞ୍ଜିତ ପୋଖରୀରେ ବୁଡ଼ି ପ୍ରାଣ ହରାଇଛି। ହୋଲି ଦିନ ସକାଳ ପ୍ରାୟ ୯ ଟାରେ ଏହି ଅଘଟଣ ଘଟିଛି। ଧୀରେ ଧୀରେ ଚାଲିବା ଆରମ୍ଭ କରିଥିବା ରଞ୍ଜିତ ଚାଲି ଚାଲି ବାଡି ପଛରେ ଥିବା ପୋଖରୀକୁ ଚାଲି ଯାଇଥିଲା। ଘର ଲୋକ ପୁଅକୁ ନ ପାଇ ଖୋଜା ଖୋଜି କରି ପୋଖରୀରୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

# ନକଲି ଚାଷୀଙ୍କ ନାମରେ ବେପାରୀ ଦେଉଛନ୍ତି ଧାନ

**ପଟ୍ଟାମୁଣ୍ଡାଇ, ୫ା୩ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ ମାସ ପୂରିବାକୁ ବସିଥିଲେ ମଧ୍ୟ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ୟାମସୁନ୍ଦରପୁର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଧାନ କିଣାବିକା ସମସ୍ୟା ଲାଗି ରହିଛି। ଚାଷୀମାନେ ମଣ୍ଡିକୁ ଧାନ ଆଣୁଛନ୍ତି। କିନ୍ତୁ ଦୀର୍ଘଦିନ ଧରି ତାହା ପଡ଼ି ରହୁଛି। ଅନେକ ଚାଷୀଙ୍କୁ ମିଳିଥିବା ଟୋକନରେ ବିକ୍ରି ଯୋଗ୍ୟ ଧାନ ପରିମାଣ ବାସ୍ତବତାଠାରୁ ବହୁ କମ୍ ରହିଥିବା ଅଭିଯୋଗ ହେଉଛି। ପାକ୍ସରେ ନକଲି ଚାଷୀ, ଭୂମିହୀନଙ୍କ ନାମରେ ଟୋକନ କରାଯାଇ ବେପାରୀଙ୍କ ଧାନ ବିକ୍ରି କରୁଥିବା ନେଇ ଗୁରୁତର ଅଭିଯୋଗ ଉଠିଛି। ବେପାରୀଙ୍କଠାରୁ ମଣ୍ଡିରେ ଧାନ ବିକ୍ରିରେ ସମସ୍ତଙ୍କ ପଣି ରହୁଥିବା ଏକ ଭିଡିଓ ଭାଇରାଲ ହେଉଛି। ଏପରି ଧାନବିକ୍ରି କେଳେଙ୍କାରୀରେ ଏକ ବଡ଼ ରାକେଟ୍ କାମ କରୁଥିବା ନେଇ ଆଲୋଚନା ହେଉଛି। ପୂର୍ବ ସରକାରରୁ ସକ୍ରିୟ କେତେଜଣ ଧାନ ଚୋର ଥିବା ଆଲୋଚନା ହୋଇଛି। ସରକାରୀ ଧାନବିକ୍ରିରେ ଏଭଳି ଜାଲିଆତି ପ୍ରକ୍ରିୟାର ସ୍ୱଚ୍ଛତାକୁ ପଦାରେ ପକାଇ ଦେଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ବୁଆଁଳ ଗ୍ରାମର ଚାଷୀ ସୁବାସ ରାଉତ କହିଛନ୍ତି, ପାକ୍ସର ଧାନକ୍ରୟ କେନ୍ଦ୍ରରେ ଚାଷୀଙ୍କ ଧାନକିଣା ପାଇଁ ସରକାରଙ୍କ କଡ଼ା ଆଦେଶ ରହିଛି। ହେଲେ



ଶ୍ୟାମସୁନ୍ଦରପୁର ପାକ୍ସ ସମ୍ପାଦକ ତପନ ସ୍ୱାଇଁଙ୍କ ମନମାନୀରେ ଧାନକିଣାରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। କିଛିଦିନ ତଳେ ମଣ୍ଡିକୁ ଧାନ ନେଇଥିବା ବେଳେ ସମ୍ପାଦକ ଧାନ ମାନ ଯାଞ୍ଚ କରି ମିଲକୁ ନେବାକୁ କହିଥିଲେ। ମିଲର ଧାନ ଏଫ୍ଏକ୍ୟୁ ମାନର ହୋଇ ନ ଥିବା କହି କୁଇଣ୍ଟାଲ ପିଛା ୫ କେଜି କାଟିବାକୁ କହିଥିଲେ। ଏହା ସମ୍ପାଦକଙ୍କୁ ଜଣାଇବାରୁ ଧାନ ଆଣି ମଣ୍ଡିରେ ରଖିବାକୁ କହିଥିଲେ। ଘରୁ ମଣ୍ଡି ଓ ମିଲକୁ ନେବା ଆଣିବାରେ ପାଖାପାଖି ୪ ହଜାରରେ ଭଳି ଗାଡି ଭଡ଼ା

- ଅବଧି ସରୁଛି, ସରୁନି ମଣ୍ଡି ଯନ୍ତ୍ରଣା
- ଧାନ ବିକିବାକୁ ଅପେକ୍ଷା କରି ଲୁହ ଗଡ଼ାଉଛନ୍ତି ଚାଷୀ

ଲାଗିଗଲା। ତଥାପି ଆଜି ପର୍ଯ୍ୟନ୍ତ ମଣ୍ଡିରେ ଧାନ ପଡି ରହିଛି। ଏ ବାବଦରେ ସମ୍ପାଦକ ତପନ ସ୍ୱାଇଁଙ୍କୁ ପଚାରିବାରେ ଖରାପ ଭାଷାରେ ଗାଳି ଗୁଲଜ କରିବା ସହିତ ବୋର୍ଡ କର୍ମକର୍ତ୍ତାଙ୍କ ସହିତ ମାରିବାକୁ ଚଢି ଆସିଥିଲା। ଏହାର ପ୍ରତିବାଦ ଜଣେ ଯୁବକ କରିବାରୁ ତାଙ୍କ ମୋବାଇଲ ଭାଙ୍ଗି ଦେବା ସହ ତାକୁ ମାରିଥିବା ନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ମଧ୍ୟ ହୋଇଛି। କୃଷକନେତା ଗୟାଧର ଧଳ, ବିଜୟ ଦାସ, ଦୋଳଗୋବିନ୍ଦ ସାହୁ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ମଣ୍ଡିରେ ଧାନବିକ୍ରି ଚାଲିଛି। ମାତ୍ର ଧାନ କିଣାବିକାରେ ଫଲ୍ସ ଏଣ୍ଟ୍ରିକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିକ୍ରି ପାଇଁ ମଣ୍ଡିକୁ ଆସିଥିବା ଚାଷୀଙ୍କ ଧାନ ମାସମାସ ଧରି ପଡ଼ି ରହିଛି। ଅଥଚ ବେପାରୀ ମଧ୍ୟସ୍ଥଙ୍କ ଜରିଆରେ ସିଧାସଳଖ ମଣ୍ଡିକୁ ନ ଆସି ମିଲରେ ଧାନ ବିକ୍ରି କରୁଛନ୍ତି। ଏହାର ଏକ ଜ୍ୱଳନ୍ତ ପ୍ରମାଣ ଏକ ଭାଇରାଲ ଭିଡିଓରୁ ମିଳିଛି। ଶ୍ୟାମସୁନ୍ଦରପୁର ସମ୍ପାଦକ ସ୍ୱାଇଁ ଜଣେ ବେପାରୀଙ୍କ ନିକଟରୁ ୧୦୦ କୁଇଣ୍ଟାଲ ଧାନ ପାଇଁ ୪୦ ହାଜରେ ମାଗିଛନ୍ତି। ବେପାରୀ ଜଣଙ୍କ ତାଙ୍କୁ ୩୫ ହଜାରରେ ଦେଉଥିବା ବେଳେ ସମ୍ପାଦକ ଆଉ ୫ ହଜାର ମାଗିବା ସହିତ ଏ ଅର୍ଥରେ ଉପରୁ ତଳ ପର୍ଯ୍ୟନ୍ତ ସମସ୍ତଙ୍କ ବାଣ୍ଟ ଅଛି ବୋଲି କହିବାରୁ ବେପାରୀ ଜଣଙ୍କ ତାଙ୍କୁ ଅବଶିଷ୍ଟ ଅର୍ଥ ଦେଉଥିବାର ଭିଡିଓରେ ଦେଖାଯାଇଛି। ଯାହା ସରକାରଙ୍କ ଧାନ ସଂଗ୍ରହ ପ୍ରକ୍ରିୟାର ସ୍ୱଚ୍ଛତାକୁ ପଦାରେ ପକାଇଛି ବୋଲି ସେମାନେ କହିଛନ୍ତି। ନବନିର୍ମାଣ କୃଷକ ସଙ୍ଗଠନ ବ୍ଲକ ସଭାପତି ଦାଶରଥି ସାହୁ କହିଛନ୍ତି, ଏଭଳି ଭାବେ ହେରେଫେର ଶ୍ୟାମସୁନ୍ଦରପୁର ଓ ଖଡିଅଣ୍ଟା ପାକ୍ସରେ ଘଟିଥିବା ବେଳେ ବଡମୂଳବସନ୍ତ, ସାନଜରିଆ, ସଂସାରଫଳ ଓ ବଡପଡ଼ା ପାକ୍ସ ମଣ୍ଡିରେ ଚାଷୀଙ୍କ ଅପେକ୍ଷା ବେପାରୀ ଓ ଦଲାଲଙ୍କ ଧାନକ୍ରୟ କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ କେନ୍ଦ୍ରାପଡା ଏଆର୍‌ସିଏସ୍ ଯୋଗେନ୍ଦ୍ରନାଥ ବିଶ୍ୱାଳଙ୍କୁ ପଚାରିବାରୁ ଚାଷୀମାନେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଧାନ ଠିକ ଭାବେ ବିତରଣ ହେଉଛି। ଭାଇରାଲ ଭିଡିଓରେ ବ୍ୟକ୍ତିଗତ ଅର୍ଥ କାରବାର ହୋଇଥାଇ ପାରେ। ମାତ୍ର ଏଆରସିଏସ୍‌ଙ୍କ ପ୍ରତିକ୍ରିୟାକୁ ସ୍ଥାନୀୟ ଚାଷୀ ନାପସନ୍ଦ କରିଛନ୍ତି। ଏ ଘଟଣାରେ ଉଚ୍ଚ ପଦସ୍ଥ ଅଧିକାରୀ ଠିକ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ଅମାନ୍ୟ କଲେ ସ୍ଥାନୀୟ ଅଧିକାରୀ

**ଓଲାଭର ମାର୍କେଟ ସରକାରୀ ରାସ୍ତା ଅବରୋଧ ଘଟଣା**

**ରାଜକନିକା,୫ା୩(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ବ୍ୟବସାୟିକ ପେଣ୍ଠସ୍ଥଳୀ ଓଲାଭର ମାର୍କେଟ ମଧ୍ୟରେ ଥିବା ସରକାରୀ ରାସ୍ତାକୁ ଅବରୋଧ ହୋଇଥିବା ନେଇ ଅଞ୍ଚଳର ସାମାଜିକ କର୍ମୀ ନଳିନୀ ପୃଷ୍ଟି ଅଭିଯୋଗ କରି ଦର୍ଶାଇଥିଲେ କି, ଏହି ମାର୍କେଟ ମଧ୍ୟ ଦେଇ ଜରୁରୀକାଳୀନ ସେବା ଆମ୍ବୁଲାନ୍ସ, ଦମକଳ ଓ ଦୈନିକ ବସ, ଆମ ବସ ତଥା ଅଞ୍ଚଳବାସୀ ମାର୍କେଟ ମଧ୍ୟରେ ଦୁଇ ଚକିଆ, ଚାରିଚକିଆ ନେଇ ଯାତାୟାତ କରିବା ଅସମ୍ଭବ ହୋଇପଡୁଛି । ଏହାବାଦ ବାଲିଯାତ୍ରାର ଭ୍ରମ ସୃଷ୍ଟି କରୁଥିବା ଓଲାଭର କାଳୀପୂଜା ସମୟର ଭିଡକୁ ଏଡାଇବାକୁ ସରକାରୀସ୍ତରରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଆବେଦନ କରିଥିଲେ । ଅଭିଯୋଗକୁ ଗୁରୁତ୍ୱ ଦେଇ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସରକାରୀସ୍ତରରେ ମାପଚୁପ ହୋଇ ଗତ ଫେବୃଆରୀ ୧୧ରେ ସ୍ଥାନୀୟ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଓ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲେ ହେଁ, ମାପଚୁପ ଭୁଲ ଦର୍ଶାଇ ସ୍ଥାନୀୟ ଲୋକେ ବିରୋଧ କରିଥିଲେ, ଏବଂ ଅଧାରେ ଉଚ୍ଛେଦ ପ୍ରକ୍ରିୟା ଅଟକିଥିଲା । ତେବେ ଉପ ଜିଲାପାଳଙ୍କ ପକ୍ଷରୁ ଗତ ଫେବୃଆରୀ ୨୪ରେ ଚିଠି ନଂ:୨୪୯୧ରେ ଉଚ୍ଛେଦ ସମ୍ପର୍କିତ ସମସ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ୫ଦିନ ମଧ୍ୟରେ ଦାଖଲ କରିବାକୁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଥିବା ବେଳେ, ଏ ପର୍ଯ୍ୟନ୍ତ କୌଣସି ରିପୋର୍ଟ ଦାଖଲ ହୋଇ ନ ଥିବା ନେଇ ଅଭିଯୋଗକାରୀ ବା ପକ୍ଷ ପୃଷ୍ଟି ପୁନର୍ବାର ଅଭିଯୋଗ କରିଛନ୍ତି । ତେବେ ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରେ, ଏମିତି ନିର୍ଦ୍ଦେଶ ଥିବା କୌଣସି ଚିଠି ହସ୍ତଗତ ହୋଇନାହିଁ । ଉପଜିଲାପାଳ ଗତ ଫେବୃଆରୀ ୨୭ରେ ଘଟଣାସ୍ଥଳକୁ ଆସି ତାରିଣୀ ଛକଠାରୁ ସାତଘରିଆ ଗାଁମୁଣ୍ଡ ପର୍ଯ୍ୟନ୍ତ ପୁନର୍ବାର ମାପ କରାଇବା ଏବଂ ଜବର ଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତାହା ଖୁବ ଶୀଘ୍ର ହେବ ବୋଲି କହିଛନ୍ତି ।

## ଗାଳ୍ପିକ, ପ୍ରଚ୍ଛଦପଟ ଶିଳ୍ପୀ ଅତୁଲ ବଳଙ୍କ ପରଲୋକ

**ଆଳି/ ରାଜନଗର,୫ା୩ (ବନମାଳୀ ସେନାପତି/ ଭାସ୍କର ରାଉତରାୟ)**



ଗାଳ୍ପିକ, ଶୈଳଜା ସାହିତ୍ୟ ପତ୍ରିକାର ସମ୍ପାଦକ, ପ୍ରଚ୍ଛଦପଟ ଶିଳ୍ପୀ, ପରାଗ ସାହିତ୍ୟ ସଂସଦ ଉପଦେଷ୍ଟା ଅତୁଲ ବଳ(୬୨)ଙ୍କର ଗୁରୁବାର ଦେହାନ୍ତ ହୋଇଛି। ତାଙ୍କ ପରଲୋକ ଖବର ସାହିତ୍ୟିକ ମହଲରେ ଦୁଃଖର ବାତାବରଣ ଖେଳାଇ ଦେଇଛି। ଅତୁଲ ଦୁଇବର୍ଷ ପୂର୍ବେ ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବରେ କାର୍ଯ୍ୟକରି ଅବସରଗ୍ରହଣ କରିଥିଲେ। ଆଳି ବ୍ଲକ ଅନ୍ତର୍ଗତ ଅରେହିକଣା ଗ୍ରାମରେ ଜନ୍ମିତ ଅତୁଲ ସମ୍ପ୍ରତି ଆଳି ମହାବିଦ୍ୟାଳୟ ନିକଟରେ ତାଙ୍କ ବଡଭାଇ ଶିକ୍ଷବିତ୍ ଅଖିଳ ବଳଙ୍କ ସହ ରହୁଥିଲେ। ଗତ କିଛିଦିନ ହେବ ସେ ଯକୃତଜନିତ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅର୍ଥ ଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ଲାଭ ପରେ ସେ ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧାପକ ଭାବରେ ଯୋଗ ଦାନକରି ଛାତ୍ରୀଛାତ୍ର ଓ ଅଧାପକମାନଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ। ତାଙ୍କ ପରଲୋକ ଖବର ପାଇ ଜିଲା କଂଗ୍ରେସ ସଭାପତି ଡା. ଦେବସ୍ମିତା ଶର୍ମା, ଗାଳ୍ପିକ ପ୍ରଦୀପ ନାୟକ, କାଳନ୍ଦୀ ଚରଣ ଜେନା, ସଚିତ୍ର ବେହେରା, ଅଧାପକ ଶେଖର ବାରିକ, କବି ଅଶୋକ ବିଶ୍ୱାଳ, ଅଧାପକ ପ୍ରଫୁଲ୍ଲ ପରିଡା, ରଞ୍ଜନ ପାତ୍ର, ରାଧାକାନ୍ତ ବିଶ୍ୱାଳ, ବନମାଳୀ ସେନାପତି, ରଶ୍ମିତା ସେନାପତି, ସୁରେନ୍ଦ୍ର ସାହୁ, ଦେବେନ୍ଦ୍ର ପଣ୍ଡା, ଜଗତାନନ୍ଦ ବଳ, ଅଭିରାମ ବିଶ୍ୱାଳ ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ହୃଷୀକେଶ



@ ଲକ୍ଷ୍ମୀଧର



@ ନିଗମ



@ ସୁରେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ଲି଼.ର ୨୩ତମ ସ୍ୱନକ୍ଷତ୍ର ଦିବସ



ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁଙ୍କ ସହ ଅନ୍ୟମାନେ।

**ରାଜକନିକା,୫ା୩(ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟ ଲି଼. ରାଜକନିକା ଶାଖାର ୨୩ତମ ସନକ୍ଷତ୍ର ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ, ଆଡିସନାଲ ଜେନେରାଲ ମ୍ୟାନେଜର ରମେଶ ଚନ୍ଦ୍ର ସେଠୀ, ସାଲେପୁର ଶାଖା ପରିଚାଳକ ସୁକାନ୍ତ ପତି, ଶାଖା ପରିଚାଳକ ପ୍ରଫୁଲ୍ଲ ସାହୁ, ଶାଖା ଉପ ପରିଚାଳକ ଚିନ୍ମୟ ସେନାପତି ପ୍ରମୁଖ ଯୋଗଦେଇ ଜମାକାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପୂର୍ବକ ଭିନ୍ନ ଭିନ୍ନ ଡିପୋଜିଟ ସହ ଆକର୍ଷଣୀୟ ଲାଭାଂଶ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଦୈନିକ ଜମା ସଂଗ୍ରାହକ ଗୋପାଳ ସାହୁ, ବିକାଶ ପାଣିଗ୍ରାହୀ, ଚିଦାନନ୍ଦ ଦାସ, ଚନ୍ଦ୍ରଶେଖର ଦାସ, କ୍ଷିତିଶ ସାହୁ ଓ ପରେଶ ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତି ରହି ପରିଚାଳନାରେ ସହଯୋଗ କରିଥିଲେ ।

## କହ୍ନେଇଲାଲଜୀଉ ଗାଦୀ ମେଳଣରେ ୨୪ବିମାନ

**ପାଟକୁରା, ୫ା୩(ରବୀନ୍ଦ୍ର ନାଥ ବାରିକ)**

ପାଟକୁରାର ଆରାଧ୍ୟ ଶ୍ରୀଶ୍ରୀ କହ୍ନେଇଲାଲଜୀଉ ଜୀଉଙ୍କ ଗାଦୀ ମେଳଣ ଚଳିତ ବର୍ଷ ଦୋଳ ପୂର୍ଣ୍ଣିମା ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି। କେଉଁ ଅନାଦି କାଳରୁ ଦିନବେଳା ହୋଇଆସିଥିବା କହ୍ନେଇଲାଲ ଜୀଉଙ୍କ ମେଳଣ ଚଳିତବର୍ଷ ଚନ୍ଦ୍ରଗ୍ରହଣ ଯୋଗୁ ନୀତି ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇ ରାତିରେ ହୋଇଛି। ଠାକୁରଙ୍କ ମହାସ୍ନାନ ପରେ ନୂତନ ବସ୍ତ୍ର ପରିଧାନ ପୂର୍ବକ ଫୁଲ ଚନ୍ଦନ ସେବା ପରେ ପ୍ରସାଦ ଲାଗି କରାଯାଇ ଆଳତି କରାଯାଇଥିଲା। କହ୍ନେଇଲାଲ ଜୀଉ ପରିଚାଳନା କମିଟି ନିମନ୍ତ୍ରଣ କ୍ରମେ ଜଗଦଳପୁରପୁର ଆଚାର୍ଯ୍ୟ ସାହିରୁ ୨ଟି ବିମାନରେ ଆସୀନହୋଇ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତୀ ଗାଦୀମେଳଣରେ ପହଞ୍ଚିଥିଲେ।

## ୬.୫୦ ଲକ୍ଷ ଲୁଟିଲେ ସାଇବର ଠକ

**କେନ୍ଦ୍ରାପଡା, ୫ା୩ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ସଦର ଥାନା ଗୁଲନଗର ଗ୍ରାମର ଗଣେଶ୍ୱର ସେଠୀ ସାଇବର ଠକେଇର ଶୀକାର ହୋଇଛନ୍ତି। ଏହି ଠକେଇରେ ସେ ୬.୫୦ ଲକ୍ଷ ଟଙ୍କା ହରାଇଛନ୍ତି। ଏନେଇ ସେ ପ୍ରଥମେ ସଦର ଥାନା ଓ ପରେ କଟକସ୍ଥ ସାଇବର ଥାନାରେ ଅଭିଯୋଗ ପତ୍ର ଦେଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ସେ ଘର ନିର୍ମାଣ ଯୋଜନାରେ ଅଛନ୍ତି। ଏଥିପାଇଁ ସେ ବିଭିନ୍ନ ଡିଲରଙ୍କ ସହ କଥା ହୋଇଥିଲେ। ତେବେ ଗତ ଫେବୃଆରୀରେ ଏକ ଦାମୀ ସିମେଣ୍ଟ କମ୍ପାନୀର କଟକର ଏକ ଡିଲର କୁଲଦୀପ ଅଗ୍ରୱାଲ ଦର୍ଶାଇ ତାଙ୍କ ସାନଭାଇଙ୍କ ଫୋନରେ କମ ଦାମରେ ସିମେଣ୍ଟ ଦେବେ ବୋଲି କହିଥିଲେ। ଏନେଇ ତାଙ୍କ ସହିତ ଗଣେଶ୍ୱର କଥା ହେବା ପରେ ଅନ୍‌ଲାଇନରେ ଟଙ୍କା ପ୍ରଦାନ କରିଥିଲେ। ପରେ ତାଙ୍କ ଫୋନ ସୁଇଚ ଅଫ ରହୁଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ କହିଛନ୍ତି, ସାଇବର ଠକେଇ ସମ୍ପର୍କରେ ବାରମ୍ବାର ସଚେତନତା ସତ୍ତ୍ୱେ ଲୋକମାନେ ଏପରି ଭୁଲ କରୁଛନ୍ତି। ଏନେଇ ସାଇବର ଥାନାରେ ମାମଲା ହୋଇଥିବା ସେ ପ୍ରକାଶ କରିଛନ୍ତି।

## କୁଜଙ୍ଗ ରାଜ ମେଳଣ ସାରି ମା’ ରାମଚଣ୍ଡୀରେ ଦୋଳ ବିମାନ

**ମହାକାଳପଡ଼ା,୫ା୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ଶକ୍ତିପୀଠ ମା’ ରାମଚଣ୍ଡୀଙ୍କ ଚଳନ୍ତି ପ୍ରତିମା ଦୋଳ ଫଗୁଣ ତ୍ରୟୋଦଶ ତିଥିରେ ମନ୍ଦିରରୁ ଯାତ୍ରା ଆରମ୍ଭ କରିଥାନ୍ତି। ବିଭିନ୍ନ ଗ୍ରାମର ଶ୍ରଦ୍ଧାଳୁଙ୍କ ଅଗଣାରେ ପୂଜାର୍ଚ୍ଚନା ପର୍ବ କେଉଁ ଆବାହନ କାଳରୁ ରହିଛି। ପ୍ରଥମେ ମା’ ରାମଚଣ୍ଡୀଙ୍କ ଚଳନ୍ତି ପ୍ରତିମାକୁ ବିମାନରେ ରାମନଗର, ବରଜ ବାହାକୁଦ ମୌଜା ଯାତ୍ରାକରି ମହାନଦୀରେ ନୌକା ବିହାର କରନ୍ତି। ପରେ ମହାନଦୀ ପାର ହୋଇ ସିଙ୍ଗିଟାଳିଠାରୁ ଏକ ବିରାଟ ସୁସଜ୍ଜିତ ପଟୁଆରରେ ସଂକୀର୍ତ୍ତନ ଘଣ୍ଟ ଘଣ୍ଟା ବାଦ୍ୟ ବାଜଣା ସହିତ ପ୍ରଥମେ କୁଜଙ୍ଗ ରାଜ ମେଳଣରେ ଥାନପତି ଭାବରେ ଆସନ ଅଳଙ୍କୃତ କରନ୍ତି। ରାଜ ମେଳଣ ପର୍ବ ଶେଷ ହେବା ପରେ ମା’ଙ୍କ ଦୋଳ ବିମାନ ସ୍ଥାନୀୟ ଶ୍ରଦ୍ଧାଳୁମାନଙ୍କ ଅଗଣାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପର୍ବ ପାଳନ କରାଯାଏ। ରାଜ ମେଳଣ ପର୍ବ ପାଳିତ ପରେ କୁଜଙ୍ଗ ବ୍ଲକ ଅଫିସ, ତହସିଲ ଅଫିସ ଓ କୁଜଙ୍ଗ ଥାନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ। ପରେ ସ୍ଥାନୀୟ ବଳରାମପୁର, ସନ୍ତରା, ଭୂତମୁଣ୍ଡାଇ, ମଙ୍ଗରାଜପୁର ଓ ସିଙ୍ଗିଟାଳି ଆଦି ମୌଜାର ଶ୍ରଦ୍ଧାଳୁଙ୍କ ଅଗଣାରେ ପୂଜାର୍ଚ୍ଚନା ପରେ ମା’ଙ୍କ ବିମାନ ମହାନଦୀ ପାର ହୋଇ ମନ୍ଦିରରେ ଝୁଲଣ ମଣ୍ଡପରେ ଝୁଲି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ପରେ ପୂର୍ଣ୍ଣିମା ତିଥିରେ ବରଜ ବାହାକୁଦ ମୌଜା ଶ୍ରଦ୍ଧାଳୁଙ୍କ ଅଗଣାରେ ପୂଜା ପାଆନ୍ତି।

## ନାବାଳିକା ବିବାହ ଉଦ୍ୟମ ପଣ୍ଡ



**ମାର୍ଶାଘାଇ,୫ା୩(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ବିବାହ ପାଇଁ ସମସ୍ତ ଆୟୋଜନ ସରିଥିଲା। ପାଖାପାଖି ଶହେ ଜଣଙ୍କ ପାଇଁ ଭୋଜିଭାତ ବ୍ୟବସ୍ଥା ହୋଇଥିଲା। ହେଲେ ବିବାହ ଉଦ୍ୟମ ପଣ୍ଡ ହୋଇଯାଇଥିଲା। ନାବାଳିକାଙ୍କୁ ବିବାହ କରିବାକୁ ଆସିଥିବା ବୟସ୍କ ବର ଗିରଫ ଭୟରେ ଫେରାର ହୋଇଯାଇଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି, ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ସଖୀ ବଟ ମନ୍ଦିର ପରିସରରେ। ସୂଚନା ଅନୁଯାୟୀ, ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶ୍ରୁତିପୁର ଅଞ୍ଚଳର ଜଣେ ଯୁବକ ମାର୍ଶାଘାଇ ଥାନା ଅଞ୍ଚଳର ଜୈନିକା ନାବାଳିକାଙ୍କୁ ଉଭୟ ପରିବାରର ସହମତିରେ ବିବାହ ପାଇଁ ସଖୀ ବଟ ପରିସରରେ ପ୍ରସ୍ତୁତି ହେଉଥିବା ବେଳେ

**ଶିଶୁ ସୁରକ୍ଷା ସଦସ୍ୟାଙ୍କୁ ଦୁର୍ବ୍ୟବହାର ଅଭିଯୋଗ**

କୌଣସି ସୂତ୍ରରୁ ଖବର ପାଇ କେନ୍ଦ୍ରାପଡ଼ା ଜିଲା ଶିଶୁ ସୁରକ୍ଷା କମିଟି ସଦସ୍ୟା, ମାର୍ଶାଘାଇ ବ୍ଲକ ସିଡିପିଓ ଶୈଳବାଳା ଚାଷୀ ପହଞ୍ଚିଥିଲେ। ବର କୌଶଳକ୍ରମେ ଫେରାର ହୋଇଯାଇଥିବା ବେଳେ ନାବାଳିକାଙ୍କୁ ଉଦ୍ଧାର କରିବାକୁ ଯିବା ବେଳେ କମିଟି ସଦସ୍ୟାମାନଙ୍କୁ ବିରୋଧ ସହ ଦୁର୍ବ୍ୟବହାର କରାଯାଇଥିଲା। ଏହାର ସୁଯୋଗରେ ନାବାଳିକା ମଧ୍ୟ ଚମ୍ପଟ ମାରିଥିଲେ। ଶିଶୁ ସୁରକ୍ଷା କମିଟି ସଦସ୍ୟାମାନେ ଏ ସମ୍ପର୍କରେ କୁଜାନଗରୀ ଥାନାକୁ ମାମଲା ରୁଜୁ ପାଇଁ ଯାଇଥିବା ଜଣାଯାଇଛି।

# ହରିହରଙ୍କ ମିଳନ ପର୍ବ ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

**ଡେରାବିଶ ୫ା୩(ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ଓଳକଣା ପଡିଆରେ ସୋମବାର ରାତିରେ ପ୍ରସିଦ୍ଧ ଓଳକଣା ମେଳଣ ଶୃଙ୍ଖଳାର ସହ ଶେଷ ହୋଇଛି। ମଙ୍ଗଳବାର ପୂର୍ଣ୍ଣମୀ ତିଥିରେ ଚନ୍ଦ୍ରଗ୍ରହଣ ହୋଇଥିବାରୁ ଗତ ସୋମବାର ରାତି ୯ଟାରେ ମେଳଣ ଆରମ୍ଭ ହୋଇ ୨ଟାରେ ଶେଷ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାଇ ଆଳି ରଜାଙ୍କ ଡେରାବିଶ ବ୍ଲକ ଅଧିନ ରାଜନଗରରୁ ପଞ୍ଚମୁଖି ବିମାନରେ ରାଧାକୃଷ୍ଣ ଓ ଡେରାବିଶର ପରମ ଆରାଧ୍ୟ ଶ୍ରୀ ଦଧିବାମନଜୀଉ ମନ୍ଦିରରୁ ମା’ ଲକ୍ଷ୍ମୀଙ୍କ ବିମାନ ପଡିଆର ପୂର୍ବଦ୍ୱାର ଦେଇ ପ୍ରବେଶ କରିବା ସହ ମାଟି ନିର୍ମିତ କନକ ବେଦୀରେ ଉପବେଶନ କରିଥିଲେ। ପରେ ଅନ୍ୟ ୩ ଦ୍ୱାର ଦେଇ ୧୦୦ରୁ ଊର୍ଦ୍ଧ୍ୱ ବିମାନ ଘଣ୍ଟ ସଂକୀର୍ତ୍ତନ ଓ ପାରମ୍ପରିକ ବାଦ୍ୟ ପଟୁଆରରେ ପଡ଼ିଆ ମଧ୍ୟକୁ ପ୍ରବେଶ କରି ନିଜ ନିଜ ଆସନ ଗ୍ରହଣ କରିଥିଲେ। ମେଳଣର ମୁଖ୍ୟ ଆକର୍ଷଣ ମାହାଙ୍ଗା ବ୍ଲକ ଅଧୀନ



ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱରଙ୍କ ମନ୍ଦିରୁ ହର ରୂପୀ ଶିବଶକ୍ତି ଶେଷରେ ପହଞ୍ଚିବା ପରେ ୧୦୮ ଘଣ୍ଟ ପଟୁଆରରେ ଏକ ଆଳତି ପଡ଼ିଆ ମଧ୍ୟରେ ଥିବା ଭକ୍ତ ବିଦୂରଙ୍କ ମନ୍ଦିରକୁ ଯାଇଥିଲା। ଅନନ୍ୟ ପରମ୍ପରାର ପ୍ରତୀକ ଭାବେ ପରିଚିତ ଏହି ମେଳଣରେ ବିଦାକି ଓ ଭୋଗଲାଗି ବ୍ୟବସ୍ଥା ନ ଥିବା ବେଳେ ପଡ଼ିଆ ମଧ୍ୟରେ ବସିଥିବା ସମସ୍ତ ବିମାନ ସମ୍ମୁଖରେ ପଡ଼ିଥିବା ଚାଦରରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ବିଭିନ୍ନ ପ୍ରକାର ମିଷ୍ଟାନ୍ନ ଓ ଉଖୁଡ଼ା ପକାଯାଇଥାଏ। କନକ ବେଦୀ ବସିଥିବା ମା’ ଲକ୍ଷ୍ମୀଙ୍କ ବିମାନ ସମ୍ମୁଖରେ ସ୍ଥାପନ ହୋଇଥିବା କଳସ ତଳେ ବିଭିନ୍ନ ପ୍ରକାରର ଶସ୍ୟ ଟିକକ ନେବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଥିଲା। କଳସ ତଳୁ ଶସ୍ୟ ଟିକେ ନେଲେ ଘର ଧନଧାନ୍ୟରେ ପୂର୍ଣ୍ଣ ହୁଏ ବୋଲି ବିଶ୍ୱସ ନେଇ ଶ୍ରଦ୍ଧାଳୁଙ୍କ ଏଥିପ୍ରତି ପ୍ରବଳ ଉତ୍ସାହ ଦେଖାଯାଇଥିଲା। କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲାର ବିଭିନ୍ନ ଗ୍ରାମାଞ୍ଚଳରୁ ଶହରୁ ଊର୍ଦ୍ଧ୍ୱ ଆସୁଥିବା ବିମାନର ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ପରସ୍ପରକୁ ଅଭିର ବୋଳି ନିଜ ଭିତରେ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରୁଥିବା ଏହି ମେଳଣ ପରମ୍ପରା ବଜାୟ ପାଇଁ ନିଜ ଭିତରେ ମତୁଆଲା ହେଉଥିବା ଦେଖିବାକୁ ମିଳିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ, ଡେରାବିଶ ଥାନା ଅଧିକାରିଣୀ ଅମ୍ବିକା ପ୍ରସାଦ ଦାସଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଭଦ୍ରେଶ୍ୱର ଥାନା ଅଧିକାରୀ ସଧାରାଣୀ ସିଂହଙ୍କ ନେତୃତ୍ୱରେ ୭ ଜଣ ଅଧିକାରୀ ଓ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

# ବିକାଶ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ଶରଣକୁଳ ବନ୍ଦ

## ବନ୍ଦରେ ବିଭିନ୍ନ ଦଳର ନେତୃବୃନ୍ଦ ସାମିଲ

ଶରଣକୁଳ,୫।୩ (ଦୀପକ କର)

ଶରଣକୁଳ ବିକାଶ ମଞ୍ଚ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ଶରଣକୁଳ ବନ୍ଦ ଡାକରା ସଫଳ ରହିଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନ ଧରି ଲାଗି ରହିଥିବା ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଶହ ଶହ ମହିଳା ପୁରୁଷ ଲଡୁବାବାଙ୍କ ମନ୍ଦିର ସାମନା ରାସ୍ତାକୁ ଆସି ଆନ୍ଦୋଳନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଗତ ମାସ ୧୩ରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତାପସ ରଞ୍ଜନ ସେନାପତିଙ୍କ ବଦଳରେ ମଗରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କନିଷ୍ଠ ଡାକ୍ତର ଇପ୍‌ସିତା ଦାଶଙ୍କୁ ଦାୟିତ୍ୱ ପ୍ରଦାନ କରିବା ଏବଂ ସେବେଠାରୁ ସେନାପତି ଛୁଟିରେ ରହିଥିବା ଯୋଗୁ ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ସେନେଇ ଶରଣକୁଳ ଅଞ୍ଚଳର କେତେକ ବ୍ୟକ୍ତି ଓ ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ବିଭିନ୍ନ ଦାବି ପୂରଣ ନିମନ୍ତେ ୭ଦିନର ମହଲତ ସହ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ୭ଦିନ ପରେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା ଲାଗିଥିବାରୁ ଗୁରୁବାର ଶରଣକୁଳ ନିକଟସ୍ଥ ଶିଖରପୁର ଗ୍ରାମରୁ ଶତାଧିକ ମହିଳା ପୁରୁଷ ଏକ ବିରାଟ ରାଲିରେ ଆସି ଲଡୁବାବା ମନ୍ଦିର ସମ୍ମୁଖରେ ଧାରଣା ଦେଇଥିଲେ। ରଣପୁର ବିଧାୟିକା ତଥା ବାଚସ୍ପତିଙ୍କ ମନମୁଖୀ କାର୍ଯ୍ୟ ଚଳିବ ନାହିଁ, ବାଚସ୍ପତି ହାଏ ହାଏ ନାରା ଦେବା ସହ ପାଡୀ ଏଥିରେ ହସ୍ତକ୍ଷେପ କରନ୍ତୁ କହି ହୋହାଲ୍ଲା କରିବା ସହ ୧ଘଣ୍ଟା ଧରି ମୁଖ୍ୟ ରାଜ୍ୟ ରାଜପଥକୁ ଅବରୋଧ କରିବା ସହ ଉତ୍ତ୍ୟକ୍ତ ଲୋକମାନେ ବାଚସ୍ପତିଙ୍କ ଫଟୋଚିତ୍ରରେ ନିଆଁ ଲଗାଇ ଦେଇଥିଲେ।


ଶରଣକୁଳ ବନ୍ଦରେ ବିଭିନ୍ନ ଦଳର ପକ୍ଷରୁ ଦିଆଯାଇଥିବା ଧାରଣା ।

ଶରଣକୁଳର ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ପୋଷ୍ଟ ଅଫିସ, ସ୍କୁଲ, କଲେଜ ଆଦି ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଦାବିଗୁଡିକ ମଧ୍ୟରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ପଦବୀପୂରଣ, ସ୍ୱାସ୍ଥ୍ୟ କେନ୍ଦ୍ରରେ ପାଳି ବ୍ୟବସ୍ଥା ବନ୍ଦ କରିବା, ବିଗତ ଦିନରେ ଡାକ୍ତରଙ୍କୁ ମାଡ଼ ମାରିବା ସମ୍ପର୍କରେ ତଥ୍ୟ ପ୍ରଦାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିବା, ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ସଂପୂର୍ଣ୍ଣ କରି କାର୍ଯ୍ୟକାରୀ କରିବା ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଭାବ ଥିବା ସମସ୍ତ ପରୀକ୍ଷାଗାର ଯନ୍ତ୍ରାଂଶ ଯୋଗାଇବା ନେଇ ବିକାଶ ମଞ୍ଚ ଦାବି କରିଥିଲା।

ସାତ ଦିନର ମହଲତ ପୂରିବା ପରେ ଲୋକମାନେ ଶରଣକୁଳ ବନ୍ଦ ଦେଇଥିଲେ। ଏହି ବିକାଶ ମଞ୍ଚ ଆବାହକ ପବିତ୍ର କୁମାର ଇନ୍ଦ୍ରଜିତଙ୍କ ସମେତ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଜେଡିର ବରିଷ୍ଠ ନେତା ସନ୍ନ୍ୟାସୀ ପ୍ରଧାନ, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାସ, ଶରଣକୁଳ ସମିତି ସଭ୍ୟ ପ୍ରତୀକ ମହାପାତ୍ର, ଭାଗବତ ସେଠୀ ଓ ରବୀନ୍ଦ୍ର ଚୌଧୁରୀ, ସିପିଆଇଏମ ନେତା ଗୋଲକ ବିହାରୀ ମୁଦୁଲି, କଂଗ୍ରେସ ଜିଲା ସଭାପତି ରଣଜିତ ଦାସ, କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁ ପ୍ରସାଦ ମିଶ୍ର, କୃଷ୍ଣଚନ୍ଦ୍ର ନାୟକ, ନିରଞ୍ଜନ ସାହୁ, ସୁଜାତା ଦାଶ, କୁବେର ସାମଲ, ମୃତ୍ୟୁଞ୍ଜୟ କର ଆଦି ସାମିଲ ହୋଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ହୃଷୀକେଶ


@ ଲକ୍ଷ୍ମୀଧର


@ ନିଗମ


@ ସୁରେନ୍ଦ୍ର


@ ପ୍ରଦୀପ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଜୁବାବୁଙ୍କ ୧୧୦ ତମ ଜୟନ୍ତୀ ପାଳିତ


ପ୍ରବାଦପୁରୁଷ ବିଜୁ ବାବୁଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରାଯାଉଛି।

ଦଶପଲ୍ଲା, ୫।୩( ପ୍ରକାଶ କୁମାର ପାଣି)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଉତ୍ସବରେ ବିଜେଡିର ଏକ ବାଇକ୍ ଶୋଭାଯାତ୍ରା ପେଟ୍ରୋଲ ପମ୍ପ ନିକଟରୁ ଆରମ୍ଭ ହୋଇ ଲକ୍ଷ୍ମୀ ବଜାର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଶପଲ୍ଲା ବ୍ଲକ ଅଧକ୍ଷା ସୁନନ୍ଦା ସାହୁ , ଗଣିଆ ବ୍ଲକ ଅଧକ୍ଷା ଝୁନା ଜେନା, ଏନଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନିଙ୍କ ସହିତ ତିନୋଟି ବ୍ଲକ ସଭାପତିଙ୍କ ସମେତ ବହୁ କର୍ମୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ୩ଟି ବ୍ଲକରୁ ଆସିଥିବା ନିର୍ବାଚିତ ସଦସ୍ୟ ଏବଂ କର୍ମୀମାନଙ୍କୁ ନେଇ ଏହି ବାଇକ୍ ଶୋଭାଯାତ୍ରା କରାଯାଇଥିଲା । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ କର୍ମୀମାନେ ଉଦ୍‌ବୋଧନ ଦେଇଥିଲେ। ଉକ୍ତ ଶୋଭାଯାତ୍ରାରେ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ବାଇକ୍ ଦୁର୍ଘଟଣାରେ ଛାତ୍ର ମୃତ

ରଣପୁର, ୫।୩
(ସୁକାନ୍ତ କିଶୋର ଡାକୁଆ)

ରଣପୁର ଥାନା ଶଙ୍ଖାମୂଳ ଓ ବିଲଗାଡ଼ିଆ ରାସ୍ତାରେ ବୁଧବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଅଇନ ଛାତ୍ରଙ୍କର ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ରଣପୁର ଥାନା ବିଲଗାଡ଼ିଆ ଗ୍ରାମର ଶରତ ପଟ୍ଟନାୟକଙ୍କ ଏକ ମାତ୍ରପୁତ୍ର ଆଶୀର୍ବାଦ ପଟ୍ଟନାୟକ(୨୨)। ପ୍ରକାଶ ଯେ, ବୁଧବାର ରାତି ପ୍ରାୟ ୧୧ ଟା ୩୦ରେ ବାଇକ୍ ନଂ.ଓଡି-୨୫-ଏସ୍-୩୪୯୪ ରେ ପଛ ପଟେ ବସି ଆଶୀର୍ବାଦ ରଣପୁରରୁ ନିଜ ଗାଁ ବିଲଗାଡ଼ିଆକୁ ଫେରୁଥିଲେ। ଶଙ୍ଖମୂଳ ନିକଟରେ ଥିବା କଟକଟି ଶଙ୍ଖଠାରେ ଗାଡି ଚାଳକ ଶୀତାକାନ୍ତ ସାମନ୍ତରାୟ ରାସ୍ତା କଡରେ ଥିବା ମୋରମ୍ ଗଦା ଉପରେ ରାତିରେ ଦେଖା ନ ଯିବାରୁ ବାଇକ୍ ଚଢାଇ ଦେଇଥିଲେ। ଫଳରେ ଗାଡିଟି ଭାରସାମ୍ୟ ହରାଇ ସ୍ଲିପ୍ ହୋଇ ଯାଇଥିଲା। ଗାଡି ପଛରେ ବସିଥିବା ଆଶୀର୍ବାଦ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଭାବେ ଆଘାତ ଲାଗିଥିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ସେହି ବାଟରେ ଯାଉଥିବା କେତେକ ଲୋକ ଓ ଗାଡି ଚାଳକ ଶୀତାକାନ୍ତ ମିଶି ତାଙ୍କୁ ରଣପୁର ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ଚିକିତ୍ସା କରୁଥିବା ବେଳେ ମୃତ ଘୋଷଣା କରିଥିଲେ । ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ ଭୁବନେଶ୍ୱରରେ ଏକ ଅଇନ ମହାବିଦ୍ୟାଳୟର ଛାତ୍ର ଥିଲେ।


ଆଶୀର୍ବାଦ ପଟ୍ଟନାୟକ

# ପୋଖରୀରେ ବୁଡ଼ି ବାପ ପୁଅ, ନାବାଳକ ମୃତ

ନୟାଗଡ଼/ରଣପୁର,୫।୩
(ଲୋକନାଥ ମିଶ୍ର/ସୁକାନ୍ତ କୁମାର ଡାକୁଆ)

ନୟାଗଡ ଜିଲାରେ ହୋଲିରେ ଅଘଟଣ ଘଟି ବାପ, ପୁଅ ଏବଂ ଜଣେ ନାବାଳକଙ୍କ ଜୀବନ ଯାଇଛି।

ମୃତ ବାପ ପୁଅ ହେଲେ ମୃତକ ହେଲେ ଆଲୋକ ଦଳବେହେରା (୪୦) ଓ ପୁଅ ଚନ୍ଦ୍ର ଶେଖର(୪)। ନାବାଳକ ଜଣକ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ ଗ୍ରାମ ବନ୍ଧସାହିର ସନା ବେହେରାଙ୍କ ପୁଅ ଗଣେଶ (୧୩)।

ପ୍ରକାଶ ଯେ, ଦୁର୍ଗାପ୍ରସାଦ ମୁଣ୍ଡିଆସାହିର ଆଲୋକ ଦଳବେହେରା ଶ୍ୱଶୁର ଘର ଇଟାମାଟି ଥାନା ଗୋପାଳପୁର ଗାଁକୁ ଯାଇଥିଲେ। ଇଟାମାଟି ଥାନା ଗୋପାଳପୁର ଗାଁ ପୋଖରୀରେ ହୋଲି ଖେଳ ସାରି ବାପ ଓ ପୁଅ ଗାଧୋଇବାକୁ ଯାଇଥିବାବେଳେ ପୋଖରିରେ ପୁଅ ପାଣିରେ ବୁଡି ଯାଉଥିବା ଦେଖି ବାପ

## ହୋଲି ଖେଳ ପରେ ଅଘଟଣ

ଉଦ୍ଧାର କରିବାକୁ ଯାଇ ନିଜେ ବୁଡି ଯାଇଥିଲେ। ତେବେ ବାପ ପୁଅଙ୍କ ମୃତ୍ୟୁ ଖବର କେହି ଜାଣି ପାରି ନଥିଲେ । ବାପ ପୁଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ଖୋଜାଖୋଜି ହୋଇଥିଲା । ପୋଖରୀରେ ପାଖରେ ଚପଲ ରଖା ଯାଇଥିବା ଦେଖି ସନ୍ଦେହରେ ଖୋଜାଯାଇଥିଲା । ପ୍ରଥମେ ବାପଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୁଅଙ୍କ ମୃତଦେହ ନ ମିଳିବାରୁ ନୟାଗଡ଼ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ପୋଖରିରୁ ମୃତଦେହ ଜବତ କରିଥିଲେ । ସେହିପରି ରଣପୁର ଥାନା ସୁନାଖେଳା ଅନ୍ତର୍ଗତ ସୁର୍କାବାଡ଼ି ଗ୍ରାମରେ ହୋଲିରେ ପୋଖରୀରେ ବୁଡ଼ି ଜଣେ ସପ୍ତମ ଶ୍ରେଣୀରେ ପଢୁ ଥିବା ନାବାଳକଙ୍କର ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ ଗ୍ରାମ ବନ୍ଧସାହିର ସନା ବେହେରାଙ୍କ ପୁଅ ଗଣେଶ ବେହେରା (୧୩)। ଗଣେଶ ରାଜସୁନାଖଳା ଫାଣ୍ଡି ଅନ୍ତର୍ଗତ ସୁର୍କାବାଡ଼ି ଉପର ସାହିରେ ଥିବା ମାମୁଁଘରକୁ ବୁଲିବା ପାଇଁ ଆସିଥିଲେ। ବୁଧବାର ହୋଲିରେ ରଙ୍ଗ ଖେଳିସାରି ଗ୍ରାମରେ ଥିବା ଶିବ ମନ୍ଦିର ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସି ଯିବାରୁ ପୋଖରୀରେ ବୁଡ଼ି ଯାଇଥିଲା । ସେଠାରେ ଉପସ୍ଥିତ ଥିବା ଲୋକମାନେ ଗଣେଶଙ୍କ ମାମୁଁ କବିରାଜଙ୍କୁ ଫୋନ କରି ଘଟଣା ବିଷୟରେ ଜଣାଇଥିଲେ । ମାମୁଁ ଓ ଗ୍ରାମର ଅନ୍ୟ କେତେକ ଯୁବକ ପୋଖରୀରେ ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଆସିବା ପୂର୍ବରୁ ସ୍ଥାନୀୟ ଲୋକମାନେ ଗଣେଶଙ୍କୁ ଚେତାଶୂନ୍ୟ ଅବସ୍ଥାରେ ପୋଖରୀ ପାଣିରୁ ଉଦ୍ଧାର କରି ନିକଟସ୍ଥ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଡାକ୍ତର ଚିକିତ୍ସା କରୁଥିଲା ବେଳେ ମୃତ ଘୋଷଣା କରିଥିଲେ।

# ସାଇଡ୍‌ମରାକୁ ନେଇ ୨ ବାଇକ୍ ଚାଳକଙ୍କ ମଧ୍ୟରେ ମାରପିଟ

ନୟାଗଡ଼, ୫।୩(ଲୋକନାଥ ମିଶ୍ର)

## ୩ ଆହତ, ୨ ମାମଲା

ଓଡ଼ଗାଁ ଥାନା ନୟାଗଡ଼- ଭଞ୍ଜନଗର ୨୧ ନଂ ରାଜ୍ୟ ରାଜପଥର ଓଡ଼ଗାଁଚ୍ଚ କଲେଜ ଫାଟକ ନିକଟରେ ସାଇଡମରାକୁ କେନ୍ଦ୍ର କରି ମଙ୍ଗଳବାର ଅପରାହ୍ନରେ ଦୁଇ ବାଇକ୍ ଚାଳକ ଓ ସହଯୋଗୀଙ୍କ ମଧ୍ୟରେ ମାରପିଟ ହୋଇଛି। ମାରପିଟରେ ୩ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସମ୍ପୃକ୍ତ ଘଟଣାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ଦୁଇ ଅଭିଯୋଗ ପାଇଁ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଛି। ଅନ୍ୟପକ୍ଷେ ପୋଲିସ ଗୋଟିଏ ପଞ୍ଚ ମୁଖି ହାତ ପଞ୍ଝା ଜବତ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ରଙ୍ଗଣୀପାଟଣା ଗ୍ରାମର ରାଜା ଦଳବେହେରା ନିଜର ଜଣେ ସାଙ୍ଗକୁ ବାଇକ୍ ପଛରେ ବସାଇ ଓଡ଼ଗାଁରୁ ନୟାଗଡ଼ ଆଡ଼କୁ ଯାଉଥିଲେ। ଏଭଳି ସମୟରେ କାରକୁ ଅତିକ୍ରମ କରୁଥିବା ସମୟରେ ବିପରୀତ ଦିଗରୁ ରାବରା ଗ୍ରାମର ପିଙ୍କୁ ପ୍ରଧାନ ବାଇକ୍‌ରେ ସଙ୍ଗମ ମିଶ୍ରଙ୍କୁ ବସାଇ ଘରକୁ ଫେରୁଥିଲେ। ଉଭୟ ବାଇକ୍ ମଧ୍ୟରେ ଦୁର୍ଘଟଣା ହୋଇ ନ ଥିଲେ ମଧ୍ୟ ଏକ ବଡ଼ ଦୁର୍ଘଟଣାରୁ ଉଭୟ ବର୍ତ୍ତୀ ଯାଇଥିଲେ। ସମ୍ପୃକ୍ତ ଘଟଣାକୁ ନେଇ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ସମ୍ମୁଖ ରାଜ୍ୟ ରାଜପଥ ଉପରେ ଦୁଇ ବାଇକ୍ ଚାଳକଙ୍କ ମଧ୍ୟରେ ପାଟି ତୁଣ୍ଡ ଓ କଥା କଟା କଟି ହୋଇଥିଲା। ପରେ ଉଭୟେ ବାଇକ୍ ଚାଳକ ଚାଲିଯାଇଥିଲେ। କିନ୍ତୁ ପିଙ୍କୁ ପ୍ରଧାନ ଫେରି ଆସି ଓଡ଼ଗାଁ ସରକାରୀ ପଲିଟେକନିକ ଶିକ୍ଷାନୁଷ୍ଠାନ ସାମ୍ନାରେ ରାଜାଙ୍କୁ ଅଟକାଇ ଥିଲେ। ସେଠାରେ ବାଉଁଶ ମୂଳିରେ ପିଟାପିଟି ହେବାରୁ ଉଭୟଙ୍କ ମୁଣ୍ଡ ଫାଟିଲା। ଉଭଙ୍କେ ଓଡ଼ଗାଁ ସ୍ୱାସ୍ଥ୍ୟସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରା ଯାଇଥିଲା। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ପୁଣି ଥରେ ଉଭୟେ ମାରପିଟ ହୋଇଛନ୍ତି। ପିଙ୍କୁ ସହିତ ଆସିଥିବା ସଙ୍ଗମ ମିଶ୍ରକୁ କେହି ମାରପିଟ କରିଛି।

# ସଡ଼କ ଦୁର୍ଘଟଣାରେ ୨ ମୃତ

ଖଣ୍ଡପଡା, ୫।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବୋଦସା ଗ୍ରାମ ଉପକଣ୍ଠରେ ଗୁରୁବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ୨ ଜଣ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଦ୍ୱୟ ହେଲେ ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତ କଳଟାଙ୍ଗୀ ଗ୍ରାମର ବୀର କିଶୋର ଧଳ ଓ ଶିବରାମ ବିଶ୍ୱାଳ । ୨ ଜଣ ଏକ ବାଇକ୍ ଯୋଗେ ମର୍ଦ୍ଦରାଜପୁର ଗ୍ରାମରୁ ବୋଦସା ଦେଇ କଳଟାଙ୍ଗୀ ନିଜ ଗ୍ରାମକୁ ଫେରୁଥିବା ବେଳେ ବେପରୁଆ ବାଇକ୍ ଚାଳନା ଯୋଗୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଉଭୟେ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ପ୍ରଥମେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ସ୍ତ୍ରୀଙ୍କୁ ଛୁରିଭୁସି ହତ୍ୟାକଲେ ସ୍ୱାମୀ

ଭାପୁର,୫।୩(ପ୍ରଭାତ ବରାଡ)

ଫତେଗଡ ଥାନା ଅନ୍ତର୍ଗତ ଭାପୁର ଗ୍ରାମର ଜଣେ ଯୁବକ ଦୋଳପୂର୍ଣ୍ଣିମା ରାତିରେ ନିଜ ସ୍ତ୍ରୀଙ୍କୁ ଛୁରୀଭୁସି ହତ୍ୟା କରିଛନ୍ତି। ଘଟଣାରୁ ପ୍ରକାଶ, ଫତେଗଡ ଥାନା ଅନ୍ତର୍ଗତ ଭାପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ମଳିକ ବିଜିପୁର ଗ୍ରାମର ବସନ୍ତ ମଳିକଙ୍କ ଝିଅ ସାବିତ୍ରୀଙ୍କୁ ବିବାହ କରିଥିଲେ। ନିଜର ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ସ୍ୱାମୀ ସ୍ତ୍ରୀ ଉଭୟ ଭୁବନେଶ୍ୱରର ଭରତପୁର ଥାନା ଅଧିନ ଫୁଲେଶ୍ୱରୀ ବସ୍ତୀରେ ରହୁଥିଲେ। କୌଣସି କାରଣରୁ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ରାତିରେ ସାବିତ୍ରୀଙ୍କୁ ଛୁରି ଭୁଷି ହତ୍ୟା କରି ଫେରାର ହେଉଥିବା ବେଳେ ପଡୋଶୀ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ମୃତ ସାବିତ୍ରୀଙ୍କ ବାପଘର ଲୋକଙ୍କ ସୂଚନା ଅନୁଯାୟୀ ପୂର୍ଣ୍ଣଚନ୍ଦ୍ର ସବୁବେଳେ ନିଶାସକ୍ତ ହୋଇ ଘରକୁ ଆସି ସାବିତ୍ରୀଙ୍କୁ ମାଡ଼ ମାରନ୍ତି। ଦୋଳପୂର୍ଣ୍ଣିମା ରାତିରେ ନିଶାରେ ଆସି ସାବିତ୍ରୀଙ୍କୁ ପିଆଜ କାଟିବା ପାଇଁ କହିଥିଲେ। ପିଆଜ କାଟିବା ବିଳମ୍ବ ହେବାରୁ ଉତ୍ତେଜିତ ହୋଇ ସାବିତ୍ରୀଙ୍କ ପେଟରେ ଛୁରିଭୁସି ହତ୍ୟା କରିଥିବା କହିଛନ୍ତି। ଏନେଇ ପୋଲିସ ତଦନ୍ତ ଚାଲୁ ରଖିଥିବା ସୂଚନା ମିଳିଛି।

# ଗୀତାଯଜ୍ଞ ପ୍ରସ୍ତୁତି ବୈଠକ

ଖଣ୍ଡପଡା,୫।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ସିଧାମୂଳା ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ ଗୀତାଯଜ୍ଞ ଚଳିତ ବର୍ଷ ଅନୁଷ୍ଠିତ ହେବାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି । ଏ ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସମ୍ପାଦକ ବିଭୁତି ଦାଶଙ୍କ ବାସଭବନରେ କମିଟିର ସ୍ଥାୟୀ ସଭାପତି ଗଙ୍ଗାଧର ଷଡଙ୍ଗୀଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୬ ତାରିଖରୁ ୨୮ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ୨୬ତମ ଗୀତା ମହାଯଜ୍ଞ ପାଳନ କରାଯିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଏହି ସାମ୍ବତ୍ସରିକ ଯଜ୍ଞୋତ୍ସବର ସୁପରିଚାଳନା ଲାଗି ବ୍ରାହ୍ମଣ ସମାଜ ସଦସ୍ୟ ଉଦ୍ୟନାଥ ମିଶ୍ର, ବିଷ୍ଣୁ ପ୍ରସାଦ ମିଶ୍ର, କୁଳମଣି ମିଶ୍ର, ତୁଷାର ରଞ୍ଜନ ମିଶ୍ର ଓ ବିଭୂତି ଭୂଷଣ ଦାଶ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ସଭାପତି ଷଡଙ୍ଗୀଙ୍କଠାରୁ ପ୍ରକାଶ।

# ଜଳୁଛି ଶୁକରମଲ୍ଲ, ରତ୍ନମାଳା ପରି ୪ ଜଙ୍ଗଲ

ନୟାଗଡ଼,୫।୩(ଲୋକନାଥ ମିଶ୍ର)

ଦୁଇ ଦିନ ହେଲା ଜଳୁଛି ଶୁକରମଲ୍ଲ ଓ ରତ୍ନମାଳା ଜଙ୍ଗଲ। ଉଭୟ ଜଙ୍ଗଲ ରହିଛି ନୟାଗଡ଼ ବନଖଣ୍ଡ ପଂଚରିଡା ରେଞ୍ଜର ଦର୍ପନାରାୟଣପୁର ସେକ୍ସନ ଫରେଷ୍ଟ କାର୍ଯ୍ୟାଳୟ ଅଧିନରେ। ସେହିପରି ନୟାଗଡ଼ ରେଞ୍ଜ ଚକାପଥର ଘୋଡାଦେଇ ଓ ଭାଲୁଖାଇ ପାହାଡ ମଧ ଦୁଇ ଦିନ ହେଲା ଜଳୁଛି। ପୂର୍ବରୁ ନୟାଗଡ଼ ରେଞ୍ଜର ୨ଟି ଜଙ୍ଗଲ ୩ଦିନ ହେଲା ଜଳୁଥିଲା। ଶୁକରମଲ୍ଲ ପାହାଡରେ ଶୁକରମଲ୍ଲୀ ଠାକୁରାଣୀଙ୍କଠାରୁ ଆରମ୍ଭ କରି କେନ୍ଦୁଡ଼ିପି ପାଦଦେଶ ପର୍ଯ୍ୟନ୍ତ ଜଙ୍ଗଲ ଜଳୁଛି। ସେହିପର ରତ୍ନମାଳା ଜଙ୍ଗଲ କାକଲମା ଅଞ୍ଚଳରେ ଜଳୁଛି। ବୁଧ ଓ ଗୁରୁବାର ଦୁଇ ଦିନ ଧରି ଜଙ୍ଗଲ ଜଳୁଥିବାରୁ ଏହା ଭୟଙ୍କର ରୂପ ନେଉଛି। ସେପଟେ ବନବିଭାଗ ପକ୍ଷରୁ ନିଆଁକୁ ଆୟତ କରାଯାଇ ନାହିଁ। ଜଙ୍ଗଲ ଜୀବଜନ୍ତୁ ଭୟରେ ଗାଁ ଆଡେ ମହାଁଉଛନ୍ତି। ଜଙ୍ଗଲରୁ ଔଷଧିୟ ଗୁଳ୍ମ ପୋଡି ପାଉଁଶ ହୋଇ ଗଲାଣି। ନୟାଗଡ଼ ରେଞ୍ଜ ଚକାପଥର ଘୋଡାଦେଇ ଓ ଭାଲୁଖାଇ ପାହାଡରେ ବୁଧବାରଠାରୁ ଜଙ୍ଗଲ ଜଳୁଛି। ବନବିଭାଗ ପକ୍ଷରୁ କର୍ମଚାରୀ ଆସି ବସି ବସି ଫେରୁଥିଲେ ମଧ୍ୟ ଜଙ୍ଗଲରୁ ନିଆଁ ଲିଭାଉ ନ ଥିବା ଅଭିଯୋଗ ହୋଇ ଆସୁଛି।



## ଜଙ୍ଗଲ ନିଆଁ ପ୍ରତିରୋଧ ପାଇଁ ସଚେତନତା

ଦଶପଲ୍ଲା ବ୍ଲକ କୁଲୁରୁଙ୍ଗୀ ପଞ୍ଚାୟତ ଗୁଣ୍ଡୁରାବାରୀ ଗାଁରେ ଗ୍ରାମସଭା ସମୂହ ଆନୁକୂଲ୍ୟରେ ନିଆଁ ପ୍ରତିରୋଧ ପ୍ରଶିକ୍ଷଣ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଶପଲ୍ଲା ଗ୍ରାମସଭା ସମୂହ ସମ୍ପାଦିକା କୁମାରୀ ମାଝୀ ଅଧକ୍ଷତା କରିଥିଲେ। ପ୍ରଶିକ୍ଷଣ ଶିବିରରେ ଟାଙ୍ଗନାଡ଼ି, ଗୁଣ୍ଡୁରିବାରୀ, ବିଡାପାଜୁ, ଦୁଡିକିପାଜୁ, ତଳଡିକିରି, ଗୋଷ୍ଠୀ ଜଙ୍ଗଲ ସମ୍ପଦ ପରିଚାଳନା କମିଟି ସଦସ୍ୟା ସଦସ୍ୟାମନେ ଯୋଗ ଦେଇଥିଲେ। ବନବିଭାଗ ତରଫରୁ ତିଳାବାରୀ ଫରେଷ୍ଟ ବିଟ୍‌ର ବନରକ୍ଷୀ ବିଶ୍ୱ ରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। କର୍ମଶାଳାରେ ନିଆଁ କିପରି ଲାଗେ ସେନେଇ ଟିପ୍ପଣି ଦିଆଯାଇଥିଲା। ମହୁଲ ସଂଗ୍ରହ ପୂର୍ବରୁ ନିଆଁ ଲଗାଇ ଛାଡି ଆସିବା, କେନ୍ଦୁପତ୍ର ବୁଦା ନକାଟି ମୂଳରେ ନିଆଁ ଲଗାଇବା ଶିକାର ପାଇଁ ନିଆଁ ଲଗାଇବା, ଅଙ୍ଗାର ପାଇଁ ପୁଣି ନିଆଁ ଲଗାଯାଉଛି। ଅନ୍ୟପକ୍ଷେ ଶିକାରୀ ଜଙ୍ଗଲରେ ନିଆଁ ଲଗାଇ ଶିକାର ଅପେକ୍ଷାରେ ଲୁଚି ରହି ଶିକାର କରେ। ପୁଣି ଜଙ୍ଗଲରେ ଭୋଜି କରିବା ସମୟରେ ନିଆଁ ଲିଭା ଯାଇ ନ ଥାଏ। ଅନ୍ୟପକ୍ଷେ ବିଡି, ସିଗାରେଟ ଖାଉଥିବା କେତେକ ବ୍ୟକ୍ତି ନିଆଁ ନ ଲିଭାଇ ଜଙ୍ଗଲ ଭିତରକୁ ଫୋପାଡି ଦେବା ଦ୍ୱାରା ନିଆଁ ଲାଗେ। ଆଉ କେତେକ ଲୋକ ମଜା ଦେଖିବା ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି ବୋଲି କୁହାଯାଇଥିଲା। ଗ୍ରାମସଭା ସମୂହ କୋଷାଧକ୍ଷ ପ୍ରହଲାଦ ନାୟକ କହିଥିଲେ, ଜଙ୍ଗଲ କମିଟି ପକ୍ଷରୁ ନିଆଁ ଲିଭାଇବାକୁ ଗୁରୁତ୍ୱ ଦିଆଯାଇ କାମ କରାଯାଉଛି। ଚଳିତ ବର୍ଷ ଯେପରି ନିଆଁ ଜଙ୍ଗଲରେ ନ ଲାଗିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି। ଜଙ୍ଗଲରେ ନିଆଁ ଲାଗିଲେ କିପରି ଶୀଘ୍ର ଲିଭାଯିବ ସେନେଇ ଜଙ୍ଗଲ କମିଟି ସଦସ୍ୟ ସଦସ୍ୟା ତାଲିମ ପାଇଛନ୍ତି ବୋଲି କହିଥିଲେ।

## ପାଟ୍ରୋଲିଂ ଲୋକ ଦେଖାଣିଆ

ଜଙ୍ଗଲରେ ମନୁଷ୍ୟକୃତ ନିଆଁର ବିଭିନ୍ନ ରୂପ ଥିବାବେଳେ ଏହାକୁ ଧରପଗଡ ପାଇଁ ବନ ବିଭାଗର ପଦକ୍ଷେପ ଓ ପାଟ୍ରୋଲିଂ ଉପରେ ଉଠିଛି ପ୍ରଶ୍ନ। ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଧରପଗଡ ପାଇଁ କ୍ଷେତ୍ର ବନ କର୍ମଚାରୀମାନେ ୨ ଚକିଆ ଯାନରେ ଓ ପାଦରେ ଚାଲି ଚାଲି ଜଙ୍ଗଲରେ ତଦାରଖ କରୁଥିବା କହୁଛନ୍ତି। ହେଲେ ନିଆଁ ଲଗାଉଥିବା ବ୍ୟକ୍ତି ବିଶେଷଙ୍କୁ ଧରିପାରୁ ନାହାନ୍ତି। ଅନ୍ୟପକ୍ଷେ ଜଙ୍ଗଲ ଜଳୁଥିବାବେଳେ ବନବିଭାଗ ନିଆଁ ଲିଭାଇବାରେ ଅବହେଳା ଓ ଅଣଦେଖା କରୁଥିବାରୁ ଜଙ୍ଗଲ ପୋଡି ଛାରଖାର ହୋଇ ଯାଉଛି ବୋଲି ଅଭିଯୋଗ ଉଠିଛି। ଏନେଇ ପରିବେଶବିତ ଗଛ ସାର ଅନ୍ତର୍ଯ୍ୟାମୀ ସାହୁ କୁହନ୍ତି, ମନୁଷ୍ୟକୃତ ନିଆଁକୁ ଧରପଗଡ କରିବାକୁ ସ୍ଥାନୀୟ ଲୋକଙ୍କ ସହଯୋଗ ନେବା ସହ ପୁରସ୍କାର ରାଶୀ ଘୋଷଣା କରାଯିବା ଦରକାର। ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା କୁହନ୍ତି, ମନୁଷ୍ୟକୃତ ନିଆଁକୁ ରୋକିବା ପାଇଁ ବନବିଭାଗ ସଚେନତନା ସୃଷ୍ଟି କରିବା ସହ ଏହାର ଭୟାବହତା ନେଇ ବାରମ୍ବାର ବୁଝାଯାଉଛି। ବନବିଭାଗ ପକ୍ଷରୁ ଅଣଦେଖା ଅଭିଯୋଗର ସତ୍ୟତା ନାହିଁ ବୋଲି କହିଛନ୍ତି। ଜଙ୍ଗଲରେ ନିଆଁ ଲାଗିବା ନେଇ ଖବରକାଗଜରେ ମଧ୍ୟ ସଚେତନତା କରାଯାଇଛି। ଜଙ୍ଗଲରେ ନିଆଁ ଲାଗିବାର ଦେଖିଲେ କଂଟ୍ରୋଲ ରୁମକୁ ଫୋନ କରନ୍ତୁ। ନିଆଁ ଲଗାଉଥିବା ବ୍ୟକ୍ତିଙ୍କୁ ଦେଖିଲେ ବନ ବିଭାଗକୁ ଖବର ଦିଅନ୍ତୁ ବୋଲି କହିଛନ୍ତି। ଅନ୍ୟପକ୍ଷେ ଜଙ୍ଗଲରେ ନିଆଁ ଲାଗୁଥିବା ସ୍ଥାନକୁ ମୋବାଇଲ ଆପ ମାଧ୍ୟମରେ ଅନୁସରଣ କରି ଅତିଶୀଘ୍ର ନିଆଁ ଲିଭା ଯିବାର ବ୍ୟବସ୍ଥା କରାଯାଉଛି। ନିଆଁ ଲାଗିଥିବା ଅଞ୍ଚଳକୁ ପରିଦର୍ଶନ କରି ତାର କାରଣ, ଉତ୍ସ ଓ ନିରାକରଣ ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

## ଲୋକବିକାଶରେ ଦନ୍ତା ହାତୀର ତାଣ୍ଡବ

ବଡ଼ଚଣା, (ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଭୟପୁରଠାରେ ଅବସ୍ଥିତ ଲୋକ ବିକାଶ ପ୍ରାଙ୍ଗଣରେ ବୁଧବାର ରାତିରେ ଏକ ବଣୁଆ ଦନ୍ତା ହାତୀ ଭୟଙ୍କର ଉପଦ୍ରବ କରିଥିଲା। ପ୍ରାଙ୍ଗଣରେ ଥିବା ଲକ୍ଷାଧିକ ଟଙ୍କାର ଫଳ ଚାରାଗଛଗୁଡ଼ିକୁ ଖାଇବା ସହ ଦଳି ଚକଟି ନଷ୍ଟ କରିଦେଇଛି। ୨ ଟି ପାଣି ଟ୍ୟାପ ପିଣ୍ଡିକୁ ନଷ୍ଟ କରିବା ସହ କେତେକ ଫୁଲ କୁଣ୍ଡଗୁଡ଼ିକୁ ମଧ ହାତୀ ନଷ୍ଟ କରିଦେଇଛି। ପ୍ରାଙ୍ଗଣରେ ଥିବା ତତ୍ତ୍ୱାବଧାରକ ବୈରାଗୀ ନାୟକ ଭୟଭୀତ ହୋଇ ବନ ବିଭାଗ କର୍ମଚାରୀଙ୍କୁ ଫୋନ୍ ମାଧମରେ ଯୋଗାଯୋଗ କରି ବିଫଳ ହୋଇଥିଲେ।

# ହୋଲି ହେଲା କାଳ, ପାଣିରେ ବୁଡ଼ି ୪ ମୃତ

**ଯାଜପୁର/କଳିଙ୍ଗନଗର/ଯାଜପୁରରୋଡ/ବରୀ,୫।୩ (ହର୍ଷବର୍ଦ୍ଧନ ବେହେରା/ ଶୁଭାଶିଷ ରାଉତ/ ପବିତ୍ର ରଞ୍ଜନ ମହାନ୍ତି/ ମହେନ୍ଦ୍ର ସ୍ୱାଇଁ):**

ଯାଜପୁର ଜିଲାରେ ବୁଧବାର ରଙ୍ଗଖେଳ କାଳ ସାଜିଥିଲା। ଖରସ୍ରୋତା, ବ୍ରାହ୍ମଣୀ ନଦୀ ଓ ଯାଜପୁର ରୋଡର ଏକ ପୋଖରୀରେ ଗାଧୋଉଥିବାବେଳେ ୪ ଜଣଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ଯାଜପୁର ରୋଡ଼ର ସଂଗ୍ରାମ ଅଜିତାଭ ଦାସ ଓରଫ ଜିତୁ(୪୦), ଯଖପୁରା ଥାନା ଅଞ୍ଚଳର ସମରଜିତ ମଲ୍ଲିକ(୧୫), ବରୀ ରାମଚନ୍ଦ୍ରପୁର ଥାନା ଜଅଁପଡା ଗ୍ରାମର ହିରଣ୍ୟ ବେହୁରିଆ(୨୪) ଓ ବ୍ୟାସନଗର ସହରର ଶିବାନନ୍ଦ ଯାଦବ(୨୨)।

ଯାଜପୁରରୋଡ ଥାନା ଅଞ୍ଚଳର ଜିତୁ ସାଙ୍ଗମାନଙ୍କ ସହ ହୋଲି ଖେଳି ଯୋକଡିଆ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିବା ହଠାତ୍ ଗଭୀର ଗଣ୍ଡ ମଧ୍ୟରେ ବୁଡି ଯାଇଥିଲେ। ସାଙ୍ଗମାନେ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସାଙ୍ଗମାନେ ତୁରନ୍ତ ସ୍ଥାନୀୟ ଲୋକଙ୍କ ସହାୟତା ଲୋଡ଼ିବା ସହ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଯାଜପୁର ରୋଡ ଅଗ୍ନିଶମ ବିଭାଗ ଜିତୁଙ୍କୁ ନଦୀରୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିତୁ ସ୍ଥାନୀୟ ଏକ ବ୍ୟାଙ୍କରେ ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଦାନଗଦୀ ବ୍ଲକ ଯଖପୁରା ଥାନା ଅନ୍ତର୍ଗତ ଦିଗାମ୍ବରପୁର ବାଲିଘାଟ ନିକଟରେ ବ୍ରାହ୍ମଣୀ ନଦୀ ପାଣିରେ ବୁଡ଼ି ହରିଜନସାହିର ସଦାନନ୍ଦ ମଲ୍ଲିକଙ୍କ ପୁଅ ସମରଜିତ(୧୫)ଙ୍କ ମୃତ୍ୟୁ ହୋଇଛି। ରଙ୍ଗଖେଳ ସାରି ଦିଗାମ୍ବରପୁର ଘାଟରେ ଗାଧୋଉଥିବା ସମୟରେ ୨ ଜଣ ବାଳକ ନଦୀରେ ବୁଡି ଯାଇଥିଲେ। ଜଣେ ସୌଭାଗ୍ୟ ବଶତଃ କୂଳକୁ ଚାଲି ଆସିଥିବାବେଳେ ସମରଜିତ ଆଉ ଫେରି ନ ଥିଲେ। ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଖୋଜାଖୋଜି କରିବା ପରେ ନଦୀ ଭିତରୁ ସମରଜିତଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଏକ ଘଟଣାରେ ରାମଚନ୍ଦ୍ରପୁର ଥାନା ବରୀ ବ୍ଲକ ସ୍ୱାଇଁଖଣ୍ଡ ପଞ୍ଚାୟତ ଜଅଁପଡ଼ା ଗ୍ରାମର ହିରଣ୍ୟ ରଙ୍ଗ ଖେଳ ପରେ ସାଙ୍ଗମାନଙ୍କ ସହ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉଥିବା ଅବସ୍ଥାରେ ସେ ବୁଡି ଯାଇ ନିଖୋଜ ହୋଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ହିରଣ୍ୟଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କଳିଙ୍ଗନଗର ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍‌ରେ କାମ ଉତ୍ତରପ୍ରଦେଶର ଗୋରଖପୁର ଜିଲା ଦେଓରିଆ ଥାନା ଅଞ୍ଚଳର ଶିବାନନ୍ଦ ଯାଦବ ସାଙ୍ଗ ନଗେନ୍ଦ୍ର ରଙ୍ଗ ଖେଳସାରି ଯାଜପୁର ରୋଡ ଥାନା ବ୍ୟାସନଗର ଉମାପଦାସ୍ଥିତ ରତ୍ନା ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉଥିବା ବେଳେ ଶିବାନନ୍ଦଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ଜଳରେ ବୁଡ଼ି ଯାଇଥିଲେ। ଶିବାନନ୍ଦଙ୍କୁ ନ ଦେଖି ନଗେନ୍ଦ୍ର ବହୁ ସମୟ ଅପେକ୍ଷା କରିବା ପରେ ନିକଟରେ ଥିବା ଭଡ଼ାଘରକୁ ଯାଇ ଖୋଜି ଥିଲେ। ଘରେ ନ ପାଇବାରୁ ଅନ୍ୟ ସାଙ୍ଗଙ୍କୁ ଜଣାଇଥିଲେ। ଶିବାନନ୍ଦଙ୍କ ଜୋତା ଓ ମୋବାଇଲ ପୋଖରୀ ନିକଟରେ ଥିବା ଦେଖି ସେ ପାଣିରେ ବୁଡ଼ି ଯାଇଥିବା ଅନୁମାନ କରିଥିଲେ। ସେମାନେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ପୋଖରୀ ମଧ୍ୟରେ ଖୋଜାଖୋଜି କରିଥିଲେ। ହେଲେ ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖିଥିଲେ। ଗୁରୁବାର ପୋଲିସ, ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଶିବାନନ୍ଦଙ୍କ ମୃତଦେହକୁ ବାହାର କରାଯାଇଥିଲା।

## ସଂକ୍ଷେପରେ

### ଟ୍ରକ୍‌କୁ ପଛରୁ ଧକ୍କାଦେଲା ଆଇଚର: ଚାଳକ ମୃତ

**ଛତିଆ, ୫।୩(ସୌମ୍ୟ ରଞ୍ଜନ ସାହୁ )**

ବଡ଼ଚଣା ବ୍ଲକ ବୈରୀ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ଛତିଆ କଲେଜ ସମ୍ମୁଖରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଆଇଚର ଚାଳକଙ୍କ ମୃତ୍ୟୁ ହୋଇଛି। ଛତିଆ ଚଟିଘର ଘର ଛକର ଗଳିପୋଲ ନିର୍ମାଣ ଚାଲୁଥିବା ବେଳେ ଏଥିରେ ବ୍ୟବହୃତ ସମାଗ୍ରୀ ବୋଝେଇ କରି ଏକ ଟ୍ରକ ଛିଡା ହୋଇଥିଲା। ଚଣ୍ଡିଖୋଲରୁ କଟକ ଆଡେ ଯାଉଥିବା ଏକ୍ ଆଇଚର ଉକ୍ତ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ୧୬ ନଂ. ଜାତୀୟ ରାଜପଥରେ ଗାଡି ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଆଇଚର ଚାଳକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଳକଙ୍କ ଘର ବଡ଼ଚଣା ବ୍ଲକ ଖଇରା ଗାଁର ସୁଶାନ୍ତ କୁମାର ସେଠୀ। ଘଟଣା ସ୍ଥଳରେ ବୈରୀ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଥିଲା।

### ଠିକାଦାର ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁରଟାଉନ,୫।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଜିଲା ଠିକାଦାର ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ୮ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ତ୍ତ ବିଭାଗର ସର୍କୁଲାର ନମ୍ବରକୁ ଅବିଳମ୍ବେ ରଦ୍ଦ କରାଯାଇ ସର୍ବନିମ୍ନ ଟେଣ୍ଡର ମୂଲ୍ୟ ଏସ୍‌ଓଆରରୁ ୦.୦୦%ରୁ କମ୍ ନ କରିବାକୁ ଆଇନଗତ ବ୍ୟବସ୍ଥା କରାଯାଉ। କୋଡାଲ ବ୍ୟବସ୍ଥା ଅନୁଯାୟୀ, ପ୍ରତିବର୍ଷ ନିୟମିତ ଭାବେ ଏସ୍‌ଓଆର ସ୍ୱୀକୃତି କରାଯାଉ, କାର୍ଯ୍ୟ ଦକ୍ଷତା ମାନଦଣ୍ଡକୁ ଏକ ରାଜ୍ୟ, ଏକ ଆଇନ ଆଧାରରେ ପ୍ରଚଳନ କରାଯାଉ, ପୂର୍ବରୁ ପ୍ରଚଳିତ ସଟ୍ ଟେଣ୍ଡର କଲ୍ ନୋଟିସ (ଏଫ୍-୨) ଦ୍ୱାରା ସର୍ବାଧିକ ଟେଣ୍ଡର ମୂଲ୍ୟ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରି ୧୦ ଲକ୍ଷ ଟଙ୍କା କରାଯାଉ, କାର୍ଯ୍ୟ ସମୟ ସୀମା ବୃଦ୍ଧି ସମୟରେ ଦିନ ପିଛା ଜରିମାନା ରଦ୍ଦ କରାଯାଉ, ଦରଦାମ ବୃଦ୍ଧିର ହିସାବ ୨୦୧୨-୨୦୧୯ପର୍ଯ୍ୟନ୍ତ ପ୍ରଚଳନ କରାଯାଉ, ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦପ୍ତର ଦ୍ୱାରା ପରିଚାଳିତ ଡବ୍ଲୁଏମ୍ଆଇଏସ୍ ପ୍ରଣାଳୀକୁ ଅହେତୁକ ବିଳମ୍ବ ଦୃଷ୍ଟିରେ ପୂର୍ତ୍ତ ବିଭାଗର ଇପ୍ରକ୍ୟୁମେଣ୍ଟ ସେଲ୍‌କୁ ସ୍ଥାନାନ୍ତର କରାଯାଉ। ଏହି ଦାବି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ସଞ୍ଜିବ ପରିଡ଼ା, ସମ୍ପାଦକ ଦିଲୀପ କୁମାର ଜେନା, ସଞ୍ଜୀବ କୁମାର ସାହୁ, ପ୍ରମୋଦ ମିଶ୍ର, ନିରଞ୍ଜନ ନାୟକ, ସମେତ ବହୁ ଠିକାଦାର ଉପସ୍ଥିତ ଥିଲେ।

## ବିଜୁବାବୁଙ୍କ ଜୟନ୍ତୀ ପାଳିତ




**ବିଞ୍ଝାରପୁର, ୫।୩ (ରାମକୃଷ୍ଣ ଦାସ):**

ଓଡ଼ିଶାର ପ୍ରବାଦ ପୁରୁଷ ତଥା ଝଡର ଇଗଲ ବିଜୁବାବୁଙ୍କ ୧୧୦ତମ ଜୟନ୍ତୀ ବିଞ୍ଝାରପୁର ବିଜେଡି ପକ୍ଷରୁ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଞ୍ଝାରପୁରସ୍ଥିତ କଲ୍ୟାଣ ମଣ୍ଡପରେ ବ୍ଲକ ବିଜେଡି ସଭାପତି ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଇଂ. ସୁଶାନ୍ତ କୁମାର ମିଶ୍ର, ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ସୁନିତା ନାୟକ, ମାମିନା ମଲ୍ଲିକ, ଖଗେଶ୍ୱର ମହାନ୍ତି, ଜିଲା ବିଜେଡି ଉପସଭାପତି ଇଂ. ଲାୟକ ଅଲ୍ଲୀ ଖାଁ, ଯୁବ ସଭାପତି ଦିଲୀପ ରାଉଳ, ଛାତ୍ର ସଭାପତି ଲେନିନ ଦାସ, ବ୍ଲକ ଉପାଧ୍ୟକ୍ଷ ସେକ ଇରସାଦ, ବିଜୁ କୃଷକ ବ୍ଲକ ସଭାପତି ନିତ୍ୟାନନ୍ଦ ରାଉତ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମହାନ୍ତ ଯୋଦେଇଥିଲେ। ଅତିଥିମାନେ ବିଜୁବାବୁ ଆଧୁନିକ ଓଡ଼ିଶାର ବିନ୍ଧାଣୀ, ଓଡ଼ିଆଜାତିର କର୍ଣ୍ଣଧାର ଥିଲେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।

# ଚୋରା ମଦ ଦୋକାନକୁ ଭାଙ୍ଗିଲେ ମହିଳା



ମହିଳାମାନେ ମଦ ଦୋକାନକୁ ଭାଙ୍ଗୁଛନ୍ତି।

**ଯାଜପୁରଟାଉନ, ୫।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଟାଉନ ଥାନା ବାଲିପଦା ଗ୍ରାମର ମୁଖ୍ୟ ରାସ୍ତାପାର୍ଶ୍ୱରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଚୋରା ମଦ ବେପାର ଚାଲିଥିଲା। ପୋଲିସ ଓ ଅବକାରୀ ବିଭାଗ ନିକଟରେ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରୁଥିଲେ ମଧ କେହି କର୍ଣ୍ଣପାତ କରୁ ନ ଥିଲେ। ଶେଷରେ ମହିଳାମାନେ ବୁଧବାର ଅପରାହ୍ନରେ ମଦ ଦୋକାନଟିକୁ ଭାଙ୍ଗି ଚୁରମାର କରିଦେଇଥିଲେ। ଏଠାରେ ସକାଳୁ ବିଳମ୍ବିତ ରାତି ଯାଏ ମଦ ବିକ୍ରି ହେବା ସହିତ ବିଶୃଙ୍ଖଳା ସୃଷ୍ଟି ହେଉଥିଲା। ଛାତ୍ରୀମାନେ ସ୍କୁଲ, କଲେଜ ଯିବାକୁ ସୁରକ୍ଷିତ ମଣୁ ନ ଥିଲେ। ମହିଳାମାନେ ବଜାରକୁ ଯାଇ ପାରୁ ନ ଥିଲେ। ଏଣୁ ମହିଳାମାନେ ଶେଷରେ ମଦ ଦୋକାନକୁ ଭାଙ୍ଗି ଦେଇଥିଲେ। ଖବରପାଇ ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ମହିଳାଙ୍କୁ ବୁଝାଶୁଝା କରିବା ସହିତ ମଦ ବ୍ୟବସାୟ କରୁଥିବା ଅଜୁ ପାଗଳ ଘରେ ଚଢ଼ାଉ କରି ୩ଟି ବଡ଼ ବ୍ୟାଗରେ ୩୦ ଲିଟର ଅଧିକ ମଦ ଜବତ କରିଥିଲେ। ଏଥିସହ ପୋଲିସ ଅଜୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ନିଆଁରେ ଗୋଦାମ, ବାସଗୃହ, ସାମଗ୍ରୀ ପୋଡ଼ିଗଲା

**ରସୁଲପୁର,୫।୩ (ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଯୋଗୁ ବ୍ୟବସାୟୀ ଜନାର୍ଦ୍ଦନ ସାହୁଙ୍କର ଗୋଦାମ ଗୃହ ସହ ବାସଉପଯୋଗୀ ଚାଳଘର ପ୍ରଭାବିତ ହୋଇଛି। ଏ ସମ୍ପର୍କରେ ରସୁଲପୁର ଦମକଳ କେନ୍ଦ୍ର ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଦମକଳବାହିନୀ ପହଞ୍ଚିବା ପୂର୍ବରୁ ଗୋଦାମ ଘରେ ଥିବା ବହୁ ବ୍ୟବସାୟିକ ଉପକରଣ ପୋଡି ଯାଇଥିଲା। ଗୋଦାମ ଘରେ ବିଦ୍ୟୁତ ସଂଯୋଗରୁ ଅଗ୍ନିକାଣ୍ଡ ସୃଷ୍ଟି ହୋଇଥିଲା। ବିଦ୍ୟୁତ ତାରରୁ ନିଆଁ ବାହାରୁ ଥିବା ଦେଖି ଲୋକେ ପାଣି ପକାଇ ନିଆଁ ଲିଭାଇବାକୁ ଭୟ କରିଥିଲେ। ଏ ସମ୍ପର୍କରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ସହ ନିଆଁକୁ ଆୟତ କରିଥିଲେ।

## ବାଇଧର ବେହେରାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଧର୍ମଶାଳା, ୫।୩ (ବଟକୃଷ୍ଣ ପରିଡା ):**



ଧର୍ମଶାଳା ବ୍ଲକ ଅଣ୍ଡିଆ ପଞ୍ଚାୟତ କୁହ୍ରିରା ଗ୍ରାମର ସାମାଜିକ କର୍ମୀ ପରୋପକାରୀ ସତ୍ୟନିଷ୍ଠ, ସ୍ନେହୀ ଓ ଧର୍ମପ୍ରାଣ ବ୍ୟକ୍ତି ବାଇଧର ବେହେରାଙ୍କ ଏକାଦଶାହରେ ତାଙ୍କ ବାସଭବନ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ଡ. ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏଥିରେ ସମ୍ଭବ ସମ୍ପାଦକ ଅଖିଳ କୁମାର ସ୍ୱାଇଁ, ଧର୍ମଶାଳା ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ସୁଦାମ ନାୟକ, ମନୋଜ ଦାସ, ନିର୍ମଳା ଜତି ପ୍ରମୁଖ ଯୋଗଦେଇ ବେହେରା ଆୟକର ବିଭାଗର ଓକିଲାତି କାମ ଛାଡ଼ି ଗ୍ରାମରେ ରହି ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଧର୍ମଶାଳା ପ୍ରେସ୍ କ୍ଲବର ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ସମ୍ପାଦକ ଅବିନେଶ୍ୱର ଶତପଥୀ, ଉପସଭାପତି ମାନସ ରଞ୍ଜନ ଜେନା, ସୁବ୍ରତ ଜେନା, କୃଷକ ନେତା ବସନ୍ତ ପରିଡ଼ା, ଯୁବନେତା ପ୍ରଫୁଲ୍ଲ କୁମାର ରାୟ, ବିଜୟ ବେହେରା, ପିନାକ ରଞ୍ଜନ ଦାସ, ବିପିନ ବିହାରୀ ଦାସ, ରମେଶ ନାୟକ, ଝରଣା ନାୟକ, ରଶ୍ମିତା ନାୟକ(ପରିଡ଼ା) ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ଜୀବନି ଉପରେ ଅଲୋକପାତ କରିଥିଲେ। ଶେଷରେ ବେହେରାଙ୍କ ବଡ଼ ପୁଅ ବେଣୁଧର ଓ ସାନ ପୁଅ ମାନସ ବେହେରା ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଯୌତୁକ ପାଇଁ ବଧୂହତ୍ୟା: ସ୍ୱାମୀ, ଶାଶୁ, ଶଶୁର ଗିରଫ

**ଧର୍ମଶାଳା/ କାଏମା, ୫।୩ (ବଟକୃଷ୍ଣ ପରିଡା/ ଶିବ ପ୍ରସାଦ ମହାନ୍ତି)**

ଧର୍ମଶାଳା ଥାନା ଅନ୍ତର୍ଗତ ପଟୁଣିଆ ପଞ୍ଚାୟତର ଗଲଗଲିଶଙ୍ଖ ଗାଁରେ ଯୌତୁକ ପାଇଁ ବଧୂହତ୍ୟା କକରାଯାଇଥିବା ବାପଘର ଲୋକେ ଅଭିଯୋଗ କରିଛନ୍ତି। ମୃତା ବଧୂ ୫ମାସର ଗର୍ଭବତୀ ଥିଲେ। ତେବେ ତାଙ୍କୁ ଶାଶୁଘର ଲୋକେ ମାରି ଦେଇଥିବା ନେଇ ତାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି।

କୁଆଖିଆ ଥାନା ଅନ୍ତର୍ଗତ ଦାମୋଦରପୁର ଗାଁର ଚକ୍ରଧର ଦଳାଇଙ୍କ ଝିଅ ମାନସୀ ଦଳାଇ (୨୬) ଗଲଗଲିଶଙ୍ଖ ଗାଁର ପ୍ରଭାକର ଦଳାଇଙ୍କ ପୁଅ କାଳନ୍ଦୀ (ନିଧିଆ)ଙ୍କୁ ୨୫।୬।୨୦୨୦ରେ ବୈଦିକ ରୀତିନୀତି ଅନୁସାରେ ବିବାହ କରିଥିଲେ। ବିବାହ ପରେ କିଛିଦିନ ଭଲରେ ବିତିଥିଲା। ହେଲେ ପରେ ଝିଅକୁ ଶାଶୁଘର ଲୋକେ ନିର୍ଯାତନା ଦେଇ ଆସିବା ସହ ଯୌତୁକ ମାଗୁଥିଲେ। ବାପାଙ୍କ ପାଖରେ ସମ୍ବଳ ନ ଥିବାରୁ ସେ ତାହା ଦେଇ ପାରୁ ନ ଥିଲେ। ଏହିକ୍ରମରେ ଏବେ ସେ ୫ ମାସ ଗର୍ଭବତୀ ଥିବା ବେଳେ ମଙ୍ଗଳବାର ସକାଳେ ଶାଶୁଘର ଲୋକେ ତାଙ୍କୁ ୫୦ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଉଥିବା ସେ ବାପାଙ୍କୁ ଜଣାଇଥିଲେ। ଅପରାହ୍ନରେ ତାଙ୍କ ମୃତ୍ୟୁ ହୋଇଥିବା ଖବର ସେ ପାଇଥିଲେ। ଖବରପାଇ ବାପଘର ଲୋକେ ସେଠାରେ ପହଞ୍ଚି ଦେଖନ୍ତି ତ ମାନସୀଙ୍କ ମୃତଦେହକୁ ଚାଦରରେ ଘୋଡାଇ ଖଟ ଉପରେ ରଖାଯାଇଥିଲା। ତେବେ ତାଙ୍କ ଗର୍ଭବତୀ ଝିଅଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଥିବା ନେଇ ବାପା ଚକ୍ରଧର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୮୬/୨୬ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭର୍ତ୍ତି କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ସ୍ୱାମୀ କାଳନ୍ଦୀ, ଶ୍ୱଶୁର ପ୍ରଭାକର ଓ ଶାଶୁ ଚଇନୀଙ୍କୁ ଗୁରୁବାର ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ଦୋଳ ମେଳଣ

**ବରୀ, ୫।୩ (ମହେନ୍ଦ୍ର ସ୍ୱାଇଁ):**

ବରୀ ଅଞ୍ଚଳର ସର୍ବ ପୁରାତନ ଅରଙ୍ଗାବାଦର ଶ୍ରୀ ଶ୍ରୀବୁଢ଼ା ଗୋସାଇଁ ଜୀଉଙ୍କ ମେଳଣ ଅନୁଷ୍ଠିତ ହୋଇଯାଇଛି। ଫଗୁ ଦଶମୀରୁ ଆରମ୍ଭ ହୋଇଥିବା ଦୋଳ ମେଳଣ ପର୍ବ ଗୁରୁବାର ଶେଷ ହୋଇଛି। ଆବହମାନ କାଳରୁ ଶ୍ରୀ ଶ୍ରୀ ବୁଢା ଗୋସାଇଁଙ୍କ ଦୋଳ ମେଳଣ ଆରମ୍ଭ ହୋଇଛି। ତାହାର ଠିକ୍ ତଥ୍ୟ ନାହିଁ। ତେବେ ମହାପ୍ରଭୁଙ୍କ ଆବିର୍ଭାବ ୧୮୩୩ରେ ଏଠାରେ ହୋଇଥିବାରୁ ଏହା ପରେ ମେଳଣ ଆରମ୍ଭ ହୋଇଥିବ ବୋଲି ଅନୁମାନ କରାଯାଏ। ସବୁବର୍ଷ ପରି ସ୍ଥାନୀୟ ୭ ବିମାନ ଚଳିତ ମେଳଣରେ ଭାଗ ନେଇଥିଲେ। ଅରଙ୍ଗାବାଦ, ବନ୍ଧଡିହ, ନୂଆଗାଁ, ବାଲିଆପାଳ, ଗୋବିନ୍ଦାବାଟି, ଅଳିପୁର ଓ ରତ୍ନଗିରିରୁ ଠାକୁର ବିମାନରେ ଆସି ମେଳଣରେ ଭାଗ ନେଇଥିଲେ। ରାତ୍ରି ୩ଟାରୁ ଆରମ୍ଭ ହୋଇଥିବା ମେଳଣ ଗୁରୁବାର ପୂର୍ବାହ୍ନ ୧୦ଟା ଯାଏ ଚାଲିଥିଲା।

**ଧର୍ମଶାଳା, (ବଟକୃଷ୍ଣ ପରିଡା):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲ ମେଳଣ ଗୁରୁବାର ଶେଷ ହୋଇଛି। ଏଥିରେ ଥାନପତି ଭାବେ ଗଙ୍ଗାଧରପୁର ରାଧାକୃଷ୍ଣ ଜୀଉ ବିମାନ ଯୋଗଦେଇ ହୋଲି ଖେଳିଥିଲେ। ସେହିପରି ବାଜବାଟୀ, ନାଉପାଳ ଓ ବଙ୍ଗାଳିସାହି ଆଦି ୫ବଡ ବିମାନ ଓ ୧୦ ଛୋଟ ବିମାନ ଯୋଗଦେଇ ଫଗୁ ଖେଳି ନାକପୋଲ ହାଟପଡିଆ ଚାରାରେ ବିଜେ କରିଥିଲେ। ମେଳଣ କମିଟି ପକ୍ଷରୁ ଭୋଗ ପ୍ରଦାନ କରାଯାଇ ବିଦାୟୀ କରାଯାଇଥିଲା। ମେଳଣ କମିଟି ସମ୍ପାଦକ ଶ୍ରବଣ କୁମାର ବାରିକ, ସଦାଶିବ ଦାସ ପ୍ରମୁଖ ସହଯୋଗ କରିବା ସହିତ ଠାକୁରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ସେହିପରି ମଙ୍ଗଳବାର ରାତିରେ ଗଙ୍ଗାଧରପୁର ପଞ୍ଚାୟତ ବ୍ରାହ୍ମଣଦାଠାରେ ମେଳଣ ଅନୁଷ୍ଠିତ ହୋଇ ବୁଧବାର ଅପରାହ୍ନରେ ଶେଷ ହୋଇଥଲା।

**ଦଶରଥପୁର,(ସୁଶାନ୍ତ କୁମାର ବେହୁରିଆ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଶୁଙ୍ଗୁଆ ପଞ୍ଚାୟତ ହିରାପୁର ଗ୍ରାମରେ ମେଳଣରେ ସର୍ବପ୍ରଥମେ ପ୍ରଭୁ ରାଧାକାନ୍ତ ଜୀଉଙ୍କ ବିମାନ ଥାନପତି ଭାବେ ବିରାଜମାନ କରିବା ପରେ ଅନ୍ୟ ବିମାନଗୁଡିକ ବିରାଜମାନ କରିଥିଲେ। ଏହି ମେଳଣ ଉତ୍ସବରେ ୩୦ରୁ ଉର୍ଦ୍ଧ୍ୱ ବିମାନ ସାମିଲ ହେବା ପରେ ବିଳମ୍ବିତ ରାତ୍ରିରେ ଭୋଗ ଲାଗି ହୋଇଥିଲା। ଏଥିରେ ବହୁ ଜନସାଧାରଣ ସାମିଲ ହୋଇଥିଲେ।



ବରୁଆଁ ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ।

**ଚଣ୍ଡିଖୋଲ, (ପ୍ରଦୀପ୍ତ କୁମାର ପୃଷ୍ଟି ):** ବଡ଼ଚଣା ବ୍ଲକ ନାନପୁର ପାଟଣା ମେଳଣ ପଡିଆଠାରେ ଠାରେ ଐତିହାସିକ ରାଜ ଦୋଳ ମେଳଣ ବୁଧବାର ପାଳିତ ହୋଇଯାଇଛି। ପ୍ରଥମେ ନାନପୁର ଗୋସ୍ୱାମୀ ସାହିର ଶ୍ରୀ ଶ୍ରୀବୃନ୍ଦାବନ ଜୀଉ ଥାନପତି ବିମାନ ମେଳଣ ପଡିଆରେ ଆସ୍ଥାନ ଗ୍ରହଣ କରିଥିଲେ। ପରେ ଆଲାମ ଗିରିଗଡ଼ ରାଜାଙ୍କ ଶ୍ରୀ ଶ୍ରୀମଧୁସୂଦନ ଜୀଉ ବିମାନ ରୋଷଣୀ କରି ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ। ପଡିଆର ଚତୁଃଦିଗରୁ ଗୋପୀନାଥ ଜୀଉ ମାଣିତିରି, ରାଧାକୃଷ୍ଣଜୀଉ ପଲାଇ, ଗୋପାଳ ଜୀଉ କୃଷ୍ଣଦାସପୁର, ରାଧାଗୋବିନ୍ଦ ଜୀଉ ଭୂଷଣପୁର, ମଦନମୋହନ ଜୀଉ ମହାଖଳା ଦର୍ପଣ, ମଦନମୋହନ ଜୀଉ କୁସୁପୁର, ମଦନମୋହନ ଜୀଉ ନାନପୁର ବଣିଆ ସାହି, ମଦନମୋହନ ଜୀଉ ଭଟସାହି ନାନପୁରର ବିମାନଗୁଡିକ ପଡିଆରେ ପହଞ୍ଚି ଥିଲେ। ଅଲମଗିରିର ରାଜା ଗୁରୁଚରଣ ଟିକାୟତଙ୍କ ପକ୍ଷରୁ ତାଙ୍କର ଝିଅ ଓ ଜ୍ୱାଇଁ ଉପସ୍ଥିତ ରହି ସମସ୍ତ ନିମନ୍ତ୍ରିତ ବିମାନଗୁଡିକୁ ଭୋଗ ଲାଗି କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ।

**ଯାଜପୁର ସଦର, (ସମର ବିଜୟ ଶରଣ):** ଯାଜପୁର ବ୍ଲକ୍ ଅନ୍ତର୍ଗତ ଐତିହାସିକ ବରୁଆଁ ମେଳଣ ଶେଷ ହୋଇଯାଇଛି। ମେଳଣର ଥାନପତି ଶ୍ରୀ ଶ୍ରୀରାଧଗୋପୀନାଥ ଜୀଉ ନିଜର ପାଟ ପଟୁଆର ସହ ମଣ୍ଡପରେ ବିରାଜମାନ କରିଥିଲେ। ପରେ ପଡିଆରେ ଥିବା ସ୍ଥାୟୀ ମଣ୍ଡପରେ ପୁରୁଷୋତ୍ତମପୁରର ରାଧାଗୋପାଳ ଜୀଉ ଓ ହସନପୁରର ରାଧା ଗୋପାଳଜୀଉ, ସୁଜନପୁର, କାଶୀପୁର, କୁଝାଳା ଓ ରିଷିପୁରର ରାଧା ଗୋପୀନାଥ ଜୀଉ, ସୁଜନପୁର ଓ ମିର୍ଜାପୁରର ରାଧା ବୃନ୍ଦାବନ ଜୀଉ, ହସନପୁରର ରାଧା ରଘୁନାଥ ଜୀଉ ଓ ରାଧା ଗୋପାଳଜୀଉ, ନଉପଡାର ରାଧା ଲକ୍ଷ୍ମୀନାରାୟଣ ଜୀଉ, ନରସିଂହପୁରର ରାଧା ଅନନ୍ତଦେବ ଜୀଉ, ହରିପୁର ଜଗନ୍ନାଥ ମଠ ଓ ଦେବିଲର ରାଧାଗୋବିନ୍ଦ ଚନ୍ଦ୍ର ଜୀଉ, ବାଲିଆ ଓ କଟେରୀ ଗାଁର ରାଧାମୋହନ ଜୀଉ, ରୁଦ୍ରପୁର, କୁଝାଳା ଓ ଦେବିଲର ରାଧାକାନ୍ତ ଜୀଉ, ରୁଦ୍ରପୁର ଓ ସ୍ୱପ୍ନେଶ୍ୱରପୁରର ଆଣୁଆ ଗୋପାଳ ଜୀଉ ପ୍ରଭୃତି ବିମାନ ପଟୁଆରରେମେଳଣ ପଡିଆକୁ ଆସିଥିଲେ। କମିଟି ପକ୍ଷରୁ ସବୁ ଠାକୁରଙ୍କ ନିକଟରେ ଭୋଗ ଲାଗି କରାଯିବା ସହିତ ବିଦାକି ପ୍ରଦାନ କରାଯାଇ ଆଗାମୀ ବର୍ଷ ପାଇଁ ମଧ ବରଣି କରାଯାଇଥିଲା।


**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/KUR/EP/2025-26/19, ତା.27.02.2026ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।

କ୍ରମ ସଂ. 01 : ଟେଣ୍ଡର ସଂ. 81265278, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅନୁଲଗ୍ନକ-1 ଅନୁଯାୟୀ LHB କୋଚ୍‌ଗୁଡ଼ିକରେ ଅଣ୍ଡର ସ୍ଲଙ୍ଗ ପାଣି ଟାଙ୍କି ନିମନ୍ତେ ଅତିରିକ୍ତ ପାଣି ଭରିବା ବ୍ୟବସ୍ଥା, ପରିମାଣ : 100 ସେଟ୍।
ଅନୁଲଗ୍ନକ-1 ଅନୁଯାୟୀ LHB କୋଚ୍‌ଗୁଡ଼ିକରେ ଅଣ୍ଡର ସ୍ଲଙ୍ଗ ପାଣି ଟାଙ୍କି ନିମନ୍ତେ ଅତିରିକ୍ତ ପାଣି ଭରିବା ବ୍ୟବସ୍ଥା, ପରିମାଣ : 626 ସେଟ୍।

କ୍ରମ ସଂ. 02 : ଟେଣ୍ଡର ସଂ. 81265260, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆନୁଷଙ୍ଗିକ ଉପକରଣଗୁଡ଼ିକ ସହିତ CUMMINS ଡିଜେଲ ଇଞ୍ଜିନ ମଡେଲ ନଂ. KTA-19 G10 ନିମନ୍ତେ ଉପଯୋଗୀ ରେଡିଏଟର ଆସେମ୍ବ୍ଲିର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ, ପରିମାଣ : 04 ସଂଖ୍ୟକ।

କ୍ରମ ସଂ. 03 : ଟେଣ୍ଡର ସଂ. 81265274, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ହାଇ ଡେନ୍‌ସିଟି, ସେଲ୍ଫ ସ୍କିନ୍ ପଲିୟୁରେଥେନ୍ ଫୋମ୍‌ର ତିନି ସିଟ୍ ବିଶିଷ୍ଟ ସର୍ବସାଧାରଣ ବସିବା ଚେୟାର ର ଯୋଗାଣ, ସଂସ୍ଥାପନ ଏବଂ ଗ୍ରାଉଟିଙ୍ଗ (Grouting), ପରିମାଣ : 202 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 19.03.2026, 1500 ଘଣ୍ଟିକାରେ (କ୍ରମ ସଂ. 1 ନିମନ୍ତେ) ଏବଂ 23.03.2026, 1500 ଘଣ୍ଟିକାରେ (କ୍ର. ସଂ. 2 ଓ 3 ନିମନ୍ତେ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-1188/Q/25-26



**SUNDARAM HOME** — Sundaram Finance Group —

ପଞ୍ଜୀକୃତ କାର୍ଯ୍ୟାଳୟ: ନଂ. ୨୧, ପାଟୁଲୋସ୍ ରୋଡ୍, ଚେନ୍ନାଇ-୬୦୦୦୦୨ ।
କର୍ପୋରେଟ୍ କାର୍ଯ୍ୟାଳୟ: ସୁନ୍ଦରମ୍ ଟାୱାର୍ସ, ନଂ. ୪୬, ହ୍ୱାଇଟ୍ସ ରୋଡ୍, ଚେନ୍ନାଇ-୬୦୦୦୧୪ ।
ଶାଖା କାର୍ଯ୍ୟାଳୟ: ମାର୍ଫତ୍ ସୁନ୍ଦରମ୍ ଫାଇନାନ୍ସ ଲିମିଟେଡ୍, ପ୍ଲଟ୍ ନଂ. ଏ/୧୬୭, ମେଟ୍ରୋପୋଲିସ୍, ପ୍ରଥମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଓଡ଼ିଶା

**ଦଖଲ ନୋଟିସ**

**ପରିଶିଷ୍ଟ IV ସହିତ ପଠନ ପୂର୍ବକ ଧାରା ୧୩(୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୧) ଅଧୀନରେ ଜାରି**

ଯେହେତୁ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ, ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫାଏସି) ଅଧିନିୟମ, ୨୦୦୨ ଅଧୀନରେ ତଥା ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୧୩ (୧୨) ସହିତ ପଠନପୂର୍ବକ ନିୟମ ୩ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଧାରା ୧୩(୨) ଅଧୀନରେ ଏକ ଡିମାଣ୍ଡ ନୋଟିସ ତାରିଖ ୦୯।୧୨।୨୦୨୫ ଜାରି କରି ଋଣଗ୍ରହୀତା ଶ୍ରୀ ମୁର୍ଶିଦ ଆଲମ୍, ସହ-ଋଣଗ୍ରହୀତା ଶ୍ରୀ ଶେଖ୍ ଖୁର୍ସିଦ୍ ମହମ୍ମଦ, ଶ୍ରୀମତୀ ସୁଲତାନା ବେଗମ୍‌ଙ୍କୁ ନୋଟିସରେ ଦର୍ଶିତ ତଥା ଋଣ ଖାତା ସଂଖ୍ୟା ବିବିଆର୍୨୦୨୦୦୦୪ ଅଧୀନରେ ତା୦୯।୧୨।୨୦୨୫ରିଖ ସୁଦ୍ଧା ବକେୟା ଓ ପୈଠଯୋଗ୍ୟ ଅର୍ଥରାଶି ଅର୍ଥାତ୍ ଟ.୪,୨୯,୩୦୪/- (ଚାରି ଲକ୍ଷ ଅଣତିରିଶ ହଜାର ତିନିଶହ ଚାରି ଟଙ୍କା ମାତ୍ର) ସମେତ ପରବର୍ତ୍ତୀ ସୁଧ, ବ୍ୟୟ ଏବଂ ଅନ୍ୟାନ୍ୟ ଶୁଳ୍କ, ଯଦି ଥାଏ, ନୋଟିସ ପ୍ରାପ୍ତି ତାରିଖରୁ ୬୦ ଦିନରେ ପୈଠ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଋଣଗ୍ରହୀତା(ଗଣ) ଉପରଦର୍ଶିତ ଅର୍ଥରାଶିକୁ ପୈଠ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ଋଣଗ୍ରହୀତା(ଗଣ) ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ନୋଟିସ ପ୍ରଦାନ କରାଯାଉଛି ଯେ ପ୍ରାଧିକୃତ ଅଧିକାରୀ ଉକ୍ତ ଅଧିନିୟମର ଧାରା ୧୩ (୪) ସହିତ ପଠନପୂର୍ବକ ସରଫାଏସି ଅଧିନିୟମର ନିୟମ ୮ ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ତା୦୩।୦୩।୨୦୨୬ରିଖ ଦିନ ନିଜ ଦଖଲକୁ ନେଇଛନ୍ତି ।

ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮) ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି ।

ବିଶେଷକରି ଋଣଗ୍ରହୀତା(ଗଣ) ତଥା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି ଯେ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ସମ୍ପତ୍ତି ସହ କାରବାର କରାଗଲେ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍ ଦ୍ୱାରା ତା୦୩।୦୩।୨୦୨୬ରିଖ ସୁଦ୍ଧା ରହିଥିବା ଟ.୪,୪୩,୧୦୨/- (ଚାରି ଲକ୍ଷ ତେୟାଳିଶ ହଜାର ଏକଶହ ଦୁଇ ଟଙ୍କା ମାତ୍ର)ର ଅର୍ଥରାଶି ସମେତ ବାସ୍ତବିକ ପରିଶୋଧ ତାରିଖ ସୁଦ୍ଧା ପରବର୍ତ୍ତୀ ସୁଧ, ବ୍ୟୟ ଓ ଅନ୍ୟାନ୍ୟ ଶୁଳ୍କ ଆଦିର ଚାର୍ଜ ଲାଗୁ କରାଯିବ ।

ସମ୍ପତ୍ତିର ଅନୁସୂଚୀ: ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଦ୍ୱାର ସଂ.: ୧୦୩୧/୨୪୫୦, ପ୍ଲଟ୍ ସଂ. ୧୦୩୧/୨୪୫୦, ଖାତା ସଂ.: ୫୧୨/୭୫୫, ଗ୍ରାମ: ରମେଇ, ପ୍ଲଟ୍ ସଂ. ୧୦୩୧/୨୪୫୦, ଖାତା ସଂ. ୫୧୨/୭୫୫, ରମେଇ, ଗୁରୁଡ଼ିଝାଟିଆ, ଆଠଗଡ଼, ତାଲୁକ: ଆଠଗଡ଼, କଟକ, ଓଡ଼ିଶା-୭୫୪୦୨୯ ।

ତାରିଖ: ୦୩।୦୩।୨୦୨୬ — ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ ପ୍ରାଧିକୃତ ଅଧିକାରୀ



**OFFICE OF THE NOTIFIED AREA COUNCIL, CHANDBALI**

Pin : 756133 (Odisha), E.Mail : chandbalin-hud@gov.in / chandbali.nac@gmail.com

**E-Procurement Notice**

Tender Call Notice No. : 925/CN-05/2025-26

No.13001/450/2526 Date : 27.02.2026

1. Name of the Work : Individual Civil Construction works published the in the website
2. No. of works put to Tender : 03 Nos. Individual Works
3. Estimated Cost : Rs.20.00 Lakhs each
4. Period of completion : 60 days
5. Date and time of availability : From 17.00 hours of Dt.02.03.2026 to 17.30 of Dt.18.03.2026 bid document in the portal
6. Last date/Time for receipt of bids : 17.30 hours of Dt.18.03.2026
7. Date and time of opening of bid : 11.00 hours of Dt.19.03.2026
8. Name and address of the Officer Inviting Bid : Executive Officer, Chandbali NAC, Chandbali

Further details can be seen from the e-procurement portal https://tenderorissa.gov.in

Sd./- Executive Officer Chandbali NAC

OIPR-13001/13129/1/25-26/0010



**WORKS DEPARTMENT**
**OFFICE OF THE SUPERINTENDING ENGINEER MAYURBHANJ (R&B) DIVISION, BARIPADA**

e-mail : bpd_eerb@rediffmail.com

Government of Odisha "e" Procurement Notice

Bid Identification No. - S.E.-81/2025-26

No.34001/146/2526

1. Number of works : Road & Electrical works
2. Approximate estimated cost : 73.47 lakh to 3.71 lakh
3. Period of completion : 01 (One) & 02 (Two) Calendar months
4. Date & Time of availability of bid documents in the portal : Dt.07.03.2026 to 17.03.2026
5. Last Date / Time of receipt of bid in the portal : Dt.17.03.2026 up to 5.00 P.M.
6. Date of Opening of bid : Dt.18.03.2026 at 11.00 A.M.
7. Name & adderss of the Office inviting bid : Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd./- R.G. Ray
Superintending Engineer
Mayurbhanj (R&B) Division

OIPR-34001/34025/1/25-26/0004



**GOVERNMENT OF ODISHA** No. 34001/137/2526

**OFFICE OF THE SUPERINTENDING ENGINEER PARALAKHEMUNDI (R&B) DIVISION, PARALAKHEMUNDI**

Tel. Ph. No.: 06815-222542, E-mail ID: eerbparala@yahoo.com

**e-Procurement Notice**

Bid Identification No. S.E., PKD. R&B DIVN.-24/2025-26

No. 1557 Date: 27.02.2026

**INVITATION FOR BIDS**

| | | | |
|---|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in Double Cover system to be received in on ONLINE MODE only for the construction of works as detailed in the table below: | | |
| 2. | Nature of works | : | Building Works |
| 3. | No. of Works | : | 15 (Fifteen) Nos. of works |
| 4. | Estimated Cost (Approximately) | : | Rs.88.88 lakhs to Rs.58.13 lakhs |
| 5. | Bid Cost | : | Rs.10,000/- |
| 6. | Class of Contractor | : | "B" Class |
| 7. | Availability of Bid Documents in the website | : | 10.00 hrs. of Dt.09.03.2026 to 17.00 hrs. of Dt.30.03.2026 |
| 8. | Date of opening of the Bid | : | 12.00 hrs. of Dt.31.03.2026 |
| 9. | The bidders have to participate in ONLINE bidding only. Further details can be seen from the website http://tendersorissa.gov.in. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd./- Superintending Engineer
Paralakhemundi (R&B) Division

OIPR-34001/34186/1/25-26/0002

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



କିଟ୍‌ରେ ଆୟୋଜିତ ଏଫ୍ଆଇଭିବି ବିଶ୍ୱ ବିଚ୍ ଭଲିବଲ୍‌ର ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

# କ୍ୱାର୍ଟର ଲାଇନଅପ ଚୂଡାନ୍ତ

## କଳାହାଣ୍ଡି କପ୍

**କଟକ,୫।୩ (କୁମାରଶ୍ରୀ)**

ସିନିୟର ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର କ୍ୱାର୍ଟର ଫାଇନାଲ ଲାଇନଅପ୍ ଚୂଡାନ୍ତ ହୋଇଛି। କଟକ-ଏ, ସୁନ୍ଦରଗଡ, ଭୁବନେଶ୍ୱର-ଏ, ରାଉରକେଲା, ପୂର୍ବତଟ ରେଲୱେ, ଅନୁଗୋଳ, ଝାରସୁଗୁଡା ଓ ବଲାଙ୍ଗୀର କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଛନ୍ତି। ମାର୍ଚ୍ଚ ୮ରେ ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଡ୍ରିମ୍ସ ଗ୍ରାଉଣ୍ଡରେ ପ୍ରଥମ କ୍ୱାର୍ଟର ମୁକାବିଲାରେ କଟକ-ଏ ଏବଂ ବଲାଙ୍ଗୀର ମୁହାଁମୁହିଁ ହେବେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ସୁନ୍ଦରଗଡ ଓ ଝାରସୁଗୁଡା, ବାରବାଟୀ ଷ୍ଟାଡିୟମରେ ଭୁବନେଶ୍ୱର-ଏ ଓ ଅନୁଗୋଳ, ସନସାଇନ ଗ୍ରାଉଣ୍ଡରେ ରାଉରକେଲା ଓ ରେଳବାଇ ମଧ୍ୟରେ ଅବଶିଷ୍ଟ ୩ଟି ମ୍ୟାଚ୍ ଖେଳାଯିବ। ୯ ତାରିଖରେ ଉଭୟ ସେମିଫାଇନାଲ ଏବଂ ୧୧ ତାରିଖରେ ଫାଇନାଲ ମୁକାବିଲା ହେବ। ଗୁରୁବାର ଖେଳାଯାଇଥିବା ଲିଗ ମ୍ୟାଚ ଗୁଡିକରେ ବାଲେଶ୍ୱର ୮ ଉଇକେଟରେ କଳାହାଣ୍ଡିକୁ, ରାଉରକେଲା ୧୧୦ରନରେ ଜଗତସିଂହପୁରକୁ, କେନ୍ଦୁଝର ୪ ଉଇକେଟରେ ନୂଆପଡାକୁ, କଟକ-ଏ ୧୩୦ରନରେ କିଟ୍‌କୁ, ପାରାଦୀପ ୪ ଉଇକେଟରେ ଗଞ୍ଜାମକୁ, ଝାରସୁଗୁଡା ୬୧ରନରେ ରାୟଗଡାକୁ ହରାଇଥିଲା।

# ଲକ୍ଷ୍ୟ ସେନ୍ କ୍ୱାର୍ଟରଫାଇନାଲରେ

**ବର୍ମିଂହାମ୍, ୫।୩ (ପି.ଟି.):** ଭାରତର ଲକ୍ଷ୍ୟ ସେନ୍ ହଂକଂର ଏନ୍‌ଜି କା ଲଙ୍ଗ ଆଙ୍ଗସଙ୍କୁ ପରାସ୍ତ କରି ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ଦ୍ୱାଦଶ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଏହି ଖେଳାଳି ହେଉଛନ୍ତି ଏଠାରେ ୨୦୨୨ ସଂସ୍କରଣ ଫାଇନାଲିଷ୍ଟ। ବିଶ୍ୱର ପୂର୍ବତନ ଟପ୍ ୧୦ ଖେଳାଳି ଏନ୍‌ଜି କା ଲଙ୍ଗଙ୍କ ବିପକ୍ଷରେ ଲଢୁଆ ପ୍ରଦର୍ଶନ କରି ମ୍ୟାଚ୍‌କୁ ୨୧-୧୯, ୨୧-୨୩, ୨୧-୧୦ରେ ପରାସ୍ତ କରିଥିଲେ। ଭାରତୀୟ ଖେଳାଳି ପୂର୍ବରୁ ଏହି ଖେଳାଳିଙ୍କ ବିପକ୍ଷ ତାଙ୍କର ସମସ୍ତ ୩ ମୁକାବିଲାରେ ପରାଜିତ ହୋଇଥିଲେ। ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ପରବର୍ତ୍ତୀ ରାଉଣ୍ଡରେ ୬ଷ୍ଠ ସିଡ୍ ଚାଇନାର ଲି' ଶି ଫେଙ୍ଗ୍ କିମ୍ବା ଆୟର୍ଲାଣ୍ଡର ଏନ୍‌ହାଟ୍ ଏଲନ୍‌ଗୁୟେନଙ୍କ ସହ ମୁକାବିଲା କରିବେ।




ଧ-୩୫୩୭


# କିଟ୍‌ରେ ଏଫ୍ଆଇଭିବି ବିଶ୍ୱ ବିଚ୍ ଭଲିବଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୫।୩ (ତପନ ସ୍ୱାଇଁ)**

ଭାରତରେ ପ୍ରଥମ ଥର ପାଇଁ ଏଫ୍ଆଇଭିବି ବିଶ୍ୱ ବିଚ୍ ଭଲିବଲ୍ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ବୁଧବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଦୂତୀ ଚାନ୍ଦ ଆଥଲେଟିକ୍ ଷ୍ଟାଡିୟମରେ ୮ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ମେଗା ପ୍ରତିଯୋଗିତାରେ ୫୨ ଦେଶରୁ ୮୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏଥିରେ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତାଙ୍କ ସମେତ ୩୦୬ ଖେଳାଳି ଓ ଅଫିସିଆଲ୍ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଦିବସରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହା କିଟ୍ ଏବଂ ଓଡ଼ିଶା ରାଜ୍ୟ ଓ ସମଗ୍ର ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ସେ କହିଥିଲେ। ପ୍ରଥମ ଥର ପାଇଁ ଏକ ଭାରତୀୟ ବିଶ୍ୱବିଦ୍ୟାଳୟ ଏତେ ମର୍ଯ୍ୟାଦାଜନକ ଅନ୍ତର୍ଜାତୀୟ ବିଚ୍ ଭଲିବଲ୍ ପ୍ରତିଯୋଗିତା ଆୟୋଜନ କରିବା ନିଶ୍ଚିତ ଭାବେ ଖୁସିର ବିଷୟ ବୋଲି କହିଥିଲେ ପୃଥ୍ୱୀରାଜ। ଏହି ଚାମ୍ପିଅନଶିପ୍ ଆୟୋଜନ ଦିଗରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉତ୍ସର୍ଗୀକୃତ ମନୋଭାବ ଓ ଦୃଷ୍ଟିକୋଣକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ସ୍ୱାଗତ ଭାଷଣରେ ଅଚ୍ୟୁତ କହିଥିଲେ ଯେ, ବିଶ୍ୱର ୫୨ଟି ବିଭିନ୍ନ ଦେଶରୁ ଆସିଥିବା ଖେଳାଳି ଓ କ୍ରୀଡ଼ା ପ୍ରତିନିଧିମାନେ ଭୁବନେଶ୍ୱରରେ ଏକତ୍ରିତ ହେବା କିଟ୍ ଓ ଓଡ଼ିଶା ପାଇଁ ଗର୍ବର ବିଷୟ। ଏହି ଚାମ୍ପିୟନଶିପ୍ ଆୟୋଜନ ପାଇଁ ସହଯୋଗ କରିଥିବାରୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଫ୍ଆଇଭିବି ଟେକ୍ନିକାଲ ପ୍ରତିନିଧି ବ୍ଲେୟାର ହାରିସନ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ତଥା ଇଭେଣ୍ଟ ଡାଇରେକ୍ଟର ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚ୍‌ର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

# ଘରକୁ ଫେରିବାକୁ ବ୍ୟାକୁଳ ସାମି

**କୋଲକାତା,୫।୩(ପି.ଟି.)**

ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନ ଉପରେ ଆକ୍ରମଣ ପରେ ଅନ୍ତର୍ଜାତୀୟ ଆକାଶ ମାର୍ଗ କଟକଣା କାରଣରୁ ୱେଷ୍ଟଇଣ୍ଡିଜ୍ ଦଳ ୪ରୁ ୫ ଦିନ ହେଲା ଭାରତରେ ଫସି ରହିଛି। ଏହାକୁ ନେଇ ଦଳର ମୁଖ୍ୟ କୋଚ୍ ଡାରେନ ସାମି ଗୁରୁବାର ସୋସିଆଲ ମିଡିଆ ଜରିଆରେ ଚିନ୍ତା ବ୍ୟକ୍ତ କରିଛନ୍ତି। ଗତ ରବିବାର ସୁପର-୮ ମ୍ୟାଚ୍‌ରେ ଭାରତଠାରୁ ପରାଜିତ ହୋଇ ଚଳିତ ଟି୨୦ ବିଶ୍ୱକପ୍‌ରୁ ବିଦାୟ ନେଇଥିବା ୱେଷ୍ଟଇଣ୍ଡିଜ୍ ଦଳ ଗଲ୍ଫ ଅଞ୍ଚଳରେ ବିମାନ ଚଳାଚଳରେ କଟକଣା ଯୋଗୁ ସ୍ୱଦେଶ ଫେରିପାରୁ ନାହିଁ।

'ମୁଁ କେବଳ ଘରକୁ ଫେରିବାକୁ ଚାହେଁ। ଅତିକମ୍‌ରେ କିଛି ଅପଡେଟ୍ ଦିଅନ୍ତୁ କିମ୍ବା କିଛି ତ କୁହନ୍ତୁ। ଆଜି କି ଆସନ୍ତାକାଲି କିମ୍ବା ଆସନ୍ତା ସପ୍ତାହରେ ଆମେ ଘରକୁ ଯାଇପାରୁ। ୫ ଦିନ ହେଲାଣି ବୋଲି ସାମି ଏକ୍ସ'ରେ ପୋଷ୍ଟ କରିଛନ୍ତି। ପରିସ୍ଥିତିକୁ ନେଇ ଅନିଶ୍ଚିତତା ଜାରି ରହିଥିବା ବେଳେ ଅନେକ ୱେଷ୍ଟଇଣ୍ଡିଜ୍ ଖେଳାଳି ଆଇପିଏଲ ପାଇଁ ଭାରତରେ ରହିବେ ଏବଂ ଆସନ୍ତା ସପ୍ତାହରେ ପ୍ରସ୍ତୁତି କ୍ୟାମ୍ପରେ ଯୋଗଦେବେ।

# ସାବାଲେଙ୍କା-ଫ୍ରାଙ୍ଗୁଲିସ୍ ନିର୍ବନ୍ଧ ସମ୍ପନ୍ନ


ଆରିନା ସାବାଲେଙ୍କା ଓ ଜର୍ଜଅସ୍ ଫ୍ରାଙ୍ଗୁଲିସ୍।

**ଇଣ୍ଡିଆନ ୱେଲ୍ସ, ୫।୩ (ଏପି)**

ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ ଖେଳାଳି ଆରିନା ସାବାଲେଙ୍କା ଘୋଷଣା କରିଛନ୍ତି ଯେ, ତାଙ୍କର ବ୍ରାଜିଲିଆନ ବିଜନେସମ୍ୟାନ ଜର୍ଜଅସ୍ ଫ୍ରାଙ୍ଗୁଲିସ୍‌ଙ୍କ ସହ ନିର୍ବନ୍ଧ ସମ୍ପନ୍ନ ହୋଇଛି। ସାବାଲେଙ୍କା ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କ ପ୍ରସ୍ତାବର ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେଥିରେ କେତେଟି ଶବ୍ଦର ବ୍ୟବହାର କରାଯାଇଛି। "ୟୁ ଆଣ୍ଡ୍ ଏଏମ୍‌ପି; ମି, ଫର୍‌ଏଭର" ବୋଲି ଉଲ୍ଲେଖ ରହିଛି। ଏଥିସହିତ ଏକ ମୁଦି ଓ ହାର୍ଟର ଏକ ଇମୋଜି ସଂଲଗ୍ନ କରାଯାଇଛି। ଏହି ଖବର ପ୍ରସାରିତ ହେବାମାତ୍ରେ ଟେନିସ ଖେଳାଳିମାନଙ୍କଠାରୁ ଶୁଭେଚ୍ଛାର ସୁଅ ଛୁଟିବାର ଲାଗିଥିଲା। ସେମାନଙ୍କ ମଧ୍ୟରେ ରହିଛନ୍ତି କାର୍ଲୋସ ଅଲ୍‌କାରାଜ, ନୋଭାକ୍ ଜୋକୋଭିଚ୍ ଏବଂ ଆମାଣ୍ଡା ଆନିସିମୋଭା ଅନ୍ୟତମ।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23

30500sqft.Commercial Plot, Pipili Konark main road side Gharabari Boundary wall. ROR Ok. Mob- 9439583949. D-3543

***BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134.** D-3498

Ekatali residential BRAHMIN land near bypass rd., Jharsuguda new town SALE 1.38acre govt. rate 96000/decimal, opp. govt. Sarasmal primary school. Contact owner Mishra 9810740005, NO BROKER. D-3546

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି **immediate** ଘର କରନ୍ତୁ। **9439363944.** D-3495




All types of physiotherapy and massage contact 9556924059 / 7656969134. D-3523

Newly opening full body massage best therapist. Contact- 7608935949. D-3504

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

I, Mr. Srimay Kumar Panda, S/o.- Shyam Narayan Panda, R/o.- Bagurai, P.O.- Madhabnagar, Bhadrak-756181 lost my two documents (Sale Deed). 1st Deed No.- 10131600592, Dtd.- 06th June 2016, Khata No.- 595/269, Plot No.- 1107 and 2nd Deed No.- 195, Dtd.- 09 Feb. 2000, Khata No.- 272, Plot No.- 1106 of Mouza Dakhin Ada, Tahasil- Simulia, Dist.- Balasore. D-3545

## AFFIDAVIT

I, Sri Siba Burudi declared that as per affidavit No. 1765 Dtd.- 02.03.2026 before the Notary Public, Koraput, my son's old name Kiran Burudi has been changed to Kabiraj Burudi. Henceforth, he will be known as Kabiraj Burudi son of Siba Burudi, At- Bailiguda, P.O.- Golur, Block- Nandapur, Dist.- Koraput for all purposes. D-3547

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By affidavit before the Executive Magistrate, Dhenkanal, We, Binaya Kumar Panigrahi and Rojalini Panigrahi declare that Laxmipriya Panigrahi, earlier recorded as daughter of her adopted parents is our biological daughter. Henceforth, her parents' names shall be Binaya Kumar Panigrahi and Rojalini Panigrahi in all records and documents. D-3548

By virtue of an affidavit sworn before Notary Public, Angul, 31.10.2025, I, Laxmipriya Tripathy, W/o.- Dilip Kumar Tripathy, Resident of Village Nuasahi, P.O.- Kangula, P.S.- Angul Sadar, Dist.- Angul, Odisha, PIN- 759132 declare that I have changed my name from Anju Pani to Laxmipriya Tripathy. Henceforth, I shall be known as Laxmipriya Tripathy for all purposes. D-3549

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ


**ସ୍ୱର୍ଗତ ରାଜ କିଶୋର ମିଶ୍ର**
ଅରୁଣଦୟ ନଗର, କଟକ
ଆବିର୍ଭାବ : ୧୮।୦୩।୧୯୪୪
ତିରୋଧାନ : ୨୧।୦୨।୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶ୍ରଦ୍ଧାସୁମନ ସହ:-
ପୁତ୍ର- ଲକ୍ଷ୍ମୀ ନାରାୟଣ, ପୁତ୍ରବଧୂ- ମମତା, କନ୍ୟା- ଦେବଯାନୀ, ଶିବାନୀ, ଜ୍ୱାଇଁ- ସୁରେଶଚନ୍ଦ୍ର, ଜ୍ୟୋତି ରଞ୍ଜନ, ନାତିନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୩୫୫୦

### ୨୬ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି


**✓ ଦୁର୍ଯ୍ୟୋଧନ ବେହେରା**
ଭୂତପୂର୍ବ ଶାଖା ପରିଚାଳକ, ଏସ୍‌ବିଆଇ, ବଇଣ୍ଡା ଶାଖା
ଲକ୍ଷ୍ମୀ ବଜାର, ଢେଙ୍କାନାଳ
ଆବିର୍ଭାବ: ୧୬।୦୪।୧୯୪୫, ତିରୋଧାନ: ୦୬।୦୩।୨୦୦୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ-ଇଲା, ପରିବାର ଓ ଆତ୍ମୀୟସ୍ୱଜନ
ଧ-୩୫୫୧



# ଭାରତୀୟ ହକିର ଭବିଷ୍ୟତ

**ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରି ଦେଶର ଯେଉଁ କେତେଜଣ ହକି ପ୍ରତିଭା ଚର୍ଚ୍ଚାକୁ ଆସିଛନ୍ତି ସେମାନଙ୍କ ମଧ୍ୟରୁ ଓଡ଼ିଶାର ଅମନଦୀପ ଲାକ୍ରା ଅନ୍ୟତମ। ଗତ ମାସରେ ପ୍ରୋ ଲିଗ୍‌ର ବେଲ୍‌ଜିୟମ ବିପକ୍ଷ ମ୍ୟାଚରେ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ସୁନ୍ଦରଗଡ଼ର ଏହି ଯୁବ ଡିଫେଣ୍ଡର ନିଜର କର୍ତ୍ତବ୍ୟନିଷ୍ଠା, ପରିଶ୍ରମ ଏବଂ ସ୍ଥିର ପ୍ରଦର୍ଶନପାଇଁ ଭାରତୀୟ ହକିର ଭବିଷ୍ୟତ ଭାବେ ଉଭା ହୋଇଛନ୍ତି...**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ରାଉରକେଲା ଚରଣ ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚମତ୍କାର ପ୍ରଦର୍ଶନ କରି ଯେଉଁ କେତେଜଣ ଓଡ଼ିଶା ହକି ପ୍ରତିଭା ଚର୍ଚ୍ଚାକୁ ଆସିଥିଲେ ସେମାନଙ୍କ ମଧ୍ୟରୁ ଅମନଦୀପ ଲାକ୍ରା ଅନ୍ୟତମ। ପ୍ରୋ ଲିଗ୍‌ର ବେଲ୍‌ଜିୟମ ବିପକ୍ଷ ମ୍ୟାଚରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ ସୁନ୍ଦରଗଡ଼ର ଅମନଦୀପ। ଏହି ପଦାର୍ପଣ ସହ ଏକ ଦଶନ୍ଧି ତଳେ ବାପାଙ୍କ ମାର୍ଗଦର୍ଶନରେ ରାଉରକେଲାର ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରୁ ଆରମ୍ଭ ହୋଇଥିବା ଯାତ୍ରାର ଏକ ନୂଆ ଆରମ୍ଭ ହୋଇଛି। ଏହି ଯୁବ ଡିଫେଣ୍ଡରଙ୍କ ଲାଗି ସିନିୟର ସ୍ତରରେ ଭାରତୀୟ ଦଳର ଜର୍ସି ପିନ୍ଧିବା ଏକ ଗୌରବାନ୍ୱିତ ମୁହୂର୍ତ୍ତ ଥିଲା। ଯାହାକି ଶୃଙ୍ଖଳା, କଠିନ ପରିଶ୍ରମ ଓ ଧୈର୍ଯ୍ୟ ଉପରେ ପର୍ଯ୍ୟବଶିତ ଥିଲା। କେବଳ ସେତିକି ନୁହେଁ ୨୦୨୬ ହକି ଇଣ୍ଡିଆ ଲିଗ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ଏହି ପ୍ରତିଭା ଭାରତୀୟ ହକିର ଭବିଷ୍ୟତ ଭାବେ ଉଭା ହୋଇଛନ୍ତି।

ପଦାର୍ପଣ ସମ୍ପର୍କରେ ଅମନଦୀପ କହିଛନ୍ତି ଯେ, ''ଏହା ମୋ ପାଇଁ ଏକ ବଡ଼ ଉପଲବ୍ଧି। ମୁଁ ଦଳ ପାଇଁ ମୋର ଶତ ପ୍ରତିଶତ ଦେବାକୁ ସବୁବେଳେ ଚେଷ୍ଟା କରିଥାଏ। କୋଚ୍‌ଙ୍କ ଯୋଜନା ଓ ରଣନୀତି ଅନୁଯାୟୀ ଖେଳିବି ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ନିଜର ଶ୍ରେଷ୍ଠ ଦେବି। ମୁଁ ମୋ ପଦାର୍ପଣ ସମ୍ପର୍କରେ ଅଧିକ କିଛି ଚିନ୍ତା କରି ନାହିଁ। ଯଦି ମୁଁ ଏ ବିଷୟରେ ଅଧିକ ଚିନ୍ତା କରିବି, ତେବେ ମୋ ଉପରେ ଅଧିକ ଚାପ ପଡ଼ିବ। ମୁଁ ଯେତେବେଳେ ବି ପଡ଼ିଆକୁ ଓହ୍ଲାଏ, ନିଜର ଶତ ପ୍ରତିଶତ ଦେବା କଥା ଚିନ୍ତା କରେ। ଭାରତ ପାଇଁ ଯେଉଁମାନେ ବି ଖେଳନ୍ତି, ସେମାନଙ୍କ ସ୍ୱପ୍ନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା। ଏହା ଖୁବ୍ କଷ୍ଟକର। କିନ୍ତୁ କଠିନ ପରିଶ୍ରମ କରିବା ଗୁରୁତ୍ୱପୂର୍ଣ୍ଣ''।

ଅମନଦୀପଙ୍କର ହକି ଯାତ୍ରା ୨୦୧୩ରେ ଆରମ୍ଭ ହୋଇଥିଲା। ଏହି ବର୍ଷ ସେ ରାଉରକେଲାସ୍ଥିତ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗ ଦେଇଥିଲେ, ସେଠାରେ ତାଙ୍କ ବାପା ଜଣେ କୋଚ୍ ଭାବେ କାର୍ଯ୍ୟ କରନ୍ତି। ପ୍ରାରମ୍ଭିକ ଭାବେ ସେ ହକିରେ ପେସାଦାର କ୍ୟାରିୟର କରିବାକୁ ଯୋଜନା କରି ନ ଥିଲେ। କିନ୍ତୁ ତାଙ୍କ ବାପାଙ୍କ ମେଣ୍ଟରଶିପ୍ ତାଙ୍କୁ ଧୀରେ ଧୀରେ ଆଗେଇ ନେଇଥିଲା। ''ମୋ ବାପା ଆରମ୍ଭରୁ ମୋତେ ସବୁ କିଛି ଶିଖାଉଥିଲେ। ସେ ଏବେ ବି ମୋ ମାର୍ଗଦର୍ଶନ କରୁଛନ୍ତି। ଯଦି ଆଜି ମୁଁ ହକି ଡ୍ରାଗ୍ ଫ୍ଲିକ କରିପାରୁଛି, ତେବେ ତାହା କେବଳ ମୋ ବାପାଙ୍କ ପାଇଁ'' ବୋଲି ଅମନଦୀପ ପ୍ରକାଶ କରିଛନ୍ତି।

ତୃଣମୂଳ ସ୍ତରରୁ ଆଗକୁ ବଢ଼ିବା ପରେ ଅମନଦୀପ ଜାତୀୟ ଜୁନିୟର କ୍ୟାମ୍ପରେ ସାମିଲ ହୋଇଥିଲେ। ଜୁନିୟର ସ୍ତରରେ ସେ ବିଭିନ୍ନ ସମ୍ମାନଜନକ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ସେ ୨୦୨୨ ଓ ୨୦୨୩ ସୁଲତାନ ଅଫ୍ ଜୋହର କପ୍, ଜୁନିୟର ଏସିଆ କପ୍ ୨୦୨୩ ଓ ଜୁନିୟର ବିଶ୍ୱକପ୍ ୨୦୨୩ରେ ଭାଗ ନେଇଥିବା ଦଳର ସଦସ୍ୟ ଥିଲେ। ଜୁନିୟର ସ୍ତର ଶେଷ ହେବା ପରେ ସେ ସିନିୟର ସ୍ତରରେ ସ୍ଥାନ ପାଇବା ପାଇଁ ନିଜ ଗେମ୍ ଉପରେ ନିରନ୍ତର କାର୍ଯ୍ୟ କରିଥିଲେ। ''ମୋତେ ଜଣାଥିଲା, ସିନିୟର ଦଳରେ ଯେବେ ବି ସ୍ଥାନ ମିଳିବ, ମୋତେ ନିଜକୁ ପ୍ରମାଣ କରିବାକୁ ପଡ଼ିବ। ଏଣୁ ମୁଁ ସେହି ଅନୁସାରେ ପରିଶ୍ରମ କରି ଆସୁଛି'' ବୋଲି ସେ କହିଛନ୍ତି।

ଅମନଦୀପ ରାଇଟ୍ ହାଫ ପୋଜିଶନରେ କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ତାଙ୍କର ଡ୍ରାଗ-ଫ୍ଲିକିଂ ଦକ୍ଷତାର ବିକାଶ ହେବା ପରେ ସେ ଡିଫେନ୍ସ ପୋଜିଶନରେ ଖେଳିଥିଲେ। ପୋଜିଶନରେ ଏହି ପରିବର୍ତ୍ତନ ତାଙ୍କୁ ଗେମ୍‌କୁ ଅଧିକ ଭଲ ଭାବେ ବୁଝିବାରେ ଓ ପେନାଲ୍ଟି କର୍ନର ବେଳେ ଅଧିକ ପ୍ରଭାବୀ ଭାବେ ଯୋଗଦାନ କରିବାକୁ ସୁଯୋଗ ଦେଇଥିଲା। ''ଡିଫେନ୍ସରେ ଗେମ୍‌କୁ ଦେଖିବା ପାଇଁ ଅଧିକ ସମୟ ମିଳେ। ଦୌଡ଼ିବା ଗତିକୁ ନିୟନ୍ତ୍ରଣ କରିବା ସହ ଚାପରେ ପ୍ରତିପକ୍ଷ ଖେଳାଳିଙ୍କଠାରୁ ବଲ ନେବାକୁ ପଡ଼େ। ଭାରତର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀଙ୍କ ମୁଁ ଜଣେ ବଡ଼ ପ୍ରଶଂସକ। ତାଙ୍କୁ ପ୍ରଥମ ଥର ଭେଟିବା ମୋତେ ହକି ଖେଳିବାକୁ ପ୍ରେରଣା ଦେଇଥିଲା। ସେ ମୋତେ କହିଥିଲେ, ଜାତୀୟ ଦଳ ପାଇଁ ଖେଳିବା ସହଜ ନୁହେଁ। ଜାତୀୟ ଦଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ ହିଁ ଏକମାତ୍ର ମାଧ୍ୟମ। ସେବେଠାରୁ ମୁଁ କଠିନ ପରିଶ୍ରମ ଜାରି ରଖିବା ଉପରେ ଚିନ୍ତା କରିଥିଲି'' ବୋଲି କହିଛନ୍ତି ଏହି ହକି ପ୍ରତିଭା।



ଅମନଦୀପ ଲାକ୍ରା

## ବାଟ ଖୋଲିଥିଲା ଏଚ୍‌ଆଇଏଲ୍

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୨୦୨୫-୨୬ ସିଜନରେ ଭଲ ପ୍ରଦର୍ଶନ ଯୋଗୁ ଅମନଦୀପଙ୍କୁ ଜାତୀୟ ଦଳ ଲାଗି ଚୟନ କରାଯାଇଥିଲା। ହାଇଦ୍ରାବାଦ ତୁଫାନ୍ସ ପାଇଁ ଖେଳିଥିବା ଅମନଦୀପ ପ୍ରଭାବୀ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ। ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ତାଙ୍କୁ ଏଚ୍‌ଆଇଏଲ୍ ଶ୍ରେଷ୍ଠ ପ୍ଲାଟଫର୍ମ ଯୋଗାଇଥିଲା, ଯାହାର ସେ ଭରପୂର ଫାଇଦା ଉଠାଇଥିଲେ।

ଏ ସମ୍ପର୍କରେ ସେ କହିଛନ୍ତି, ଏଚ୍‌ଆଇଏଲ୍ ଏକ ବହୁତ ବଡ଼ ପ୍ଲାଟଫର୍ମ। ଅନେକ ସିନିୟର ଦଳର କୋଚ୍ ଏହା ଉପରେ ତୀକ୍ଷ୍ଣ ନଜର ରଖିଥାନ୍ତି। ଏଣୁ ମୁଁ ମୋ ସୁଯୋଗ ଉପରେ ଧ୍ୟାନ ଦେଇଥିଲି। ଯଦି ମୋତେ ସୁଯୋଗ ମିଳିବ, ତେବେ ମୋତେ ଦଳ ଲାଗି ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଏହି ଲିଗ୍ ଯୋଗୁ ମୋ ଡିଫେନ୍ସିଭ ଦକ୍ଷତା ବୃଦ୍ଧି ପାଇବା ସହ ନିର୍ଦ୍ଦିଷ୍ଟ ଭାବେ ଚାପ ପରିସ୍ଥିତିରେ କେଉଁ ଭଳି ଖେଳିବାକୁ ହୁଏ, ତାହା ଶିଖା କରିଛି। ବଲ ପାସିଂରେ ସୁଧାର ଆସିବା ସହ ୱାନ୍ ଟୁ ୱାନ୍ ଡିଫେନ୍ସ ପରିସ୍ଥିତିରେ ଖେଳିବାର ଅଭିଜ୍ଞତା ହାସଲ କରିଛି। ଭାରତୀୟ ସିନିୟର ଖେଳାଳି ଓ ଅନ୍ତର୍ଜାତୀୟ ଖେଳାଳିଙ୍କ ପରାମର୍ଶ ମୋତେ ଖୁବ ଫାଇଦା ଦେଇଛି।

ବେଲଜିୟମ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନେଇ ସେ ଖୁବ୍ ଉତ୍ସାହିତ ଥିଲେ ବୋଲି ପ୍ରକାଶ କରିଛନ୍ତି। ଆଗକୁ ୨୦୨୬ ବିଶ୍ୱକପ୍ ଓ ଏସିଆନ୍ ଗେମ୍ସ ଭଳି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଥିବାରୁ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌କୁ ଅମନଦୀପ ପ୍ରସ୍ତୁତି ଭଳି ଦେଖୁଛନ୍ତି। ଦଳର ସଫଳତାରେ ଯୋଗଦାନ କରିବା ଉପରେ ସେ ଫୋକସ ରଖିଥିବା କହିଛନ୍ତି। ପୋନପୋଷ ହଷ୍ଟେଲର ଟ୍ରେନିଂ ଗ୍ରାଉଣ୍ଡରୁ ଅନ୍ତର୍ଜାତୀୟ ସ୍ତରରେ ଭାରତ ପାଇଁ ପଦାର୍ପଣ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଧୈର୍ଯ୍ୟ, ସରଳତା, ପରିଶ୍ରମ ଓ ନିଜ ଉପରେ ଥିବା ବିଶ୍ୱାସକୁ ସୂଚିତ କରୁଛି।

ବାପା ବିଜୟ ଲାକ୍ରା ଓ ପ୍ରତିଷ୍ଠିତ କୋଚ୍ ଅମୂଲ୍ୟ ବେହେରାଙ୍କଠାରୁ ପ୍ରଶିକ୍ଷଣ ନେଇ ନିଜ ପ୍ରଦର୍ଶନକୁ ମାର୍ଜିତ କରିଥିବା ଅମନଦୀପ ହକି ଗାଙ୍ଗପୁର ଓଡ଼ିଶା ପକ୍ଷରୁ ସବ୍‌ଜୁନିୟର ଓ ଜୁନିୟର ସ୍ତରରେ ପ୍ରତିନିଧିତ୍ୱ କରିବାପରେ ହକି ଇଣ୍ଡିଆ ଲିଗ୍‌ରେ ହାଇଦ୍ରାବାଦ



ହକି ଇଣ୍ଡିଆ ଲିଗ୍‌ରେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ଗ୍ରହଣ ଅବସରରେ ଅମନଦୀପ।

### ପଦକ ଓ ସଫଳତା

* ୨୦୨୧ ଅକ୍ଟୋବର ୨୨ରେ ମାଲେସିଆର ଜୋହର ବାହରୁଠାରେ ୧୦ମ ସୁଲତାନ ଅଫ୍ ଜୋହର କପ୍‌ର ଉଦ୍‌ଘାଟନୀ ମ୍ୟାଚରେ ମାଲେସିଆ ବିପକ୍ଷରେ ଖେଳି ଅନ୍ତର୍ଜାତୀୟ ଜୁନିୟର ପଦାର୍ପଣ।
* ୨୦୨୬ ଫେବୃଆରୀ ୧୪ରେ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ବେଲଜିୟମ ବିପକ୍ଷରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳି ଅନ୍ତର୍ଜାତୀୟ ସିନିୟର ପଦାର୍ପଣ।
* ୨୦୨୧ରେ ସୁଲତାନ ଜୋହର କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ଗର୍ବିତ ସଦସ୍ୟ।
* ୨୦୨୩ ଜୁନ ୧ରେ ସାଲାଲାଠାରେ ଆୟୋଜିତ ୯ମ ପୁରୁଷ ଜୁନିୟର ଏସିଆ କପ୍ ହକିରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ (୨୧ ବର୍ଷରୁ କମ୍) ଦଳରେ ସାମିଲ।
* ୨୦୨୩ ଅଗଷ୍ଟ ୨୨ରେ ଜର୍ମାନୀର ଡୁସେଲଡର୍ଫଠାରେ ଆୟୋଜିତ ଚତୁଃରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ରନରଅପ୍ ଭାରତୀୟ (୨୧ ବର୍ଷରୁ କମ୍) ଦଳର ସଦସ୍ୟଭାବେ ରୌପ୍ୟ ପଦକ ବିଜୟୀ।
* ୨୦୨୩ ନଭେମ୍ବରରେ ମାଲେସିଆର ଜୋହର ବାହରୁଠାରେ ଅନୁଷ୍ଠିତ ସୁଲତାନ ଅଫ୍ ଜୋହର କପ୍ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ (୨୧ ବର୍ଷରୁ କମ୍) ଦଳର ସଦସ୍ୟଥିଲେ।
* ୨୦୨୩ ଡିସେମ୍ବର ୫ରୁ ୧୬ ପର୍ଯ୍ୟନ୍ତ ମାଲେସିଆର କୁଆଲାଲମ୍ପୁରଠାରେ ଆୟୋଜିତ ଜୁନିୟର ପୁରୁଷ ହକି ବିଶ୍ୱକପରେ ଭାରତୀୟ ଦଳର ସଦସ୍ୟ ଥିଲେ। ଏଥିରେ ଭାରତ ୪ର୍ଥ ସ୍ଥାନ ଅଧିକାର କରିଥିଲା।

### ହକି ଇଣ୍ଡିଆ ଲିଗ୍

* ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ୨୦୨୪-୨୫ ହକି ଇଣ୍ଡିଆ ଲିଗ୍‌ରେ ରୌପ୍ୟ ପଦକ ବିଜୟୀ ହାଇଦ୍ରାବାଦ ତୋଫାନ୍ସ ଦଳର ସେ ସଦସ୍ୟ ଥିଲେ।
* କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିବା ୨୦୨୬ ହକି ଇଣ୍ଡିଆ ଲିଗ୍‌ରେ ସେ ହାଇଦ୍ରାବାଦ ତୋଫାନ୍ସକୁ ବ୍ରୋଞ୍ଜ ପଦକ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ହାସଲ କରିଥିଲେ।

# ରେକର୍ଡ ବୁକ୍‌ରେ ଫିନ୍ ଆଲେନ

**ବ୍ଲାକ୍‌କ୍ୟାପ (ନ୍ୟୁଜିଲାଣ୍ଡ) ଦଳକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଫିନ୍ ଆଲେନ ମାତ୍ର ୩୩ ବଲ୍‌ରୁ ଶତକ ହାସଲ କରି ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି....**

କୋଲକାତାର ଇଡେନ ଗାର୍ଡେନ୍ସରେ ଅନୁଷ୍ଠିତ ଟି୨୦ କ୍ରିକେଟ ବିଶ୍ୱକପର ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୯ ଉଇକେଟରେ ହରାଇ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଛି। ବ୍ଲାକ୍‌କ୍ୟାପ (ନ୍ୟୁଜିଲାଣ୍ଡ) ଦଳକୁ ଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଫିନ୍ ଆଲେନ ମାତ୍ର ୩୩ ବଲ୍‌ରୁ ଶତକ ହାସଲ କରି ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ୩୩ ବଲରୁ ଶତକ ହେଉଛି ଟି୨୦ ବିଶ୍ୱକପରେ ଦ୍ରୁତତମ। ଏହା ବ୍ୟତୀତ ଆଇସିସିର ପୂର୍ଣ୍ଣକାଳୀନ ସଦସ୍ୟବିଶିଷ୍ଟ ଦଳ ମଧ୍ୟରେ ଦ୍ରୁତତମ। ଓଭରଅଲ୍ ଟି୨୦ ଅନ୍ତର୍ଜାତୀୟରେ ଦେଖିବାକୁ ଗଲେ ଏହା ତୃତୀୟ ଦ୍ରୁତତମ। ଟି୨୦ ବିଶ୍ୱକପ୍‌ରେ ପୂର୍ବରୁ ଦ୍ରୁତତମ ଶତକ ରେକର୍ଡର ଅଧିକାରୀ ଥିଲେ କ୍ରିସ୍ ଗେଲ୍ସ। ସେ ୨୦୧୬ରେ ୱାଙ୍ଖେଡେ ଷ୍ଟାଡିୟମରେ ଇଂଲଣ୍ଡ ବିପକ୍ଷରେ ୪୭ ବଲ୍‌ରୁ ଶତକ ପୂରଣ କରିଥିଲେ। ସେହିପରି ନ୍ୟୁଜିଲାଣ୍ଡ ପକ୍ଷରୁ ପୂର୍ବରୁ ଟି୨୦ ଅନ୍ତର୍ଜାତୀୟରେ ଦ୍ରୁତତମ ଶତକ ରେକର୍ଡର ଅଧିକାରୀ ଥିଲେ ଗ୍ଲେନ୍ ଫିଲିପ୍ସ। ସେ ୨୦୨୦ରେ ମାଉଣ୍ଟ ମାଙ୍ଗାନୁଇଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୪୬ ବଲ୍‌ରୁ ତିନିଅଙ୍କ ସ୍ପର୍ଶ କରିଥିଲେ। ଟି୨୦ ଅନ୍ତର୍ଜାତୀୟରେ ଦେଖିବାକୁ ଗଲେ ଦ୍ରୁତତମ ଶତକ ରେକର୍ଡର ଅଧିକାରୀ ଅଛନ୍ତି ଇସ୍ତୋନିଆର ସାହିଲ ଚୌହାନ। ସେ ୨୦୨୪ରେ ଇପିସ୍କୋପିଠାରେ ସାଇପ୍ରସ ବିପକ୍ଷରେ ୨୭ ବଲ୍‌ରୁ ଶତକ ପୂରଣ କରିଥିଲେ। ଟି୨୦ ବିଶ୍ୱକପରେ ଶତକ ହାସଲ କରିବାରେ ଆଲେନ ହେଉଛନ୍ତି ତୃତୀୟ ନ୍ୟୁଜିଲାଣ୍ଡ ଖେଳାଳି। ପୂର୍ବରୁ ବ୍ରେଣ୍ଡନ ମ୍ୟାକକୁଲମ ଓ ଗ୍ଲେନ୍ ଫିଲିପ୍ସ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଆଲେନ ନିଜ ୧୦୦ ରନର ଇନିଂସ ମଧ୍ୟରେ ୮ଟି ଛକା ମାରିଥିଲେ। ଯାହାକି ଟି୨୦ କ୍ରିକେଟ ବିଶ୍ୱକପର କୌଣସି ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ପକ୍ଷରୁ ସର୍ବାଧିକ। ଟି୨୦ କ୍ରିକେଟ ବିଶ୍ୱକପର ନକ୍‌ଆଉଟରେ ଏହା ଯେ କୌଣସି ଦେଶର ଖେଳାଳିଙ୍କ ପାଇଁ ସର୍ବାଧିକ। ଆଲେନ ନିଜ ଇନିଂସ ମଧ୍ୟରେ ୧୦ ଚୌକା ଓ ୮ ଛକା ମାରିଥିଲେ। ଟି୨୦ ବିଶ୍ୱକପର କୌଣସି ଏକ ଇନିଂସରେ ସର୍ବାଧିକ ବାଉଣ୍ଡାରି (୧୮) ମାରିବାରେ ଏହା ହେଉଛି ଯୁଗ୍ମ ସର୍ବାଧିକ। ୨୦୧୨ ବିଶ୍ୱକପରେ ପାଲିକେଲେଠାରେ ବାଂଲାଦେଶ ବିପକ୍ଷରେ ବ୍ରେଣ୍ଡନ ମ୍ୟାକକୁଲମ ୧୧ ଚୌକା ଓ ୭ ଛକା ଏହିପରି ୧୮ ବାଉଣ୍ଡାରୀ ମାରିଥିଲେ। ନ୍ୟୁଜିଲାଣ୍ଡ ଖେଳାଳିଭାବେ ଟି୨୦ ବିଶ୍ୱକପରେ ସର୍ବାଧିକ ଛକା (୨୬)ମାରି ଆଲେନ ନିଜ ଦେଶର ଗ୍ଲେନ ଫିଲିପ୍ସ (୨୩)ଙ୍କୁ ଅତିକ୍ରମ କରିଛନ୍ତି।






ଫିନ୍ ଆଲେନ

### ଟି୨୦ ଅନ୍ତର୍ଜାତୀୟରେ ଦ୍ରୁତତମ ଶତକ

(ବଲ୍ ଦୃଷ୍ଟିରୁ)

* ୨୭: ସାହିଲ ଚୌହାନ (ଇସ୍ତୋନିଆ) ବନାମ ସାଇପ୍ରସ, ଇପିସ୍କୋପି, ୨୦୨୪
* ୨୯: ମହମ୍ମଦ ଫହଦ (ତୁର୍କୀ) ବନାମ ବୁଲଗେରିଆ, ସୋଫିଆ, ୨୦୨୫
* ୩୩: ଫିନ୍ ଆଲେନ (ନ୍ୟୁଜିଲାଣ୍ଡ) ବନାମ ଦକ୍ଷିଣ ଆଫ୍ରିକା, କୋଲକାତା, ୨୦୨୬
* ୩୩: ଜାନ ନିକୋଲ ଲୋଫଟି-ଇଟନ (ନାମ୍ବିଆ) ବନାମ ନେପାଳ, କୀର୍ତ୍ତିପୁର, ୨୦୨୪
* ୩୩: ସିକନ୍ଦର ରାଜା (ଜିମ୍ବାୱେ) ବନାମ ଗାମ୍ବିଆ, ନାଇରୋବି, ୨୦୨୪

### ଟି୨୦ ନକ୍‌ଆଉଟ୍‌ରେ ସର୍ବାଧିକ ସ୍କୋର

୧୦୦: ଫିନ୍ ଆଲେନ ବନାମ ଦକ୍ଷିଣ ଆଫ୍ରିକା, କୋଲକାତା, ୨୦୨୬ ସେମିଫାଇନାଲ
୯୬*: ତିଲକରତ୍ନେ ଦିଲସାନ ବନାମ ୱେଷ୍ଟଇଣ୍ଡିଜ, ଦି ଓଭାଲ, ୨୦୦୯ ସେମିଫାଇନାଲ
୮୯*: ବିରାଟ କୋହଲି ବନାମ ୱେଷ୍ଟଇଣ୍ଡିଜ, ମୁମ୍ବାଇ, ୨୦୧୬ ସେମିଫାଇନାଲ
୮୬*: ଆଲେକ୍ସ ହେଲ୍ସ ବନାମ ଭାରତ, ଆଡିଲେଡ୍, ୨୦୨୨ ସେମିଫାଇନାଲ
୮୫*: ମାର୍ଲୋନ ସାମୁଏଲ୍ସ ବନାମ ଇଂଲଣ୍ଡ, କୋଲକାତା, ୨୦୧୬ ଫାଇନାଲ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ